# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ମେ ୧୧/୨୦୧୯ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Sambalpur, Saturday, May 11/ 2019 ★★

୧୫ଶ ଭାଗ ୧୪୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-





**କରୀନାଙ୍କ ଶିଶୁ ସ୍ୱାସ୍ଥ୍ୟ ସଚେତନତା**
ଅଭିନେତ୍ରୀ କରୀନା କପୁର ଖାନ୍ ମାତୃଦିବସ ଅବସରରେ ଶିଶୁ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନ ହେବାକୁ ମା'ମାନଙ୍କୁ ପରାମର୍ଶ ଦେଇଛନ୍ତି। **୦୨**

**୧୪** **ସୁମିତ କୁମାରଙ୍କ ଡବଲ ଗୋଲ**
ସୁମିତ କୁମାର ଜୁନିୟରଙ୍କ ଡବଲ ଗୋଲ ବଳରେ ଭାରତ ଶୁକ୍ରବାର ଅନୁଷ୍ଠିତ ହକି ମ୍ୟାଚରେ ଅଷ୍ଟ୍ରେଲିଆ ଏ' ଦଳକୁ ୩-୦ ଗୋଲରେ ପରାସ୍ତ କରିଛି ।




## ଶନିବାର, ରବିବାର ଖୋଲା ରହିବ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ

ଭୁବନେଶ୍ୱର,୧୦।୫(ବ୍ୟୁରୋ)

ବାତ୍ୟା ଫନୀ ମାଡରେ ପୁରୀ ଓ ଖୋର୍ଦ୍ଧା ଛାରଖାର ହୋଇଥିବା ବେଳେ ୧୪ ଜିଲା ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ରାଜ୍ୟ ଓ ରାଜ୍ୟ ବାହାର କର୍ମଚାରୀମାନେ ବିଦ୍ୟୁତ, ପାନୀୟ ଜଳ ଏବଂ ଗମନାଗମନ ସଜାଡିବା ପାଇଁ ଦିନରାତି କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ବାତ୍ୟା ପୁନରୁଦ୍ଧାର କାର୍ଯ୍ୟକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମାସର ଦ୍ୱିତୀୟ ଶନିବାର(ସେକେଣ୍ଡ ସଟରଡେ) ଓ ରବିବାର ଛୁଟି ଦିନ ପଡୁଥିଲେ ମଧ୍ୟ ପୁରୀ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡା ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ଖୋଲା ରଖିବାକୁ ନିଷ୍ପତ୍ତି ନେଇଛନ୍ତି। କୌଣସି ସରକାରୀ ଅଧିକାରୀ କିମ୍ବା କର୍ମଚାରୀ ଯେପରି ଛୁଟିରେ ରହିପାରିବେ ନାହିଁ ସେ ନେଇ ବିଭାଗଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ଉପରୋକ୍ତ ଜିଲାଗୁଡିକରେ ରିଲିଫ, ପୁନରୁଦ୍ଧାର ଓ ଥଇଥାନ କାର୍ଯ୍ୟ ଶେଷ ହୋଇ ନ ଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହିତ ପ୍ରଭାବିତ ଜିଲାଗୁଡିକରେ ଥିବା ବ୍ୟାଙ୍କଗୁଡିକ ମଧ୍ୟ ଖୋଲା ରହିବ।

■ ମୋଦିଙ୍କୁ ନେଇ ଟାଇମ୍ ପତ୍ରିକାର ବିବାଦୀୟ ଶୀର୍ଷକ

# ଭାରତର ମୁଖ୍ୟ ବିଭାଜନକାରୀ

ୱାଶିଂଟନ,୧୦।୫(ପି.ଟି.)




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନେଇ ଆମେରିକାର ଲୋକପ୍ରିୟ ପତ୍ରିକା 'ଟାଇମ୍' ପକ୍ଷରୁ କଭର ଷ୍ଟୋରି କରାଯାଇଛି, ଯାହାର ଶୀର୍ଷକ ରଖାଯାଇଛି 'ଭାରତର ମୁଖ୍ୟ ବିଭାଜନକାରୀ'। ୨୦୧୯ ଲୋକ ସଭା ନିର୍ବାଚନର ଶେଷ ଦୁଇଟି ପର୍ଯ୍ୟାୟ ଭୋଟଗ୍ରହଣ ବାକି ଥିବାବେଳେ ଏହି ପ୍ରଚ୍ଛଦ କାହାଣୀକୁ ନେଇ ବିବାଦ ସୃଷ୍ଟି ହୋଇଛି।

'ଟାଇମ୍' ମେ ୨୦ ଅନ୍ତର୍ଜାତୀୟ ସଂସ୍କରଣର ମୁଖ୍ୟ ଶିରୋନାମା ରହିଛି 'ଇଣ୍ଡିଆଜ୍ ଡିଭାଇଡର ଇନ୍ ଚିଫ୍'। ୟୁରୋପ, ମଧ୍ୟପ୍ରାଚ୍ୟ, ଏସିଆ ଓ ଦକ୍ଷିଣ ପ୍ରଶାନ୍ତ ମହାସାଗରୀୟ ସଂସ୍କରଣରେ ମୋଦିଙ୍କୁ ନେଇ କଭର ଷ୍ଟୋରି କରାଯାଇଥିବାବେଳେ ଆମେରିକା ସଂସ୍କରଣ ୨୦୨୦ରେ ହ୍ୱାଇଟ୍ ହାଉସ୍ ପାଇଁ ଦୌଡ଼ରେ ଥିବା ଡେମୋକ୍ରାଟ୍ ଏଲିଜାବେଥ୍ ୱାରେନ୍‌ଙ୍କୁ ସ୍ଥାନିତ କରିଛି। 'ଇଣ୍ଡିଆଜ୍ ଡିଭାଇଡର ଇନ୍ ଚିଫ୍' ନିବନ୍ଧକୁ ଆତିଶ ତସୀର ଲେଖିଛନ୍ତି । ଆତିଶ ହେଉଛନ୍ତି ଭାରତୀୟ ସାମ୍ବାଦିକା ତଭଲିନ୍ ସିଂ ଓ ପାକିସ୍ତାନୀ ରାଜନେତା ତଥା ବ୍ୟବସାୟୀ ସ୍ୱର୍ଗତ ସଲମାନ୍ ତସୀରଙ୍କ ପୁଅ। ସେହିପରି ଏଥିରେ ଆଉ ଏକ ଅତିରିକ୍ତ ନିବନ୍ଧ ପ୍ରକାଶ ପାଇଛି, ଯାହାର ଶୀର୍ଷକ ହେଉଛି 'ମୋଦି ଦି ରିଫର୍ମର'। ଏହାକୁ ରାଜନୈତିକ ବିଶ୍ୱସ୍ତରୀୟ ଗବେଷଣା ଓ ପରାମର୍ଶଦାତା ସଂସ୍ଥା ୟୁରେସିଆ ଗ୍ରୁପ୍ ପ୍ରତିଷ୍ଠାତା ଅଧ୍ୟକ୍ଷ ଇଆନ୍ ବ୍ରେମର ଲେଖିଛନ୍ତି। ପତ୍ରିକାର ପ୍ରଚ୍ଛଦରେ ୬୮ ବର୍ଷୀୟ ମୋଦିଙ୍କ ତୈଳଚିତ୍ର ରହିଛି। ଏହାର ଅନ୍ୟ ନିବନ୍ଧଗୁଡ଼ିକର ଶୀର୍ଷକ ହେଉଛି 'ମୋଦି ସରକାରଙ୍କ ଆଉ ୫ ବର୍ଷର ଶାସନକୁ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ସହ୍ୟ କରିପାରିବ କି', ଯାହାକୁ ଆତିଶ ଲେଖିଛନ୍ତି ଏବଂ ବ୍ରେମରଙ୍କ ଦ୍ୱାରା ପ୍ରସ୍ତୁତ 'ମୋଦି ହେଉଛନ୍ତି ଭାରତର ଅର୍ଥନୈତିକ ସଂସ୍କାର ପାଇଁ ସର୍ବୋତ୍ତମ ଆଶା'।

ଆତିଶଙ୍କ ନିବନ୍ଧରେ ଉଲ୍ଲେଖ କରାଯାଇଛି ଯେ, ୨୦୧୪ରେ ମୋଦି ଆଶାର ଏକ ବାତାବରଣ ସୃଷ୍ଟି କରିବା ଲାଗି ଫାଇଦା ନେଇପାରିଥିଲେ। ସେ ସାଂସ୍କୃତିକ ଆକ୍ରୋଶକୁ ଅର୍ଥନୈତିକ ପ୍ରତିଶ୍ରୁତିରେ ପରିଣତ କରିପାରିଥିଲେ। ସେତେବେଳେ ମୋଦି ଗୋଟିଏପଟେ ଦେଶର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପଥ ଉନ୍ମୁକ୍ତ କରିବାର ପ୍ରତିଶ୍ରୁତି ଦେଇ ଜଣେ ତ୍ରାଣକର୍ତ୍ତା ସାଜିଥିବାବେଳେ ଅନ୍ୟପଟେ ହିନ୍ଦୁତ୍ୱର ପୁନରୁତ୍ଥାନ ଲାଗି ନିଜକୁ ଉପସ୍ଥାପିତ କରିଥିଲେ। ବର୍ତ୍ତମାନ ସେ ନିଜ ପ୍ରତିଶ୍ରୁତି ରଖିବାରେ ବିଫଳ ହୋଇଥିବା ଜଣେ ରାଜନେତା, ଯିଏକି ପୁନଃ ନିର୍ବାଚିତ ହେବା ପାଇଁ ଉଦ୍ୟମ ଚଳାଇଛନ୍ତି। ମୋଦିଙ୍କ କେବଳ ଅର୍ଥନୈତିକ ଚମତ୍କାର ବାସ୍ତବ ରୂପ ନେବାରେ ବିଫଳ ହୋଇନାହିଁ, ବରଂ ସେ ଭାରତରେ ଧର୍ମଭିତ୍ତିକ ବିଷାକ୍ତ ଜାତୀୟତାବାଦର ପରିବେଶ ସୃଷ୍ଟି କରିବାରେ ସହାୟକ ହୋଇଛନ୍ତି ବୋଲି ଆତିଶ ଲେଖିଛନ୍ତି। ସମସ୍ତଙ୍କ ପାଇଁ ବିକାଶର ପ୍ରତିଶ୍ରୁତିରୁ ଦୂରେଇ ଯାଇ ମୋଦି ଏଭଳି ଏକ ସଫଳତା ହାସଲ କରିଛନ୍ତି, ଯେଉଁଠି ☞ପୃଷ୍ଠା-୪

■ ବାତ୍ୟା ଫନୀ ପାଇଁ ପୁରସ୍କାର

# ପୁରୀର ପ୍ରତି ବ୍ଲକର ୩ ପଞ୍ଚାୟତକୁ ମିଳିବ ପ୍ରୋତ୍ସାହନ

ଭୁବନେଶ୍ୱର,୧୦।୫(ବ୍ୟୁରୋ)

ବାତ୍ୟା 'ଫନୀ' ପ୍ରକୋପରେ ପୁରୀ ଓ ଭୁବନେଶ୍ୱର ବରବାଦ ହୋଇଥିବା ବେଳେ ୧୪ ଜିଲାରେ ଅଜସ୍ର କ୍ଷୟକ୍ଷତି ହୋଇଛି। ଅନ୍ୟ ଜିଲାଗୁଡିକ ସାମାନ୍ୟ ଅଣ୍ଟା ସଳଖି ଥିବା ବେଳେ ପୁରୀ ଓ ଖୋର୍ଦ୍ଧା ଜିଲାର ଲୋକମାନେ ବାତ୍ୟା ବିଭୀଷିକାରୁ ମୁକ୍ତି ପାଇପାରି ନାହାନ୍ତି। ପାନୀୟ ଜଳ, ବିଜୁଳି, ସ୍ୱାସ୍ଥ୍ୟ, ପରିମଳ ଭଳି ସର୍ବନିମ୍ନ ସୁବିଧା ପାଇବା ପାଇଁ ଚାତକ ଭଳି

**୧୩ ତାରିଖ ସୁଦ୍ଧା ଗ୍ରାମାଞ୍ଚଳର ସବୁ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ**

ଚାହିଁ ରହିଛନ୍ତି। ଘରଦ୍ୱାର, ରାସ୍ତାଘାଟ, ବାଡି ବଗିଚା, ପାର୍କ, ଛୋଟ ଛୋଟ ଜଙ୍ଗଲ ସବୁ ଉଜୁଡି ଯାଇଛି। ଚାରିଆଡେ କୁଢ କୁଢ ଭଙ୍ଗା କଟା କାଠ, ଅଳିଆ ଓ ଆବର୍ଜନା ପାଣି ପରିବେଶକୁ ଆହୁରି ବିଗାଡିବାରେ ଲାଗିଛି। ପ୍ରଶାସନିକ ସୂଚନା ଅନୁଯାୟୀ ଯଦିଓ ଏ ପର୍ଯ୍ୟନ୍ତ କେଉଁଠି ମହାମାରୀ ବ୍ୟାପି ନାହିଁ ତେବେ ଆଗାମୀ ଦିନରେ ଯେ ପରିବେଶ ବିଗିଡି ନ ଯିବ ସେ ନେଇ ବାତ୍ୟା ପୀଡିତ ଆଶଙ୍କାରେ ରହିଛନ୍ତି । ତେବେ ଏହି ଅସମୟରେ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟରେ ନିୟୋଜିତ କରିବାକୁ ରାଜ୍ୟ ସରକାର ଗଠନ କରିଥିଲେ ବିଜୁ ଯୁବ ବାହିନୀ । ଏହି ବାହିନୀ ବିପଦ ଆପଦରେ ଗାଁ ଲୋକଙ୍କ ପାଖରେ ଛିଡା ହେବେ। ସେମାନଙ୍କୁ ସହାୟତା କରିବେ। ମାତ୍ର ଏଭଳି ବିପତ୍ତି ସମୟରେ କେଉଁ ଜିଲାରେ ମଧ୍ୟ ପୁନରୁଦ୍ଧାର କାର୍ଯ୍ୟରେ ସେମାନଙ୍କର ସମ୍ପୃକ୍ତି ଦେଖିବାକୁ ମିଳୁ ନାହିଁ। ଏନଡିଆରଏଫ, ଓଡ୍ରାଫ, ଅଗ୍ନିଶମ ବିଭାଗ ଭଳି ସରକାରୀ ସଂସ୍ଥା ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିବା ବେଳେ ଯୁବ ବାହିନୀ ସଦସ୍ୟମାନେ ଉଭାନ ହୋଇ ଯାଇଛନ୍ତି। ସରକାର ବିଜୁ ଯୁବ ବାହିନୀପ୍ରୋତ୍ସାହିତ କରିବାକୁ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ଏ ଅସମୟରେ ସେମାନଙ୍କର ଅନୁପସ୍ଥିତିକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଅନ୍ୟ ପକ୍ଷରେ ପୁରୀ ଜିଲାକୁ ବାତ୍ୟା ମାଡରୁ ପୁନରୁଦ୍ଧାର କରିବାକୁ ସରକାରଙ୍କୁ ଶେଷରେ ଗାଁ ଲୋକମାନଙ୍କର ସାହାର ନେବାକୁ ପଡିଛି। ନିଜ ଅଞ୍ଚଳରେ ବିଗିଡି ଯାଇଥିବା ପରିମଳ ବ୍ୟବସ୍ଥାକୁ ସଜାଡିବାକୁ ଗ୍ରାମାଞ୍ଚଳ ଲୋକଙ୍କୁ ପ୍ରୋତ୍ସାହିତ କରିବାକୁ ପୁରସ୍କାର ରାଶି ଘୋଷଣା କରିଛନ୍ତି। ବାତ୍ୟା ପୁନରୁଦ୍ଧାର ☞ପୃଷ୍ଠା-୪

**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**




**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

ସୂଚନା: ପିଲାଙ୍କ ଧରିତ୍ରୀ ଏହି ସଂଖ୍ୟାର ପ୍ରଚ୍ଛଦ ପୃଷ୍ଠାରେ ସୂଚିତ ପୃଷ୍ଠା ସଂଖ୍ୟା ୩ ଓ ୪ ପରିବର୍ତ୍ତେ ୭ ଓ ୬ ପଢ଼ିବାକୁ ଅନୁରୋଧ।

# ମୋଦି ହାୱା କାମ କଲେ ଓଡ଼ିଶାରୁ ୧୦ରୁ ୧୨ ଲୋକ ସଭା ଆସନ

ଭୁବନେଶ୍ୱର,୧୦।୫(ବ୍ୟୁରୋ)

**ରାଜ୍ୟ ଭାଜପା ପକ୍ଷରୁ ଗୋପନୀୟ ସର୍ଭେ**
- ସର୍ବାଧିକ ୬୧ରୁ ୬୮ ବିଧାନସଭା ଆସନ
- ମେ' ୨୩କୁ ଅପେକ୍ଷା

ସାରା ଦେଶରେ ଏପ୍ରିଲ ୧୧ରୁ ଆରମ୍ଭ ହୋଇଥିବା ସାଧାରଣ ନିର୍ବାଚନ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଜାତୀୟ ସ୍ତରରେ କେବଳ ଦୁଇଟି ପର୍ଯ୍ୟାୟ ନିର୍ବାଚନ ବାକି ରହିଛି। ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ୨୧ ଲୋକ ସଭା ଏବଂ ୧୪୬ ବିଧାନସଭା ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ଜିଲା ପାଟକୁରା ବିଧାନସଭାରେ କେବଳ ଭୋଟ ଗ୍ରହଣ ହୋଇନାହିଁ। ତେଣୁ ନିର୍ବାଚନ ହୋଇ ସାରିଥିବା ଆସନଗୁଡିକ ମଧ୍ୟରୁ ଭାଜପା ପକ୍ଷରୁ ଏକ ନିଜସ୍ୱ ଆକଳନ କରାଯାଇଥିବା ସୂତ୍ରରୁ ଜଣାପଡିଛି।

୨୦୧୪ରେ ସାରା ଭାରତରେ ଯେପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସପକ୍ଷରେ ଏକ ବାତାବରଣ ସୃଷ୍ଟି ହୋଇଥିଲା, ସେହିପରି ଏକ ହାୱା ଚଳିତ ବର୍ଷ ଓଡ଼ିଶାରେ ଦେଖାଦେଇଥିଲା। ୨୦୧୪ ନିର୍ବାଚନରେ କଂଗ୍ରେସ ବିରୋଧରେ ସର୍ବଭାରତୀୟ ସ୍ତରରେ ଯେପରି ଏକ ଜନମତ ସୃଷ୍ଟି ହୋଇଥିଲା, ଚଳିତ ଥର ବିଜେଡି ସରକାର, ଦଳୀୟ ବିଧାୟକ ଏବଂ ଏମ୍‌ପିମାନଙ୍କ ☞ପୃଷ୍ଠା-୪

**ଧାନ ସଂଗ୍ରହ**

# ଆରମ୍ଭରୁ ଅଚଳାବସ୍ଥା



ଅତାବିରା ଆରଏମ୍‌ସି ଲରମ୍ଭା ମଣ୍ଡିରେ ପଡ଼ି ରହିଥିବା ଧାନବସ୍ତା ।

ବରଗଡ଼ ଅଫିସ/ଅତାବିରା,୧୦।୫

- ମଣ୍ଡିରେ ପଡିଛି ୭୨ହଜାର ପ୍ୟାକେଟ୍ ଧାନ
- ଗୋଟିଏ ପ୍ୟାକେଟ୍ ବି ବିକ୍ରି ହେଲାନି
- ଆନୁଷଙ୍ଗିକ ବ୍ୟବସ୍ଥା ଅସମ୍ପୂର୍ଣ୍ଣ
- ବଢ଼ିଲା ଅଭାବୀ ବିକ୍ରି ଆଶଙ୍କା

ବରଗଡ଼ ଜିଲାରେ ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭରୁ ଅଚଳାବସ୍ଥା ସୃଷ୍ଟି ହୋଇଛି। ଶୁକ୍ରବାରଠାରୁ ଧାନ କିଣାବିକା ଆରମ୍ଭ ହେବ ବୋଲି ଜିଲା ଯୋଗାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା । ମାତ୍ର ଶୁକ୍ରବାର ସୁଦ୍ଧା ଜିଲାର ମଣ୍ଡିଗୁଡ଼ିକୁ ପ୍ରାୟ ୭୨ହଜାର ପ୍ୟାକେଟ୍ ଧାନ ପହଞ୍ଚିଥିଲେ ମଧ୍ୟ ଆଦୌ ବିକ୍ରି ହୋଇପାରି ନାହିଁ। ଏପର୍ଯ୍ୟନ୍ତ ମଣ୍ଡିଗୁଡ଼ିକରେ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ହୋଇ ପାରି ନ ଥିବା ଯୋଗୁ ଏଭଳି ସମସ୍ୟା ଉପୁଜିଛି । ସୋମବାର ସୁଦ୍ଧା ଜିଲାର ଧାନ କିଣାବିକା ପ୍ରକ୍ରିୟା ସ୍ୱାଭାବିକ ହୋଇଯିବ ବୋଲି କେତେକ ବିଭାଗୀୟ ଅଧିକାରୀ କହୁଛନ୍ତି। ଏ ନେଇ ଜାଣିବାକୁ ଜିଲା ଯୋଗାଣ ଅଧିକାରୀ ଶ୍ରୀକର ମାଝିଙ୍କୁ ଯୋଗାଯୋଗ କରାଯାଇଥିଲା । ମାତ୍ର ସେ ଫୋନ ନ ଉଠାଇବାରୁ ତାଙ୍କ ମତାମତ ମିଳିପାରି ନାହିଁ । ସାଧାରଣ ନିର୍ବାଚନ ଯୋଗୁ ରବିଋତୁ ଧାନ ସଂଗ୍ରହ ପ୍ରସ୍ତୁତି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କ୍ୟାଡର ପଦରେ ଅଣକ୍ୟାଡର**

**ଆଜିର ମନ୍ତବ୍ୟ**

"ଭାଜପା କେବେହେଲେ ମୋଦି କିମ୍ବା ଶାହଙ୍କ ବ୍ୟକ୍ତିକୈନ୍ଦ୍ରିକ ଦଳ ହୋଇପାରିବ ନାହିଁ।

-ନୀତୀନ ଗଡ଼କରୀ, କେନ୍ଦ୍ରମନ୍ତ୍ରୀ





NECC NATIONAL EGG CO-ORDINATION COMMITTEE 10.05.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 111 | 172 | 182 |
| CTC | 111 | 172 | 182 |
| DKL | 109 | 170 | 180 |
| BDK | 112 | 174 | 184 |
| BLS | 112 | 174 | 184 |
| ANG | 109 | 170 | 180 |

*Conditions Apply

Eggs Retail Price- 47/-Dozen
Issued in the Interest of Consumers





“ଭାଜପା ହାୱାଲା ଜରିଆରେ ଟଙ୍କା ପଠାଇ ମତଦାତାଙ୍କ ମଧ୍ୟରେ ବାଣ୍ଟୁଛି। କିନ୍ତୁ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ନ ନେଇ ଚୁପ୍ ବସିଛନ୍ତି।

-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ





ଶ୍ରୀନଗରରେ ପବିତ୍ର ରମଜାନ ମାସରେ ଶୁକ୍ରବାର ନମାଜପାଠ ବେଳେ ପୋଲିସ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ।



ହରିୟାଣାସ୍ଥିତ ରୋହତକ୍‌ର ଏକ ନିର୍ବାଚନୀ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭାଜପା ସମର୍ଥକ ଫୁଲମାଳ ଦେଇ ସ୍ୱାଗତ କରୁଛନ୍ତି।



ଅଭିନେତାରୁ ରାଜନେତା ପାଲଟିଥିବା ପ୍ରକାଶ ରାଜ ନୂଆଦିଲ୍ଲୀରେ ଏଏପି ପ୍ରାର୍ଥୀମାନଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର କରୁଛନ୍ତି।

### ଷଷ୍ଠ ପର୍ଯ୍ୟାୟ ନିର୍ବାଚନ

## ପ୍ରଚାର ସରିଲା

ନୂଆଦିଲ୍ଲୀ,୧୦।୫ : ଷଷ୍ଠ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ପାଇଁ ଶୁକ୍ରବାର ସନ୍ଧ୍ୟାରେ ସବୁଦଳ ପକ୍ଷରୁ ପ୍ରଚାର ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୭ଟି ରାଜ୍ୟର ୫୯ ଆସନ ଲାଗି ଭୋଟଗ୍ରହଣ କରାଯିବ। ବିହାରର ୮, ହରିୟାଣା ୧୦, ଝାଡ଼ଖଣ୍ଡ ୪, ମଧ୍ୟପ୍ରଦେଶ ୮, ୟୁପି ୧୪, ପଶ୍ଚିମବଙ୍ଗ ୮ ଓ ଦିଲ୍ଲୀ-ଏନ୍‌ସିଆର୍‌ର ୭ଟି ଆସନରେ ଭୋଟରମାନେ ସେମାନଙ୍କ ମନପସନ୍ଦର ପ୍ରାର୍ଥୀ ବାଛିବେ। ନିର୍ବାଚନ କମଶନଙ୍କ ପକ୍ଷରୁ ସବୁ ପ୍ରସ୍ତୁତି ଶେଷ ହୋଇଥିଲାବେଳେ ସମ୍ବେଦନଶୀଳ ବୁଥ୍‌ଗୁଡିକରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ପର୍ଯ୍ୟାୟ ନିର୍ବାଚନରେ ଯେଉଁ ପ୍ରମୁଖ ରାଜନେତାମାନେ ସେମାନଙ୍କ ଭାଗ୍ୟ ପରୀକ୍ଷା କରିବେ ସେମାନେ ହେଲେ ଶୀଲା ଦୀକ୍ଷୀତ୍, ଅଲିମ୍ପିଆନ୍ ବକ୍ସର୍ ବିଜେନ୍ଦର ସିଂ, ଗୌତମ ଗମ୍ଭୀର, ପୂର୍ବତନ କେନ୍ଦ୍ରମନ୍ତ୍ରୀ ହର୍ଷବର୍ଦ୍ଧନ, ଅଖିଳେଶ ଯାଦବ, କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀ, ଭୂପିନ୍ଦର ସିଂ ହୁଡା, କେନ୍ଦ୍ରମନ୍ତ୍ରୀ ରାଧାମୋହନ ସିଂ, କଂଗ୍ରେସ ନେତା ଦିଗ୍‌ବିଜୟ ସିଂ ଏବଂ ଭାଜପାର ପ୍ରଜ୍ଞା ସିଂ ଠାକୁର । ହାଇ ଭୋଲ୍‌ଟେଜ୍ ପ୍ରଚାରରେ ଭାଜପା, କଂଗ୍ରେସ, ଏଏପି ସହ ବିଭିନ୍ନ ବିରୋଧୀ ଦଳର ନେତାମାନେ ସେମାନଙ୍କ ଆଭିମୁଖ୍ୟ ରଖିଥିଲାବେଳେ ରବିବାର ସେମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରାଯିବ। ସପ୍ତମ ତଥା ଶେଷ ପର୍ଯ୍ୟାୟ ଭୋଟ ମେ ୧୯ରେ ସରିବା ପରେ ୨୩ରେ ଫଳାଫଳ ଜଣାପଡ଼ିବ।

### ■ ୧୯୮୪ ଶିଖ୍ ବିରୋଧୀ ଦଙ୍ଗା: ସାମ୍ ପିତ୍ରୋଡାଙ୍କ ମନ୍ତବ୍ୟକୁ ନେଇ ଝଡ଼

# ହେଲା ତ କ'ଣ ହେଲା

ନୂଆଦିଲ୍ଲୀ/ଶିମ୍ଲା,୧୦।୫(ପି.ଟି.)



ସାମ୍ ପିତ୍ରୋଡା

**ଜାତୀୟ ରାଜନୀତି ସରଗରମ**

- ■ମନ୍ତବ୍ୟକୁ ନେଇ ସୋନିଆ, ରାହୁଲ କ୍ଷମା ମାଗନ୍ତୁ: ଭାଜପା
- ■ପିତ୍ରୋଡାଙ୍କୁ କଂଗ୍ରେସରୁ ବହିଷ୍କାର ଦାବି କଲେ ମୋଦି
- ■ବିବାଦରୁ ଦୂରେଇ ରହିଲା କଂଗ୍ରେସ
- ■ଭଲ ହିନ୍ଦୀ କହିପାରୁ ନ ଥିବାରୁ ମନ୍ତବ୍ୟକୁ ଭୁଲ୍ ଢଙ୍ଗରେ ଉପସ୍ଥାପନ କରାଯାଇଛି: ପିତ୍ରୋଡା

ସାଧାରଣ ନିର୍ବାଚନର ଆଉ ଦୁଇଟି ପର୍ଯ୍ୟାୟ ମତଦାନ ବାକି ଥିବାବେଳେ କଂଗ୍ରେସ ନେତାଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ଅଡୁଆରେ ପଡ଼ିଛି ଦଳ। ୧୯୮୪ ଶିଖ୍ ବିରୋଧୀ ଦଙ୍ଗାକୁ ସମ୍ପର୍କରେ ବରିଷ୍ଠ କଂଗ୍ରେସ ନେତା ସାମ୍ ପିତ୍ରୋଡା ଗୁରୁବାର ଏକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି, ଯାହାକୁ ନେଇ ଜାତୀୟ ରାଜନୀତିରେ ଝଡ଼ ସୃଷ୍ଟି ହୋଇଛି। ପିତ୍ରୋଡାଙ୍କ ମନ୍ତବ୍ୟ ପାଇଁ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କ୍ଷମାମାଗନ୍ତୁ ବୋଲି ଭାଜପା ଅଡ଼ିବସିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦଳରୁ ତାଙ୍କ ବହିଷ୍କାର ଦାବି କରିଛନ୍ତି। କଂଗ୍ରେସ ବିବାଦରୁ ଦୂରେଇ ରହିବା ପରେ ଶେଷରେ ପିତ୍ରୋଡା ନିଜେ କ୍ଷମାମାଗିବା ସହ ସେ ଭଲ ହିନ୍ଦୀ କହିପାରୁ ନ ଥିବାରୁ ତାଙ୍କ କଥାକୁ ଭୁଲ୍ ଢଙ୍ଗରେ ଉପସ୍ଥାପନ କରାଯାଇଥିବା କହିଛନ୍ତି।

ରାହୁଲଙ୍କ ଘନିଷ୍ଠ ସହଯୋଗୀ ତଥା ଇଣ୍ଡିଆନ୍ ଓଭରସିଜ୍ କଂଗ୍ରେସ ମୁଖ୍ୟ ସାମ୍ ପିତ୍ରୋଡା ଗୁରୁବାର ହିମାଚଳ ପ୍ରଦେଶର ଧର୍ମଶାଳାରେ ଶିଖ୍ ବିରୋଧୀ ଦଙ୍ଗା ସମ୍ପର୍କରେ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ। ସେ କହିଥିଲେ, ୧୯୮୪ରେ ଦଙ୍ଗା ହେଲା ତ କ'ଣ ହେଲା। ଏହାକୁ ନେଇ ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର ଶୁକ୍ରବାର କହିଛନ୍ତି, ୧୯୮୪ ଦଙ୍ଗାରେ ୩,୦୦୦ ଶିଖ୍‌ଙ୍କୁ ହତ୍ୟା କରାଯାଇଥିଲା। ସେତେବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀ କହିଥିଲେ, ଯେତେବେଳେ ବଡ଼ ଗଛ ଟଳିପଡ଼େ ଭୂକମ୍ପ ସୃଷ୍ଟିହୁଏ। ଏବେ ରାଜୀବଙ୍କ ସହଯୋଗୀ ତଥା ରାହୁଲଙ୍କ ପଥପ୍ରଦର୍ଶକ ପିତ୍ରୋଡା ଶିଖ୍ ଗଣହତ୍ୟା ସମ୍ପର୍କରେ ପିତ୍ରୋଡା ଦେଇଥିବା ମନ୍ତବ୍ୟ ଅତ୍ୟନ୍ତ ଦାୟିତ୍ୱହୀନ ଓ ନିନ୍ଦନୀୟ। ଏଥିଲାଗି ସୋନିଆ ଓ ରାହୁଲ କ୍ଷମାମାଗନ୍ତୁ ବୋଲି ଜାଭଡେକର କହିଛନ୍ତି। ସେପଟେ ଷଷ୍ଠ ପର୍ଯ୍ୟାୟ ନିର୍ବାଚନ ପ୍ରଚାରର ଶେଷ ଦିନରେ ପ୍ରଧାନମନ୍ତ୍ରୀ ମୋଦି ହିମାଚଳର ମଣ୍ଡିରେ ଏହି ପ୍ରସଙ୍ଗକୁ ନେଇ କଂଗ୍ରେସକୁ ଘେରିଛନ୍ତି। ଭାଜପାର ଏକ ସଭାରେ କହିଛନ୍ତି, ଗତକାଲି କଂଗ୍ରେସର ଜଣେ ବରିଷ୍ଠ ନେତା କହିଥିଲେ 'ହୁଆ ତୋ ହୁଆ'। ରାଜୀବଙ୍କ ଘନିଷ୍ଠ ବନ୍ଧୁ ଓ ରାହୁଲଙ୍କ ଗୁରୁ ଦେଇଥିବା ମନ୍ତବ୍ୟରୁ କଂଗ୍ରେସର ଚରିତ୍ର ଓ ମାନସିକତା ପ୍ରତିଫଳିତ ହେଉଛି। ଏହି ଦଳ ସର୍ବାଧିକ ସମୟ ଧରି ଦେଶକୁ ଶାସନ କରିଛି। ଶିଖ୍ ବିରୋଧୀ ଦଙ୍ଗାକୁ ନେଇ ଯାହା କୁହାଯାଇଛି ସେଥିରୁ ଏହାର ଅହଂକାର ଧରାପଡ଼ିଯାଇଛି। ଏଭଳି ନେତାଙ୍କୁ ଦଳରୁ ବହିଷ୍କାର କରାଯିବା ଉଚିତ। ସେପଟେ କଂଗ୍ରେସ ଏହି ବିବାଦରେ ନ ପଡ଼ି ସଫେଇ ଦେବାସହ ପିତ୍ରୋଡାଙ୍କୁ ଚେତାବନୀ ଦେଇଛି। ଆମ ଦଳର ନେତାମାନେ ସତର୍କ ହୋଇ ମନ୍ତବ୍ୟ ଦିଅନ୍ତୁ। ୧୯୮୪ ଓ ୨୦୦୨ ଦଙ୍ଗା ପାଇଁ ନ୍ୟାୟ ଦିଆଯିବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଚାରିଆଡୁ ସମାଲୋଚିତ ହେବା ପରେ ପିତ୍ରୋଡା ଶୁକ୍ରବାର କ୍ଷମାମାଗିଛନ୍ତି। ପିତ୍ରୋଡା କହିଛନ୍ତି, ସେ ଭଲ ହିନ୍ଦୀ କହିପାରନ୍ତି ନାହିଁ। ତେଣୁ ଏହାର ଫାଇଦା ନେଇ ତାଙ୍କ ମନ୍ତବ୍ୟକୁ ଭୁଲ୍ ଢଙ୍ଗରେ ଉପସ୍ଥାପନ କରି ବିବାଦ ସୃଷ୍ଟି କରାଯାଉଛି। ଏଥିଲାଗି ସେ ଦୁଃଖିତ ଓ କ୍ଷମାପ୍ରାର୍ଥୀ।

## ଅଗଷ୍ଟ ୧୫ ଯାଏ ମଧ୍ୟସ୍ଥଙ୍କୁ ସମୟ

ନୂଆଦିଲ୍ଲୀ,୧୦।୫



**ଅଯୋଧ୍ୟା ମାମଲା**

ବହୁଚର୍ଚ୍ଚିତ ଅଯୋଧ୍ୟା ମାମଲାରେ ସୁପ୍ରିମକୋର୍ଟ ମଧ୍ୟସ୍ଥ ପ୍ୟାନେଲକୁ ଅଗଷ୍ଟ ୧୫ ତାରିଖ ଯାଏ ସମୟ ଦେଇଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ଜଣିଆ ଖଣ୍ଡପୀଠ ମଧ୍ୟସ୍ଥଙ୍କ ନେତୃତ୍ୱ ନେଉଥିବା ସର୍ବୋଚ୍ଚ ଅଦାଲତର ପୂର୍ବତନ ବିଚାରପତି ଏଫ୍.ଏମ୍.ଆଇ. କାଲିଫୁଲ୍ଲାଙ୍କଠାରୁ ରିପୋର୍ଟ ପାଇଥିଲାବେଳେ ଏହାର ସମାଧାନ ଲାଗି ପ୍ୟାନେଲ ଅଧିକ ସମୟ ମାଗିଥିଲା। ରାମ ଜନ୍ମଭୂମି ବାବ୍ରୀ ମସ୍‌ଜିଦ୍ ଜମି ବିବାଦ ମାମଲା ରାଜନୈତିକଭାବେ ସ୍ପର୍ଶକାତର ହୋଇଥିବାରୁ ଖଣ୍ଡପୀଠ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ମଧ୍ୟସ୍ଥଙ୍କୁ ସମୟ ପ୍ରଦାନ କରିଛନ୍ତି।

ଖଣ୍ଡପୀଠରେ ଥିବା ଅନ୍ୟ ବିଚାରପତି ଏସ୍.ଏ. ବୋବ୍‌ଡେ, ଡି.ୱାଇ. ଚନ୍ଦ୍ରଚୂଡ଼, ଅଶୋକ ଭୂଷଣ ଓ ଏସ୍. ଅବ୍‌ଦୁଲ୍ ନାଜୀର୍ ମଧ୍ୟସ୍ଥମାନେ ଆଶାବାଦୀ ଥିବା ଜାଣିବା ପରେ ବର୍ଷ ବର୍ଷ ଧରି ସମାଧାନ ହେଇପାରୁ ନ ଥିବା ମାମଲା ପାଇଁ ଆଉ କିଛି ଅଧିକ ସମୟ ଦେବାରେ ଅସୁବିଧା ନାହିଁ ବୋଲି କହିଥିଲେ। ହିନ୍ଦୁ ଓ ମୁସ୍‌ଲିମ୍ ଗୋଷ୍ଠୀ ଏଥିଲାଗି ମଧ୍ୟସ୍ଥଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରୁଥିବା ଜଣାପଡ଼ିଛି।

ଖଣ୍ଡପୀଠ କହିଛନ୍ତି ଯେ, ପ୍ୟାନେଲ ଅଧ୍ୟକ୍ଷ ମେ ୭ରେ ଏନେଇ ରିପୋର୍ଟ ପ୍ରଦାନ କରିଥିଲାବେଳେ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ସମୟ ମାଗିଥିଲେ। ଏହି ଅନୁରୋଧକୁ ରକ୍ଷା କରାଯାଇ ସମସ୍ୟାର ଆପୋଷ ସମାଧାନ ଲାଗି ମଧ୍ୟସ୍ଥଙ୍କୁ ଅଧିକ ସମୟ ଦିଆଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଷୋଡ଼ଶ ଶତାବ୍ଦୀରେ ବିବାଦୀୟ ଜାଗାରେ ନିର୍ମାଣ କରାଯାଇଥିବା ବାବ୍ରୀ ମସ୍‌ଜିଦ୍‌କୁ ୧୯୯୨ ଡିସେମ୍ବର ୬ ତାରିଖରେ ଭଙ୍ଗ କରାଯାଇଥିଲା।

### ■ ରାହୁଲଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା

## ସୁପ୍ରିମକୋର୍ଟରେ ରାୟ ସଂରକ୍ଷିତ

ନୂଆଦିଲ୍ଲୀ,୧୦।୫

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ବିରୋଧରେ ଭାଜପା ସାଂସଦ ମୀନାକ୍ଷୀ ଲେଖି ଆଣିଥିବା କୋର୍ଟ ଅବମାନନା ମାମଲା ସମ୍ପର୍କିତ ରାୟକୁ ସୁପ୍ରିମକୋର୍ଟ ଶୁକ୍ରବାର ସଂରକ୍ଷିତ ରଖିଛନ୍ତି। ରାହୁଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ 'ଚୌକିଦାର ଚୋର୍ ହେଁ' ମନ୍ତବ୍ୟ ଦେଇ ଦୁଃଖ ପ୍ରକାଶ କରିବା ସହ ନିଃସର୍ତ୍ତ କ୍ଷମାପ୍ରାର୍ଥନା କରିସାରିଛନ୍ତି। ତେଣୁ ଏହି ମାମଲାକୁ ବନ୍ଦ କରାଯାଉ ବୋଲି ରାହୁଲ ସର୍ବୋଚ୍ଚ ଅଦାଲତଙ୍କୁ ଅନୁରୋଧ କରିଥିଲେ। ସିଜେଆଇ ଜଷ୍ଟିସ୍ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୩ଜଣିଆ ଖଣ୍ଡପୀଠଙ୍କୁ ରାହୁଲଙ୍କ ଓକିଲ ଏସ୍.କେ. କୌଲ୍ ଏଭଳି ଅନୁରୋଧ କରିଥିଲାବେଳେ ଲେଖିଙ୍କ ଓକିଲ ମୁକୁଲ୍ ରୋହତଗୀ ରାହୁଲଙ୍କ ଏଭଳି କ୍ଷମାପ୍ରାର୍ଥନାକୁ ବରଖାସ୍ତ କରାଯାଉ ବୋଲି ଖଣ୍ଡପୀଠକୁ ଅନୁରୋଧ କରିଥିଲେ। ଆଇନ ଅନୁଯାୟୀ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଦାବି କରିଥିଲେ। ତାଙ୍କ ମନ୍ତବ୍ୟ ଲାଗି କୋର୍ଟ ରାହୁଲଙ୍କୁ ଲୋକଙ୍କ ଆଗରେ କ୍ଷମାମାଗିବାକୁ କହିବା ଉଚିତ ବୋଲି ରୋହତଗୀ ଯୁକ୍ତି ବାଢ଼ିଥିଲେ।

### ■ ବିରୋଧୀଙ୍କୁ ମିଳିବ ସଂଖ୍ୟାଗରିଷ୍ଠତା

## ସର୍ବସମ୍ମତିକ୍ରମେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ବଛାଯିବ: ଚନ୍ଦ୍ରାବାବୁ

କୋଲ୍‌କାତା,୧୦।୫

ନିର୍ବାଚନରେ ଭାଜପା ବିରୋଧୀ ଦଳଗୁଡ଼ିକୁ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ମିଳିବ ବୋଲି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ତଥା ଟିଡିପି ଅଧ୍ୟକ୍ଷ ଏନ୍. ଚନ୍ଦ୍ରାବାବୁ ନାଇଡୁ ଦୃଢ଼ୋକ୍ତି ବାଢ଼ିଛନ୍ତି। ଚନ୍ଦ୍ରାବାବୁ କହିଛନ୍ତି, ସବୁ ବିରୋଧୀ ଦଳ ନେତା ମୋଦିଙ୍କଠାରୁ ଯଥେଷ୍ଟ ଭଲ। ନିର୍ବାଚନ ଫଳାଫଳ ଆସିଲେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ନେଇ ସର୍ବସମ୍ମତି ନିଷ୍ପତ୍ତି ଗ୍ରହଣ କରାଯିବ। ତେବେ ପ୍ରଧାନମନ୍ତ୍ରୀ ଦୌଡରେ ସେ ନଥିବା ନାଇଡୁ ପ୍ରକାଶ କରିଛନ୍ତି। କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକ ଏକ ହୋଇଥିବା ସେ କହିଛନ୍ତି।

ଗୁରୁବାର ସନ୍ଧ୍ୟାରେ ନାଇଡୁ ଟିଏମ୍‌ସି ମୁଖ୍ୟ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଭେଟି ଭବିଷ୍ୟତ ମେଣ୍ଟ ଯୋଜନା ନେଇ ଆଲୋଚନା କରିଥିଲେ। ମମତାଙ୍କ ସହ ରୁଦ୍ଧଦ୍ୱାର ବୈଠକରେ ମହାମେଣ୍ଟର ଯୋଜନା କ'ଣ ହେବ ସେନେଇ ଆଲୋଚନା କରାଯାଇଥିଲା।

## ଜୀବନ୍ତ ଅକ୍ଟୋପସ୍ ଖାଇ ଯନ୍ତ୍ରଣା ଭୋଗିଲେ

ବେଜିଂ,୧୦।୫



ବ୍ଲଗପୋଷ୍ଟରେ ରୁଚି ରଖୁଥିବା ଚାଇନାର ଜଣେ ବାଳିକା ଏକ ଜୀବନ୍ତ ଅକ୍ଟୋପସ୍ ଖାଉଥିବା ବେଳେ ଅକ୍ଟୋପସ୍‌ଟି ବାଳିକାର ଆଖିପତାକୁ ଆକ୍ରମଣ କରିଥିଲା। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି। ବାଳିକା ଜଣକ ଏଭଳି ଉଦ୍ୟମ କରି ବିଶ୍ୱବାସୀଙ୍କ ପ୍ରଶଂସା ସାଉଁଟିବାକୁ ଇଚ୍ଛା କରିଥିଲେ ହେଁ ପରିଶେଷରେ ଏହି ଦୁଃସାହସିକ କାର୍ଯ୍ୟ ପାଇଁ ତାଙ୍କୁ ଯନ୍ତ୍ରଣା ସହିବାକୁ ତଥା ଲଜ୍ଜିତ ହେବାକୁ ପଡିଛି। ଅକ୍ଟୋପସ୍‌ଟି ବାଳିକାର ବାମପାର୍ଶ୍ୱ ତଳ ଆଖିପତାକୁ ଟାଣି ଧରିଥିବା ବେଳେ ସେ କିଛି ମିନିଟ ଅସହ୍ୟ ଯନ୍ତ୍ରଣାରେ ଛଟପଟ ହୋଇଥିଲେ ଏବଂ ଏହାକୁ ଟାଣି ଫିଙ୍ଗି ଦେବାକୁ ଉଦ୍ୟମ କରିଥିଲେ। ପରିଶେଷରେ ଏହି ସାମୁଦ୍ରିକ ପ୍ରାଣୀଟିକୁ ଟାଣି ଛଡାଇଦେଇଥିଲେ ମଧ୍ୟ ସେ କ୍ଷତାକ୍ତ ହୋଇଥିଲେ। ଉକ୍ତ ବାଳିକା ଜଣକ ଚାଇନାର ଫଟୋ ଶେୟାରିଂ ଆପ୍ 'କୁଆଇଶୋଉ'ରେ ଆଶ୍ଚର୍ଯ୍ୟଜନକ ଫଟୋ ଛାଡି ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରନ୍ତି। ସାମୁଦ୍ରିକ ପ୍ରାଣୀ ଅକ୍ଟୋପସ୍ ବିଶେଷକରି ଶିକାର ଧରିବା ବେଳେ କିମ୍ବା ଶତ୍ରୁ କବଳରୁ ନିଜକୁ ରକ୍ଷାକରିବା ପାଇଁ ଏହାର ଅଷ୍ଟପାଦକୁ ବ୍ୟବହାର କରିଥାଏ। ଏହାର ଭିଡିଓ ପ୍ରଥମେ ଚାଇନାର ସୋସିଆଲ ମିଡିଆ ୱାଇବୋରେ ଭାଇରାଲ ହୋଇଥିଲା। ପରେ ଏହାକୁ ଅନଲାଇନ୍ ଯୋଗେ ଲକ୍ଷ ଲକ୍ଷ ଲୋକ ଦେଖିବାର ସୁଯୋଗ ପାଇଥିଲେ। ଅକ୍ଟୋପସ୍‌କୁ ଜୀବନ୍ତ ଖାଇବାକୁ ଉଦ୍ୟମ କରୁଥିବା ଉକ୍ତ ଯୁବତୀଙ୍କୁ ଅନେକ ଲୋକ ସମାଲୋଚନା କରିଛନ୍ତି।

## ଶପଥ ନେଲେ କର୍ନାଟକ ହାଇକୋର୍ଟ ମୁଖ୍ୟ ବିଚାରପତି

ବେଙ୍ଗାଲୁରୁ,୧୦।୫

କର୍ନାଟକ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଶୁକ୍ରବାର ଜଷ୍ଟିସ୍ ଅଭୟ ଶ୍ରୀନିୱାସ ଓକା ଶପଥଗ୍ରହଣ କରିଛନ୍ତି। ରାଜ୍ୟପାଳ ବାଜୁଭାଇ ଭାଲା ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। ପୂର୍ବରୁ ଜଷ୍ଟିସ୍ ଓକା ବମ୍ବେ ହାଇକୋର୍ଟରେ ବିଚାରପତିଭାବେ କାର୍ଯ୍ୟ କରୁଥିଲେ। ଶପଥଗ୍ରହଣ ଉତ୍ସବରେ ମୁଖ୍ୟ ସଚିବ ଟି.ଏମ. ବିଜୟଭାସ୍କର ଜଷ୍ଟିସ ଓକାଙ୍କ ନିଯୁକ୍ତି ନେଇ ରାଷ୍ଟ୍ରପତି ଭବନରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମାକୁ ପାଠ କରିଥିଲେ।

### ଇତିହାସର ଆଇନାରେ

**ମେ ୧୧ର ପ୍ରମୁଖ ଘଟଣା**

୧୯୯୮ ମେ ୧୧ରେ ପୋଖରାନ୍‌ରେ ଭାରତ ୩ଟି ଆଣବିକ ବୋମା ପରୀକ୍ଷା କରିଥିଲା। ଏଥିପାଇଁ 'ଅପରେଶନ୍ ଶକ୍ତି' ନାମରେ ଏକ କୋଡ ରଖାଯାଇଥିଲା। ତନ୍ମଧ୍ୟରୁ ଗୋଟିଏ ଫ୍ୟୁଜନ୍ ବୋମା ହୋଇଥିବା ବେଳେ ଅନ୍ୟଟି ଫିସିଅନ୍। ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଏକ ଖବରଦାତା ସମ୍ମିଳନୀ ଡାକି ଭାରତ ଏକ ସ୍ୱୟଂସମ୍ପୂର୍ଣ୍ଣ ଆଣବିକ ରାଷ୍ଟ୍ର ବୋଲି ଘୋଷଣା କରିଥିଲେ।

୨୦୧୩ ମେ ୧୧ରେ ତୁର୍କିର ରେହନାଲିରେ ଦୁଇଟି କାର୍ ବୋମା ବିସ୍ଫୋରଣ ଯୋଗୁ ୫୨ ଲୋକଙ୍କ ମୃତ୍ୟୁ ଘଟିବା ସହିତ ୧୪୦ ଆହତ ହୋଇଥିଲେ। ଏହା ସିରିଆ ସୀମାଠାରୁ ୫ କିଲୋମିଟର ଦୂର ଏକ ବ୍ୟସ୍ତବହୁଳ ସହର। ପରେ ୧୨ ସନ୍ଦିଗ୍ଧ ତୁର୍କି ନାଗରିକଙ୍କୁ ଗିରଫ କରାଯିବା ପରେ ସିରିଆ ପ୍ରୋତ୍ସାହନରେ ଆକ୍ରମଣ ଘଟାଯାଇଥିବା ସେମାନେ ସ୍ୱୀକାର କରିଥିଲେ।




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହିତ ଅପରାହ୍ନରେ ବର୍ଷା ହେବା ସମ୍ଭାବନା ଅଛି। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୮.୩ | ୨୬.୧ |
| ଚାନ୍ଦବାଲି | ୩୯.୦ | ୨୭.୮ |
| କଟକ | ୩୭.୬ | ୨୬.୫ |
| ପାରାଦ୍ୱୀପ | ୩୨.୪ | ୨୮.୮ |
| ଭୁବନେଶ୍ୱର | ୩୬.୭ | ୨୮.୩ |
| ଗୋପାଳପୁର | ୩୨.୧ | ୨୭.୩ |
| ପୁରୀ | --- | --- |
| ଅନୁଗୋଳ | ୪୨.୧ | ୨୪.୬ |
| ବାରିପଦା | ୪୧.୪ | ୨୮.୪ |
| ଝାରସୁଗୁଡ଼ା | ୪୪.୮ | ୨୪.୪ |
| କେନ୍ଦୁଝର | ୪୧.୦ | ୨୫.୨ |
| ସମ୍ବଲପୁର | ୪୫.୧ | ୨୫.୫ |
| ସୁନ୍ଦରଗଡ଼ | ୪୧.୫ | ୨୩.୦ |
| ହୀରାକୁଦ | ୪୪.୧ | ୨୪.୩ |
| ତାଳଚେର | ୪୧.୮ | ୨୭.୦ |
| ଭବାନୀପାଟଣା | --- | --- |
| ବଲାଙ୍ଗୀର | --- | ୨୭.୦ |
| କୋରାପୁଟ | ୩୮.୦ | ୨୨.୨ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୪୫.୫ | ୨୫.୫ |
| ମାଲକାନଗିରି | ୪୪.୪ | ୨୪.୦ |
| ସୋନପୁର | ୪୫.୪ | ୨୪.୦ |
| ଦାରିଙ୍ଗିବାଡ଼ି | ୩୮.୫ | ୨୨.୦ |

ଡିଗ୍ରୀ ସେଲ୍‌ସିୟସ୍

## କରୀନାଙ୍କ ଶିଶୁ ସ୍ୱାସ୍ଥ୍ୟ ସଚେତନତା ଅଭିଯାନ



**ମୁମ୍ବାଇ:** ମେ ୧୨ରେ ମାତୃଦିବସ ପାଳିତ ହେଉଥିବାବେଳେ ଅଭିନେତ୍ରୀ କରୀନା କପୁର ଖାନ୍ ଶିଶୁ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନ ହେବାକୁ ମା'ମାନଙ୍କୁ ପରାମର୍ଶ ଦେଇଛନ୍ତି। କରୀନା ଜଣେ ପୁତ୍ର ସନ୍ତାନର ଜନନୀ ହୋଇଥିବାରୁ ପ୍ରତ୍ୟେକ ନବଜାତ ସନ୍ତାନକୁ ଠିକ୍ ସମୟରେ ଟିକାଦାନ କରି ସେମାନଙ୍କ ରୋଗମୁକ୍ତ ରଖିବାକୁ ସେ ପରାମର୍ଶ ଦେଇଛନ୍ତି। ଅଭିନେତ୍ରୀ କରୀନା ୟୁନିସେଫର ଏକ କାର୍ଯ୍ୟକ୍ରମ ରେଡିଓଫୋରଚାଇଲ୍ଡ ଆୱାର୍ଡ ୨୦୧୯ର ତୃତୀୟ ସଂସ୍କରଣରେ ଯୋଗଦେବା ଅବସରରେ ଏହା ପ୍ରକାଶ କରିଛନ୍ତି। ୟୁନିସେଫ୍‌ର ସେଲିବ୍ରିଟି ଆଡଭୋକେଟ୍ ଭାବରେ ମାତୃଦିବସରେ ପିଲାଙ୍କୁ ବଞ୍ଚାଇ ରଖିବା ଲାଗି ସେ ସବୁ ମା'ମାନଙ୍କୁ ଅନୁରୋଧ କରିଛନ୍ତି। କୌଣସିଠାରେ ଓ କୌଣସି ପରିସ୍ଥିତିରେ ଶିଶୁ ଜନ୍ମ ହୋଇଥାଆନ୍ତୁ ନା କାହିଁକି ସେମାନେ ବଞ୍ଚିରହିବା ଦରକାର। ଦେଶରେ ରେଡିଓ ଜକିମାନଙ୍କୁ ଧନ୍ୟବାଦ ଯେ, ସେମାନେ ଅବିଶ୍ରାନ୍ତ ଭାବରେ ଶିଶୁ ସ୍ୱାସ୍ଥ୍ୟର ଗୁରୁତ୍ୱ , ଟିକାଦାନ ସମ୍ପର୍କରେ ବିଶେଷକରି ଯୁବତୀ ମା'ମାନଙ୍କୁ ସଚେତନ କରାଇବା ସହିତ ୟୁନିସେଫ୍‌ର ବାର୍ତ୍ତା ପ୍ରଚାର ପ୍ରସାର କରୁଛନ୍ତି। ଅଭିନୟକୁ ଛାଡିଦେଲେ କରୀନା ରେଡିଓ ଜକିର ଟୋପି ପିନ୍ଧି ଶିଶୁ ସ୍ୱାସ୍ଥ୍ୟ ସଚେତନତାର ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଉଛନ୍ତି। ଏଥିପାଇଁ ରେଡିଓଫୋରଚାଇଲ୍ଡ ଆୱାର୍ଡ ୨୦୧୯ର ଅଂଶୀଦାର ହୋଇଥିବାରୁ ସେ ଖୁସି ଥିବା ପ୍ରକାଶ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ହୋଇଥିବା ଅନେକ ରେଡିଓ ଜକି ମଧ୍ୟ ଯୋଗ ଦେଇଥିଲେ।



ବିଶ୍ରାମର ମାତ୍ରା ଯଦି ଅଧିକ ହୋଇଗଲା ତେବେ ସେହି ବିଶ୍ରାମ ହିଁ କଷ୍ଟଦାୟକ ହୋଇଉଠେ।

- ହୋମର

## ଆଜି କ'ଣ କେଉଁଠି

**ବଲାଙ୍ଗୀର**

■ସଙ୍ଗୀତ ମହାବିଦ୍ୟାଳୟ ସ୍ୱରଝଙ୍କାରର ଏକବିଂଶତମ ସାମ୍ବତ୍ସରିକ ସମାରୋହ, ଟାଉନ୍ ହଲ, ବଲାଙ୍ଗୀର, ସନ୍ଧ୍ୟା ୬ଟା ୩୦ ମିନିଟ୍।

**ଲୋଇସିଂହା**

■୭୨ପ୍ରହର ନାମଯଜ୍ଞ, କୁଶଙ୍ଗ ବସ୍ତି,ଅହୋରାତ୍ର।

**ବରଗଡ଼**

■କଟାପାଲି ରାମଲୀଳା ଯାତ୍ରା ମହୋତ୍ସବ, କଟାପାଲି ରାମଜୀ ମଣ୍ଡପ ସମ୍ମୁଖ ମଞ୍ଚ, ସନ୍ଧ୍ୟା ୭ଟା।

■ଶୀତଳଷଷ୍ଠୀ ମହୋତ୍ସବ ପ୍ରସ୍ତୁତି ବୈଠକ, ଗୌରୀଶଙ୍କର ମନ୍ଦିର (ୱାର୍ଡ଼ ନଂ-୧୦), ସନ୍ଧ୍ୟା ୬ଟା।

■ରାମାୟଣ ପାରାୟଣ, ସରଣ୍ଡା ମହାପାତ୍ରପଡ଼ା କଲ୍ୟାଣ ମଣ୍ଡପ, ପୂର୍ବାହ୍ନ ୮ଟାରୁ ରାତ୍ରି ୮ଟା।

■ରାମାୟଣ ପାରାୟଣ, ସନ୍ଧିବାହାଲ(ଗାଇସିଲେଟ୍), ପୂର୍ବାହ୍ନ ୯ଟା।

**ହରଭଙ୍ଗା**

■ତୃତୀୟ ବୈଶାଖୀ ଶନି ଜାଗର ମେଳା, ଆଡେଣୀଗଡ, ସକାଳ ୯ଟା ।

ଗ୍ରହରାଜ ଶନିଦେବଙ୍କ ଯଜ୍ଞ, ଠିଡିକାଯୋର, ଅପରାହ୍ନ ୪ଟା।

ନୂଆପଡ଼ା

■ଶନିଶ୍ଚରଦେବଙ୍କ ମହାଯଜ୍ଞ, ଉଦ୍ୟାନବନ୍ଧ,ପୂର୍ବାହ୍ନ ୯ଟା ।

**ରାଉରକେଲା**

■କମ୍ୟୁନିଷ୍ଟ ନେତା ଦୂତୀକୃଷ୍ଣ ପଣ୍ଡାଙ୍କ ସ୍ମୃତି ସଭା, ବସ୍ତିଆ ଭବନ, ସନ୍ଧ୍ୟା ୬ଟା।




# କୋଚିଲାଖାଇ ଫଳ ପାଣି ପିଇ ଜଣେ ମୃତ, ୨ ଗୁରୁତର

**ବାସୁଦେବପୁର, ୧୦।୫ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଖରିଦା ବିନାୟକପୁର ପଞ୍ଚାୟତ ୮ ନମ୍ବର ୱାର୍ଡର ମଳିକସାହି ବସ୍ତିରେ ଶୁକ୍ରବାର ପୂର୍ବାହ୍ନରେ ବିଷାକ୍ତ କୋଚିଲାଖାଇ ଫଳର ସିଝାପାଣି ପିଇ ଏକ ପରିବାରର ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଏହି ବସ୍ତିର ଉଗ୍ରସେନ ମଳିକଙ୍କ ପୁଅ ଯତୀନ(୨୩)। ଗୁରୁତରଦ୍ୱୟ ହେଲେ ଯତୀନଙ୍କ ଭାଇ ଅଗସ୍ତି(୩୦) ଓ ପୁତୁରା ମହେଶ(୩)। ଅସୁସ୍ଥ ଅଗସ୍ତିଙ୍କୁ ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଥିବା ବେଳେ ଶିଶୁପୁତ୍ର ମହେଶଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଚିକିତ୍ସା କରାଯାଉଛି।

ସୂଚନା ଅନୁଯାୟୀ, ଏହି ପରିବାରର ଜଣେ ବୟସ୍କ ମହିଳା ଚର୍ମରୋଗର ଚିକିତ୍ସା ପାଇଁ କୋଚିଲାଖାଇ ଫଳ ଆଣି ତାକୁ ସିଝାଇ ପାଣିକୁ ଏକ ପାତ୍ରରେ ରଖିଥିଲେ। ଏହି ପାଣିକୁ ଚା' ଭାବି ଯତୀନ, ଅଗସ୍ତି ଓ ମହେଶ ପିଇ ଦେଇଥିଲେ। ଏହାପରେ ସେମାନେ ଅସୁସ୍ଥ ଅନୁଭବ କରିବାରୁ ଚିକିତ୍ସା ଲାଗି ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ଯତୀନଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ବାସୁଦେବପୁର ଡାକ୍ତରଖାନାରେ ରଖାଯାଇଛି। ଉକ୍ତ ଗ୍ରାମରେ ଏଭଳି ଅଘଟଣ ଘଟିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## କଫସିରପ ଜବତ, ଜଣେ ଗିରଫ

**ସମ୍ବଲପୁର,୧୦।୫(ବ୍ୟୁରୋ)**

ସମ୍ବଲପୁର ଧନୁପାଲି ଥାନା ପୋଲିସ କଫସିରପ କାରବାର ଅଭିଯୋଗରେ ସୁନାପାଲି ଅଞ୍ଚଳର ଅବଦୁଲ ରହିମଙ୍କୁ ଗିରଫ କରିଛି । ଅବଦୁଲଙ୍କ ନିକଟରୁ ୪ ବୋତଲ କଫସିରପ ଜବତ କରି ଏକ ମାମଲା (ନଂ.୧୬୭/୧୯)ରୁଜୁ କରିଛି।




■ ଶ୍ରୀମନ୍ଦିର, ସୂର୍ଯ୍ୟମନ୍ଦିର ପରିଦର୍ଶନ କଲେ ଏଏସ୍ଆଇ ଡିଜି

# ରଥଯାତ୍ରା ପୂର୍ବରୁ ସରିବ ଶ୍ରୀମନ୍ଦିର ମରାମତି

**ପୁରୀ ଅଫିସ,୧୦।୫**

ବାତ୍ୟା 'ଫନୀ'ରେ ପୁରୀ ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଅନେକ ଘର, ବିଦ୍ୟୁତ୍ ଖୁଣ୍ଟ, ଗଛ, ଟାୱାର ଆଦି ଭାଙ୍ଗିପଡ଼ିଥିବାବେଳେ ବିଭିନ୍ନ ମନ୍ଦିର ମଧ ପ୍ରଭାବିତ ହୋଇଛି। ତେବେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ଶ୍ରୀମନ୍ଦିର। ସେହିପରି କୋଣାର୍କ ସୂର୍ଯ୍ୟମନ୍ଦିର ପରିସରରେ ମଧ ତାଣ୍ଡବ ରଚିଛି 'ଫନୀ'। ଶୁକ୍ରବାର ଏଏସ୍ଆଇ ଡିଜି ଡ. ଉଷା ଶର୍ମା ଶ୍ରୀମନ୍ଦିର ଓ କୋଣାର୍କ ମନ୍ଦିର ପରିଦର୍ଶନ କରି କ୍ଷୟକ୍ଷତିର ଅନୁଧାନ କରିଛନ୍ତି। ଶ୍ରୀମନ୍ଦିରରେ ଯାହା କ୍ଷୟକ୍ଷତି ଘଟିଛି ରଥଯାତ୍ରା ପୂର୍ବରୁ ସେ ସବୁର ମରାମତି କରାଯିବ। ସେହିପରି ଆସନ୍ତା ୨/୩ ଦିନ ମଧରେ ପର୍ଯ୍ୟଟକଙ୍କ ପାଇଁ କୋଣାର୍କ ସୂର୍ଯ୍ୟମନ୍ଦିର ଖୋଲିବ ବୋଲି କହିଛନ୍ତି ଏଏସ୍ଆଇ ଡିଜି।

ବାତ୍ୟାରେ ଶ୍ରୀମନ୍ଦିରରେ ହୋଇଥିବା କ୍ଷୟକ୍ଷତିର ତଦାରଖ ଲାଗି ଅପରାହ୍ନରେ ଡିଜି ଶର୍ମାଙ୍କ ନେତୃତ୍ୱରେ ଏଏସ୍ଆଇର ଏକ ଟିମ୍ ପହଞ୍ଚିଥିଲେ। ଶର୍ମାଙ୍କ ସମେତ ଏହି ଟିମ୍‌ର ସଦସ୍ୟମାନେ ଶ୍ରୀମନ୍ଦିର ଓ ଏହା ପରିସରସ୍ଥ ଅନ୍ୟାନ୍ୟ ମନ୍ଦିର ବୁଲି ଦେଖିଥିଲେ। ଏଥିସହ ମୁଖ୍ୟ ମନ୍ଦିରର ଭାଙ୍ଗିଥିବା ସିଂହ, ଲୁହାଭାରା ମାଡ଼ରେ କ୍ଷତିଗ୍ରସ୍ତ ହୋଇଥିବା ସ୍ଥାନ, ଗର୍ଭଗୃହରେ କିପରି ପାଣି ଗଳିଲା, ସିଂହଦ୍ୱାର ପ୍ରବେଶ ପଥରେ ଭାଙ୍ଗିଯାଇଥିବା ମୂର୍ତ୍ତି ପ୍ରଭୃତି ଅନୁଧାନ କରିଥିଲେ। ବିଶେଷକରି ଏଏସ୍ଆଇ ପକ୍ଷରୁ ବନ୍ଧାଯାଇଥିବା ଲୁହାଭାରା କିପରି ଶ୍ରୀମନ୍ଦିରକୁ ଅଧିକ କ୍ଷତି ପହଞ୍ଚାଇଛି ସେ ନେଇ ଏଏସ୍ଆଇ ଡିଜିଙ୍କୁ ମଧ ଅବଗତ କରାଯାଇଥିଲା।

**୨/୩ ଦିନ ମଧରେ କୋଣାର୍କ ମନ୍ଦିର ବୁଲିପାରିବେ ପର୍ଯ୍ୟଟକ**



ଏଏସ୍ଆଇ ଡିଜି ଡ. ଉଷା ଶର୍ମା ଶ୍ରୀମନ୍ଦିର ପରିଦର୍ଶନ କରି ଫେରୁଛନ୍ତି।

ଅନୁଧାନ କରିବା ପରେ ଡିଜି ଶର୍ମା କହିଛନ୍ତି, ଶ୍ରୀମନ୍ଦିରରେ ଯାହା କ୍ଷୟକ୍ଷତି ଘଟିଛି ସେ ସବୁର ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯିବ। ଏଏସ୍ଆଇର ବରିଷ୍ଠ ଅଧିକାରୀମାନେ କ୍ୟାମ୍ପ କରି କାମର ତଦାରଖ କରିବେ। ରଥଯାତ୍ରା ପୂର୍ବରୁ ମରାମତି କାମ ଶେଷ କରିବାକୁ ଉଦ୍ୟମ କରାଯିବ ବୋଲି ଡିଜି ସୂଚନା ଦେଇଛନ୍ତି। ଅନୁଧାନ ପରେ ଏଏସ୍ଆଇ ଡିଜି ଏବଂ ଅନ୍ୟ ପଦାଧିକାରୀମାନେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ କରିଥିଲେ। ଏଥିରେ ମନ୍ଦିରର ବିଭିନ୍ନ କାମ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା।

ଅନ୍ୟପକ୍ଷରେ ଶ୍ରୀମନ୍ଦିର ପରିଦର୍ଶନ କରିବା ପୂର୍ବରୁ ଡିଜି ଶର୍ମା ଏବଂ ଏଏସ୍ଆଇ ଟିମ୍ କୋଣାର୍କ ସୂର୍ଯ୍ୟମନ୍ଦିର ବୁଲିଥିଲେ। ବାତ୍ୟା ଫନୀରେ କୋଣାର୍କ ମନ୍ଦିରରେ କ'ଣ କ'ଣ କ୍ଷତି ଘଟିଛି ତାହା ଅନୁଧାନ କରିଥିଲେ। ତେବେ ମନ୍ଦିରରେ କୌଣସି ଢାଞ୍ଚାଗତ କ୍ଷତି ଘଟିନାହିଁ। ମନ୍ଦିର ପରିସରରେ ୨୦୦ରୁ ଊର୍ଦ୍ଧ୍ୱ ଗଛ ଭାଙ୍ଗିପଡ଼ିଛି। ଆବଶ୍ୟକ କାମ ସରିବା ପରେ ୨/୩ଦିନ ମଧରେ ପର୍ଯ୍ୟଟକ ସୂର୍ଯ୍ୟମନ୍ଦିର ବୁଲି ଦେଖିପାରିବେ ବୋଲି ଏଏସ୍ଆଇ ପକ୍ଷରୁ କୁହାଯାଇଛି। ୧୫ଦିନ ମଧରେ କୋଣାର୍କ ମନ୍ଦିର ସ୍ୱାଭାବିକ ଅବସ୍ଥାକୁ ଫେରିବ ବୋଲି ଏଏସ୍ଆଇ ଡିଜି ଶର୍ମା କହିଛନ୍ତି। ତେବେ ଶ୍ରୀମନ୍ଦିର ମରାମତି ପାଇଁ ଏଏସ୍ଆଇ ପକ୍ଷରୁ ଲୁହା ଭାରା ବନ୍ଧାଯାଇଥିଲା। ବର୍ତ୍ତମାନ କୌଣସି କାମ ଚାଲି ନ ଥିବାବେଳେ ଏହି ଭାରା ଖୋଲାଯାଇ ନ ଥିଲା। ଫଳରେ ବାତ୍ୟାରେ ଏହି ଲୁହାଭାରା ମାଡ଼ରେ ମୁଖ୍ୟ ମନ୍ଦିରର ସିଂହମୂର୍ତ୍ତି ଭାଙ୍ଗିବା ସହ ଅନ୍ୟାନ୍ୟ କ୍ଷୟକ୍ଷତିର କାରଣ ସାଜିଥିଲା। ଏହାକୁ ନେଇ ଏଏସ୍ଆଇକୁ ସମାଲୋଚିତ ହେବାକୁ ପଡ଼ିଥିଲା। ଏହାପରେ ଡିଜି ଶର୍ମା ଶ୍ରୀମନ୍ଦିର ପରିଦର୍ଶନ କରି କ୍ଷୟକ୍ଷତିର ଅନୁଧାନ କରିଛନ୍ତି।

# ପୁରୀ ଜିଲାକୁ ୧୦୦୦ କିଲୋଲିଟର ଅତିରିକ୍ତ କିରୋସିନ ଦିଅ

## ଧର୍ମେନ୍ଦ୍ରଙ୍କୁ ଚିଠି ଲେଖିଲେ ନବୀନ

**ଭୁବନେଶ୍ୱର,୧୦।୫(ବ୍ୟୁରୋ)**

ସାମୁଦ୍ରିକ ଝଡ ଫନୀ ଦ୍ୱାରା ପୁରୀ ଜିଲା ବହୁଳ ଭାବେ ପ୍ରଭାବିତ ହୋଇଛି। ଯୁଦ୍ଧକାଳୀନ ଭିତ୍ତିରେ ରିଲିଫ ବଣ୍ଟନ ଏବଂ ପୁନରୁଦ୍ଧାର କାର୍ଯ୍ୟ ଚାଲିଛି। ଜିଲାର ଶକ୍ତି ଭିତ୍ତିଭୂମି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ସବୁ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ତୁରନ୍ତ ସମ୍ଭବ ନୁହେଁ। ତେଣୁ ଜିଲାବାସୀଙ୍କ ପାଇଁ କିରୋସିନର ଆବଶ୍ୟକତା ରହିଛି। ଏହି ମର୍ମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଚିଠି ଲେଖିଛନ୍ତି। ପୂର୍ବ କୋଟା ସହ ଅତିରିକ୍ତ ୧୦୦୦ କିଲୋଲିଟର କିରୋସିନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ପୁରୀ ଜିଲା ପାଇଁ ଏହା ଏକ ଜରୁରିକାଳୀନ ପରିସ୍ଥିତି ହୋଇଥିବାରୁ ତୈଳ କମ୍ପାନୀମାନେ ମାଗଣାରେ ଡିଲରମାନଙ୍କୁ କିରୋସିନ ଯୋଗାଇବା ପାଇଁ ଚିଠିରେ ଉଲ୍ଲେଖ କରାଯାଇଛି। ଏହା ଦ୍ୱାରା ଜନସାଧାରଣଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣାରେ କିରୋସିନ ବଣ୍ଟନ କରାଯାଇପାରିବ। ମେ' ମାସରେ ପୂର୍ବ କୋଟା ସହ ଏହି ଅତିରିକ୍ତ କିରୋସିନ ବଣ୍ଟାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।




# ବାତ୍ୟା ମୁକାବିଲାରେ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ

**ଭୁବନେଶ୍ୱର,୧୦।୫(ବ୍ୟୁରୋ):** ଫନୀକୁ ୭ ଦିନ ବିତିଛି। ମାତ୍ର ପ୍ରଶାସନର ସ୍ଥାଣୁତା, ଅପାରଗତା ଯୋଗୁ ଏବେ ସୁଦ୍ଧା ବାସହୀନ ଓ ଭୋକିଲା ପରିବାରକୁ କୌଣସି ସହାୟତା ମିଳିନାହିଁ। ରାଜ୍ୟର ୧୪ ଜିଲାର ୮୮ବ୍ଲକ ଏହି ବାତ୍ୟା ପ୍ରଭାବରେ ପ୍ରଭାବିତ ହୋଇଛି। ରାଜଧାନୀ ସମେତ କଟକ ଏବଂ ପୁରୀ ଅଧିକ କ୍ଷତିଗସ୍ତ ହୋଇଛି । କେନ୍ଦ୍ରୀୟ ମେଟ୍ରୋଲୋଜି ବିଭାଗ ୭ଦିନ ପୂର୍ବରୁ ଚେତାବନୀ ଦେଇଥିଲା । କିନ୍ତୁ ରାଜ୍ୟ ସରକାର ଏବଂ ପ୍ରଶାସନ ନିର୍ବାଚନ ଶେଷ ହେବାପରେ ଆଉ କୌଣସି କର୍ତ୍ତ୍ୟବ ନ ଥିବା ମନେକରି ଶୋଇ ପଡିଥିଲେ । ଏତେ ବଡ଼ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିବାକୁ କୌଣସି ପଦକ୍ଷେପ ଗ୍ରହଣ କଲେ ନାହିଁ ବୋଲି ଭାଜପା ଅଭିଯୋଗ କରିଛି।

**ଏସ୍ଆରସିଙ୍କୁ ଭେଟିଲା ଭାଜପା ପ୍ରତିନିଧି ଦଳ**

ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶୁକ୍ରବାର ସ୍ୱତନ୍ତ୍ର ରିଲିଫ୍ କମିଶନ(ଏସ୍ଆରସି)ଙ୍କୁ ଭେଟି ଏହି ପ୍ରସଙ୍ଗରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବାତ୍ୟାର ୭ଦିନ ପରେ ମଧ ପ୍ରଶାସନର ଅପାରଗତା ଓ ସ୍ଥାଣୁତା ଯୋଗୁ ଲୋକଙ୍କୁ ପିଇବାକୁ ପାଣି ମିଳୁନାହିଁ, ବିଦ୍ୟୁତ୍ ସଂଯୋଗ ନାହିଁ, ଖାଦ୍ୟ ନାହିଁ, ଏବଂ ରହିବାକୁ କୌଣସି ପଲିଥିନ ମିଳିନାହିଁ ବୋଲି ସମୀର ମହାନ୍ତି କହିଛନ୍ତି।

# ଇଭିଏମ୍ ଷ୍ଟ୍ରଙ୍ଗରୁମ ଖୋଲାଯାଇଛି

## ଭାଜପାର ଅଭିଯୋଗ, କାର୍ଯ୍ୟାନୁଷ୍ଠାନ ଦାବି

**ଭୁବନେଶ୍ୱର,୧୦।୫(ବ୍ୟୁରୋ)**

ଗତ ୮ ତାରିଖରେ ଭୁବନେଶ୍ୱର ଲୋକ ସଭା କ୍ଷେତ୍ରର ଜଟଣୀ, ଏକାମ୍ର, ମଧ ଓ ଉତ୍ତର ଭୁବନେଶ୍ୱର, ଜୟଦେବ ବିଧାନସଭା ନିର୍ବାଚନମଣ୍ଡଳୀର ସମସ୍ତ ଇଭିଏମ୍ ଥିବା ଷ୍ଟ୍ରଙ୍ଗରୁମକୁ ଖୋଲା ଯାଇଥିଲା । ଭାଜପା ବିଧାୟକ ପ୍ରାର୍ଥୀମାନଙ୍କ ଅନୁପସ୍ଥିତିରେ ଏହି ଇଭିଏମ୍ ଷ୍ଟ୍ରଙ୍ଗରୁମ ଖୋଲାଯାଇଥିଲା, ଯାହା ଭାରତୀୟ ଜନ ପ୍ରତିନିଧି ଆଇନ ୧୯୫୦ ଧାରା ୪୯ ଅନୁସାରେ ବେଆଇନ । ଶାସକ ବିଜେଡି ପ୍ରାର୍ଥୀଙ୍କ ପରାଜୟ ସୁନିଶ୍ଚିତ ଥିବାରୁ ଜିଲା ପ୍ରଶାସନ ଶାସକ ଦଳକୁ ଜିତାଇବା ପାଇଁ ଇଭିଏମ୍ ଖୋଲି ଟାମ୍ପରିଂ କରିବାକୁ ଏହି ଷଡ଼ଯନ୍ତ୍ର କରିଛନ୍ତି ବୋଲି ଭାଜପା ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଗୋଲକ କହିଛନ୍ତି, ଗତ ୭ରେ ଚିଠି ଜାରି କରି ଜିଲା ପ୍ରଶାସନ ତରବରିଆ ଭାବେ ୮ ତାରିଖ ସକାଳ ୧୦ଟାରେ ଇଭିଏମ୍ ଥିବା ଷ୍ଟ୍ରଙ୍ଗରୁମ୍ ଖୋଲିଲା। ଏହା ପଛରେ ଯଥାର୍ଥତା କ'ଣ ରହିଛି ତା'ର ଉତ୍ତର ରଖନ୍ତୁ। ଚିଠି ଜାରି କରିବାର ମାତ୍ର କେଇ ଘଣ୍ଟା ପରେ ଇଭିଏମ୍ ଷ୍ଟ୍ରଙ୍ଗରୁମ୍ ଖୋଲିବା ଏକ ବଡ ସନ୍ଦେହ ସୃଷ୍ଟି କରୁଛି । କାହିଁକି ଇଭିଏମ୍ ଷ୍ଟ୍ରଙ୍ଗରୁମ ଖୋଲିବା ପୂର୍ବରୁ ସମସ୍ତ ବିଧାୟକ ଓ ଏମ୍‌ପି ପ୍ରାର୍ଥୀମାନଙ୍କୁ ସୂଚନା ଦିଆଯାଇ ନ ଥିଲା, ଏହା ଏକ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ତୁରନ୍ତ ଏହି ଘଟଣା ଉପରେ ହସ୍ତକ୍ଷେପ କରି ଜିଲା ପ୍ରଶାସନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାସହ ଇଭିଏମ୍ ଥିବା ଷ୍ଟ୍ରଙ୍ଗରୁମର ସୁରକ୍ଷା ଦୃଢ଼ ନିଶ୍ଚିତ କରନ୍ତୁ ବୋଲି ଗୋଲକ କହିଛନ୍ତି।





କଥା କହିବାର ଶୈଳୀ ଏମିତି ରଖ ଯେ, ଅନ୍ୟମାନେ ତୁମ କଥା ଶୁଣିବାକୁ ବ୍ୟାକୁଳ ହେବେ। କଥା ଶୁଣିବାର ଶୈଳୀ ଏମିତି ରଖ ଯେ, ଅନ୍ୟମାନେ ତୁମକୁ ପ୍ରତ୍ୟେକ କଥା କହିବେ।
- ଚାଣକ୍ୟ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଶ୍ରୀରାମ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଇଣ୍ଡିଆନ୍ ନେଭିର କମ୍ୟୁନିଟି କିଚେନ୍, ରିଲିଫ ପ୍ରଦାନ



ଭାରତୀୟ ନୌସେନା ପକ୍ଷରୁ ରିଲିଫ୍ ଦିଆଯାଉଛି ।

**ଭୁବନେଶ୍ୱର,୧୦।୫(ବ୍ୟୁରୋ)**

ପୂର୍ବ ନୌସେନା କମାଣ୍ଡ ଅଧୀନରେ ଥିବା ଭାରତୀୟ ନୌସେନା ପକ୍ଷରୁ ଫନୀ ପ୍ରଭାବିତ ଅଞ୍ଚଳରେ ରିଲିଫ୍ କାର୍ଯ୍ୟକୁ ଜୋରଦାର୍ କରାଯାଇଛି। ଓଡ଼ିଶା ଦାୟିତ୍ୱରେ ଥିବା ନୌସେନା ଅଧିକାରୀଙ୍କ ମାଧ୍ୟମରେ ଗତ ୩ତାରିଖଠାରୁ ଉଦ୍ଧାର କାର୍ଯ୍ୟ ସହ ରିଲିଫ୍ ପ୍ରଦାନ କାର୍ଯ୍ୟ ଜାରି ରହିଛି। ଭାରତୀୟ ସେନାର ପ୍ରଥମ ସେନା ବିଭାଗ ଭାବେ ନୌସେନା ରାଜ୍ୟର ବାତ୍ୟା ପ୍ରଭାବିତ ଅଞ୍ଚଳ ଯଥା ଗଞ୍ଜାମ, ଖୋର୍ଦ୍ଧା ଓ ପୁରୀ ଜିଲାରେ ବିପନ୍ନଙ୍କୁ ସହାୟତା ପ୍ରଦାନ କରୁଛି। ଏହାସହ କମ୍ୟୁନିଟି କିଚେନ୍ ମାଧ୍ୟମରେ ୭ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ଖାଦ୍ୟ, ପାନୀୟ ଜଳ ସହ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଉଛି। ବ୍ରହ୍ମଗିରି, ଉତ୍କଳ ବାଳାଶ୍ରମ, ଲଙ୍କା ସାହି, ଶ୍ରୀରାମପୁର, ସଦର ଛକ, ପୁରୀ ବ୍ଲକ ଅଫିସ ଅଞ୍ଚଳ, ରାମ ମନ୍ଦିର ଛକ, ତେଲୁଗୁ ସାହି, ନରେନ୍ଦ୍ରକୋଣ, ରାମଚଣ୍ଡୀ ସାହି, ବିଜୟ ନଗର, ବଳିଆ ପଣ୍ଡା, ମଙ୍ଗଳା ସାହି ଓ ପେଣ୍ଠକଟା ଭଳି ଅଞ୍ଚଳରେ କମ୍ୟୁନିଟି କିଚେନ୍ ଖୋଲାଯାଇଛି।

କେବଳ ରିଲିଫ୍ ନୁହେଁ, ଇଣ୍ଡିଆନ୍ ନେଭି ପକ୍ଷରୁ ପୁରୀ ଏବଂ ଚିଲିକା ଅଞ୍ଚଳର ବିଭିନ୍ନ ସ୍ଥାନରେ ରାସ୍ତା ସଫା ସହ ଗଛକଟା କାର୍ଯ୍ୟ କରାଯାଉଛି। ଜଙ୍ଗଲ ବିଭାଗ ସହ ମିଶି ନୌସେନା ଏହି କାର୍ଯ୍ୟ କରୁଛି। ଏଥିସହିତ ପୁରୀ ଓ ଖୋର୍ଦ୍ଧା ଜିଲାର ବିଭିନ୍ନ ଗ୍ରାମରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ମଧ୍ୟ ଯୋଗାଇ ଦିଆଯାଉଛି। ଗତ ୭ ଓ ୯ତାରିଖରେ ଭୁବନେଶ୍ୱର ମହାନଗର ନିଗମ ସହାୟତାରେ ନୌସେନାର ଏକ ସ୍ୱତନ୍ତ୍ର ଟିମ୍ ପାନୀୟଜଳ ସମସ୍ୟା ଥିବା ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ୯ ହଜାରରୁ ଅଧିକ ପାଣି ବୋତଲ ଓ ବିସ୍କୁଟ୍ ପ୍ୟାକେଟ୍ ଯୋଗାଇ ଦେଇଛି। ରିଲିଫ୍ କାର୍ଯ୍ୟରେ ଯେକୌଣସି ପ୍ରକାର ସହାୟତା ଯୋଗାଇଦେବାକୁ ଇଣ୍ଡିଆନ୍ ନ୍ୟାଭିର ସ୍ୱତନ୍ତ୍ର ଏୟାରକ୍ରାଫ୍ଟ ଓ ଜାହାଜକୁ ପୁରୀ ସମୁଦ୍ର ଉପକୂଳରେ ରଖାଯାଇଛି।

# ବଦଳିଲେ ପୁରୀ ଜିଲା ଲୋକସମ୍ପର୍କ ଅଧିକାରୀ

**ଭୁବନେଶ୍ୱର, ୧୦।୫(ବ୍ୟୁରୋ)**

ପୁରୀ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳଙ୍କୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ କଳାହାଣ୍ଡି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୁରବୀର ସିଂଙ୍କୁ ନିଯୁକ୍ତି ଦିଆଯାଇଛି। ବିଶ୍ୱାଳଙ୍କୁ କଳାହାଣ୍ଡିକୁ ବଦଳି କରାଯାଇଛି। ସେହିପରି ଖୋର୍ଦ୍ଧା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ତାପସ କୁମାର ସାହାଙ୍କୁ ନିଯୁକ୍ତ କରାଯାଇଛି। ତୁରନ୍ତ କାର୍ଯ୍ୟରେ ଯୋଗ ଦେବା ପାଇଁ ସେହି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ପ୍ରଥମ ପୃଷ୍ଠାରୁ...

### ମୋଦି ହାୱା କାମ କଲେ ...

ବିରୋଧରେ ଏକ ଜନମତ ସୃଷ୍ଟି ହୋଇଥିଲା। ଏହାକୁ ଆଧାର କରି ଭାଜପା ନିର୍ବାଚନ ଲଢିଥିଲା। ତେଣୁ ଯଦି ବିଜେଡି ବିରୋଧରେ ଥିବା ଜନମତ ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ଲୋକପ୍ରିୟତାକୁ ଆଧାର କରି ମତାଦାତାଙ୍କୁ ଭାଜପାର ତୃଣମୂଳ କର୍ମୀମାନେ ଉତ୍ସାହିତ କରି ଭୋଟଦାନ କେନ୍ଦ୍ରକୁ ନେଇ ପାରିଥିବେ, ତେବେ ଦଳ ସର୍ବାଧିକ ୧୦ରୁ ୧୨ ଲୋକ ସଭା ଆସନ ଜିତିବ ବୋଲି କୁହାଯାଇଛି। ଏହି ଆସନଗୁଡିକ ହେଉଛି- ବଲାଙ୍ଗୀର, କୋରାପୁଟ, ଭୁବନେଶ୍ୱର, ଆସ୍କା, ଢେଙ୍କାନାଳ, ସମ୍ବଲପୁର, ସୁନ୍ଦରଗଡ, ପୁରୀ, ମୟୂରଭଞ୍ଜ, କଳାହାଣ୍ଡି । ସେହିପରି କେନ୍ଦ୍ରାପଡା ଏବଂ ବାଲେଶ୍ୱରରେ ବିଜେଡି ସହ କଡା ଟକ୍କର ହୋଇଥିବା କୁହାଯାଇଛି। ଏହି ଦୁଇଟି ଆସନ ଫଳାଫଳ କମ୍ ବ୍ୟବଧାନରେ ଦଳ ସପକ୍ଷ କିମ୍ବା ବିପକ୍ଷରେ ଯାଇପାରେ ବୋଲି ଆକଳନ କରାଯାଇଛି। ସେହିପରି ଭାଜପା ପକ୍ଷରୁ କରାଯାଇଥିବା ସର୍ଭେରେ କଟକ, ଜଗତ୍‌ସିଂହପୁର, ଭଦ୍ରକ, ନବରଙ୍ଗପୁର, ଯାଜପୁର, ବ୍ରହ୍ମପୁର, କେନ୍ଦୁଝର, କନ୍ଧମାଳ ଏବଂ ବରଗଡ ଲୋକ ସଭା ଆସନ ବିଜେଡିକୁ ଯାଇପାରେ ବୋଲି କୁହାଯାଇଛି।

ଅନୁରୂପ ଭାବେ ବିଧାନସଭାରେ ଯଦି ଭାଜପା ପ୍ରାର୍ଥୀମାନଙ୍କ ସପକ୍ଷରେ ମତ ଯାଇଥିବ, ତେବେ ଦଳ ସର୍ବାଧିକ ୬୧ରୁ ୬୮ ବିଧାନସଭା ଆସନ ଜିତିପାରେ ବୋଲି କୁହାଯାଉଛି। ଦଳ ପକ୍ଷରୁ ଭୋଟଦାନ ପରେ କରାଯାଇଥିବା ସର୍ଭେ ଅନୁଯାୟୀ ବଡମ୍ବା, କଟକ ସଦର, ବ୍ରହ୍ମଗିରି, ଚିଲିକା, ରଣପୁର, ନୟାଗଡ, ସୋରଡା, ପୋଲସରା, ଗୋପାଳପୁର, ଭବାନୀପାଟଣା, ଖରିଆର, ରାଇରଙ୍ଗପୁର, ବରୀ, ଜି. ଉଦୟଗିରି, ରେମୁଣା, ନୀଳଗିରି, ବାଲେଶ୍ୱର ସଦର, ବଡସାହି, ଭୁବନେଶ୍ୱର(ମଧ୍ୟ), ଚାନ୍ଦବାଲି, ପାଲଲହଡା ଏବଂ ଧାମନଗର ପ୍ରଭୃତି ବିଧାନସଭା ଆସନ ଜିତିବାର ସମ୍ଭାବନା ରହିଛି। ସେହିପରି ବିଜେଡି ପୂର୍ବରୁ ବୃହତ୍ ବ୍ୟବଧାନରେ ଜିତୁଥିବା ଭଞ୍ଜନଗର, ଧର୍ମଶାଳା, ମାହାଙ୍ଗା, ପିପିଲି, ଯାଜପୁରରେ ଭାଜପାଠାରୁ କଡା ମୁକାବିଲାର ସମ୍ମୁଖୀନ ହୋଇଥିବା ସର୍ଭେରୁ ଜଣାପଡିଛି। ଏମିତିକି କେନ୍ଦୁଝର ଜିଲା ଚମ୍ପୁଆ ବିଧାନସଭାରେ ଫଳାଫଳ ସମସ୍ତଙ୍କୁ ଚକିତ କରିପାରେ ବୋଲି ଆକଳନ କରାଯାଇଛି। ଚଳିତ ମାସ ୨୩ରେ ଫଳାଫଳ ସ୍ପଷ୍ଟ ହେବା ପରେ ଭାଜପାର ଆକଳନ କେତେ ଠିକ୍ ହୋଇଛି, ତାହା ଜଣାପଡିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

### ପୁରୀର ପ୍ରତି ବ୍ଲକର ...

ସମୟରେ ପୁରୀ ଜିଲାର ପ୍ରତ୍ୟେକ ବ୍ଲକର ୩ଟି ଶ୍ରେଷ୍ଠ ପଞ୍ଚାୟତକୁ ସରକାର ପ୍ରୋତ୍ସାହନ ରାଶି ପ୍ରଦାନ କରିବେ।

ପ୍ରଥମ ପୁରସ୍କାର ଭାବେ ୫ ଲକ୍ଷ ଟଙ୍କା, ଦ୍ୱିତୀୟ ପୁରସ୍କାର ଭାବେ ୩ ଲକ୍ଷ ଓ ତୃତୀୟ ପୁରସ୍କାର ଭାବେ ୨ ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ଭାବେ ପ୍ରଦାନ କରାଯିବ। ରିଲିଫ ଓ ପୁନରୁଦ୍ଧାର, ୧୦୦ ପ୍ରତିଶତ ପାନୀୟ ଜଳ ଯୋଗାଇବା, ରାସ୍ତା, ବିଭିନ୍ନ ଅନୁଷ୍ଠାନ, ଅଙ୍ଗନୱାଡି କେନ୍ଦ୍ରକୁ ସଫା କରିବା, ମାଗଣା ରୋଷେଇ କରି ବିପନ୍ନ ଲୋକଙ୍କୁ ଖାଇବାକୁ ଦେବା ଏବଂ ପରିମଳ ସେବାରେ ଉଲ୍ଲେଖନୀୟ ଭୂମିକା ନେଇଥିବା ପଞ୍ଚାୟତକୁ ଏହି ପୁରସ୍କାର ମିଳିବ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ସଚିବ ସଞ୍ଜୟ ସିଂ କହିଛନ୍ତି।

ବାତ୍ୟା ପରେ ପ୍ରଭାବିତ ଭଦ୍ରକ ଜିଲାର ଗ୍ରାମାଞ୍ଚଳକୁ ୧୦୦ ପ୍ରତିଶତ ପାନୀୟ ଜଳ ଯୋଗାଇ ଦିଆଯାଇଥିବା ବେଳେ କେନ୍ଦ୍ରାପଡା, ଯାଜପୁର, ଖୋର୍ଦ୍ଧା ଓ କଟକ ଜିଲାର କେତେକ ଗ୍ରାମାଞ୍ଚଳକୁ ୫୦ ପ୍ରତିଶତ ପାନୀୟ ଜଳ ଯୋଗାଇ ଦିଆଯାଇଛି। ଖୋର୍ଦ୍ଧା ଜିଲାରେ ୬୪.୬୧ ପ୍ରତିଶତ ଗ୍ରାମାଞ୍ଚଳ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଇଥିବା ବେଳେ ପୁରୀରେ ୨୭.୪ ପ୍ରତିଶତ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଇଛି। ଗ୍ରାମାଞ୍ଚଳରେ ବାତ୍ୟା ପରଠାରୁ ଏ ପର୍ଯ୍ୟନ୍ତ ୧୭୪୩ ପାନୀୟ ଜଳ ପ୍ରକଳ୍ପକୁ ଠିକ୍ କରାଯାଇଛି। ଆସନ୍ତା ୧୩ ତାରିଖ ସୁଦ୍ଧା ସମସ୍ତ ଗ୍ରାମାଞ୍ଚଳର ପାନୀୟ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ ବୋଲି ସିଂ ସୂଚନା ଦେଇଛନ୍ତି।

### ଭାରତର ମୁଖ୍ୟ ...

ଭାରତୀୟମାନେ ନିଜ ବୈଷମ୍ୟକୁ ନେଇ ଅତ୍ୟନ୍ତ ପ୍ରଭାବିତ। ମୋଦି କଂଗ୍ରେସ ନେତୃତ୍ୱାଧୀନ ଏକ ଦୁର୍ବଳ ବିରୋଧୀ ମେଣ୍ଟ ପାଇଥିବାରୁ ଭାଗ୍ୟବାନ। ବିରୋଧୀ କଂଗ୍ରେସ ବଂଶବାଦ ନୀତି ବ୍ୟତୀତ ବିଶେଷ କିଛି ଦେଇପାରିବ ନାହିଁ ବୋଲି ନିବନ୍ଧରେ ଉଲ୍ଲେଖ କରାଯାଇଛି। ଏଥିରେ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଧର୍ମନିରପେକ୍ଷ ବିଚାରଧାରା ସହ ମୋଦିଙ୍କ ଶାସନରେ ଦେଖାଦେଇଥିବା ସାମାଜିକ 'ଉତ୍ତେଜନା'କୁ ନେଇ ତୁଳନା କରାଯାଇଛି। ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ଭ୍ରାତୃଭାବ ବୃଦ୍ଧି ଦିଗରେ ମୋଦି ଆଗ୍ରହୀ ନ ଥିବା ଏଥିରେ କୁହାଯାଇଛି। ଏହାସହ ୨୦୦୨ରେ ଅନେକ ଜୀବନ ନେଇଥିବା ଗୁଜରାଟ ଦଙ୍ଗା ସମ୍ପର୍କରେ ମଧ୍ୟ ଆତିଶ ଅବତାରଣା କରିଛନ୍ତି। ମୋଦିଙ୍କୁ ନେଇ 'ଟାଇମ୍'ର ଏପରି ଉପସ୍ଥାପନା ପ୍ରଥମ ନୁହେଁ। ଏହା ପୂର୍ବରୁ ୨୦୧୨ରେ ଏହି ପତ୍ରିକା ତାଙ୍କୁ ଜଣେ ବିବାଦୀୟ, ମହତ୍ତ୍ୱାକାଂକ୍ଷୀ ଓ ଚାଲାକ ରାଜନେତା ଭାବେ ଅଭିହିତ କରିଥିଲା।

ଅନ୍ୟପକ୍ଷରେ ବ୍ରେମରଙ୍କ ନିବନ୍ଧରେ ମୋଦିଙ୍କ ଅର୍ଥନୈତିକ ରେକର୍ଡକୁ ମିଶ୍ରିତ ବୋଲି ଦର୍ଶାଯାଇଛି। ଭାରତ ଏବେ ମଧ୍ୟ ପରିବର୍ତ୍ତନ ଚାହୁଁଛି ଏବଂ ବିକାଶ ଆଣିବା ସକାଶେ ମୋଦିଙ୍କ ଉପରେ ଲୋକଙ୍କ ଭରସା ରହିଛି। ସେ ଚାଇନା, ଆମେରିକା ଓ ଜାପାନ ସହିତ ସମ୍ପର୍କରେ ଉନ୍ନତି ଆଣିଛନ୍ତି। ତାଙ୍କ ବିକାଶ କାର୍ଯ୍ୟସୂଚୀ ଭାରତର କୋଟି କୋଟି ଲୋକଙ୍କ ଜୀବନ ଓ ଭବିଷ୍ୟତ ବଦଳାଇବାରେ ସକ୍ଷମ ହୋଇଛି ବୋଲି ବ୍ରେମର ଲେଖିଛନ୍ତି।

### ଆରମ୍ଭରୁ...

ବୈଠକ ଯଥେଷ୍ଟ ବିଳମ୍ବରେ ଅର୍ଥାତ୍ ଗତ ଏପ୍ରିଲ ୩୦ତାରିଖରେ ଅନୁଷ୍ଠିତ ହୋଇଥିଲା। ସେହି ବୈଠକରେ ମେ ୮ତାରିଖରେ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ ବୋଲି ନିଷ୍ପତ୍ତି ହୋଇଥିଲା । ମାତ୍ର ରାଜ୍ୟର ଉପକୂଳ ଅଞ୍ଚଳକୁ ବାତ୍ୟା ଫନୀ ମାଡ଼ି ଆସିବା ଯୋଗୁ ସମ୍ବଲପୁର ଆରଡିସି ଜୋନସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ବସି ପାରି ନ ଥିଲା ଏବଂ ରବିଋତୁ ଧାନ ସଂଗ୍ରହ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ହୋଇ ପାରି ନ ଥିଲା। ତେବେ ଗତବର୍ଷ ରବିଋତୁ ଭଳି ଏଥର ମଧ୍ୟ ଏକର ପ୍ରତି ୨୬କୁଇଣ୍ଟାଲ ଧାନ କିଣାଯିବ ଏବଂ ୧୦ତାରିଖ ଅର୍ଥାତ୍ ଶୁକ୍ରବାରଠାରୁ ଏହା ଆରମ୍ଭ ହେବ ବୋଲି ଜିଲା ଯୋଗାଣ ଅଧିକାରୀ ମାଝି ସୂଚନା ଦେଇଥିଲେ । କିନ୍ତୁ ଶୁକ୍ରବାର ମଧ୍ୟ ଧାନକ୍ରୟ ପ୍ରକ୍ରିୟା ଆରମ୍ଭ ହୋଇପାରିନାହିଁ । ଅନ୍ୟପଟେ ଜିଲାର ମଣ୍ଡିଗୁଡ଼ିକରେ ବହୁ ପରିମାଣର ଧାନ ବିକ୍ରି ଅପେକ୍ଷାରେ ପଡ଼ିରହିଛି । ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆରଏମସି) ଅଧୀନ ମଣ୍ଡିଗୁଡ଼ିକରେ କେବଳ ୭୦ହଜାର ପ୍ୟାକେଟ୍ ଧାନ ପଡ଼ିରହିଥିବା ସୂଚନା ମିଳିଛି। ତନ୍ମଧ୍ୟରୁ ଗୋଡ଼ଭଗାରେ ୭ହଜାର, କାଦୋବାହାଲରେ ୨୨୦୦, ଅତାବିରାରେ ୧୦ହଜାର, ଥୁଆପାଲିରେ ୬୬୯, ଲରମ୍ଭାରେ ୩୩୭୫, ଖୁଣ୍ଟଲିପାଲିରେ ୪୧୩ ପ୍ୟାକେଟ ରହିଛି। ସେହିପରି ରୁଷୁଡ଼ା ମଣ୍ଡିରେ ମଧ୍ୟ ବହୁ ପରିମାଣର ଧାନ ବିକ୍ରି ନ ହୋଇ ପଡିରହିଛି । ବରଗଡ଼ ଆରଏମ୍‌ସି ଅଧୀନ ମଣ୍ଡିଗୁଡ଼ିକୁ ମଧ୍ୟ ବିକ୍ରି ପାଇଁ ନିୟମିତ ବହୁ ପରିମାଣର ଧାନ ଆସୁଛି। ଏପର୍ଯ୍ୟନ୍ତ ଉକ୍ତ ଆରଏମ୍‌ସି ଅଧୀନ କଲାପାଣି, ଗୁଡ଼େଶିରା ଏବଂ ବରଗଡ଼ ମଣ୍ଡିକୁ ସମୁଦାୟ ୨୦୩୨ ପ୍ୟାକେଟ୍ ଧାନ ଆସିଛି। ମାତ୍ର ସେଥିରେ ମଧ୍ୟ ଗୋଟିଏ ବି ପ୍ୟାକେଟ୍ ଧାନ ବିକ୍ରି ହୋଇ ପାରିନାହିଁ । ଧାନ କିଣାବିକା ଆରମ୍ଭରୁ ଏଭଳି ଅଚଳାବସ୍ଥା ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଆକସ୍ମିକ ବର୍ଷା ସମ୍ଭାବନା ଥିବା ଯୋଗୁ ତାକୁ ନେଇ ଚାଷୀ ଚିନ୍ତିତ ହୋଇ ପଡ଼ିଛି। ଅନ୍ୟପକ୍ଷେ ଧାନ କିଣାବିକାରେ ବିଳମ୍ବର ସୁଯୋଗକୁ ବେପାରୀମାନେ ହାତଛଡ଼ା କରୁନାହାନ୍ତି। ସାଧାରଣ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୧୭୫୦ ଟଙ୍କା ରହିଛି। ମାତ୍ର ବେପାରୀମାନେ ତାକୁ ୨୦୦ରୁ ୩୦୦ ଟଙ୍କା ପର୍ଯ୍ୟନ୍ତ କମ୍ ଦରରେ ଚାଷୀଙ୍କଠାରୁ କିଣୁଥିବା ଅଭିଯୋଗ ହୋଇଛି । ଜିଲାରେ ଧାନ କିଣାବିକା ପ୍ରକ୍ରିୟାକୁ ତୁରନ୍ତ ସ୍ୱାଭାବିକ କରା ନ ଗଲେ ଆଗକୁ ଚାଷୀ ଆହୁରି ଅଭାବୀ ବିକ୍ରିର ସମ୍ମୁଖୀନ ହେବା ଆଶଙ୍କା ପ୍ରକାଶ ପାଇଛି ।

### କିଛି ତଥ୍ୟ

ଦେଶର ୩୦୭୪ ଷ୍ଟେଶନରେ ରେଲ୍ ନୀର(ପାଣିବୋତଲ) ବିକ୍ରି ବାଧ୍ୟତାମୂଳକ ହୋଇଛି।
**-ଭାରତୀୟ ରେଲୱେ**

### ଆଇଆଇଏମ୍‌ସିରେ ନାମଲେଖା ଆବେଦନ ୧୫କୁ ବୃଦ୍ଧି

**ଢେଙ୍କାନାଳ ଅଫିସ, ୧୦।୫**

ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି)ରେ ୨୦୧୯-୨୦ ଶିକ୍ଷାବର୍ଷ ଲାଗି ସ୍ନାତକୋତ୍ତର ଡିପ୍ଲୋମା ବିଭାଗର ନାମଲେଖା ଆବେଦନ ତାରିଖ ମେ ୧୫କୁ ବୃଦ୍ଧି କରାଯାଇଛି। ଚଳିତ ୧୨ ତାରିଖ ନାମଲେଖା ଆବେଦନର ଶେଷଦିନ ରହିଥିଲା। ବାତ୍ୟା 'ଫନୀ'ରେ ଭାରତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଯୋଗାଯୋଗ ପ୍ରଭାବିତ ହୋଇଛି। ଏହି କାରଣରୁ ନାମଲେଖା ଆବେଦନକୁ ୧୫ ଯାଏ ବୃଦ୍ଧି କରାଯାଇଛି। ଇଂଲିଶ ଏବଂ ଓଡ଼ିଆ ସାମ୍ବାଦିକତା ପାଠ୍ୟକ୍ରମରେ ନାମ ଲେଖାଇବାକୁ ଇଚ୍ଛୁକ ଥିବା ଛାତ୍ରୀଛାତ୍ର ଏହି ସମୟରେ ଆଇଆଇଏମ୍‌ସି ୱେବସାଇଟରେ ଆବେଦନ କରିପାରିବେ ବୋଲି ସଂସ୍ଥାନ ପକ୍ଷରୁ ସୂଚନା ଦିଆଯାଇଛି।

### ଟ୍ରାକ୍ଟର ଓଲଟି ଚାଳକ ମୃତ

**କୁଚିଣ୍ଡା, ୧୦।୫ (ଡି.ଏନ.ଏ.)**

କୁଚିଣ୍ଡା ଥାନା ଅନ୍ତର୍ଗତ ଲାଡ ଗ୍ରାମରେ ଟ୍ରାକ୍ଟର ଓଲଟି ପଡିବାରୁ ଏହାତଳେ ଚାପି ହୋଇ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଲାଡ ଗ୍ରାମର ବିରଞ୍ଚି ହଂସ (୫୨) । ସେ ନିଜ ଟ୍ରାକ୍ଟର ଯୋଗେ ବାଲି ନେବା ପାଇଁ ଗ୍ରାମରେ ଥିବା ଖର୍ଲ୍ଲୁ ନଦୀ ଡଙ୍ଗାଘାଟ ପିଠାକୁ ଯାଇଥିଲେ । ବାଲି ଭର୍ତ୍ତି କରି ଫେରିବା ବେଳେ ଉଠାଠାରେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ପ୍ରାୟ ୧୦ଫୁଟ ତଳକୁ ଖସି ପଡିଥିଲା । ବିରଞ୍ଚିଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା । ଖବର ପାଇ କୁଚିଣ୍ଡା ପୋଲିସ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଟ୍ରାକ୍ଟର ତଳୁ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ହସ୍ପିଟାଲ ପଠାଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଆପଣଙ୍କର ପାରିବାରିକ ଓ କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଅନେକାଂଶରେ ଭଲ ରହିବ। ବନ୍ଧୁ ସମ୍ମୁଖରେ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ରରେ ସୁଫଳ ପାଇବେ। ସାହିତ୍ୟ, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ**
ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି। ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ମନ୍ଦ ହେବ ନାହିଁ। ଦୂରଯାତ୍ରା କରିପାରନ୍ତି। ଆଗାମୀ ମାଙ୍ଗଳିକ କାମ ସକାଶେ ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି।

**ମିଥୁନ**
ଆଜି ଆପଣ ଭାବୁଥିବେ ଗୋଟିଏ କଥା କିନ୍ତୁ କଲା ବେଳକୁ ଆଉ ଗୋଟିଏ କାମ କରିବାକୁ ବାଧ୍ୟ ହେବେ। ଏହାର କୁପରିଣାମ ସ୍ୱରୂପ ପରିବାର ମଧ୍ୟରୁ ନିଜ ଲୋକମାନଙ୍କ ଦ୍ୱାରା ସମାଲୋଚିତ ହେବାକୁ ପଡ଼ିବ। କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ ଓ ଭୋଗ ବିଳାସର ପ୍ରାଚୁର୍ଯ୍ୟ ପାଇବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**କର୍କଟ**
ସକାଳୁ ସକାଳୁ ଏମିତି କେତେକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିବ, ଯାହାଦ୍ୱାରା ଦ୍ୱନ୍ଦ୍ୱରେ ପଡ଼ି ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝିପାରିବେନି। ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବ, ଏଣୁ ସାବଧାନତା ଆବଶ୍ୟକ। ଆଜିର ପ୍ରତ୍ୟୁଷ ଯାତ୍ରା ଓ ମାଙ୍ଗଳିକ ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ।

**ସିଂହ**
ପ୍ରତ୍ୟେକ ପ୍ରକାର ସମସ୍ୟା ମଧ୍ୟରେ ନିଜକୁ ସମ୍ଭାଳି ନେଇ କାମ କରିବା ଦୁଷ୍କର ହୋଇପଡ଼ିବ। ବହୁତ ଦିନରୁ ଖୋଜୁଥିବା ଜିନିଷ ହଠାତ୍ ଅତି ନିକଟରୁ ପାଇଯିବେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ। ବ୍ୟବସାୟ ଓ ପରିବହନରେ ହଠାତ୍ କୌଣସି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**କନ୍ୟା**
ପାରିବାରିକ ଜୀବନରେ ବିଲୁପ୍ତ ସ୍ନେହ, ଶ୍ରଦ୍ଧା ଓ ଆଦରର ସଦ୍‌ଭାବ ଆକସ୍ମିକ ଅନୁଭବ କରିବେ। କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ଦେବ ଦର୍ଶନର ସୁଯୋଗ ପାଇବେ। ଗୃହ ସଜ୍ଜାରେ ମନୋନିବେଶ କରିବେ। କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି।

**ତୁଳା**
କେତେକ କ୍ଷେତ୍ରରେ ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ, ଫଳରେ ପାଇବାକୁ ଥିବା ଜିନିଷଟି ନ ପାଇ ନିରାଶ ହେବେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ। ସ୍ୱାତୀର ପାରିବାରିକ ଅଶାନ୍ତି ହେତୁକ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ।

**ବିଛା**
ଅତୀତ ଘଟଣା କିମ୍ବା ବିଭିନ୍ନ ପ୍ରକାର ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହର ସମ୍ଭାବନା ରହିଛି। ବନ୍ଧୁଙ୍କୁ ଅନୁନୟ ବିନୟ କରି ଧାର କରଜ କରି ଆବଶ୍ୟକତା ଚଳାଇ ନେବେ। କଳା, ସଙ୍ଗୀତ, ଚଳଚ୍ଚିତ୍ର କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ**
ଆଜି ପାରିବାରିକ କ୍ଷେତ୍ର, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବା କାରଣରୁ ପରିବାରରେ ନିଜ ନିଜ ମଧ୍ୟରେ ସାମୟିକ କଳହ ଦେଖାଦେଇପାରେ। ଅଫିସ୍ କାମରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ।

**ମକର**
ଆଜି ଘରର କେତେକ ଅତ୍ୟାବଶ୍ୟକ ଜିନିଷ ଆଣିବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖା ଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ ଏବଂ ଦୂରଯାତ୍ରାର ସୁଯୋଗ ମଧ୍ୟ ପାଇବେ। ଧନିଷ୍ଠା ନକ୍ଷତ୍ର କାରଣ ନ ଥାଇ ମଧ୍ୟ ଦୋଷୀ ସାବ୍ୟସ୍ତ ହେବେ।

**କୁମ୍ଭ**
ଆଜିର ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ବନ୍ଧୁମାନଙ୍କ ସାହାଯ୍ୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ କିଛି ଅସୁବିଧା ହେବ ନାହିଁ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଅତି ଭଲ ପାଉଥିବା ସମ୍ପର୍କୀୟା ଭାଇ କିମ୍ବା ପଡୋଶୀଟିର ମନୋଭାବ ବଦଳିଯିବ।

**ମୀନ**
ନିଜ ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ। ପରିବାରରେ କାହା କଥା ସହ ଅନ୍ୟ କାହାର କଥା ମିଶିବ ନାହିଁ, ଫଳରେ ଅଶାନ୍ତିର ସମ୍ଭାବନା ରହିଛି । ଆଲୋଚନା କାଳରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡା ଲାଗିପାରେ ।

ଆଜି ବୈଶାଖ ଶୁକ୍ଳ ସପ୍ତମୀ ଶନିବାର, ମେ ୧୧ ତାରିଖ, ରାଷ୍ଟ୍ରୀୟ ପ୍ରଯୁକ୍ତି ଦିବସ, ଗଙ୍ଗୋତ୍ପତି, ରାଶି ନକ୍ଷତ୍ର-ଦିବା ଘ୧ ।୩୩ମି. ଗତେ ଅଶ୍ଳେଷା/କର୍କଟ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୧ ।୩୬ମି. ଗତେ ଘ୧ ।୧୧ମି. ମଧ୍ୟେ ଅମୃତ ବେଳା। ସକାଳ ଘ୬ ।୧୧ମି. ଗତେ ଘ୧ ।୧୧ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୮ ।୩୦ମି. ଗତେ ଘ୧୦ ।୦୬ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617. D-12459

30' road, electricity, boundary ଥାଇ BDA plot Bhubaneswar Pitapalli chhakରେ ମିଳୁଅଛି। 9090963952. D-66343

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

**Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332.** D-66366

Gharabari plot sale Bhubaneswar, Sundarpada, 30'road, sqft. 850/-, BJEM-2 - 550/-, 350/-, ବାଲକାଟି- 450/-, 650/-. 9438823759, 9937922999. D-66369

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8594954102. D-66367

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66332

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617.** D-12458




**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech: 9040008777.** D-12460

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Ground floor 2BHK, 2 wheeler potico, Bomikhal Santoshi Kalyan Mandap, Bhubaneswar. 7978730629. D-12454

**LOST**
ସେହେନାଜ ବାନୋ, ସ୍ୱାମୀ- ମୁକ୍ତାର ଆଲମ୍, ୱାର୍ଡ ନଂ.୧୬, ବରଗଡ଼, ଥାନା- ବରଗଡ଼, ପଟ୍ଟା ନଂ.୩୮୬/୧୬୯ ଏବଂ ରେଜିଷ୍ଟର ସେଲଡିଡ ନଂ.୨୦୧୪, ତା।.୨୧.୧୦.୨୦୦୩, ୪ ଡେସିମିଲ, ମୌଜା- ବରମଚାରି, ଜିଲ୍ଲା- ବରଗଡ ପଟ୍ଟା ଓ ସେଲଡିଡ ହଜିଯାଇଛି। ଏହି ଜମି ପଟ୍ଟା କେହି ବ୍ୟକ୍ତି ପାଇଲେ ବରଗଡ଼ ଥାନା କିମ୍ବା ମୋ-୯୮୫୩୩୪୭୪୨୩ ରେ ଯୋଗାଯୋଗ କରନ୍ତୁ। ଧ-୧୨୪୫୭

**୧୬ତମ ବିବାହ ବାର୍ଷିକୀ ଶୁଭେଚ୍ଛା**



**ସରୋଜ କୁମାର ସାହୁ ଏବଂ ରଶ୍ମିତା ସାହୁ**
ତୁମର ଦାମ୍ପତ୍ୟ ଜୀବନ ସୁଖମୟ ହେଉ ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୁଭେଚ୍ଛା ସହ: ବନ୍ଧୁ ଓ ପରିବାରବର୍ଗ**
ଧ-୧୨୪୫୬

**Birthday Wish**



Wishing you a very
***Happy birthday***
**With best compliments from**
**OSABEU**
D-27617

Now Matrimonial ads. only on Wednesday & Sunday Book 1 Get 1 FREE



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ









ଫଟୋ: ବିକାଶ ନାୟକ

ଭୁବନେଶ୍ୱର ଜନପଥରେ ବାତ୍ୟା (ଫନୀ) ପୂର୍ବରୁ ଭରିରହିଥିବା ସବୁଜିମା ଓ ବାତ୍ୟା ପରର ଦୃଶ୍ୟ।

## ସଂକ୍ଷେପରେ

### ମାଟ୍ରିକ ପରୀକ୍ଷା: ମେ ୩ୟ ସପ୍ତାହରେ ପ୍ରକାଶ ପାଇବ ଫଳ

**କଟକ ଅଫିସ,୧୦।୫:** ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ୨୦୧୯ ମାଟ୍ରିକ ପରୀକ୍ଷା ଫଳ ଚଳିତମାସ ୩ୟ ସପ୍ତାହରେ ପ୍ରକାଶ ପାଇବ ବୋଲି ବୋର୍ଡ ସଭାପତି ଡ. ଜହାଁଆରା ବେଗମ କହିଛନ୍ତି। ପୂର୍ବରୁ ମେ' ଦ୍ୱିତୀୟ ସପ୍ତାହରେ ଫଳ ପ୍ରକାଶ ପାଇବ ବୋଲି ବୋର୍ଡ ପକ୍ଷରୁ ଘୋଷଣା ହୋଇଥିଲା। ହେଲେ ସାମୁଦ୍ରିକ ଝଡ଼ ଫନୀ ଯୋଗୁ ଏବେ ଫଳ ପ୍ରକାଶ ଆଉ ଗୋଟିଏ ସପ୍ତାହ ଘୁଞ୍ଚିଛି। କେଉଁ ନିର୍ଦ୍ଦିଷ୍ଟ ତାରିଖରେ ଫଳ ପ୍ରକାଶ କରାଯିବ ସେ ନେଇ ଖୁବ୍‌ଶୀଘ୍ର ଘୋଷଣା କରାଯିବ ବୋଲି ସଭାପତି ଡ. ବେଗମ କହିଛନ୍ତି। ମୂଲ୍ୟାୟନ ପ୍ରକ୍ରିୟା ଶେଷ ହୋଇ ଦ୍ୱିତୀୟ ପର୍ଯ୍ୟାୟ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ତ୍ରୁଟିଶୂନ୍ୟ ତଥା ନିର୍ଭୁଲ ଭାବେ ଫଳ ପ୍ରକାଶ କରାଯିବା ଦିଗରେ ଗୁରୁତ୍ୱ ଦିଆଯାଇଛି ବୋଲି ସଭାପତି ଡ. ବେଗମ କହିଛନ୍ତି।

### ମେ ୨୦ରୁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପରୀକ୍ଷା

**ଭୁବନେଶ୍ୱର,୧୦।୫(ବ୍ୟୁରୋ):** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଅଧୀନରେ ଅନୁଷ୍ଠିତ ହେବାକୁ ଥିବା ସମସ୍ତ ସ୍ନାତକ, ସ୍ନାତକୋତ୍ତର, ସେମିଷ୍ଟର ଓ ବିଭିନ୍ନ ବିଭାଗର ଏମ୍.ଫିଲ୍ ପରୀକ୍ଷା ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ। ମେ ୨୦ରୁ ସମସ୍ତ ପରୀକ୍ଷା ଆରମ୍ଭ ହେବ। ବାତ୍ୟା ଯୋଗୁ ବିଶ୍ୱବିଦ୍ୟାଳୟରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲେ ମଧ ଏଥିଲାଗି ପରୀକ୍ଷା ବ୍ୟବସ୍ଥା ପ୍ରଭାବିତ ହେବନାହିଁ। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବିଭାଗ ସହ ଏହାର ସହବନ୍ଧିତ ମହାବିଦ୍ୟାଳୟଗୁଡ଼ିକରେ ମଧ ପରୀକ୍ଷା ଅନୁଷ୍ଠିତ ହେବ। ତେଣୁ ଛାତ୍ରୀଛାତ୍ର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ୨୦ତାରିଖଠାରୁ ପରୀକ୍ଷା ଦେବେ ବୋଲି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ମନୋଜ କୁମାର ଦାସ କହିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ବହୁ ସଂସ୍ଥା, ବ୍ୟକ୍ତିଙ୍କ ସହାୟତା

**ଭୁବନେଶ୍ୱର,୧୦।୫(ବ୍ୟୁରୋ):** ଫନି ଦୁର୍ଗତଙ୍କ ସହାୟତା ଓ ପୁନରୁଦ୍ଧାର ପାଇଁ ଅନେକ ସଂସ୍ଥା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା ପ୍ରଦାନ କରିଛନ୍ତି। ଏହି କ୍ରମରେ ଓଡ଼ିଶା ପୋଲିସ ରିଲିଫ୍ ଏବଂ କଲ୍ୟାଣ ପାଣ୍ଠି ପକ୍ଷରୁ ଡିଜିପି ଆର.ପି ଶର୍ମା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୧୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଗତିବାଦୀ ପକ୍ଷରୁ ମୋନାଲିସା ବଳ ୫ ଲକ୍ଷ ଟଙ୍କା, ଗୁପ୍ତା ପାୱାର ଇନ୍‌ଫ୍ରାଷ୍ଟ୍ରକଚର ଲିଃର ପରିଚାଳନା ନିର୍ଦ୍ଦେଶକ ମହେନ୍ଦ୍ର ଗୁପ୍ତା ୧୧ ଲକ୍ଷ ଟଙ୍କା, ପୂର୍ବତନ ମନ୍ତ୍ରୀ ଭାଗବତ ପ୍ରସାଦ ମହାନ୍ତି ୪୪,୦୦୦ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ରାଜ୍ୟସଭା ଏମ୍‌ପି ଅନୁଭବ ମହାନ୍ତି ୨ ଲକ୍ଷ ଟଙ୍କା, ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ ୧ ଲକ୍ଷ ଟଙ୍କା, ଯାଜପୁର ବିଧାୟକ ପ୍ରଣବପ୍ରକାଶ ଦାସ ୧୦ ମାସର ବେତନ ଭାବେ ୩ ଲକ୍ଷ ୫୦ ହଜାର ଟଙ୍କା, ସ୍ୟାଣ୍ଡି ରିସର୍ଚ୍ଚ ପ୍ରାଇଭେଟ ଲିଃ ୫ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ପ୍ରଦାନ କରିଛନ୍ତି। କେନ୍ଦ୍ରପଡା ଅର୍ବାନ କୋ ଅପରେଟିଭ ବ୍ୟାଙ୍କ୍ ୧ ଲକ୍ଷ ୧ ହଜାର ଟଙ୍କା, ଭୁବନେଶ୍ୱରର ପୂର୍ବତନ କର୍ପୋରେଟର ସଞ୍ଜୟ ବଳିୟାରସିଂ ୧ ଲକ୍ଷ ଟଙ୍କା, ଡଃ ସିଦ୍ଧାର୍ଥ ଦାସ ୯୪,୪୩୮ ଟଙ୍କା ଏବଂ ହୋଟେଲ ସ୍ୱସ୍ତି ପକ୍ଷରୁ ୧୦ ଲକ୍ଷ ଟଙ୍କାର ସହାୟତ ରାଶି ପ୍ରଦାନ କରାଯାଇଛି। ଏହିପରିଭାବେ କେବଳ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ବିଭିନ୍ନ ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ୫୦ ଲକ୍ଷ ୯୦ ହଜାର ଟଙ୍କା ପ୍ରଦାନ କରାଯାଇଛି।

■ ରାଜଧାନୀ ବସ୍ତିବାସିନ୍ଦାଙ୍କୁ ରିଲିଫ୍ ସୁବିଧା

# କାର୍ଡ ନ ଥିଲେ ବି ମିଳିବ ସହାୟତା

**ଭୁବନେଶ୍ୱର,୧୦।୫(ବ୍ୟୁରୋ)**

ତାଙ୍କୁ ଦେଲ। ଆମକୁ ନାହିଁ। ଆମେ କ'ଣ ପାପ କରିଛୁ। ରାଶନ କାର୍ଡ ପାଇଥିବା ଲୋକମାନେ ବାତ୍ୟା ମାଡ ଖାଇଛନ୍ତି, ଆମେ କ'ଣ ଆରାମରେ ରହିଛୁ। କେବଳ ବସ୍ତି ନୁହେଁ , ଭୁବନେଶ୍ୱର ସହରାଞ୍ଚଳର ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ପରିବାର ଲୋକମାନେ ସରକାରଙ୍କୁ ଏମିତି ଆବେଗଭରା ପ୍ରଶ୍ନ କରିଛନ୍ତି। ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ ଖଣ୍ଡେ ହାତେଇଥିବା ଲୋକମାନେ ଧାଡି ବାନ୍ଧି ରିଲିଫ ନେଉଥିବା ବେଳେ ଅନ୍ୟ ପ୍ରଭାବିତ ଲୋକଙ୍କୁ କିଛି ମିଳୁ ନାହିଁ। ସେମାନଙ୍କ ପାଖକୁ କେହି ଆହା ପଦେ କହିବାକୁ ଯାଉ ନାହାନ୍ତି। ରାଜଧାନୀରେ ବହୁ ମାତ୍ରାରେ ବସ୍ତି ଗଢି ଉଠିଛି। ପ୍ରତ୍ୟେକ ଦିନ ନୂଆ ନୂଆ ଲୋକ ବସ୍ତିରେ ରହୁଛନ୍ତି ଅଥବା ବସ୍ତି କରୁଛନ୍ତି। ସେମାନଙ୍କ ପାଖରେ ରାଶନ କାର୍ଡ ନାହିଁ। କେବଳ ରାଶନକାର୍ଡଧାରୀଙ୍କୁ ସରକାରୀ ସହାୟତା ମିଳିବା ଦେଖି ବସ୍ତିର ଅନ୍ୟ ଲୋକମାନେ ଅତି ମାତ୍ରାରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏ ନେଇ ବିଭିନ୍ନ ବସ୍ତିରୁ ଲୋକମାନେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେବା ପରେ ରାଜ୍ୟ ସରକାର ତାଙ୍କ ପୂର୍ବ ନିଷ୍ପତ୍ତିକୁ ପରିବର୍ତ୍ତନ କରିଛନ୍ତି। ଏଣିକି କାର୍ଡ ଥାଉ କି ନ ଥାଉ ବସ୍ତିରେ

**ବାତ୍ୟା ଦୁର୍ଦ୍ଦଶା**

ରହୁଥିବା ସମସ୍ତ ଲୋକଙ୍କୁ ରିଲିଫ ଓ ଆର୍ଥିକ ସହାୟତା ମିଳିବ। ବସ୍ତିବାସିନ୍ଦାଙ୍କ ଅଭିଯୋଗ ପାଇବା ପରେ ରାଜ୍ୟ ସରକାର ବସ୍ତିରେ ରହୁଥିବା ଓ ରାଶନ କାର୍ଡ ନ ଥିବା ଲୋକମାନଙ୍କୁ ୫୦ କେଜି ଚାଉଳ, ୨୦୦୦ ଟଙ୍କା, ପଲିଥିନ୍ କିମ୍ବା ୫୦୦ ଟଙ୍କା ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁସାରେ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଧୀନରେ ଥିବା ସମସ୍ତ ବସ୍ତିବାସିନ୍ଦାଙ୍କୁ କାର୍ଡଧାରୀଙ୍କ ଭଳି ରିଲିଫ୍ ଯୋଗାଇ ଦେବାକୁ ଖୋର୍ଦ୍ଧା ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀ ଖୋର୍ଦ୍ଧା ଜିଲାପାଳଙ୍କୁ ପତ୍ର ଲେଖି ଜଣାଇଛନ୍ତି। ତେବେ ବସ୍ତି ବାସିନ୍ଦାଙ୍କୁ ଛାଡି ସହରରେ ଏମିତି ଅନେକ ଲୋକ ଅଛନ୍ତି ଯେଉଁମାନେ କି ବାତ୍ୟା ଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି। ସେମାନଙ୍କ ନିକଟରେ ବର୍ତ୍ତମାନ ସୁଦ୍ଧା ରିଲିଫ, ବିଦ୍ୟୁତ କିମ୍ବା ପାନୀୟ ଜଳ ପହଞ୍ଚି ପାରି ନାହିଁ। ଏଭଳି ଲୋକମାନଙ୍କୁ ବିପତ୍ତି ସମୟରେ ସରକାରୀ ସହାୟତା ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

## ୧୯ରେ ୩୪ ବୁଥରେ ସାନି ମତଦାନ

**ଭୁବନେଶ୍ୱର, ୧୦।୫ (ବ୍ୟୁରୋ)**

ଗତ ନିର୍ବାଚନ ସମୟରେ ତୃତୀୟ (ଏପ୍ରିଲ୍ ୨୩) ଓ ଚତୁର୍ଥ (ଏପ୍ରିଲ୍ ୨୯) ପର୍ଯ୍ୟାୟରେ ମନୁଷ୍ୟକୃତ ତ୍ରୁଟି ଏବଂ ଅନିୟମିତତା ଯୋଗୁ ସ୍ଥଗିତ ରହିଥିବା ୩୪ଟି ବୁଥ୍‌ରେ ଆସନ୍ତା ୧୯ ତାରିଖରେ ପୁନଃ ଭୋଟ ଗ୍ରହଣ ହେବ। ସେଥିରୁ ତୃତୀୟ ପର୍ଯ୍ୟାୟର ୧୨ଟି ଓ ଚତୁର୍ଥ ପର୍ଯ୍ୟାୟର ୨୨ଟି ବୁଥ୍‌ରେ ମତଦାନ ଅନୁଷ୍ଠିତ ହେବ। ବଡ଼ମ୍ବା ବିଧାନସଭା ନିର୍ବାଚନ ମଣ୍ଡଳୀର ୧୯୬, ଦେବଗଡ଼ ନିର୍ବାଚନ ମଣ୍ଡଳୀର ୧୮୩, ବ୍ରହ୍ମଗିରିର ୨୨୨ ଓ ୬୨, ସତ୍ୟବାଦୀର ୭୮, ତାଳଚେରର ୮୫, ଆଠଗଡ଼ର ୯୦, ୧୦୦, ୧୩୭ ଓ ୧୩୮, ଘସିପୁରା ୧୭୧, ଭୁବନେଶ୍ୱର ମଧ୍ୟ ୧୨୭, ବିଞ୍ଝାରପୁର ୧୩୫ ଓ ୧୯୧ ଏବଂ ବରୀ ବିଧାନସଭା ନିର୍ବାଚନମଣ୍ଡଳୀର ୮୨, ୧୮୫, ୧୬୨, ୧୬୩ ଓ ୧୯୪ ନମ୍ବର ବୁଥ୍‌ରେ ପୁଣି ମତଦାନ ହେବ। ସେହିପରି ଧର୍ମଶାଳା ନିର୍ବାଚନ ମଣ୍ଡଳୀର ୧୪୮, ସୁକିନ୍ଦା ୧୯୬, ଜଳେଶ୍ୱର ୧୮୭ ଓ ୧୮୯, ବାଙ୍ଗିରିପୋଷି ୧୦୪, ବାରିପଦା ୧୬, ୧୯, ୧୬୬ ଓ ୨୪୮, ମାହାଙ୍ଗାର ୫୭, ୫୮, ୧୪୪ ଓ ୧୫୭, ସାଲେପୁର ୮୭, ୩୯ ଏବଂ ପାରାଦୀପ ବିଧାନସଭାର ୩୯ ନମ୍ବର ବୁଥ୍‌ରେ ପୁଣି ମତଦାନ ହେବ। ମତଦାନ ପ୍ରକ୍ରିୟା ସକାଳ ୭ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ଶେଷ ହେବ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ସୁରେନ୍ଦ୍ର କୁମାର ଏହି ସୂଚନା ଦେଇଛନ୍ତି। ମେ ୧୩ ଓ ୧୪ ତାରିଖ ସୁଦ୍ଧା ନିର୍ବାଚନ ପରିଚାଳନା କରିବାକୁ ଥିବା ରିଟର୍ନିଂ ଅଫିସରଙ୍କୁ ତାଲିମ ପ୍ରଦାନ କରାଯିବ। ଏହି ବୁଥ୍‌ଗୁଡ଼ିକର ଫଳାଫଳ ମଧ ଆସନ୍ତା ୨୩ ତାରିଖରେ ପ୍ରକାଶ ପାଇବ ବୋଲି ସେ କହିନ୍ତି।

# ମେ ୨୧ରୁ ସ୍ନାତକୋତ୍ତର ପରୀକ୍ଷା

**ଭୁବନେଶ୍ୱର,୧୦।୫(ବ୍ୟୁରୋ)**

ସମ୍ଭାବ୍ୟ ବାତ୍ୟା 'ଫନୀ'କୁ ଦୃଷ୍ଟିରେ ରଖି ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହାର ସମସ୍ତ ପରୀକ୍ଷାକୁ ପୂର୍ବରୁ ମେ ୭ ପରିବର୍ତ୍ତେ ମେ ୧୨ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଥିଲା। ତେବେ ବାତ୍ୟାରେ ବିଶ୍ୱବିଦ୍ୟାଳୟର ବ୍ୟାପକ କ୍ଷୟକ୍ଷତି ଏବଂ ଛାତ୍ରୀଛାତ୍ରଙ୍କ ସମସ୍ୟାକୁ ନଜରରେ ରଖି ଏବେ ପୁଣିଥରେ ପରୀକ୍ଷା ଘୁଞ୍ଚାଯାଇଛି। ମେ ୧୨ ପରିବର୍ତ୍ତେ ସମସ୍ତ ପରୀକ୍ଷା ମେ ୨୦ ପରେ କରିବାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗର ସ୍ନାତକୋତ୍ତର ପରୀକ୍ଷା ୨୧ତାରିଖଠାରୁ ଆରମ୍ଭ ହେବ। ଏହାସହ ସମସ୍ତ ବିଭାଗର ବିଭାଗୀୟ ମୁଖ୍ୟଙ୍କ ଦ୍ୱାରା ପରୀକ୍ଷା ତାରିଖ ଓ ସମୟ ଧାର୍ଯ୍ୟ କରାଯିବାକୁ କୁହାଯାଇଛି। ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ଶିକ୍ଷାନୁଷ୍ଠାନଗୁଡ଼ିକ ପୁନଃ ନିର୍ଦ୍ଧାରିତ ସମୟସୂଚୀ ସମ୍ପର୍କରେ ଜାଣିବା ପାଇଁ ବିଭାଗୀୟ ମୁଖ୍ୟମାନଙ୍କୁ ଯୋଗାଯୋଗ କରିବାକୁ କୁହାଯାଇଛି। ବିଶେଷକରି ବାୟୋ ଟେକ୍ନୋଲୋଜି, ମାଇକ୍ରୋ

**ପରୀକ୍ଷା ଘୁଞ୍ଚାଇଲା ଉତ୍କଳ ବିଶ୍ୱବିଦ୍ୟାଳୟ**

ବାୟୋଲୋଜି, କମ୍ପ୍ୟୁଟର ସାଇନ୍ସ ସ୍ନାତକୋତ୍ତର ପରୀକ୍ଷା, ଏମ୍‌ଜେଏମ୍‌ସି, ଏଲ୍‌ଏଲ୍‌ଏମ୍, ଓଡ଼ିଆ, ଆଇଏମ୍‌ବିଏ ଆଦି ବିଭାଗର ପରୀକ୍ଷା ସମ୍ପର୍କରେ ଜାଣିବା ଲାଗି ବିଭାଗୀୟ ମୁଖ୍ୟଙ୍କ ସହ ଯୋଗାଯୋଗ କରିବାକୁ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏବେ ବି କ୍ୟାମ୍ପସ୍‌ରେ ଇଲେକ୍ଟ୍ରିସିଟି ଆସିପାରିନାହିଁ। ବାତ୍ୟାରେ ଭାଙ୍ଗିପଡ଼ିଥିବା ଗଛଗୁଡ଼ିକ କଟାଯାଇ ନ ଥିବାବେଳେ ପାଣି ଯୋଗାଣ ବ୍ୟବସ୍ଥା ହୋଇନାହିଁ।

ସେପଟେ ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ବିଏ, ବି.କମ୍ ଓ ବିଏସ୍‌ସିର ୪ର୍ଥ ସେମିଷ୍ଟର(ଉଭୟ ରେଗୁଲାର୍ ଓ ବ୍ୟାକ୍ ପେପର) ଆସନ୍ତା ଜୁନ୍ ୨୦ରୁ ଆରମ୍ଭ ହେବ। ସେହିଭଳି ବିବିଏ ଓ ବିସିଏର ୬ଷ୍ଠ ସେମିଷ୍ଟର ପରୀକ୍ଷା ମେ ୩୦ରୁ ଆରମ୍ଭ ହେବ। ଏମ୍.ଫାର୍ମାର ପ୍ରଥମ ସେମିଷ୍ଟର ପରୀକ୍ଷା ମେ ୨୧ରୁ ଆରମ୍ଭ ହେବ ବୋଲି ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ସୂଚନା ଦେଇଛନ୍ତି।

## ଇଭିଏମ, ଭିଭିପିଏଟି ସୁରକ୍ଷିତ: ସିଇଓ

**ଭୁବନେଶ୍ୱର,୧୦।୫ (ବ୍ୟୁରୋ):** ବାତ୍ୟା ଫନୀରେ ରଖାଯାଇଥିବା କୌଣସି ଷ୍ଟ୍ରଙ୍ଗରୁମ୍‌ରେ ପାଣି ପଶି ନାହିଁ। ଇଭିଏମ୍, ଭିଭିପିଏଟି ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ସୁରେନ୍ଦ୍ର କୁମାର କହିଛନ୍ତି। ପୁରୀର ଗୋଟିଏ ଜାଗାରେ ବ୍ୟାରିକେଡ ବାତ୍ୟା ଯୋଗୁ ଭାଙ୍ଗି ଯାଇଥିଲା। ସେଠାରେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ ବାତ୍ୟା ଫନୀ ଆସିବା ପୂର୍ବରୁ ସମସ୍ତ ଷ୍ଟ୍ରଙ୍ଗରୁମ୍‌ର ସୁରକ୍ଷାକୁ ପୁଣି ଥରେ ଯାଞ୍ଚ କରିବାକୁ ସମସ୍ତ ଜିଲାର ଜିଲାପାଳଙ୍କୁ ନିର୍ଦ୍ଦେଶ ସେ ଦେଇଥିଲେ। ଆବଶ୍ୟକ ସ୍ଥଳେ କେତେକ ସ୍ଥାନରେ ଇଭିଏମଗୁଡ଼ିକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ସେହି ରୁମ୍‌ରେ ଯେପରି ପାଣି ପଶି ପାରିବ ନାହିଁ ସେଥିପାଇଁ ୱାଟର ପ୍ରୁଫ ବ୍ୟବସ୍ଥା କରାଯାଇଥିଲା। ଆସନ୍ତା ୨୩ ତାରିଖରେ ଭୋଟ ଗଣତି ହେବ।

यूनाइटेड इंडिया इंश्यूरेन्स कंम्पनी लिमटिड
United India Insurance Co. Ltd.
REGIONAL OFFICE:- O.C.H.C. Building (5th Floor), Near Ram Mandir, Unit - III, Kharvel Nagar, Bhubaneswar - 751001, Ph.: 0674-2391138, Website: https://uiic.co.in

District wise Nodal Officers for Fani Cyclone Claims

The Cyclone 'Fani' has devastated large part of Odisha and has left it in ruins. We are standing firm with the people of Odisha and are committed to serve our policy holders at this time of distress. The claimants may contact their policy issuing/claim processing officer as per the contact details provided below, customer service has always been our utmost priority and we assure the policy holders our best services at all times. E-mail: bbsrfanicycloneclaimuiic@gmail.com

| OFFICE CODE | NAME OF OFFICE | NAME & DEGN. | OFFICE LANDLINE NO. | MOBILE/ WHATSAPP NO. |
|---|---|---|---|---|
| 260000 | RO BHUBANESWAR | A.K. PADHIARI, RM | 0674-2391189 | 9042809549 |
| 260000 | RO BHUBANESWAR | ARCHANA DASH, AM | 0674-2515522 | 7978213819 |
| 260202 | BO PURI | C.R. SAMANTARAY, SBM | 06752-223799 | 9437003294 |
| 260300 | DO CUTTACK | MOTILAL PANDA, SDM | 0671-2548018 | 9437485191 |
| 260304 | BO JK ROAD | SAPANI SETHY, SBM | 06726-220633 | 9437275265 |
| 260182 | MO JATNI | R.K. SUBUDHI, AO | 0674-2491964 | 8018990641 |
| 260385 | MO JAGATSINGHPUR | P.K. DAS, AO | | 9437128223 |
| 260388 | MO KENDRAPARA | R.C. SOREN, AO | 06727-221350 | 7873293030 |
| 260386 | MO CHANDIKHOL | SEIKH NOOR UDDIN, AO | | 8249771033 |

NOTICE
In the Court of the Judge, Family Court, Sambalpur
C.P. 110/2017
Bishnu Priya Sahara........Petitioner
Vrs
Haresh Chandra Rana..........O.P
Notice U/O V Rule 20 of CPC
To
The Defendant,
Sri Haresh Chandra Rana, S/o- Rusi Kumar Rana, aged about 38years, by occupation- Pvt. service, R/o- Lad, PS- kuchinda, Dist.- Sambalpur
WHEREAS the petitioner Bishnu Priya Sahara initiated the case against you for dissolution of marriage by decree of divorce U/s 13 of Hindu Marriage Act. 1956. You are hereby summon to appear before the judge, Family Court, Sambalpur on dated 22nd June 2019 in person or through advocate duly instructed to answer all the charges why a decree of divorce can not be granted for the petitioner. So your attendance is necessary on above dated 22nd June 2019 otherwise in absent or default of your appearance in the court mentioned above the matter will be heard and determined in your absence.
Given under my hand and seal of the court today on 6th May 2019.
Sd./- Judge Family Court, Sambalpur

# ଭାଜପା ବିଧାୟକ ପ୍ରାର୍ଥୀଙ୍କୁ ସର୍ତ୍ତମୂଳକ ଜାମିନ

**ସୋରଡା/ଭଞ୍ଜନଗର,୧୦।୫(ଡି.ଏନ.ଏ.)**

ଇଭିଏମ୍ ଭଙ୍ଗା ଘଟଣାରେ ଗିରଫ ଗଞ୍ଜାମ ଜିଲା ସୋରଡା ବିଧାନସଭା ନିର୍ବାଚନମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥୀ ନୀଳମଣି ବିଷୋୟୀଙ୍କୁ ଶୁକ୍ରବାର ଜାମିନ ମିଳିଛି। ଭଞ୍ଜନଗର ଏଡିଜେ ମହଲତ ସା ତାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଫଳରେ ନୀଳମଣି ଅପରାହ୍ନରେ ସୋରଡା ଜେଲରୁ ମୁକୁଳିଛନ୍ତି। ୫୦ ହଜାର ଟଙ୍କାର ବଣ୍ଡ ଓ ୨ ଜାମିନଦାର ବଦଳରେ ନୀଳମଣି ଜାମିନରେ ଯାଇଛନ୍ତି। ଏଥିସହ ପ୍ରତି ସପ୍ତାହରେ ରବିବାର ପୂର୍ବାହ୍ନ ୯ଟାରୁ ଦିବା ୧୨ଟା ମଧ୍ୟରେ ସୋରଡା ଥାନାରେ ତଦନ୍ତକାରୀ ଅଧିକାରୀଙ୍କ ସମ୍ମୁଖରେ ଫାଇନାଲ ଚାର୍ଜଶିଟ୍ ଦାଖଲ ପର୍ଯ୍ୟନ୍ତ ତଦନ୍ତରେ ସହଯୋଗ ପାଇଁ ନୀଳମଣି ହାଜର ହେବେ। ସାକ୍ଷୀଙ୍କୁ ଧମକଚମକ ଦେବେନାହିଁ କିମ୍ବା ଏଭଳି ଘଟଣାର ପୁନରାବୃତ୍ତି କରିବେ ନାହିଁ। ସର୍ତ୍ତ ଉଲ୍ଲଘଂନ କଲେ ଜାମିନ ନାକଚ କରିଦିଆଯିବ ବୋଲି ଏଡିଜେ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଏପ୍ରିଲ ୧୮ରେ ସୋରଡା ନିର୍ବାଚନମଣ୍ଡଳୀ ପାଇଁ ମତଦାନ ଚାଲିଥିଲା। ୧୮୨ ନମ୍ବର ବୁଥ୍‌ରେ ରିଗିଂ ହେଉଥିବା ଖବରପାଇ ନୀଳମଣି ସେଠାରେ ପହଞ୍ଚିଥିଲେ। ନୀଳମଣିଙ୍କ ସହ

**ଇଭିଏମ୍ ଭଙ୍ଗାରୁଜା ଘଟଣା**

ସେଠାରେ ଉପସ୍ଥିତ କେତେଜଣ ଲୋକଙ୍କ କଥା କଟାକଟି ହୋଇଥିଲା। ଏହାପରେ ପ୍ରିଜାଇଡିଂ ଅଫିସର ସୋରଡା ଥାନାରେ ନୀଳମଣି ଇଭିଏମ୍ ଭାଙ୍ଗି ଦେଇଥିବା ଅଭିଯୋଗ କରିଥିଲେ। ପୋଲିସ ସେଦିନ ନୀଳମଣିଙ୍କୁ ଗିରଫ କରିଥିଲା। ଏହାପରେ ଆଉ ୨ଜଣଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନୀଳମଣିଙ୍କ ନାମରେ ୨ଟି ମକଦ୍ଦମା ଯୋଡିଥିଲା। ନୀଳମଣି ଗତ ୧୮ ତାରିଖରୁ ସୋରଡା ଜେଲରେ ବନ୍ଦୀ ଥିଲେ। ପୂର୍ବରୁ ୨ଟି ମାମଲାରେ ତାଙ୍କୁ ଜାମିନ ମିଳିଥିବା ବେଳେ ଶୁକ୍ରବାର ଇଭିଏମ୍ ଭଙ୍ଗା ମାମଲାରେ ଜାମିନ ମିଳିଥିଲା। ସରକାରଙ୍କ ପକ୍ଷରୁ ଗଞ୍ଜାମ ପବ୍ଲିକ ପ୍ରସିକ୍ୟୁଟର, ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଏମ୍. ତାଜ୍ ଆଦେନୀ ଓ ନୀଳମଣିଙ୍କ ପାଇଁ ବରିଷ୍ଠ ଆଇନଜୀବୀ ରବି ଦାସ, ଖଲି ପ୍ରଧାନ, ଖରାଂଶୁ ଶେଖର ଦାସ, ପ୍ରଦୀପ ଶେଖର ପାଳ ମକଦ୍ଦମା ପରିଚାଳନା କରୁଛନ୍ତି। ନୀଳମଣିଙ୍କୁ ସ୍ୱାଗତ କରିବା ପାଇଁ ତାଙ୍କର ବହୁ ସମର୍ଥକ ସୋରଡା ଜେଲ ସମ୍ମୁଖରେ ପହଞ୍ଚିଥିଲେ। ସୂଚନାଯୋଗ୍ୟ, ଏହି ଘଟଣା ପରେ ୧୮୨ନଂ. ବୁଥରେ ପୁନଃ ମତଦାନ ହୋଇଥିଲା।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଷ୍ଟ୍ରେସଡ୍ ଆସେଟ୍‌ସ୍ ମ୍ୟାନେଜ୍‌ମେଣ୍ଟ ଶାଖା (SAMB), ଏ/୩୪, ପଣ୍ଡିତ ଜବାହରଲାଲ୍ ନେହେରୁ ମାର୍ଗ (ଓସକାର୍ଡ ବ୍ୟାଙ୍କ ବିଲ୍ଡିଂ, ୪ର୍ଥ ମହଲା), ଭୁବନେଶ୍ୱର-୭୫୧୦୦୧, ଜିଲ୍ଲା - ଖୋର୍ଦ୍ଧା, ଓଡିଶା
E-mail: sbi.10130@sbi.co.in
ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ପରିଶିଷ୍ଟ:IV-A( ରୁଲ୍-୮(୬) ଦ୍ରଷ୍ଟବ୍ୟ )
ସ୍ଥାବର ସମ୍ପତ୍ତି ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଧାରା ୮(୬)ର ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ଅନୁଯାୟୀ ସ୍ଥାବର ସମ୍ପତ୍ତି ବିକ୍ରୟ ନିମରେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଏତଦ୍‌ଦ୍ୱାରା ସର୍ବସାଧାରଣ ତଥା ବ୍ୟାଙ୍କର ଋଣଗ୍ରହୀତା ମେସର୍ସ ଆୟୁଷ ହସ୍ପିଟାଲ୍ ଏବଂ ଟ୍ରମାକେୟାର ପ୍ରା.ଲି. ଏବଂ ଜାମିନଦାର ଡା. ଅଶୋକ ଆଚାର୍ଯ୍ୟ, ଶ୍ରୀ ଦୁର୍ଗା ପ୍ରସାଦ ମିଶ୍ର, ମେସର୍ସ ମାଇକ୍ରୋ ହସପିଟାଲ୍ ପ୍ରା. ଲି.କୁ ଜଣାଇ ଦିଆଯାଉଛି ଯେ ସେମାନଙ୍କ ଉପରେ ତା. ୩୧.୦୭.୨୦୧୭ ସୁଦ୍ଧା ବକେୟା ଥିବା ଦେୟ ଟ.୩,୮୩,୬୧,୨୭୩.୧୬ଏବଂ ତା ୦୧.୦୮.୨୦୧୭ରିଖ ଠାରୁ ତତ୍‌ପରବର୍ତ୍ତୀ ସୁଦ୍ଧା ଓ ଅନ୍ୟାନ୍ୟ ଦେୟ ଅସୁଲ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତି ଗୁଡ଼ିକୁ ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଭାରପ୍ରାପ୍ତ ଅଧିକାରୀ ସାଙ୍କେତିକ ଦଖଲ ନେଇ "ଯେଉଁଠାରେ ଯେପରି ଅଛି ", ଯାହା ଯେପରି ଅଛି", ଏବଂ ସେଠାରେ ଯାହା ଅଛି" ଭିତିରେ ତା.୧୦.୦୬.୨୦୧୯ରିଖରେ ସର୍ବସାଧାରଣରେ ନିଲାମ କରିବେ। ସଂରକ୍ଷିତ ମୂଲ୍ୟ କ୍ର.ନଂ. (୧) ସମ୍ପତ୍ତି ନିମିତ୍ତ ଟ. ୪୦,୦୦,୦୦୦/-, କ୍ର.ନଂ. (୨) ସମ୍ପତ୍ତି ନିମିତ୍ତ ଟ. ୫୦,୦୦,୦୦୦/- ଏବଂ କ୍ର.ନଂ. (୩) ସମ୍ପତ୍ତି ନିମିତ୍ତ ଟ. ୮୦,୦୦,୦୦୦/-। ଅମାନତ ଜମା ରାଶି ଯଥା କ୍ର.ନଂ. (୧) ସମ୍ପତ୍ତି ନିମିତ୍ତ ଟ. ୪,୦୦,୦୦୦/, କ୍ର.ନଂ. (୨) ସମ୍ପତ୍ତି ନିମିତ୍ତ ଟ. ୫,୦୦,୦୦୦/-, କ୍ର.ନ.° (୩) ସମ୍ପତ୍ତି ନିମିତ୍ତ ଟ. ୮,୦୦,୦୦୦/- ବ୍ୟାଙ୍କରେ ତା. ୦୬.୦୬.୨୦୧୯ରିଖ ଅପରାହ୍ନ ୪ ଘଟିକା କିମ୍ବା ତା ପୂର୍ବରୁ ଜମା କରିବାକୁ ପଡିବ।

ସ୍ଥାବର ସମ୍ପତ୍ତିର ବିବରଣୀ:-
(କ)ଡା. ଅଶୋକ ଆଚାର୍ଯ୍ୟଙ୍କ ନାମରେ ଥିବା ସମ୍ପତ୍ତି ଏବଂ ଖୋଲା ଜମି ଯାହାର ମୌଜା : ପାତ୍ରପଡ଼ା, ଥାନା: ଖଣ୍ଡଗିରି, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପୁରୁଣା ଖାତା ନଂ.: ୪୬୫, ମ୍ୟୁଟେସନ୍ ଖାତା ନଂ.: ୭୦୩/୧୫୨୮, ପ୍ଲଟ ନଂ.:୧୫୬୭, କ୍ଷେତ୍ର: ଏକର ୦.୨୫୮ ଡିସିମିଲ, କିସମ: ଘରବାଡ଼ି, ସ୍ଥିତି: ସ୍ଥିତିବାନ।
(ଖ)ଡା. ଅଶୋକ ଆଚାର୍ଯ୍ୟଙ୍କ ନାମରେ ଥିବା ସମ୍ପତ୍ତି ଏବଂ ଖୋଲା ଜମି ଯାହାର ମୌଜା : ପାତ୍ରପଡ଼ା, ଥାନା: ଖଣ୍ଡଗିରି, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପୁରୁଣା ଖାତା ନଂ.: ୧୭୮, ମ୍ୟୁଟେସନ୍ ଖାତା ନଂ.: ୭୦୩/୧୫୩୧, ପ୍ଲଟ ନଂ.:୧୬୨୨, କ୍ଷେତ୍ର: ଏକର ୦.୩୨୦ ଡିସିମିଲ, କିସମ: ଘରବାଡ଼ି, ସ୍ଥିତି: ସ୍ଥିତିବାନ।
(ଗ)ଡା. ଅଶୋକ ଆଚାର୍ଯ୍ୟଙ୍କ ନାମରେ ଥିବା ସମ୍ପତ୍ତି ଏବଂ ଖୋଲା ଜମି ଯାହାର ମୌଜା : ନୂଆଗାଁ, ଥାନା: ଲିଙ୍ଗରାଜ, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପୁରୁଣା ଖାତା ନଂ.: ୩୫୩/୪୩, ମ୍ୟୁଟେସନ୍ ଖାତା ନଂ.: ୩୫୩/୬୨୫, ପ୍ଲଟ ନଂ.:୪୧୨, ମ୍ୟୁଟେସନ୍ ପ୍ଲଟ ନଂ.: ୪୧୨/୧୩୩୧, କ୍ଷେତ୍ର: ଏକର ୦.୩୫୭.୩୩ ଡିସିମିଲ, କିସମ: ଘରବାଡ଼ି, ସ୍ଥିତି: ସ୍ଥିତିବାନ।

ବିକ୍ରୟର ନିୟମ ଓ ସର୍ତ୍ତାବଳି ଜାଣିବା ନିମନ୍ତେ ଭାରତିୟ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସୁରକ୍ଷିତ ଋଣଦାତାଙ୍କର ନିମ୍ନ ଲିଖିତ ଲିଙ୍କ୍‌ରେ ଦେଖିପାରିବେ।
https://bank.sbi/webfiles/uploads/files/0905191632-Ayush hospital and Trauma Care.pdf

ପରିଶିଷ୍ଟ:IV-A( ରୁଲ୍-୮(୬) ଦ୍ରଷ୍ଟବ୍ୟ )
ସ୍ଥାବର ସମ୍ପତ୍ତି ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଧାରା ୮(୬)ର ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ଅନୁଯାୟୀ ସ୍ଥାବର ସମ୍ପତ୍ତି ବିକ୍ରୟ ନିମରେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଏତଦ୍‌ଦ୍ୱାରା ସର୍ବସାଧାରଣ ତଥା ବ୍ୟାଙ୍କର ଋଣଗ୍ରୀତାମାନେ ଶ୍ରୀମତୀ ଶକୁନ୍ତଳା ଦେବୀ ଏବଂ ଶ୍ରୀ ଗଣେଶ କୁମାର ଶର୍ମା / ଜାମିନଦାର: ଶ୍ରୀ ମୁକେଶ କୁମାର ଶର୍ମାଙ୍କୁ ଜଣାଇ ଦିଆଯାଉଛି ଯେ ସେମାନଙ୍କ ଉପରେ ତା. ୩୧.୦୧.୨୦୧୯ ସୁଦ୍ଧା ବକେୟା ଥିବା ଦେୟ ଟ.୯୫,୮୨,୬୨୨.୧୦ ଏବଂ ତା ୦୧.୦୨.୨୦୧୯ରିଖ ଠାରୁ ତତ୍‌ପରବର୍ତ୍ତୀ ସୁଦ୍ଧ ଓ ଅନ୍ୟାନ୍ୟ ଦେୟ ଅସୁଲ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତି ଗୁଡ଼ିକୁ ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଭାରପ୍ରାପ୍ତ ଅଧିକାରୀ ଭୌତିକ ଦଖଲ ନେଇ "ଯେଉଁଠାରେ ଯେପରି ଅଛି ", ଯାହା ଯେପରି ଅଛି", ଏବଂ ସେଠାରେ ଯାହା ଅଛି" ଭିତିରେ ତା.୧୦.୦୬.୨୦୧୯ରିଖରେସର୍ବସାଧାରଣରେ ନିଲାମ କରାଯିବ ସଂରକ୍ଷିତ ମୂଲ୍ୟ ଟ. ୧,୬୯,୦୦,୦୦୦/- ଅମାନତ ଜମାରାଶି ଟ. ୧୬,୯୦,୦୦୦/-ବ୍ୟାଙ୍କରେ ତା. ୦୬.୦୬.୨୦୧୯ରିଖ ଅପରାହ୍ନ ୪ ଘଟିକା କିମ୍ବା ତା ପୂର୍ବରୁ ଜମା କରିବାକୁ ପଡିବ।

ସ୍ଥାବର ସମ୍ପତ୍ତିର ବିବରଣୀ:-
ସକୁନ୍ତଳା ଦେବୀଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା : କମରଯୋଡା, ତହସିଲ: ବଡ଼ବିଲ୍, ଜିଲ୍ଲା: କେନ୍ଦୁଝର, ଖାତା ନଂ.: ୧୭୪/୨୩୦, ପ୍ଲଟ ନଂ.:୨୯୭/୧୪୭୯, କ୍ଷେତ୍ର: ଏକର ୦.୦୧୮ ଡିସିମିଲ, ପ୍ଲଟ ନଂ.:୧୨୨୩/୧୪୭୮, କ୍ଷେତ୍ର: ଏକର ୦.୦୨୫ ଡିସିମିଲ, ପ୍ଲଟ ନଂ.:୨୯୭/୧୪୩୭, କ୍ଷେତ୍ର: ଏକର ୦.୦୧୨ ଡିସିମିଲ, ପ୍ଲଟ ନଂ.:୧୨୨୩/୧୪୩୮, କ୍ଷେତ୍ର: ଏକର ୦.୦୪୫ ଡିସିମିଲ। ସମୁଦାୟ କ୍ଷେତ୍ର: ଏକର ୦.୧୦୦ଡିସିମିଲ୍, କିସମ: ଘରବାଡ଼ି।

ବିକ୍ରୟର ନିୟମ ଓ ସର୍ତ୍ତାବଳି ଜାଣିବା ନିମନ୍ତେ ଭାରତିୟ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସୁରକ୍ଷିତ ଋଣଦାତାଙ୍କର ନିମ୍ନ ଲିଖିତ ଲିଙ୍କ୍‌ରେ ଦେଖିପାରିବେ।
https://bank.sbi/webfiles/uploads/files/0905191632-Sakuntala Devi.pdf

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୯.୦୫.୨୦୧୯
କେ. ସାମଲ, କ୍ଷମତାପ୍ରାପ୍ତ ଅଧିକାରୀ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

ଈଶ୍ୱରଙ୍କ ହାତରେ ସବୁତକ ସମୟ ଅଛି – ତେଣୁ ସେ କୌଣସି କାର୍ଯ୍ୟରେ ତରବର ହୁଅନ୍ତି ନାହିଁ। ସେ ମଧ୍ୟ ତାଙ୍କ ଲକ୍ଷ୍ୟ ସମ୍ବନ୍ଧେ ନିଶ୍ଚିତ। ତାଙ୍କର ସଫଳତା ସମ୍ବନ୍ଧେ ବି ନିଶ୍ଚିତ। ତେଣୁ ସେ ସହସ୍ରବାର କାର୍ଯ୍ୟରୁ ବିରତ ହେଲେ ବି, ବ୍ୟସ୍ତ ହୁଅନ୍ତି ନାହିଁ। କାରଣ ତଦ୍ୱାରା ସେ ପୂର୍ଣ୍ଣତାର ନିକଟବର୍ତ୍ତୀ ହୁଅନ୍ତି।

–ଶ୍ରୀଅରବିନ୍ଦ



# କ୍ୟାଡର ପଦରେ ଅଣକ୍ୟାଡର

## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ତାମିଲନାଡୁର ଯୁବ ଆଇପିଏସ୍ ଅଫିସରମାନେ ଖୁସି ନୁହନ୍ତି। ରାଜ୍ୟ ସରକାର ଆବଣ୍ଟିତ କ୍ୟାଡର ପଦବୀଗୁଡ଼ିକ ମଧ୍ୟରୁ ପ୍ରାୟ ଅର୍ଦ୍ଧେକରେ ଅଣକ୍ୟାଡର ଅଫିସରଙ୍କୁ ନିଯୁକ୍ତି ଦେଇଥିବାରୁ ଆଇପିଏସ୍ ବାବୁମାନେ ସେମାନଙ୍କ କ୍ଷେତ୍ରାଧିକାର ସଙ୍କୁଚିତ ହେଉଥିବା ଅନୁଭବ କରୁଛନ୍ତି। ସୂଚନା ଅନୁସାରେ, ତାମିଲନାଡୁରେ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଓ ପୋଲିସ ଡେପୁଟି କମିଶନର ଭଳି ୭୬ଟି କ୍ୟାଡରଭୁକ୍ତ ପଦବୀ ମଧ୍ୟରୁ ୭୨ଟିରେ ଅଣକ୍ୟାଡର ଅଫିସର ନିଯୁକ୍ତି ପାଇଛନ୍ତି। ରାଜ୍ୟ ମେଟ୍ରୋପଲିଟାନ ପରିବହନ ନିଗମର ଡିଜିପି–ପାହ୍ୟାର ଭିଜିଲାନ୍ସ ଅଫିସର ଏସ୍.ଆର୍. ଜଙ୍ଗିଦ ମୁଖ୍ୟ ଶାସନ ସଚିବ ଗିରିଜା ବୈଦ୍ୟନାଥନ୍ଙ୍କ ନିକଟକୁ ଚିଠି ଲେଖି ଜଣାଇଛନ୍ତି ଯେ, ପ୍ରଚଳିତ ବଦଳି ନୀତି ଆଇପିଏସ୍ କ୍ୟାଡର ନିୟମର ବିରୁଦ୍ଧାଚରଣ କରୁଛି ଏବଂ ଯୁବ ଆଇପିଏସ୍ ଅଫିସରମାନଙ୍କ ପାଇଁ ଏହା କ୍ଷତିକାରକ। ପୁନଶ୍ଚ ରାଜ୍ୟରେ ଯଥେଷ୍ଟ ସଂଖ୍ୟକ କ୍ୟାଡର ଅଫିସର ଉପଲବ୍ଧ ଥିବା ସତ୍ତ୍ୱେ ଏପରି ନିଯୁକ୍ତି ଦିଆଯାଇଛି। କ୍ୟାଡର ପଦବୀରେ କ୍ୟାଡର ଅଫିସର ନିଯୁକ୍ତି ପାଇବା ବାଧ୍ୟତାମୂଳକ ହୋଇଥିଲେ ମଧ୍ୟ ସ୍ଥଳବିଶେଷରେ ଏହାର ବ୍ୟତିକ୍ରମ ପାଇଁ ପ୍ରାବଧାନ ରହିଛି। ଯଦି ଉପଯୁକ୍ତ କ୍ୟାଡର ଅଫିସର ଉପଲବ୍ଧ ନ ଥାନ୍ତି, ତେବେ ସେ କ୍ଷେତ୍ରରେ ଅଣକ୍ୟାଡର ଅଫିସରଙ୍କୁ ନିଯୁକ୍ତି ଦିଆଯାଇପାରିବ ବୋଲି ନିୟମ ଅଛି। ଏହି ବନ୍ଦୋବସ୍ତକୁ ରାଜ୍ୟ ସରକାର ତିନିମାସରୁ ଅଧିକ କାଳ ଚାଲୁ ରଖିବାକୁ ଚାହିଁଲେ ସେଥିପାଇଁ କେନ୍ଦ୍ର ସରକାରଙ୍କଠାରୁ ପୂର୍ବରୁ ଅନୁମତି ଆଣିବା ଦରକାର। ତେବେ ରାଜ୍ୟ ସରକାର ଏ ଚିଠିର ଏପର୍ଯ୍ୟନ୍ତ କୌଣସି ଉତ୍ତର ଦେଇନାହାନ୍ତି।

### ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି

ନୂଆ ସରକାର କ୍ଷମତାକୁ ଆସିବା ପରେ ତାଙ୍କୁ ତିନୋଟି ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ଉପରେ ଦୃଷ୍ଟିଦେବାକୁ ପଡ଼ିବ। କାରଣ କ୍ୟାବିନେଟ୍ ସଚିବ ପି.କେ. ସିହ୍ନାଙ୍କ ସମ୍ପ୍ରସାରିତ କାର୍ଯ୍ୟକାଳ ଜୁନ୍ ୧୨ରେ ଶେଷ ହେବାକୁ ଯାଉଥିବା ବେଳେ ଗୋଇନ୍ଦା ବ୍ୟୁରୋ (ଆଇବି) ମୁଖ୍ୟ ରାଜୀବ ଜୈନ ଏବଂ ର' ମୁଖ୍ୟ ଅନିଲ ଧସମାନା ଚଳିତ ମେ ଶେଷ ସୁଦ୍ଧା ଅବସର ନେବାକୁ ଯାଉଛନ୍ତି। ସିହ୍ନାଙ୍କ ପରି ଉକ୍ତ ଦୁଇଜଣ ଗୋଇନ୍ଦା ମୁଖ୍ୟ ମଧ୍ୟ ଛଅମାସିଆ ସମ୍ପ୍ରସାରଣ ଭୋଗ କରୁଛନ୍ତି। ଦେଶର ଅମଲାତାନ୍ତ୍ରିକ ଢାଞ୍ଚାକୁ ଚଳାଇବା ଏବଂ ଆଭ୍ୟନ୍ତରୀଣ ଓ ବାହ୍ୟ ସୁରକ୍ଷା ବ୍ୟବସ୍ଥା ବୁଝିବା ଲାଗି ଏହି ତିନିଜଣ ବାବୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସ୍ୱରାଷ୍ଟ୍ର, ପ୍ରତିରକ୍ଷା ଓ ବିଦେଶ ସଚିବଙ୍କ ପରି କ୍ୟାବିନେଟ୍ ସଚିବ ନିର୍ଦ୍ଧାରିତ ଦୁଇବର୍ଷିଆ କାର୍ଯ୍ୟକାଳ ଭୋଗ କରୁଥିବା ବେଳେ ପ୍ରଧାନମନ୍ତ୍ରୀ ଅମଲାତାନ୍ତ୍ରିକ ପରିଚାଳନାରେ ନିରବଚ୍ଛିନ୍ନତା ଚାହୁଁଥିବାରୁ କ୍ୟାବିନେଟ୍ ସଚିବଙ୍କର କାର୍ଯ୍ୟକାଳ ସାଧାରଣତଃ ବୃଦ୍ଧି ପାଇଥାଏ। ବାସ୍ତବରେ ସିହ୍ନାଙ୍କ କ୍ଷେତ୍ରରେ ପୂର୍ବ ଉଦାହରଣ ରହିଛି– ଉଭୟ କେ.ଏମ୍. ଚନ୍ଦ୍ରଶେଖର ଓ ଅଜିତ କେ. ସେଠ ସମ୍ପ୍ରସାରଣ ଯୋଗୁ ପ୍ରତ୍ୟେକେ ଚାରିବର୍ଷ କାର୍ଯ୍ୟ କରିଥିଲେ। ୨୦୧୫ରେ ସିହ୍ନା ଦୁଇବର୍ଷ ପାଇଁ ନିଯୁକ୍ତି ପାଇଥିବା ବେଳେ ୨୦୧୭ରେ ପ୍ରଥମ ସମ୍ପ୍ରସାରଣ ପାଇଥିଲେ ଏବଂ ଏବେ ତାଙ୍କୁ ଦ୍ୱିତୀୟ ସମ୍ପ୍ରସାରଣ ଦିଆଯାଇଛି। ଧସମାନାଙ୍କୁ ସମ୍ପ୍ରସାରଣ ଦିଆଯିବା ଯୋଗୁ ର' ମୁଖ୍ୟ ଭାବେ ପଦୋନ୍ନତି ପାଇବାକୁ ଆଶା ରଖିଥିବା ଚାରିଜଣ ପ୍ରାର୍ଥୀଙ୍କୁ ନିରାଶ ହେବାକୁ ପଡ଼ିଲା। ଏହି ତାଲିକାର ଶୀର୍ଷରେ ଥିଲେ କଲମ୍ବୋ ର' ଷ୍ଟେଶନର ପୂର୍ବତନ ମୁଖ୍ୟ କେ. ଇଲାଙ୍ଗୋ। ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ମହିନ୍ଦା ରାଜପାକ୍ସେଙ୍କ ପରାଜୟରେ ସେ ସାହାଯ୍ୟ କରିଥିବା କୁହାଯାଉଛି। ରାଜପାକ୍ସେ ୨୦୧୫ ନିର୍ବାଚନରେ ପରାସ୍ତ ହୋଇଥିଲେ। ପଞ୍ଜାବ କ୍ୟାଡର ଆଇପିଏସ୍ ଅଫିସର ସାମନ୍ତ ଗୋୟେଲ ମଧ୍ୟ ର' ମୁଖ୍ୟ ହେବା ପାଇଁ ଅନ୍ୟତମ ପ୍ରତିଦ୍ୱନ୍ଦ୍ୱୀ ଥିଲେ। ସେହିପରି ଆଇବି ମୁଖ୍ୟ ହେବା ପାଇଁ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଥିବା ଦୁଇଜଣ ବରିଷ୍ଠ ପୋଲିସ ବାବୁ ହେଉଛନ୍ତି ୧୯୮୪ ବ୍ୟାଚ୍ ବିହାର କ୍ୟାଡର ଆଇପିଏସ୍ ଅଫିସର ଅରବିନ୍ଦ କୁମାର ଏବଂ ମଧ୍ୟପ୍ରଦେଶ ପୋଲିସ ମୁଖ୍ୟ ଆର୍.କେ. ଶୁକ୍ଳା।

### କମ୍ ଟିକସ ବାବୁ ଲୋଡ଼ା

ମୋଦି ସରକାର କ୍ଷମତାକୁ ଆସିବା ପରଠାରୁ ଭାରତୀୟ ରାଜସ୍ୱ ସେବା (ଆଇଆର୍ଏସ୍) ବାବୁମାନଙ୍କ ନିଯୁକ୍ତି ହ୍ରାସ ପାଇଚାଲିଛି, ଯଦିଚ ଆଇଏଏସ୍, ଆଇପିଏସ୍ ଓ ଆଇଏଫ୍ଏସ୍ ବାବୁମାନଙ୍କ ନିଯୁକ୍ତି ପୂର୍ବ ପରି ବଳବତ୍ତର ରହିଛି। ମୋଦି ସରକାରଙ୍କ ଶାସନକାଳକୁ ମିଶାଇ ୨୦୧୩ରୁ ଆଇଆର୍ଏସ୍ ବାବୁମାନଙ୍କ ନିଯୁକ୍ତି ୭୪ ପ୍ରତିଶତ ହ୍ରାସ ପାଇଛି। ସୂଚନା ଅନୁସାରେ ଭାରତୀୟ ରାଜସ୍ୱ ସେବା, ଭାରତୀୟ ଡାକ ସେବା, ଭାରତୀୟ ପରିସଂଖ୍ୟାନ ସେବା ସମେତ ଗ୍ରୁପ୍ ଏ ସେବା କ୍ଷେତ୍ରରେ ବର୍ତ୍ତମାନ ସୁଦ୍ଧା ୧୫୦୦୦ରୁ ଅଧିକ ପଦବୀ ଖାଲି ପଡ଼ିଛି। ସେହିପରି ଗ୍ରୁପ୍ ବି ସେବା କ୍ଷେତ୍ରରେ ୨୬୦୦୦ରୁ ଅଧିକ ପଦବୀ ଖାଲି ପଡ଼ିଛି। ତଥାପି ଏହି ଦୁଇ ଗ୍ରୁପ୍ର ସେବା କ୍ଷେତ୍ରରେ ନିଯୁକ୍ତି ହ୍ରାସ ପାଇଚାଲିଛି। ୨୦୧୩ରେ ୟୁପିଏସ୍ସି ଦ୍ୱାରା ପରିଚାଳିତ ପ୍ରଶାସନିକ ପରୀକ୍ଷା ମାଧ୍ୟମରେ ୪୦୯ ଜଣ ଆଇଆର୍ଏସ୍ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଥିଲା। ୨୦୧୭ ସୁଦ୍ଧା ଏହି ସଂଖ୍ୟା ୨୦୮କୁ ଖସିଲା। ୨୦୧୮ରେ ସରକାର ମାତ୍ର ୧୦୬ ଜଣଙ୍କ ନାମ ମଞ୍ଜୁର କରିଛନ୍ତି। କିନ୍ତୁ ପ୍ରକୃତରେ କେତେଜଣଙ୍କୁ ନିଯୁକ୍ତି ମିଳିବ, ତାହା ଏଯାଏ ସ୍ପଷ୍ଟ ହୋଇନାହିଁ, କାରଣ ଏଇ ଅଳ୍ପଦିନ ହେଲା ପରୀକ୍ଷାଫଳ ବାହାରିଲା ଏବଂ ଏପର୍ଯ୍ୟନ୍ତ ସେବା ଆବଣ୍ଟନ ହୋଇନାହିଁ। କୁହାଯାଉଛି ଯେ, ବ୍ୟାପକ ଭାବେ ଡିଜିଟାଇଜେଶନ, କମ୍ପ୍ୟୁଟରୀକରଣ ଓ ଡାଟା ନେଟ୍ୱର୍କିଂ ଇତ୍ୟାଦି ଯୋଗୁ ସରକାରଙ୍କର ଆଉ ପୂର୍ବ ପରି ଅଧିକ ସଂଖ୍ୟକ ଆଇଆର୍ଏସ୍ ଅଫିସର ଦରକାର ପଡୁନାହାନ୍ତି। ପୁନଶ୍ଚ ଜିଏସ୍ଟି ପ୍ରବର୍ତ୍ତନ ଯୋଗୁ ହାତରେ କରାଯାଉଥିବା କାମ ଯଥେଷ୍ଟ କମିଯାଇଛି।

Email: dilipcherian@gmail.com

# ଭାରତ ଓ ଆଣବିକ ଶକ୍ତି

ଇଂ. ମାୟାଧର ସ୍ୱାଇଁ

ଭାରତ ୧୯୯୮ ମସିହା ମେ ୧୧ ତାରିଖରେ ତିନୋଟି ଓ ୧୩ ତାରିଖରେ ଦୁଇଟି ଆଣବିକ ପରୀକ୍ଷା କରି ନିଜକୁ ଆଣବିକ ରାଷ୍ଟ୍ର ଭାବେ ଘୋଷଣା କରି ଇତିହାସ ସୃଷ୍ଟି କରିଥିଲା। ଏହି କୃତିତ୍ୱ ପରେ ପ୍ରତିବର୍ଷ ମେ ୧୧ ତାରିଖକୁ ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ଭାବେ ପାଳନ କରାଯାଉଛି। ବାସ୍ତବରେ ଏହା ଭାରତର ପ୍ରଥମ ଆଣବିକ ପରୀକ୍ଷା ନ ଥିଲା। ଏହା ପୂର୍ବରୁ ୧୯୭୪ ମସିହାରେ ଏକ ପରୀକ୍ଷା କରାଯାଇଥିଲା। କିନ୍ତୁ ଦୁଇଟିର ଉଦ୍ଦେଶ୍ୟ ଓ ପ୍ରଭାବ ଅଲଗା ଥିଲା।

୧୯୪୪ ମସିହାରେ ବମ୍ବେଠାରେ ହୋମି ଜାହାଙ୍ଗୀର ଭାବାଙ୍କ ପ୍ରଚେଷ୍ଟାରେ ଟାଟା ମୌଳିକ ଗବେଷଣା ପ୍ରତିଷ୍ଠାନ ସ୍ଥାପିତ ହେବା ପରେ ଭାରତରେ ଆଣବିକ ଗବେଷଣା ଆରମ୍ଭ କରାଯାଇଥିଲା। ଆଣବିକ ଶକ୍ତିର ଶାନ୍ତିପୂର୍ଣ୍ଣ ବିକାଶ ପାଇଁ ୧୯୪୮ ମସିହାରେ ପରମାଣୁ ଶକ୍ତି ଆଇନ ଗୃହୀତ ହୋଇଥିଲା। ଅନ୍ତର୍ଜାତୀୟ ସ୍ତରରେ ଆଣବିକ ଶକ୍ତି ଉପରେ ଗବେଷଣା ଚାଲିଥିଲା ବେଳେ ଭାରତ ଏଥିରେ ପଛରେ ରହି ନ ଥିଲା। ଭାରତ ୧୯୬୮ ମସିହାରେ ଆଣବିକ ଅପ୍ରସାରଣ ଚୁକ୍ତି (ଏନ୍ପିଟି)ରେ ଦସ୍ତଖତ କରିବାକୁ ମନା କରିଦେଲା। ଏହି ଚୁକ୍ତି ଅନୁଯାୟୀ ଆଣବିକ ଶକ୍ତିସମ୍ପନ୍ନ ରାଷ୍ଟ୍ରଗୁଡ଼ିକ ବ୍ୟତୀତ ଅନ୍ୟ କୌଣସି ରାଷ୍ଟ୍ର ଆଣବିକ ପରୀକ୍ଷା କରିପାରିବ ନାହିଁ। ଏହି ବିଭେଦପୂର୍ଣ୍ଣ ଚୁକ୍ତିରେ ଭାରତ ଆଜି ପର୍ଯ୍ୟନ୍ତ ମଧ୍ୟ ସ୍ୱାକ୍ଷର କରିନାହିଁ।

୧୯୭୪ ମସିହା ମେ ୧୮ତାରିଖରେ ଭାବା ପରମାଣୁ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ରାଜା ରମଣ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ଟେଲିଫୋନରେ ଜଣାଇଲେ ଯେ, 'ଶେଷରେ ବୁଦ୍ଧ ହସିଛନ୍ତି'। ଏହି ଗୁପ୍ତ ସଙ୍କେତର ଅର୍ଥ ଥିଲା, ଭାରତର ପ୍ରଥମ ପରମାଣୁ ପରୀକ୍ଷା ସଫଳ ହୋଇଛି। ସଂଯୋଗବଶତଃ ଏହା ଥିଲା ବୁଦ୍ଧପୂର୍ଣ୍ଣିମା ତିଥି, ରାଜସ୍ଥାନର ଥର୍ ମରୁଭୂମିର ପୋଖରାନଠାରେ ଏହି ପରୀକ୍ଷା କରାଯାଇଥିଲା। ପୃଥିବୀର ବଡ ବଡ ଦେଶ ଏଥିରେ ସ୍ତବ୍ଧ ହୋଇ ଯାଇଥିଲେ। କେହି କଳ୍ପନା କରି ନ ଥିଲେ ଯେ ଭାରତ ଏତେ ଶୀଘ୍ର ସଫଳ ପରମାଣୁ ପରୀକ୍ଷା କରିପାରିବ। ଜାତିସଂଘ ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟ ନ ଥିବା କୌଣସି ଦେଶ ଏହି ପରୀକ୍ଷା କରିବା ପ୍ରଥମ ଥିଲା। ଯଦିଓ ଭାରତ ଏହାକୁ 'ଶାନ୍ତିପୂର୍ଣ୍ଣ ଆଣବିକ ବିସ୍ଫୋରଣ' ନାମ ଦେଇଥିଲା, ଯୁକ୍ତରାଷ୍ଟ୍ର ଆମେରିକା ସମେତ ଅନେକ ରାଷ୍ଟ୍ର ଭାରତ ଉପରେ ଅର୍ଥନୈତିକ ଓ ବୈଜ୍ଞାନିକ ପ୍ରତିବନ୍ଧକ ଲଗାଇଲେ। ଭାରତ ସେତେବେଳେ ଆମେରିକା ଓ ଜାପାନ ଭଳି ଧନୀ ରାଷ୍ଟ୍ରଠାରୁ ଖାଦ୍ୟ ସହାୟତା ଓ ଅନ୍ୟ ଅର୍ଥନୈତିକ ସାହାଯ୍ୟ ପାଉଥିଲା। ଅର୍ଥନୈତିକ ପ୍ରତିବନ୍ଧକର ସମ୍ଭାବନା ଥିବା ଜାଣି ମଧ୍ୟ ଭାରତ ନିଜର ସ୍ୱାଭିମାନ ପାଇଁ ଏହି ପରୀକ୍ଷା କରିଥିଲା।

ପ୍ରଥମ ଆଣବିକ ପରୀକ୍ଷା ପରେ ବିଭିନ୍ନ ଦେଶର ଅର୍ଥନୈତିକ ପ୍ରତିବନ୍ଧକ ଓ ଅନ୍ୟାନ୍ୟ ଚାପ ପରେ ଭାରତ ପୁନର୍ବାର ଆଣବିକ ପରୀକ୍ଷା କରିବା

## ରାଷ୍ଟ୍ରୀୟ ପ୍ରଯୁକ୍ତି ଦିବସ ଉପଲକ୍ଷେ

ପାଇଁ ସାହସ କରି ନ ଥିଲା। ପି.ଭି. ନରସିଂହ ରାଓ ପ୍ରଧାନମନ୍ତ୍ରୀ ଥିବା ସମୟରେ ୧୯୯୫ ମସିହାରେ ଭାରତ ଅନ୍ୟ ଏକ ଆଣବିକ ପରୀକ୍ଷା କରିବା ପାଇଁ ପ୍ରସ୍ତୁତି ଚଳାଇଥିଲା। କିନ୍ତୁ ଯୁକ୍ତରାଷ୍ଟ୍ର ଆମେରିକାର ଗୋଇନ୍ଦା ସଂସ୍ଥା ଏହା ଜାଣିପାରିବା ପରେ ଚାପ ପକାଇ ଏହାକୁ ବନ୍ଦ କରି ଦିଆଗଲା।

୧୯୯୮ ମସିହାରେ ଅଟଳ ବିହାରୀ ବାଜପେୟୀଙ୍କ ସରକାର ସମୟରେ ରାଜସ୍ଥାନର ସେହି ପୋଖରାନଠାରେ ଓ ପୁନଶ୍ଚ ବୁଦ୍ଧ ପୂର୍ଣ୍ଣିମା ତିଥିରେ ମେ ୧୧ ତାରିଖରେ ତିନୋଟି ଆଣବିକ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ଦୁଇଟି 'ଆଣବିକ ବିଭାଜନ ବୋମା' ଓ ଗୋଟିଏ 'ଆଣବିକ ସଂଯୋଜନ ବୋମା' ଥିଲା। ଏହାର ଦୁଇଦିନ ପରେ ଦୁଇଟି ଆଣବିକ ବିଭାଜନ ବୋମାର ପରୀକ୍ଷା କରାଗଲା। ଏହି ପ୍ରକଳ୍ପର ନାମ 'ଅପରେଶନ ଶକ୍ତି' ରଖାଯାଇଥିଲା। ପରୀକ୍ଷା ପୂର୍ବରୁ ଏହାକୁ ଅତି ଗୋପନ ରଖାଯାଇଥିଲା, ଫଳରେ ବାହାର ଦେଶର ଗୋଇନ୍ଦା ସଂସ୍ଥା ଏହାର ଆଭାସ ସୁଦ୍ଧା ପାଇପାରି ନ ଥିଲେ। ଏପରି କି ବାଜପେୟୀଙ୍କ ମନ୍ତ୍ରିମଣ୍ଡଳର ପ୍ରତିରକ୍ଷା ମନ୍ତ୍ରୀ ଜର୍ଜ ଫର୍ଣ୍ଣାଣ୍ଡିଜ୍ ଏହାକୁ ପ୍ରଥମ ବିସ୍ଫୋରଣ ପରେ ଜାଣିଥିଲେ। ଏହାର ନେତୃତ୍ୱ ନେଇଥିଲେ ଭାରତ ସରକାରଙ୍କ ମୁଖ୍ୟ ବିଜ୍ଞାନ ପରାମର୍ଶଦାତା ତଥା ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂସ୍ଥାର ଡାଇରେକ୍ଟର ଜେନେରାଲ ଏ.ପି.ଜେ. ଅବଦୁଲ୍ କଲାମ୍ (ପରେ ୨୦୦୨ରୁ ୨୦୦୭ ମସିହା ପର୍ଯ୍ୟନ୍ତ ଭାରତର ରାଷ୍ଟ୍ରପତି) ଏବଂ ଭାବା ପରମାଣୁ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ରାଜଗୋପାଳ ଚିଦାମ୍ବରମ୍। ଏହାକୁ ପୋଖରାନ୍–୨ ପରୀକ୍ଷା ଏବଂ ୧୯୭୪ ମସିହାର ପରୀକ୍ଷାକୁ ପୋଖରାନ୍–୧ ପରୀକ୍ଷା କୁହାଗଲା।

୧୯୭୪ ମସିହାରେ ଭାରତ ପୋଖରାନ୍–୧ ପରୀକ୍ଷାକୁ ଶାନ୍ତିପୂର୍ଣ୍ଣ ପରୀକ୍ଷା କହିଥିବା ବେଳେ ୧୯୯୮ ମସିହାରେ ଭାରତ ନିଜକୁ ଆଣବିକ ଶକ୍ତିସମ୍ପନ୍ନ ରାଷ୍ଟ୍ର ଭାବେ ଘୋଷଣା କରିଥିଲା। ଅନ୍ୟ ଅର୍ଥରେ ଭାରତ ପାଖରେ ଆଣବିକ ଅସ୍ତ୍ର ରହିଥିବା ଏହା ଦମ୍ଭର ସହିତ ଜଣାଇଲା। ଭାରତ ଏପରି ଘୋଷଣା କରିବାର କାରଣ ଥିଲା ଯେ ଏହା ୧୯୭୪ ମସିହା ଭଳି ଦୁର୍ବଳ ନ ଥିଲା ଏବଂ ଉଭୟ ବିଜ୍ଞାନ ଓ ଅର୍ଥନୈତିକ ଦୃଷ୍ଟିରୁ ଏହା ଅନେକ ପ୍ରଗତି କରିଥିଲା। ଯୁକ୍ତରାଷ୍ଟ୍ର ଆମେରିକା ସମେତ ଅନେକ ଦେଶ ଭାରତ ଉପରେ ବିଭିନ୍ନ ପ୍ରକାର ପ୍ରତିବନ୍ଧକ ଲଗାଇଥିଲେ ସୁଦ୍ଧା ଏହା ଅଧିକ ଦିନ ପର୍ଯ୍ୟନ୍ତ ବଳବତ୍ତର ହୋଇ ରହିପାରିଲା ନାହିଁ। ଭାରତର ଦ୍ରୁତ ଆର୍ଥିକ ବିକାଶ ଏବଂ ଏସିଆ ମହାଦେଶରେ ଏହାର ଶକ୍ତି ଓ ଗୁରୁତ୍ୱକୁ ଦେଖି ତତ୍କାଳୀନ ଆମେରିକା ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ଭାରତ ସହିତ କଥାବାର୍ତ୍ତା କରିବା ପାଇଁ ବାଧ୍ୟ ହୋଇଥିଲେ ଏବଂ ୨୦୦୧ ମସିହାରେ ସମସ୍ତ ପ୍ରତିବନ୍ଧକ ହଟାଇ ଦେଇଥିଲେ।

ବାସ୍ତବରେ ଆମ ପଡୋଶୀ ରାଷ୍ଟ୍ର ଚାଇନା ଗୋଟିଏ ଆଣବିକ ରାଷ୍ଟ୍ର ଥିବାବେଳେ ଅନ୍ୟ ଏକ ପଡୋଶୀ ରାଷ୍ଟ୍ର ପାକିସ୍ତାନ ମଧ୍ୟ ଗୁପ୍ତରେ ଆଣବିକ ଅସ୍ତ୍ର ନିର୍ମାଣ ପାଇଁ କାର୍ଯ୍ୟ କରୁଥିବାର ଖବର ପାଇ ଆମର ଏହି ଦୁଇ ଚିରାଚରିତ ଶତ୍ରୁ ରାଷ୍ଟ୍ର ବିପକ୍ଷରେ ନିଜକୁ ସଜାଗ ରଖିବା ପାଇଁ ଭାରତ ଏହି ପରୀକ୍ଷା କରିଥିଲା। କେତେକ ଦେଶର ବିରୋଧ ସତ୍ତ୍ୱେ ଭାରତ ଓ ଆମେରିକା ମଧ୍ୟରେ ୨୦୦୮ ମସିହାରେ 'ବେସାମରିକ ଆଣବିକ ସହଯୋଗ ଚୁକ୍ତି' ସ୍ୱାକ୍ଷରିତ ହୋଇଛି। ଭାରତ ମଧ୍ୟ ନିଜଆଡ଼ୁ ପ୍ରଥମେ ଆଣବିକ ଅସ୍ତ୍ର ପ୍ରୟୋଗ କରିବ ନାହିଁ ବୋଲି ଘୋଷଣା କରିଛି। ଆଣବିକ ଅପ୍ରସାର ଚୁକ୍ତିରେ ସ୍ୱାକ୍ଷର କରି ନ ଥିଲେ ସୁଦ୍ଧା ଭାରତକୁ ଆଜି ଗୋଟିଏ ଆଣବିକ ଶକ୍ତିସମ୍ପନ୍ନ ରାଷ୍ଟ୍ର ଭାବେ ମାନ୍ୟତା ଦିଆଯାଉଛି। ଭାରତ ମଧ୍ୟ 'କ୍ଷେପଣାସ୍ତ୍ର ପ୍ରଯୁକ୍ତିବିଦ୍ୟା ନିୟନ୍ତ୍ରଣ ପ୍ରାଧିକରଣ' ଏବଂ ପାରମ୍ପରିକ ଅସ୍ତ୍ର ଓ ଦ୍ୱୈତ–ବ୍ୟବହୃତ ସାମଗ୍ରୀ ଓ ପ୍ରଯୁକ୍ତିବିଦ୍ୟା ପାଇଁ ରପ୍ତାନି ନିୟନ୍ତ୍ରଣ ନିମିତ୍ତ ଗଠିତ 'ୱାସେନାର୍ ବ୍ୟବସ୍ଥା' ଭଳି କେତେକ ଅନୌପଚାରିକ ଗ୍ରୁପ୍ର ସଦସ୍ୟ ହୋଇଛି।

ଭାରତ ପରେ ପରେ ପାକିସ୍ତାନ ମଧ୍ୟ ୧୯୯୮ ମସିହାରେ ଆଣବିକ ପରୀକ୍ଷା କରିଛି ଏବଂ ଆଣବିକ ବୋମା ମହଜୁଦ କରି ରଖିଛି। ଉତ୍ତମ ସମ୍ପର୍କ ନ ଥିବା ଦୁଇ ପଡୋଶୀ ରାଷ୍ଟ୍ର ହାତରେ ଅଛି ବ୍ରହ୍ମାସ୍ତ୍ର। ପାକିସ୍ତାନ ଏହାକୁ ନେଇ ଅନେକଥର ଭାରତକୁ ମଧ୍ୟ ଧମକ ଦେଇଛି। ଆମ ପ୍ରଧାନମନ୍ତ୍ରୀ ନିର୍ବାଚନୀ ସଭାରେ ପ୍ରକାଶ କରିଛନ୍ତି ଯେ ଭାରତ ଦୀପାବଳି ପାଇଁ ଏହି ବାଣ ରଖିନାହିଁ। ଏହାର ଜବାବରେ ପାକିସ୍ତାନ କିଛି କହିବା ପୂର୍ବରୁ ଜମ୍ମୁ ଓ କଶ୍ମୀରର ଜଣେ ନେତା କହିଲେଣି ଯେ ପାକିସ୍ତାନ ମଧ୍ୟ ଇଦ୍ ପାଇଁ ଏହା ରଖିନାହିଁ। ପୁରାଣ ଯୁଗରେ ବିବେକବାନ୍ ବ୍ୟକ୍ତିଙ୍କ ହାତରେ ବ୍ରହ୍ମାସ୍ତ୍ର ଥିଲା। ଯଦି କୌଣସି ଅବିବେକୀ ବ୍ୟକ୍ତି ହାତରେ ଆଧୁନିକ ଯୁଗର ବ୍ରହ୍ମାସ୍ତ୍ର ରହେ, ତା'ହେଲେ ପୃଥିବୀର ଅବସ୍ଥା କ'ଣ ହେବ? ପୃଥିବୀର ସମସ୍ତ ଦେଶରୁ ଆଣବିକ ବୋମାକୁ ନଷ୍ଟ କରି ଆଣବିକ ଶକ୍ତିକୁ କେବଳ ଶକ୍ତି ଉଦ୍ଦେଶ୍ୟରେ ବ୍ୟବହାର କରିବା ଉଚିତ।

୭୦, ଲକ୍ଷ୍ମୀବିହାର, ଫେଜ୍–୧, ଭୁବନେଶ୍ୱର,
ମୋ–୯୪୩୮୬୯୩୭୨୪

# ଶବ୍ଦ ନୁହେଁ ମନ୍ତ୍ରଟିଏ

ସଂଗ୍ରାମ କେଶରୀ ପୃଷ୍ଟି

ଦଶମାସ ଦଶଦିନ ମିଠା ଯନ୍ତ୍ରଣାକୁ ଆଲିଙ୍ଗନ କରି ସୁରକ୍ଷିତ ଗର୍ଭକୁ ବୋହି ଶେଷରେ ଏ ସୁନ୍ଦର ସୃଷ୍ଟିକୁ ଯିଏ ଆଣିଥାଏ, ସେ ହେଉଛି ମମତାମୟୀ ମା'। ସୁତରାଂ ପ୍ରତ୍ୟେକଟି ସନ୍ତାନ ପାଇଁ ପ୍ରଥମ ଅମୃତବୋଳା ଏ ଶବ୍ଦ ମା', ଯେଉଁଥିରେ ଭରିରହିଥାଏ ପ୍ରଚୁର ସମ୍ମୋହନ, ଅନୁଚ୍ଚାରିତ ଆବେଗ, ନିଆରା ଅନୁଭବ ଓ ସର୍ବୋପରି ବଶୀକରଣର ଅବ୍ୟର୍ଥ ମନ୍ତ୍ର। ମା' ଶବ୍ଦର ଏହି ଅନୁଭବ ମଧ୍ୟରେ ଲୁଚିରହିଥାଏ ସମଗ୍ର ବସୁଧାର ସଂଜ୍ଞା ଆଉ ତା' ପଣତକାନି ପାଲଟିଯାଏ ଏକ ନିରାପଦ ଆଶ୍ରୟସ୍ଥଳ। ଯେଉଁଠି ପ୍ରକୃତିକୁ ଖୋଜିବାର ଆବଶ୍ୟକତା ନ ଥାଏ। ଛନ୍ଦମୟୀ ନଈଟିଏ ସାଜି ସମସ୍ତଙ୍କୁ କୋଳେଇନେଇ ମାଡିଚାଲେ ସେ ଆଗକୁ ଆଗକୁ। ଯାବତୀୟ ବାଧା ବନ୍ଧନକୁ ପାଦରେ ଏଡାଇ ସମସ୍ତଙ୍କୁ ଅକାତର ଚିତ୍ତରେ କ୍ଷମା କରି ନିଜର କଠୋର ତପସ୍ୟା ବଳରେ ପାଲଟିଯାଏ ଗଙ୍ଗା। ସନ୍ତାନର ଆତ୍ମସମ୍ମାନ ରକ୍ଷା ପାଇଁ ନିଜେ ଧରିତ୍ରୀ ପରି ଦୁଇଫାଳ ହୋଇ ସତୀ ସୀତାଙ୍କୁ ଗର୍ଭରେ ସ୍ଥାନ ଦେଇ ଏକ ବିରଳ ଉଦାହରଣ ସୃଷ୍ଟି କରିପାରିଥିବା କରୁଣାମୟୀ ମା'ପରି ଆଉ କିଏ ହୋଇପାରେ!

ଏ ସଂସାରର ପ୍ରତ୍ୟେକଟି ମଣିଷ ପାଇଁ ମା' ହେଉଛି ସବୁଠୁ ସୁନ୍ଦର ଓ ମଧୁମୟ। ତପ, ତ୍ୟାଗ, ସମର୍ପଣ ଓ ବଳିଦାନର ଜୀବନ୍ତ ପ୍ରତିମାଟିଏ ସେ। ସେ ଫୁଲଠୁ କୋମଳ ପୁଣି ଜହ୍ନଠୁ ଶୀତଳ। ସନ୍ତାନ ପାଇଁ ତା' କୋଳ ହେଉଛି ସ୍ନେହ–ମମତାର ଗନ୍ତାଘର। ତା' ହାତଛୁଆଁରେ ପାଣି ପାଲଟିଯାଏ ଗଙ୍ଗାଜଳ। ତା' ନିଷ୍ଠା ଓ ସାଧନା ବଳରେ ଭଙ୍ଗାଘର ବି ଦେଉଳରେ ପରିଣତ ହୋଇଯାଏ। ମଧୁଠୁ ମଧୁର ମା'ର ସେଇ ପଣତକାନି ଶ୍ରୀମନ୍ଦିର ନେତଠାରୁ କୌଣସି ଗୁଣରେ କମ୍ ନୁହେଁ। ତା' ଆଶୀର୍ବାଦରୁ ହିଁ ଜୀବନ ହୁଏ ପୁଲକିତ ଓ ମଧୁମୟ।

ପ୍ରଚୁର ସ୍ନେହ ମମତା ଅଜାଡିଦେବାରେ କାର୍ପଣ୍ୟ ନ ଥାଏ ବୋଲି ତ ମା' ହେଉଛି ମମତାମୟୀ। ତା'ର ସେହି ସୀମାହୀନ ମମତା ହିଁ ପୋଛିଦେଇଥାଏ ସନ୍ତାନର ଯାବତୀୟ ଦୁଃଖ ଓ ଅବସାଦକୁ। ତା' ତ୍ୟାଗର ତୁଳନା ନାହିଁ। ଦୁନିଆର ଯେତେସବୁ ଝଡଝଞ୍ଜାକୁ ବିଷ ପରି ପାନ କରି ସେ ସାଜିଥାଏ ନୀଳକଣ୍ଠ। ସନ୍ତାନ ଯେତେବଡ଼ ହେଲେ ବି ମା' ଆଖିରେ ସେ ଛୁଆ। ତା'ର ଅସୁସ୍ଥତା ବେଳେ ସେ ରାତି ରାତି ଉଜାଗର ରହେ ଓ ତା' ମଙ୍ଗଳକାମନା କରି ବାରମାସ ଯାକ ଓଷାବ୍ରତ କରେ। ଉଜାଗର ରହି ଦୀପ ଜାଳେ। ଛୁଆ ଟିକିଏ ଝୁଣ୍ଟିପଡିଲେ କି କାନ୍ଦି ଉଠିଲେ ମା'ର ସହାନୁଭୂତିର ହାତଯୋଡିକ ଲମ୍ବିଆସେ ତା' ଆଡକୁ। ମା'ର ସାନ୍ନିଧ୍ୟରୁ ମିଳିଥାଏ ଅପୂର୍ବ ଶାନ୍ତି। ମା' ବୋଲି ପଦେ ଡାକିଦେଲେ ଯୋଜନ ଯୋଜନ ଚାଲିଯାଏ ଦୁଃଖ। ସମ୍ଭବତଃ ସେଥିପାଇଁ ଝୁଣ୍ଟି ପଡିଲେ କି ବିପଦ ଆସିଲେ ମୁହଁରୁ ସ୍ୱତଃପ୍ରବୃତ୍ତ ଭାବେ ବାହାରିପଡ଼େ ମା' ଡାକ।

ଭକ୍ତି, ପରୋପକାର ଓ ଧର୍ମପରାୟଣତାର ମୂର୍ତ୍ତିଟିଏ ମା'। ସନ୍ତାନକୁ ଭଲ ମଣିଷ ଭାବେ ଗଢ଼ିବାର ଦୁର୍ବାର ଆକାଂକ୍ଷା ନେଇ ପ୍ରତିଶ୍ରୁତିବଦ୍ଧ ସ୍ୱପ୍ନଟିଏ ସେ। ଦୁଃଖ–ଯାତନା ଓ

## ୧୨ମେ ଅନ୍ତର୍ଜାତୀୟ ମାତୃଦିବସ ଉପଲକ୍ଷେ

ନୈରାଶ୍ୟକୁ ପ୍ରତିହତ ପୂର୍ବକ ଆଗକୁ ବଢ଼ିବାର ସେ ଦିଏ ପ୍ରେରଣା ଓ ସାମର୍ଥ୍ୟ। ଶିଳ୍ପୀଟିଏ ସାଜି କୋଣାର୍କ ଗଢ଼ିବାର ମଗ୍ନ ସାଧିକା ସେ। ତା' ବିନା ସନ୍ତାନର ଅସ୍ତିତ୍ୱ ଯେ ଭିତ୍ତିହୀନ। ପୁଣ୍ୟ ପବିତ୍ରର ଫଲ୍ଗୁଟିଏ ସାଜି ସନ୍ତାନର ସାମଗ୍ରିକ ସତ୍ତାକୁ ପ୍ରଭାବିତ କରୁଥାଏ ତା' ବ୍ୟକ୍ତିତ୍ୱ। ଚିନ୍ତା ଓ ଚେତନାରେ ଅହରହ ଆସି ସେ ପାଲଟିଯାଏ ଆଦର୍ଶର କେନ୍ଦ୍ରବିନ୍ଦୁଟିଏ। ମା'ଟିଏ ହେଉ କଦାକାର ଅବା ମୂର୍ଖ, ପୁଣି ହୋଇଥାଉ ଗରିବ ତଥାପି ସନ୍ତାନ ପାଇଁ ସେ ଏ ଦୁନିଆର ସବୁଠୁ ଭଲ ମା'। ସନ୍ତାନର ଖୁସି ପାଇଁ ନିଜେ ଉପବାସରେ ରହି ଛୁଆକୁ ଖୁଆଏ, ନିଜେ ଦୁଃଖ ସହି ଖୁସି ବାଣ୍ଟେ। କେତେବେଳେ ହାତଠାରି ଜହ୍ନମାମୁଁକୁ ନିମନ୍ତ୍ରଣ ଜଣାଏ ତ କେତେବେଳେ ବାଇଆକୁ ଡାକେ। କାହାର ନଜର ପଡିବନି ବୋଲି ଛୁଆ ମଥାରେ କଜଳଟିକା ଲଗାଏ। ହାତ ଓ ବେକରେ ବାନ୍ଧେ ଡେଉଁରିଆ। ତା' ସ୍ତନ୍ୟରୁ ଅମୃତସମ ଦୁଗ୍ଧ ପାନକରାଇ ଛୁଆକୁ ପୁଷ୍ଟ କରାଏ।

ସନ୍ତାନ ପାଇଁ ଯିଏ ସମର୍ପି ଦେଇଥାଏ ନିଜର ସମଗ୍ର ଆୟୁଷ, ସେ ମା' ନିଶ୍ଚିତ। ସ୍ନେହ–ମମତା–ପ୍ରେମର ପ୍ରତୀକ ମା' ହେଉଛି ସମ୍ପୂର୍ଣ୍ଣା, ପରିପୂର୍ଣ୍ଣା। ମନରୁ ରାଗ, ରୋଷ, ଦ୍ୱେଷ, ହିଂସା, ଘୃଣା ଓ ଅହଂକାରକୁ ଦୂରେଇଦେଇଥାଏ ବୋଲି ତ ସେ ମା'। ଅନ୍ଧାର ରାତିରେ ବତିଘର ସାଜି ସେ ଦେଖାଏ ରାହା। ତା' କଠୋର ଅନୁଶାସନ ହିଁ ସନ୍ତାନ ପାଇଁ ସାଜିଥାଏ ପଥପ୍ରଦର୍ଶକ। ତା' ହାତତିଆରି ଖାଦ୍ୟର ସୁଆଦ ଓ ଝାଳୁଆ ପଣତକାନିର ସୁଗନ୍ଧ କିଏ ଭଲା ପାସୋରି ପାରିବ। ଜୀବନର କୌଣସି ନା କୌଣସି କ୍ଷେତ୍ରରେ ଆତ୍ମସନ୍ତୋଷ ପରିପ୍ରେକ୍ଷୀରେ ନିଶ୍ଚୟ ମନେପଡେ ମା'ର ଶିକ୍ଷା, ସଂସ୍କାର ଓ ଅବଦାନ।

ସାଗରଠୁ ଆକାଶ ଯାଏ ପରିବ୍ୟାପ୍ତ ମା'ର ସ୍ନେହମମତା, ତା' କୋଳର ଝୁଲଣା, ନିର୍ଭୟତାର ପଣତକାନି, ମୁଖନିଃସୃତ ମନଗଢ଼ା କାହାଣୀ ପୁଣି ଲୋରୀ କିଏ ବା ଭୁଲିପାରିବ ! ସକଳ ତ୍ୟାଗ ଓ ତିତିକ୍ଷାର ଦେବୀଟିଏ ସାଜି ଦୁଃଖ–କ୍ଳେଶକୁ ପିଠିକରି, କେତେକେତେ ନିଃଶବ୍ଦ ବ୍ୟଥା ଓ ବେଦନାକୁ ଆତ୍ମସ୍ଥକରି ନିଃସର୍ତ୍ତରେ, ନିବିଡ଼ ଆଶ୍ଳେଷରେ ମାତୃତ୍ୱର ଦୀପ୍ତିରେ ଉଦ୍ଭାସିତ କରିପାରୁଥିବା ସଞ୍ଜ ସଳିତାଟିଏ ହେଉଛି ମା'। ଯିଏ ନିଜ ଦେହରୁ ବିନ୍ଦୁ ବିନ୍ଦୁ ରକ୍ତ ନିଗାଡ଼ି, ଅମାପ ଉଦ୍ଦାମତାରେ, ନିଜର ପ୍ରେମମୟ ସତ୍ତାରେ ଭରିଦେଇପାରେ ସକଳ ବ୍ରହ୍ମାଣ୍ଡ। ତା' ନିବିଡ ଆଲିଙ୍ଗନ ହିଁ ଆଣିଦେଇପାରେ ସନ୍ତାନ ପାଇଁ ମହଣ ମହଣ ଖୁସିର ସମ୍ଭାର। ତା' ହୃଦୟରେ ସାଇତା ମମତାରେ ସେ ଟପିଯାଇଛି ସାଗରର ଗଭୀରତାକୁ ଓ ଦିଗନ୍ତ ବିସ୍ତାରୀ ନୀଳାଭ ଗଗନକୁ। ମା' ବୋଲି ଡାକିଦେଲେ ପ୍ରତିଧ୍ୱନି ଖେଳିଯାଏ ଭୂମିଠୁ ଭୂମା ଯାଏ। ସନ୍ତାନର ଚେତନାରେ, ବେଦନାରେ, ସ୍ପନ୍ଦନରେ ଅହରହ ଗୁଞ୍ଜରିତ ହେଉଥିବା ଶକ୍ତି, ମୈତ୍ରୀ ଓ ପ୍ରୀତିର ଆବେଗ ମା' ଏକ ଶବ୍ଦ ନୁହେଁ, ମନ୍ତ୍ରଟିଏ। ଅମୃତ ଅନୁଭବଟିଏ। ତାକୁ ଏଡାଇବାର ସାମର୍ଥ୍ୟ କାହାର ଭଲା ଅଛି ଯେ !

ରାଜକିଶୋର ନଗର, ଅନୁଗୋଳ,
ମୋ–୯୪୩୭୫୪୭୧୪୬

## ଏଇ ଭାରତରେ

ସ୍କୁଲ ଯିବାକୁ କେତେଜଣ ପିଲା ଅମଙ୍ଗ ହୋଇଥାନ୍ତି। ତେବେ ମଧ୍ୟପ୍ରଦେଶ ଭୋପାଳର ଜଣେ ଛାତ୍ରୀ ୧୨ ବର୍ଷ ମଧ୍ୟରେ କୌଣସି ଗୋଟିଏ ବି ଦିନ ସ୍କୁଲ ବନ୍ଦ କରି ନାହାନ୍ତି। ସବୁଦିନ ସ୍କୁଲ ଯାଇ ସେ ଏକ ନିଆରା ରେକର୍ଡ ସୃଷ୍ଟି କରିଛନ୍ତି। ସ୍ଥାନୀୟ ବାଲାଜୀପୁରମ୍ର ବାସିନ୍ଦା ମୁକୁଲ ଦାସଙ୍କ କନ୍ୟା ମାନସୀ ଏହି ରେକର୍ଡ କରିଛନ୍ତି। ସେ ପିପିଲାନୀସ୍ଥିତ ସେଣ୍ଟ୍ ଥେରେସା ଗର୍ଲ୍ସ ସ୍କୁଲରେ ଅଧ୍ୟୟନ କରୁଥିଲେ। ସେ ଦ୍ୱାଦଶ ଶ୍ରେଣୀ ସିବିଏସଇ ପରୀକ୍ଷାରେ ସାଇନ୍ସ ପାଠ୍ୟକ୍ରମରେ ୯୩.୬ ପ୍ରତିଶତ ନମ୍ବର ରଖି ପାସ୍ କରିବା ସହିତ ଜେଇଇରେ ୯୮.୨ ପ୍ରତିଶତ ନମ୍ବର କରିଛନ୍ତି। ୨୦୦୦ ଅକ୍ଟୋବର ୧୯ରେ ଜନ୍ମ ହୋଇଥିବା ମାନସୀ ଏହି ସ୍କୁଲରେ ପ୍ରଥମ ଶ୍ରେଣୀରୁ ପଢୁଥିଲେ। ପାଠପଢ଼ା ଜୀବନରେ ସେ ୨୫୧୦ ଦିନ ସ୍କୁଲ ଯାଇଛନ୍ତି। ଚତୁର୍ଥ ଶ୍ରେଣୀରେ ପଢୁଥିବାବେଳେ ଦୁର୍ଘଟଣା ଯୋଗୁ ତାଙ୍କ ଗୋଡ଼ରେ ଆଘାତ ଲାଗିଥିଲା। ଡାକ୍ତର ବିଶ୍ରାମ ନେବାକୁ ପରାମର୍ଶ ଦେଇଥିଲେ ମଧ୍ୟ ମାନସୀ ସ୍କୁଲ ବନ୍ଦ କରି ନ ଥିଲେ। ସେହିପରି ପଞ୍ଚମରେ ପଢୁଥିବା ସମୟରେ ମାନସୀଙ୍କୁ ମ୍ୟାଲେରିଆ ହୋଇଥିଲା। ତଥାପି ସେ ଗୋଟିଏ ଦିନ ବି ସ୍କୁଲ ବନ୍ଦ କରି ନ ଥିଲେ ବୋଲି ପିତା ମୁକୁଲ କୁହନ୍ତି। ସେମାନେ କୋଲ୍କାତାର ମୂଳ ବାସିନ୍ଦା। ମୁକୁଲ ଏକ ଘରୋଇ କମ୍ପାନୀରେ ଭୋପାଳରେ କାମ କରନ୍ତି। କେବଳ ଖରାଦିନ ଛୁଟିରେ ସେମାନେ କୋଲ୍କାତା ଆସିଥାନ୍ତି ବୋଲି ମୁକୁଲ କହିଛନ୍ତି।

## ଚିରନ୍ତନୀ

ଜନନୀଙ୍କୁ ନ ଦେଖି କାନ୍ଦେ ନନ୍ଦନ
ନ ମାନଇ ଦୁହିତା ପିତା ବଚନ!
ସ୍ୱାମୀ କଥା ନ ଶୁଣେ କୁଳ ରମଣୀ
ସମାଜର ନିୟମ କେହି ନ ଗଣି!
(ବଂଶୀ ଧ୍ୱନି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୧ମେ ୧୯୯୪

- ଦକ୍ଷିଣ ଆଫ୍ରିକା ମୁକ୍ତି ସଂଗ୍ରାମର ମୁଖ୍ୟ ନେଲସନ ମଣ୍ଡେଲା ଦେଶର ପ୍ରଥମ ଅଣଶ୍ୱେତାଙ୍ଗ ରାଷ୍ଟ୍ରପତି ଭାବେ ଶପଥ ନେଲେ।
- ୟର୍ନେଷ୍ଟୋ ପେରେନ ବାଲାଡେୟାରସ୍ ପାନାମାର ରାଷ୍ଟ୍ରପତି ଭାବେ ନିର୍ବାଚିତ।

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 4 | | 8 | 9 | | D | | | | | | 5 | |
| | | | | C | 2 | 9 | B | 1 | | | 3 | | | |
| | 3 | 0 | 1 | | | | | A | 7 | 8 | C | | 2 | |
| | 5 | 7 | | | | | | 2 | | | | D | | |
| 9 | | | | | B | | | | | 2 | 5 | 0 | A | |
| | | 8 | | | 4 | | | | A | | | | | |
| 2 | E | | 8 | 9 | 0 | B | | | | | | | | |
| | 7 | | E | | | 3 | | | 1 | | | 9 | | |
| 6 | C | 1 | | | D | | | | 4 | 0 | | 2 | | |
| 0 | | | | | | | | | | D | 2 | 3 | | 5 |
| | A | 2 | 0 | | | 1 | | 7 | 3 | C | | E | | |
| | 1 | | | 2 | | | | | 8 | 4 | | A | | |
| | B | | 9 | | | | | 4 | | | | | | |
| | | C | D | | 6 | | | 9 | | 5 | A | 8 | | 7 |
| 4 | | | | | | | 3 | | 2 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 3 | 2 | B | E | 0 | 5 | 7 | 8 | A | D | 9 | 4 | C | 1 |
| 4 | C | E | 3 | 1 | 9 | 2 | A | 6 | 7 | 8 | 5 | D | 0 | B |
| A | D | 5 | C | 8 | 7 | 0 | 1 | E | B | 4 | 3 | 9 | 2 | 6 |
| 9 | 8 | 0 | 5 | 2 | 4 | 3 | B | D | 1 | C | 6 | 7 | E | A |
| B | 1 | 7 | A | D | 6 | 4 | C | 9 | 0 | 2 | E | 8 | 5 | 3 |
| 5 | 2 | 8 | E | B | D | 9 | 0 | C | 4 | 3 | A | 1 | 6 | 7 |
| 1 | 6 | D | 4 | 9 | 3 | 7 | 2 | 5 | 8 | E | B | C | A | 0 |
| E | 9 | 3 | 6 | C | 1 | D | 4 | A | 2 | 0 | 7 | 5 | B | 8 |
| 7 | 4 | A | 8 | 0 | 2 | E | 6 | B | 5 | 1 | C | 3 | D | 9 |
| C | 0 | B | 7 | A | 5 | 8 | 3 | 1 | 6 | 9 | D | E | 4 | 2 |
| 8 | E | C | 1 | 7 | B | 6 | 5 | 2 | 3 | A | 4 | 0 | 9 | D |
| 2 | 7 | 1 | 9 | 5 | 8 | B | E | 4 | D | 6 | 0 | A | 3 | C |
| D | A | 6 | 0 | 3 | E | C | 8 | 7 | 9 | 5 | 2 | B | 1 | 4 |
| 3 | 5 | 9 | 2 | 4 | A | 1 | D | 0 | C | B | 8 | 6 | 7 | E |
| 0 | B | 4 | D | 6 | C | A | 9 | 3 | E | 7 | 1 | 2 | 8 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବେଆଇନ ପାର୍କିଂ ଫି ଆଦାୟ ବନ୍ଦ ହେଉ

ମହାଶୟ,

ବିଭିନ୍ନ ସ୍ଥାନରେ ମନ୍ଦିରକୁ ଯିବାବେଳେ ଧର୍ମକୁ ନେଇ ବେପାର କରୁଥିବା ଲୋକଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳିଥାଏ। ପୁରୀ ଜିଲ୍ଲାର କାକଟପୁରରେ ଥିବା ମା' ମଙ୍ଗଳାଙ୍କ ପୀଠର ମାତ୍ର ୨୦୦ ହାତ ପୂର୍ବରୁ ରାସ୍ତାକୁ ବ୍ଲକ୍ କରି କିଛି ଯୁବକ ମନ୍ଦିର ଆଡକୁ ଯାଉଥିବା ଗାଡିଗୁଡିକୁ ଅଟକାଉଛନ୍ତି। ପ୍ରତି ୪ ଚକିଆ ଯାନରୁ ପାର୍କିଂ ଫି ଆଳରେ ଜୋରଜବରଦସ୍ତ ୫୦ ଟଙ୍କା ଆଦାୟ କରୁଛନ୍ତି। ମନ୍ଦିର ସମ୍ମୁଖରେ କିମ୍ବା ରାସ୍ତା କଡ଼ରେ ହେଉଥିବା ପାର୍କିଂ ପାଇଁ ଏଭଳି ଟଙ୍କା ଆଦାୟ କରାଯିବା ସଂପୂର୍ଣ୍ଣ ବେଆଇନ। ଏଭଳି ପାର୍କିଂ ଫିସ ଆଦାୟ ଜିଲ୍ଲା ପ୍ରଶାସନ ଜ୍ଞାତସାରରେ ହେଉଥିଲେ ସେଥିନେଇ ପ୍ରଶାସନ କିମ୍ବା ପର୍ଯ୍ୟଟନ ବିଭାଗ ତରଫରୁ ସମସ୍ତଙ୍କୁ ଦେଖାଗଲା ଭଳି ବିଜ୍ଞାପନ ରହିବା ଆବଶ୍ୟକ। ମନ୍ଦିର ତରଫରୁ ମଧ୍ୟ ରାସ୍ତାକଡ଼ରେ ଗାଡ଼ି ପାର୍କିଂ ପାଇଁ ଅର୍ଥ ଆଦାୟ କରିବାର ଅଧିକାର ନାହିଁ। ଏହି ଆଳରେ ଆଦାୟ ହେଉଥିବା ଅର୍ଥର ସିଂହଭାଗ କେତେକ ଦଲାଲ ଏବଂ ଦୁର୍ନୀତିଗ୍ରସ୍ତ ପୋଲିସ, ପ୍ରଶାସକଙ୍କ ପକେଟକୁ ଯାଉଥିବ। ସେଥିପାଇଁ ମନ୍ଦିର ପରିସରରେ ଥିବା ପୋଲିସ କାର୍ଯ୍ୟାଳୟର କର୍ମଚାରୀମାନେ ପ୍ରତିଦିନ ପାର୍କିଂ ଫି ଆଦାୟକୁ ନେଇ ହେଉଥିବା ଜୁଲମ୍ ଓ ଗଣ୍ଡଗୋଳକୁ ଦେଖି ମଧ୍ୟ ଚୁପ୍ ରହୁଛନ୍ତି। ଏଭଳି ବେଆଇନ ପାର୍କିଂ ଫି ଆଦାୟ ତୁରନ୍ତ ବନ୍ଦ କରାଯାଉ।

ସତୀଶ ବିଶ୍ୱାଳ, ଭୁବନପୁର, ଗଡ଼ମଧୁପୁର, ଯାଜପୁର

### ଭାରତର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା

ଆମେରିକାର ଏକ ସର୍ବେକ୍ଷଣ ସଂସ୍ଥା ଏହାର ସଦ୍ୟ ପ୍ରକାଶିତ ରିପୋର୍ଟରେ ଦର୍ଶାଇଛି ଯେ ଏବେ ଭାରତରେ ୬ ଲକ୍ଷ ଡାକ୍ତର ଓ ୨୦ ଲକ୍ଷ ସେବିକାଙ୍କ ଅଭାବ ରହିଛି। ଜଣେ ଭାରତୀୟ ନିଜ ଚିକିତ୍ସା ପାଇଁ ଯେତେ ଖର୍ଚ୍ଚ କରନ୍ତି ତା'ର ୬୫ ପ୍ରତିଶତ ହାତ ଉଧାର କିମ୍ବା ବ୍ୟାଙ୍କ ଋଣ କରିଥାନ୍ତି। ଯେଉଁମାନଙ୍କୁ ହୃଦ୍‌ରୋଗ ପରି ବ୍ୟୟବହୁଳ ରୋଗ ହୁଏ ସେମାନଙ୍କ ଉପରେ ଚଡକ ପଡିଥାଏ। ଏହି ସମସ୍ୟା ପ୍ରତିବର୍ଷ ୫.୭ କୋଟି ଲୋକଙ୍କୁ ଉତ୍କଟ ଦାରିଦ୍ର୍ୟ ମଧ୍ୟକୁ ଠେଲିଦିଏ। ଏବେ ଭାରତରେ ପ୍ରତି ୧୦,୧୮୯ ଜଣ ଲୋକଙ୍କ ପାଇଁ ଜଣେ ଡାକ୍ତର ଅଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀଙ୍କ ଅଭାବ ଯୋଗୁ ଲୋକମାନେ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟସେବା ପାଇ ପାରୁନାହାନ୍ତି। ଏହି ସମସ୍ୟାର ସମାଧାନ ପାଇଁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ସହ ୧୦ କୋଟି ଅତି ଗରିବ ପରିବାରଙ୍କ କ୍ରୟଶକ୍ତି ବୃଦ୍ଧି କରାଯିବା ଦରକାର।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



"ରୋଗ, ଶତ୍ରୁ ଓ ଋଣ, ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବ।
ପାପ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବ।
- ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ବାଙ୍କିଘିର୍ଡିରେ ମହୁମାଛି ଆତଙ୍କ

**ବିନିକା,୧୦।୫(ଡି.ଏନ୍.ଏ.):** ବିନିକା ବ୍ଲକ ବାଙ୍କିଘିର୍ଡି ଗ୍ରାମରେ ମହୁମାଛି ଆତଙ୍କ ଦେଖାଦେଇଛି। ଗ୍ରାମର ୩ନଂ ୱାର୍ଡ ସଂହରାପଡାରେ ଥିବା ଏକମାତ୍ର ନଳକୂପ ପାଖରେ ଥିବା ଏକ ଶିମିଳି ଗଛରେ ୩୦ରୁ ଊର୍ଦ୍ଧ୍ୱ ମହୁଫେଣା ବାନ୍ଧିଥିବା ମହୁମାଛିମାନେ ମଝିରେ ମଝିରେ ବାହାରି ଲୋକଙ୍କୁ ଆକ୍ରମଣ କରୁଛନ୍ତି। ଦୁଇଦିନ ତଳେ ଗ୍ରାମର ସେବତୀ ଭୁଏ, ଲଳିତା ଭୁଏ, ଘରବୁଡି ମେଣ୍ଡଲି, ବିଦ୍ୟା ସାହୁ, ଅନୁରୀ ବାଘ ପ୍ରମୁଖ ମହିଳାମାନେ ମହୁମାଛି ଆକ୍ରମଣରେ ଗୁରୁତ୍ୱର ଆହତ ହୋଇଥିଲେ। ଏଥିପୂର୍ବରୁ ଗାଁର ଅନ୍ୟ କେତେକ ସେମାନଙ୍କ ଆକ୍ରମଣର ଶିକାର ହୋଇଥିଲେ। ଗାଁର କେନ୍ଦ୍ରସ୍ଥଳ ହୋଇଥିବାରୁ ଏବେ ଏହି ବାଟ ଦେଇ ଯିବାକୁ ଲୋକେ ଭୟ କରୁଥିବା ଦେଖିବାକୁ ମିଳୁଛି। ଅପରପକ୍ଷରେ ବ୍ଲକ ଅନ୍ତର୍ଗତ ଜାମପାଲି ଗାଁ ସମୀପ ଗଛରେ ଥିବା ଏକାଧିକ ମହୁଫେଣାରୁ ଶିକାରୀମାନେ ରାତିଅଧିଆ ମହୁ ସଂଗ୍ରହ କରି ନେଉଥିବା ଅଭିଯୋଗ ହେଉଛି। ସିଂଘିଯୁବା ବନରକ୍ଷୀ ନିରଞ୍ଜନ ପଧାନଙ୍କୁ ପଚାରିବାରୁ କହିଛନ୍ତି ଯେ, ବାଙ୍କିଘିର୍ଡିରେ ମହୁମାଛି ଆତଙ୍କ ଖେଳାଇଥିବା ନେଇ ତାଙ୍କ ପାଖରେ କୌଣସି ଖବର ନାହିଁ। ବନବିଭାଗ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବ।

### ଉଜ୍ଜ୍ୱଳା ଯୋଜନାରୁ ବଞ୍ଚିତ ମହିଳାଙ୍କ ଅସନ୍ତୋଷ

**ଲୋଇସିଂହା,୧୦।୫(ଡି.ଏନ.ଏ)** ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଅଧୀନ ଭାଲିଆମୁଣ୍ଡା ଗାଁର ଅନେକ ହିତାଧିକାରୀ ଉଜ୍ଜ୍ୱଳା ଗ୍ୟାସ ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି। ହେଲେ ସେମାନଙ୍କ ନାମରେ ସିଲିଣ୍ଡର ଓ ଚୁଲା ଉଠି ଯାଇଛି। ଏହା ଜାଣିବା ପରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାର ବିଧିବଦ୍ଧ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, ଭାଲିଆମୁଣ୍ଡା ଗାଁର ଶୁଭାଶନ ମଲ୍ଲିକ, ମଲିଫୁଲ ଭୁଏ, ବେଲମତୀ ଭୋଇ, ପଦ୍ମିନୀ ପାଣ୍ଡେ, ସଦିନୀ ପଧାନ, ସଙ୍ଗୀତା ପଧାନ, ବବିତା ମିଶ୍ର, ପ୍ରତିମା ମିଶ୍ର, ହେମ ସେଲମା, କୋଇଲି ମହାକୁର, ସରୀତା ମିଶ୍ର ପ୍ରମୁଖ ଏହି ଯୋଜନାରୁ ବାଦ୍ ପଡିଛନ୍ତି। ବର୍ଷକତଳେ ଉଜ୍ଜ୍ୱଳା ଗ୍ୟାସ ପାଇଁ ସେମାନେ ଆବେଦନ କରିଥିଲେ। ହେଲେ ଅଦ୍ୟାବଧି ସେମାନଙ୍କୁ ଗ୍ୟାସ ମିଳି ପାରିନାହିଁ। ଦୁଇ ସପ୍ତାହ ତଳେ ଗାଁର କେତେକ ହିତାଧିକାରୀଙ୍କୁ ସିଲିଣ୍ଡର ଓ ଚୁଲା ବଣ୍ଟନ ପାଇଁ ଉଜ୍ଜ୍ୱଳା ଦିଦି ଓ ବିଭାଗୀୟ କର୍ମଚାରୀ ଆସିଥିଲେ। ସେତେବେଳେ ଯୋଜନାରୁ ବଞ୍ଚିତ ମହିଳାମାନେ ଏ ନେଇ ଜଣାଇଥିଲେ।

### ପଵନ ଅଗ୍ରୱାଲ ଓୟୁଏଟି କୁଳପତି

**ଭୁବନେଶ୍ୱର, ୧୦।୫ (ବ୍ୟୁରୋ):** ପଵନ କୁମାର ଅଗ୍ରୱାଲ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ର ନୂଆ କୁଳପତି ଭାବେ ଶୁକ୍ରବାର ନିଯୁକ୍ତ ହୋଇଛନ୍ତି। ସେ ବର୍ତ୍ତମାନ ନୂଆଦିଲ୍ଲୀସ୍ଥିତ ଜାତୀୟ କୃଷି ବିଜ୍ଞାନ ଫଣ୍ଡ (ଏନଏଏସ୍ଏଫ୍) ଭାରତୀୟ କୃଷି ଗବେଷଣା କେନ୍ଦ୍ର (ଆଇସିଏଆର) ନିର୍ଦ୍ଦେଶକ ତଥା ଏଡିଜି ଭାବେ କାର୍ଯ୍ୟରତ। ରାଜ୍ୟପାଳ ଗଣେଶୀଲାଲ ୩ ବର୍ଷ ପାଇଁ ପଵନଙ୍କ କାର୍ଯ୍ୟକାଳକୁ ଅନୁମୋଦନ କରିଛନ୍ତି। ଚଳିତ ବର୍ଷ ମାର୍ଚ୍ଚ ମାସରେ ସୁରେନ୍ଦ୍ର ପଶୁପାଳକ ବିବାଦୀୟ ହୋଇ ଓୟୁଏଟି କୁଳପତିରୁ ବିଦାୟ ନେଇଥିଲେ। ପରବର୍ତ୍ତୀ ସମୟରେ କୃଷି ସଚିବ ସୌରବ ଗର୍ଗ ସାମୟିକ ଭାବେ ଓୟୁଏଟି କୁଳପତି ଦାୟିତ୍ୱ ତୁଲାଇଥିଲେ।

# ମନ୍ଦିରରୁ ଚୋରି ଉଦ୍ୟମ, ଟେର ପାଉନି ପୋଲିସ

**ଦେବଗଡ଼,୧୦।୫(ସ୍ୱ.ପ୍ର)**

ଗତ କିଛି ମାସ ଧରି ଦେବଗଡ଼ ସହର ତଥା ଜିଲାର ଅନେକ ସ୍ଥାନରେ ବାରମ୍ବାର ଚୋରି, ଲୁଟ୍, ବଳାତ୍କାର, ଅନୈତିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି। ପୋଲିସ ନୀରବ ଦ୍ରଷ୍ଟା ସାଜିବା ସହ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରିପାରିନାହିଁ। ଫଳରେ ଆଇନଶୃଙ୍ଖଳା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ସହରର ଆଦର୍ଶଥାନାଠାରୁ ମାତ୍ର ୩୦୦ ମିଟର ଦୂରରେ ଥିବା ମନ୍ଦିରରୁ ଗୁରୁବାର ବିଳମ୍ବିତ ରାତିରେ ଦେବଗଡ଼ ପୌରାଞ୍ଚଳ ଅଧୀନ ୱାର୍ଡ ନଂ-୩ରେ ଥିବା ମା'କନକଦୁର୍ଗା ମନ୍ଦିରରୁ ଚୋରି ଉଦ୍ୟମ ହୋଇଥିଲା। କେହି ମନ୍ଦିର କବାଟ ତାଲା ଭାଙ୍ଗି ଥିଲେ। ହେଲେ ଚୋରି କରିବାକୁ ସଫଳ ହୋଇ ନ ଥିବା ଜଣାପଡିଛି।



ନାଳ ନିକଟରେ ପଡିଥିବା ଦାନ ବାକ୍ସ।

ଗୁରୁବାର ସନ୍ଧ୍ୟାରେ ମନ୍ଦିର ପୂଜକ ସନ୍ଧ୍ୟା ଆଳତୀ ପରେ ମୁଖ୍ୟ ଫାଟକରେ ତାଲା ପକାଇଥିଲେ। କିନ୍ତୁ ଶୁକ୍ରବାର ସକାଳେ ମନ୍ଦିର ଫାଟକର ତାଲା ଭଙ୍ଗା ଯାଇଥିବା ଓ ମନ୍ଦିରରେ ଥିବା ବାକ୍ସଟି ନିକଟସ୍ଥ ନାଳ ନିକଟରେ ତାଲାଭଙ୍ଗା ଅବସ୍ଥାରେ ପଡିଥିବା ଦେଖିବାକୁ ମିଳିଥିଲା। ସେହିପରି ଉକ୍ତ ବାକ୍ସରେ ଥିବା ମା'ଙ୍କ ଶାଢ଼ି,କପଡା ଓ କିଛି ସ୍ୱର୍ଣ୍ଣଅଳଙ୍କାର ଥିଲା। କିନ୍ତୁ ତାହା ଚୋରି ହୋଇ ନ ଥିବା ଦେଖିବାକୁ ମିଳିଥିଲା। ପରେ ମା'କନକ ଦୁର୍ଗାଙ୍କ ଏକ ରୁପା ଚେନ୍ ଚୋରି ହୋଇଥିବା ଜଣାପଡିଥିଲା। କମିଟି ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯିବାପରେ ପୋଲିସ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ପୁରୁଣାଗଡସ୍ଥିତ ପ୍ରସିଦ୍ଧ ଝାଡେଶ୍ୱର ମନ୍ଦିରରେ ଚୋରି ଉଦ୍ୟମ କରାଯାଇଥିଲା। ପ୍ରସିଦ୍ଧ ମା' ପଧାନୀ ବୁଢୀଙ୍କ ମନ୍ଦିରରୁ ମଧ୍ୟ କେହି ମା'ଙ୍କ ରୁପା ମୁକୁଟ ଏବଂ ସୁନାର ଟିକିଲି ଚୋରି କରିନେଇଥିଲେ। ଏପର୍ଯ୍ୟନ୍ତ ପୋଲିସ କାହାରିକୁ ଗିରଫ କରି ନ ଥିବା ଜଣାପଡିଛି।




ଛାତ୍ରସଂଘର ପ୍ରତିଷ୍ଠା ଦିବସ ଅବସରରେ ଅତିଥିଙ୍କ ସହ ଅନ୍ୟମାନେ।

## ଡିଆଇଇଟି ପୁରାତନ ଛାତ୍ର ସଂଘର ପ୍ରତିଷ୍ଠା ଦିବସ

**ଦେବଗଡ଼ ,୧୦।୫(ସ୍ୱ.ପ୍ର.)**

ସ୍ଥାନୀୟ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ(ଡିଆଇଇଟି)ପୁରାତନ ଛାତ୍ର ସଂଘ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଝାଡେଶ୍ୱର ମନ୍ଦିରରେ ଆୟୋଜିତ ବୈଠକରେ ବିଭିନ୍ନ ବ୍ୟାଚ୍‌ର ପୁରାତନ ଛାତ୍ରମାନେ ଯୋଗଦେଇଥିଲେ। ସୂର୍ଯ୍ୟକାନ୍ତ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ଡାଏଟ୍‌ର ବରିଷ୍ଠ ଶିକ୍ଷକ ଶରତ ଚନ୍ଦ୍ର ସେଠ୍ ଯୋଗଦେଇ ଦେଶର ପ୍ରଗତିରେ ଶିକ୍ଷା ମେରୁଦଣ୍ଡ ଅଟେ, ଶିକ୍ଷା ବ୍ୟବସ୍ଥାର ପ୍ରତ୍ୟେକ ଶିକ୍ଷକ ଜଣେ ଜଣେ ବିନ୍ଧାଣୀ। ପ୍ରଶିକ୍ଷଣ ପ୍ରତିଷ୍ଠାନରୁ ପାଶ୍ ହେଲାପରେ ମଧ୍ୟ ପୁରାତନ ଛାତ୍ରର ପ୍ରମୁଖ ଭୂମିକା ରହିଛି , ଏଣୁ ସଂଘର ଆବଶ୍ୟକତା ସମସ୍ତେ ଉପଲବ୍ଧି କରିବା ଉଚିତ ବୋଲି ସେ କହିଥିଲେ। ଏହି ଅବସରରେ ସର୍ବସମ୍ମତି କ୍ରମେ ନୂତନ ପରିଚାଳନା କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ସୂର୍ଯ୍ୟକାନ୍ତ ସ୍ୱାଇଁ , ଉପସଭାପତି ରାଜକିଶୋର କିସାନ,ସମ୍ପାଦକ ଧିରେନ କୁମାର ଦେହୁରୀ, ଯୁଗ୍ମ ସମ୍ପାଦକ ଲିଙ୍ଗରାଜ ସ୍ୱାଇଁ, କୋଷାଧ୍ୟକ୍ଷ ରିପିକା ମିଶ୍ର, ସାଙ୍ଗଠନିକ ସମ୍ପାଦକ ନିହାର ରଞ୍ଜନ ସାହୁ, ସଂଯୋଜକ ଝାଡେଶ୍ୱରୀ ମୁନୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ସମାଜ ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟ କରିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ଅତିଥି ଭାବେ ଜବାହର ନବୋଦୟ ସ୍କୁଲର ସଙ୍ଗୀତ ଅଧ୍ୟାପକ ରାଜେନ୍ଦ୍ର ବେହେରା, କଣ୍ଟେଲ କଲେଜର ଅଧ୍ୟାପକ ରଞ୍ଜନ ବେହେରା,ରୂପେନ୍ଦ୍ର ଗୁମାନସିଂ, କଲ୍ୟାଣ ଶର୍ମା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ନିଶିକାନ୍ତ ପାତ୍ର, ଅନିଲ ଜେନା, ଅଜୟ ଖଡିଆ, ସୁନିଲ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଚନ୍ଦ୍ରଶେଖର ସାହୁ ଧନ୍ୟବାଦ ଦେଇଥିଲେ।

## ଯୁବତୀଙ୍କ ଫଟୋ ଭାଇରାଲ: ଥାନାରେ ମାମଲା

**ଦେବଗଡ଼,୧୦।୫(ସ୍ୱ.ପ୍ର)**

ଜଣେ ଯୁବତୀଙ୍କ ନଗ୍ନ ଫଟୋ ଭାଇରାଲ ହୋଇଥିବା ଦେବଗଡ ଥାନାରେ ଶୁକ୍ରବାର ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାୟୀ, କୁଣ୍ଢେଇଗୋଳା ଥାନା ଅଧୀନ ଫୁଲଝରି ଗ୍ରାମର ଅଶୋକ ପ୍ରଧାନ ନାମକ ଜଣେ ଯୁବକ ଦେବଗଡ଼ ସହରର ଜଣେ ଯୁବତୀଙ୍କୁ ଏକତରଫା ପ୍ରେମ କରୁଥିଲେ। ହେଲେ ଯୁବତୀ ଜଣଙ୍କ ଅନ୍ୟତ୍ର ବିବାହ ପାଇଁ ଦିନ ଧାର୍ଯ୍ୟ ହେବାରୁ ଅଶୋକ ଯୁବତୀଙ୍କ ଫଟୋକୁ ଏଡିଟିଂ କରି ନଗ୍ନ ଫଟୋ ତିଆରି କରିବା ସହ ଏହାକୁ ସୋସିଆଲ ମିଡିଆରେ ପୋଷ୍ଟକରି ତାଙ୍କ ବିବାହ ବନ୍ଦ କରିବା ପାଇଁ ଉଦ୍ୟମ କରିଥିଲେ। ଫଳରେ ଯୁବତୀଙ୍କ ବାପା ଏ ନେଇ ଦେବଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହାତରେ ନାହିଁ ଖଡ଼ଖଡ଼**
**କଥା କହୁଛି ବଡ଼ବଡ଼ ।**

ହାତରେ ଧନ ନାହିଁ କିନ୍ତୁ ମୁହଁ ଫୁଟାଣି କାହିଁରେ କେତେ। କିଛି ଧନହୀନ ବ୍ୟକ୍ତି ନିଜର ବୃଥା ବଡ଼ିମା ଦେଖାଇ ହେବାକୁ ଯାଇ ତୁମ୍ଭିତୋଫାନ ଭଳି କଥା କହିଥାନ୍ତି। ହାତରେ ଧନ ନ ଥାଇ ବଡ଼ବଡ଼ କଥା କହୁଥିବା ଲୋକ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ହାତରେ ମୁଦି, ଗୋଡ଼ରେ ପାହୁଡ଼**
**ଚାଲିଗଲେ ରୁଣଝୁଣ;**
**ଭାରିଜା ପରଷା ସୁଆଦ ଲାଗେ,**
**ଭାରିଜା ତ ଅବିଗୁଣ ।**

ଯେତେ ଅଳଙ୍କାରରେ ସଜ୍ଜିତ ହୋଇଥିଲେ ସୁଦ୍ଧା ଯଦି ନାରୀଠାରେ ସ୍ନେହ, ଆଦର, ସେବା ତଥା ପବିତ୍ରତା ଭଳି ବିଶେଷ ଗୁଣର ଅଭାବ ଥାଏ ତେବେ ସେ ସେତେଟା ଆଦରଣୀୟ ହୋଇ ପାରି ନ ଥାଏ। ଭଲ ରନ୍ଧାବଢ଼ା କରି ଶିଖିଥିଲେ ମଧ୍ୟ ଯଦି ସେ ମନ୍ଦଗୁଣାଯୁକ୍ତ ହୋଇଥାଏ ତା'ହେଲେ ସେ ପତିର ମନକୁ ଆକୃଷ୍ଟ କରି ପାରି ନ ଥାଏ। ଫଳସ୍ୱରୂପ ଏପରି ନାରୀଠାରୁ ସ୍ୱାମୀ ମୁହଁ ଫେରାଇନେବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା. ଲି.


## ପୂର୍ବ ତଟ ରେଳପଥ

**ଜୁନ୍-2019 ପାଇଁ ଡିପୋ ଏବଂ ମଣ୍ଡଳଗୁଡ଼ିକ ନିମନ୍ତେ ସ୍କ୍ରାପ୍ ବିକ୍ରୀ ଇ-ନିଲାମ କାର୍ଯ୍ୟସୂଚୀ**

**ଇ-ନିଲାମର ଅନୁସୂଚୀ**

| ମାସ | ଡିପୋ/ମଣ୍ଡଳ | ତାରିଖ |
|---|---|---|
| ଜୁନ୍ -2019 | ଡିପୋ ମଞ୍ଚେଶ୍ୱର | 03.06.2019 (ସୋମବାର), 10.06.2019 (ସୋମବାର), 18.06.2019 (ମଙ୍ଗଳବାର) ଏବଂ 29.06.2019 (ଶନିବାର) |
| | ଖୋର୍ଦ୍ଧା ରୋଡ଼ ମଣ୍ଡଳ | 04.06.2019 (ମଙ୍ଗଳବାର), 11.06.2019 (ମଙ୍ଗଳବାର), 19.06.2019 (ବୁଧବାର) ଏବଂ 27.06.2019 (ଗୁରୁବାର) |
| | ୱାଲ୍ଟିୟର ମଣ୍ଡଳ | 06.06.2019 (ଗୁରୁବାର), 13.06.2019 (ଗୁରୁବାର), 20.06.2019 (ଗୁରୁବାର) ଏବଂ 28.06.2019 (ଶୁକ୍ରବାର) |
| | ସମ୍ବଲପୁର ମଣ୍ଡଳ | 07.06.2019(ଶୁକ୍ରବାର),17.06.2019 (ସୋମବାର) ଏବଂ 26.06.2019 (ବୁଧବାର) |

ସାମଗ୍ରୀଗୁଡ଼ିକର ସର୍ତ୍ତ ଓ ବ୍ୟବସ୍ଥାବଳୀ ସମ୍ପର୍କିତ ସଂପୂର୍ଣ୍ଣ ବିବରଣୀ ନିଲାମ କାଟ୍‌ଲଗ୍ ଅନୁଯାୟୀ କରାଯିବ, ଯାହାକି ପୂର୍ବ ତଟ ରେଳପଥର ନିଲାମ ସଂଚାଳନ ସମ୍ପର୍କିତ ଅଧିକାରୀ କିମ୍ବା ନିଲାମ ତାରିଖର 07 (ସାତ) ଦିନ ପୂର୍ବରୁ ଆମର ୱେବସାଇଟ୍ : www.ireps.gov.in ରେ ଉପଲବ୍ଧ ହେବ।

PR-68/K/19-20 | ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର


## ଯୁବ ଚାଷୀଙ୍କୁ ଭୁଆଁବୁଲଉଛନ୍ ବିଭାଗୀୟ ଅଧିକାରୀ

■ ଡିପ୍ ବୋରୱେଲ ସେଚ ପ୍ରକଳ୍ପ

**ଲୋଇସିଂହା,୧୦।୫(ଡି.ଏନ.ଏ)**

ବିଜୁ କୃଷକ ବିକାଶ ଯୋଜନାର ଡିପ୍ ବୋରୱେଲ ସେଚ ପ୍ରକଳ୍ପରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ଗାଁର ଝନେ ଯୁବ ଚାଷୀ ଠକେଇର ଶିକାର ହେଇଥିବାର ଅଭିଯୋଗ ହେଇଛେ। ସେ ଗଲା ୨୦୧୭ ସାଲୁ ଟଁକା ବୁଝେଇଥିଲେ ବି ଯୋଜନାର ଲାଭ ନାଇଁପାଇପାରି। ସୂଚନା ଅନ୍‌ସାରେ ଓଡ଼ିଶା ସରକାରକଁର ଉଠା ଜଳସେଚନ ନିଗମ କାର୍ଯ୍ୟାଳୟ ତରଫୁ ୨୦୧୭-୧୮ ଆରଥିକ୍ ବଛରରେ ୨୬ଟା ଜିଲାର ଇଚ୍ଛୁକ୍ ଚାଷୀମାନେ ନିଜର ଜମିରେ ବୋରୱେଲ କୁଡ଼ାବାର ଲାଗି ଆବେଦନ କରିପାରବେ ବଲି ବିଜ୍ଞାପନ ବାହାରିଥିଲା। ଇ ବିଜ୍ଞାପନ ଦେଖି ବୁର୍ଡା ଗାଁର ଯୁବ ଚାଷୀ ଦିଲୀପ ଥନାପତିକଁର ସମେତ ୫ ଝନ୍ ଚାଷୀ ଧାଯ୍ ସମିଆ ଭିତରେ ଆବେଦନ କରିଥିଲେ। ୧୨ ଡିସେମ୍ବର, ୨୦୧୭ରେ ଦିଲୀପ ୟୁନିୟନ ବ୍ୟାଙ୍କରେ ୨୦ ହଜାର ଟଁକା ଜମା କରିଥିଲେ। ଉନିଆମାନକର ଜମିରେ ବୋରୱେଲ କୁଡ଼ା ସରିଛେ। ହେଲେ ଦିଲୀପ ଯୋଜନାରୁ ବଁଚିତ୍ ହେଇଛନ୍। ଇ ବାବ୍‌ଦେ ସେ ବିଭାଗୀୟ ଅଧିକାରୀମାନକୁ କହେଲେ ନିୟମ ହିସାବେ ତମର ଜମି ନାଁଇଁନ ବଲି କହୁଛନ୍। ଏନ୍‌ତା ଭିନେ ଭିନେ ସମିଆରେ ନାନା ପରକାର ବାହାନା କରି ତାହାକୁ ବିଭାଗୀୟ ଅଧିକାରୀମାନେ ଠକୁଥିବାର ସେ ଅଭିଯୋଗ କରିଛନ୍। ସରକାରୀ ବିଜ୍ଞାପନର ଦେଖି ଯୋଜନାରେ ସାମିଲ ହେବାର ଲାଗି ଧାର ଉଧାର କରି ଟଁକା ବୁଝେଇଥିଲେ। ପ୍ରକଳ୍ପ ହେଇଥିଲେ ସେ ପନିପରିବା ଚାଷ୍ କରି ଧାର ଉଧାର ଟଁକା ସୁଝିଥିତେ। ହେଲେ ବିଭାଗୀୟ ଅଧିକାରୀମାନକର ପାତରଅଁତର ନୀତି ଲାଗି ଦିଲୀପ ଲାଗ୍ ବରମସରେ ବୁଡ଼ି ରହିଛନ୍। କେନ୍‌ଥେଇ ଲୁକ୍‌କର ଲାଗ୍ ବରମସ ସୁଝିବେ ଚିନ୍ତାରେ ସେ ହରମେଶା ଘାରି ହେଉଛନ୍। ଇଆଡ଼େ ତାକର ୫ ପରାନୀ କୁଟୁମ ବି ବଡ଼ା ଦୁଖେ ଚଲୁଥିବାର ସେ କହିଛନ୍। ଇ ଘଟନା ବାବ୍‌ଦେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚରାଲାରୁ, ଆବେଦନ ଜମି ପାସେ ଆର ୪ ଏକର ଜମି ନାଁଇଁନ। ସେଥିରଲାଗି ପ୍ରକଳ୍ପ ଖୁଲବାରେ ଅସବିଧା ହେଉଛେ। ଇ ବାବ୍‌ଦେ ମୁଇଁ ଉପରି ଅଧିକାରୀଙ୍କୁ ଲେଖିକରି ଜନେଇଛେଁ, ସେ ଯେନ୍‌ତା ପଦକ୍ଷେପ ନେବେ ବଲି ସେ କହିଥିଲେ।


No. 04-AA

GOVERNMENT OF ODISHA
ELECTRICAL LICENSING BOARD
OFFICE OF THE ENGINEER-IN-CHIEF
ELECTRICITY-CUM-PRINCIPAL
CHIEF ELECTRICAL INSPECTOR, ODISHA
3RD FLOOR HEADS OF DEPARTMENT BUILDING
BHUBANESWAR- 751001
Phone- 0674-2394572, Email: secyelbo@nic.in

**NOTICE**

No. ELBO/Fani/125/2019/455/Dated Bhubaneswar, the 10.05.2019

ଇତିମଧ୍ୟରେ ବହୁତ ଲାଇସେନ୍ସ ପ୍ରାପ୍ତ (HT) ବିଦ୍ୟୁତ୍ କଣ୍ଟ୍ରାକ୍ଟର ଆମର ନୋଟିସ ଅନୁସାରେ ଆମ ପାଖରେ ରିପୋର୍ଟ କରିସାରିଲେଣି।

ଯେଉଁ ଲାଇସେନ୍ସ ପ୍ରାପ୍ତ (HT) ବିଦ୍ୟୁତ୍ କଣ୍ଟ୍ରାକ୍ଟର 'ମେ' ମାସ ୧୦ତାରିଖ ସୁଦ୍ଧା ତାଙ୍କର ଗ୍ୟାଙ୍ଗ ସହ ବାତ୍ୟା "ଫନି"ର ପୁନଃଉଦ୍ଧାର କାର୍ଯ୍ୟରେ ଯୋଗଦେବାରେ ବିଫଳ ହୋଇଛନ୍ତି, ସେମାନଙ୍କୁ ଅନ୍ତିମ ସୁଯୋଗ ସ୍ୱରୂପ ଆସନ୍ତା 'ମେ' ମାସ ୧୨ତାରିଖ ୧୨ଟା ସୁଦ୍ଧା ତାଙ୍କ ଅଧୀନସ୍ଥ ଶ୍ରମିକ ଗ୍ୟାଙ୍ଗ୍ ତଥା ସୁପରଭାଇଜର ଏବଂ ଆବଶ୍ୟକ ଯନ୍ତ୍ରପାତି ସହିତ ରିପୋର୍ଟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଉଛି। ଅନ୍ୟଥା ଲାଇସେନ୍ସ ରଦ୍ଦ ହୋଇଯିବ।

ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ
ଓଡ଼ିଶା।

04004/11/0004/1920


# ବଲାଙ୍ଗୀରରେ ଉତ୍କଟ ପାନୀୟ ଜଳ ସମସ୍ୟା

■ ଜନସ୍ୱାସ୍ଥ୍ୟ ବିଭାଗ ମୁଖ୍ୟଯନ୍ତ୍ରୀଙ୍କ ସହ ନରସିଂହଙ୍କ ଆଲୋଚନା
■ ଦୁଇଦିନ ଭିତରେ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି

**ବଲାଙ୍ଗୀର ଅଫିସ, ୧୦।୫**

ବଲାଙ୍ଗୀର ସହରର ବିଭିନ୍ନ ୱାର୍ଡରେ ପିଇବା ପାଣି ସମସ୍ୟା ନେଇ ଜନସ୍ୱାସ୍ଥ୍ୟ ବିଭାଗ ମୁଖ୍ୟଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କ ସହ ବିଧାୟକ ନରସିଂହ ମିଶ୍ର ଆଲୋଚନା କରିଛନ୍ତି। ଆଲୋଚନା ପରେ ଦୁଇଦିନ ଭିତରେ ସହର ପାନୀୟ ଜଳସମସ୍ୟା ସମାଧାନ କରିବାକୁ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ମିଳିଛି। ପାଇପ ପରିବର୍ତ୍ତନ ତଥା ନୂତନ ପାଇପ ବିଛାଯିବା ପରେ ପ୍ରାୟତଃ ୯୦ % ଅଞ୍ଚଳରେ ପାଣି ସମସ୍ୟା ଦୂର ହୋଇଥିଲା। ପାଇପ ପଡି ନ ଥିବା ଅଞ୍ଚଳକୁ ଟ୍ୟାଙ୍କର ଯୋଗେ ପାଣି ପହଞ୍ଚା ଯାଉଥିଲା। କିନ୍ତୁ କିଛିମାସ ହେଲା ଟ୍ୟାଙ୍କର ଯୋଗେ ପାଣି ବଣ୍ଟନ ବ୍ୟବସ୍ଥା କମି ଯାଇଛି। ବିଭାଗ ତଥା ବିଧାୟକ ପାଣ୍ଠିରୁ ତିଆରି ସିମେଣ୍ଟ ପାଣି ଟାଙ୍କିରେ ମଧ୍ୟ ପାଣି ଭର୍ତ୍ତି କରାଯାଉନାହିଁ। ଏସବୁ ସମସ୍ୟାକୁ ନେଇ ବିଧାୟକ ମିଶ୍ର ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ, ସହକାରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ସମସ୍ୟା ସମାଧାନ ଦିଗରେ ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀମାନେ ଉତ୍ସାହ ଦେଖାଉ ନ ଥିବାରୁ ମିଶ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏହାପରେ ସେ ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ମିଶ୍ର କହିଥିଲେ ଯେ, ପୂର୍ବରୁ ଯେପରି ୨୧ଟି ୱାର୍ଡକୁ ୨୧ଟି ପାଣି ଟାଙ୍କିର ବ୍ୟବସ୍ଥା ହୋଇଥିଲା ସେପରି ବ୍ୟବସ୍ଥା କରିବାକୁ କହିଥିଲେ। ପୌରାଞ୍ଚଳର ବେଶୀ ଜନସଂଖ୍ୟା ବିଶିଷ୍ଟ ୱାର୍ଡ ତଥା ସହର ତଳି ଅଞ୍ଚଳକୁ ଦିନକୁ ଦୁଇଥର ଟ୍ୟାଙ୍କର ଯୋଗେ ପାଣି ପଠାଇବାକୁ ମିଶ୍ର ଦାବି କରିଥିଲେ। ସହରରେ ହିଟ୍‌ୱେଭ୍ ଜାରି ରହିଥିବାବେଳେ ଲୋକେ ପାଣି ନ ପାଇ ହନ୍ତସନ ହେଉଛନ୍ତି। ଏସବୁକୁ ଦୃଷ୍ଟିରେ ରଖି ତୁରନ୍ତ ବିହିତ ପଦକ୍ଷେପ ନେବାକୁ ବିଧାୟକ ମିଶ୍ର ଜନସ୍ୱାସ୍ଥ୍ୟ ବିଭାଗ ମୁଖ୍ୟଯନ୍ତ୍ରୀ, ସ୍ଥାନୀୟ ନିର୍ବାହୀ ଯନ୍ତ୍ରୀଙ୍କୁ କହିଥିଲେ। ଜନସ୍ୱାସ୍ଥ୍ୟ ବିଭାଗ ପରିସ୍ଥିତିର ଗମ୍ଭୀରତାକୁ ହୃଦୟଙ୍ଗମ କରି ଦିନେ ଦୁଇଦିନ ଭିତରେ ସହରର ଲୋକେ ଯେମିତି ପିଇବା ପାଣି ପାଇବା ସେ ଦିଗରେ ପଦକ୍ଷେପ ନେବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।



ଅଙ୍କକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ୍ୟ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ

■ ଗୁଲାମ ନବୀ ଆଜାଦ୍‌ଙ୍କ ପୁରୀ ଗସ୍ତ

# ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିଲେ, ରୋଗୀଙ୍କୁ ଭେଟିଲେ



ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଭେଟୁଛନ୍ତି କଂଗ୍ରେସ ନେତା ଗୁଲାବ ନବୀ ଆଜାଦ୍।

**ପୁରୀ ଅଫିସ,୧୦।୫**

ବରିଷ୍ଠ କଂଗ୍ରେସ ନେତା ତଥା ଏଆଇସିସିର ସାଧାରଣ ସମ୍ପାଦକ ଗୁଲାବ ନବୀ ଆଜାଦ୍ ଶୁକ୍ରବାର ବାତ୍ୟା କ୍ଷତିଗ୍ରସ୍ତ ପୁରୀ ଜିଲାର ବିଭିନ୍ନ ଅଞ୍ଚଳ ବୁଲି ଦେଖିଛନ୍ତି। ପୂର୍ବାହ୍ନରେ ଆଜାଦ୍ ପୁରୀରେ ପହଞ୍ଚିଥିଲେ। ପ୍ରଥମେ ସେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ଆଇସିୟୁ ସମେତ ବିଭିନ୍ନ ୱାର୍ଡକୁ ଯାଇ ରୋଗୀଙ୍କୁ ଭେଟି ଚିକିତ୍ସା ସେବା ସମ୍ପର୍କରେ ପଚାରି ବୁଝିଥିଲେ। ଅନେକ ରୋଗୀ ତଳେ ଶୋଇଥିବା ଦେଖି ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ସେହିପରି ଏ ପର୍ଯ୍ୟନ୍ତ ପୁରୀ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହୋଇ ନ ଥିବା ଜାଣିବାକୁ ପାଇ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ଏହାପରେ ଆଜାଦ ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିଥିଲେ। ପରେ କୋଣାର୍କ, ଗୋପ ପ୍ରଭୃତି ଅଞ୍ଚଳକୁ ଯାଇ ବାତ୍ୟାରେ କେତେ ପରିମାଣରେ କ୍ଷୟକ୍ଷତି ହୋଇଛି ତାହା ଅନୁଧ୍ୟାନ କରିଥିଲେ। ଆଜାଦ୍‌ଙ୍କ ସହ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ, ପୁରୀ ଲୋକ ସଭା କଂଗ୍ରେସ ପ୍ରାର୍ଥୀ ସତ୍ୟପ୍ରକାଶ ନାୟକଙ୍କ ସମେତ ଦଳୀୟ ନେତୃବୃନ୍ଦ ସାମିଲ ଥିଲେ।

# ଆହ୍ୱାନକୁ ସମ୍ଭାବନାରେ ପରିଣତ କରିବାକୁ ପଡ଼ିବ: ଧର୍ମେନ୍ଦ୍ର

**ଭୁବନେଶ୍ୱର,୧୦।୫(ବ୍ୟୁରୋ)**

ଫନୀ ତାଣ୍ଡବର ଆହ୍ୱାନକୁ ସମ୍ଭାବନାରେ ପରିଣତ କରିବାର ଦାୟିତ୍ୱ ଆମକୁ ନେବାକୁ ପଡିବ। ପ୍ରାକୃତିକ ଦୁର୍ବିପାକ ସମୟରେ ଦୈନ୍ୟତା ନୁହେଁ ବରଂ ସେଥିପାଇଁ କାମ କରିବାକୁ ଆଗେଇ ଆସିବାକୁ ପଡିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସାମାଜିକ ଗଣମାଧ୍ୟମ ଜରିଆରେ ଧର୍ମେନ୍ଦ୍ର ଏକ ଭିଡିଓ ଜାରି କରି କହିଛନ୍ତି, ମଣିଷ ଯେତେବେଳେ କୋଣଠେସା ହୁଏ ସେତେବେଳେ ନୂଆ ରାସ୍ତା ବାହାର କରିଥାଏ। ଫନୀ ପ୍ରଭାବରେ ଶ୍ରୀମନ୍ଦିର ଆଖପାଖ ଅଞ୍ଚଳ ବହୁଳ ଭାବେ ପ୍ରଭାବିତ ହୋଇଛି। ସାରା ବିଶ୍ୱରେ ବହୁ ସମ୍ଭ୍ରାନ୍ତ ଓଡିଆ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅଛନ୍ତି। ଅମିନଠାରୁ ଆରମ୍ଭ କରି ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣରଙ୍କ ପର୍ଯ୍ୟନ୍ତ ବଡବଡ ସ୍ଥାନରେ ଓଡିଆ ଅଧିକାରୀ କାମ କରୁଛନ୍ତି। ଗୁଜୁରାଟ ଭୁଜ୍‌ରେ ଭୂମିକମ୍ପ ପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଆହ୍ୱାନକୁ ସମ୍ଭାବନାର ରୂପ ଦେଇ ସମ୍ପୂର୍ଣ୍ଣ ପଶ୍ଚିମ ଭାରତରେ ଏକ ନୂଆ ମଡେଲ ତିଆରି କରିଥିଲେ। ଏବେ ଫନୀର ସଦ୍ୟତମ ଅନୁଭବ ୧୯୯୯ ମହାବାତ୍ୟା, ହୁଡହୁଡ, ଫାଇଲିନ ଓ ତିତ୍‌ଲିର ଅନୁଭବ ଆଧାରରେ ନୂଆ ଚିନ୍ତାଧାରା ଏବଂ ଏନର୍ଜି ନେଇ କାମ କରିବା ହିଁ ସମୟର ଆହ୍ୱାନ। ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଓଡ଼ିଶାର ପୁନଃନିର୍ମାଣ କ୍ଷେତ୍ରରେ କୌଣସି ପ୍ରତିବନ୍ଧକ ରହିବ ନାହିଁ। ଫନୀ ପରେ ଲୋକଙ୍କ ଜୀବନ ବଞ୍ଚାଇବା ଲାଗି ସାମୁହିକ ପ୍ରୟାସ ସମସ୍ତଙ୍କୁ ସନ୍ତୋଷ ଓ ଆଶ୍ୱସ୍ତ କରିଛି। ଗତ ୭ରୁ ୮ ଦିନ ହେବ ଦିଲ୍ଲୀର କ୍ୟାବିନେଟ୍ ସେକ୍ରେଟାରୀଙ୍କ ଦପ୍ତରଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଆସୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜେ ପୁରୀ ଜିଲା ଗସ୍ତ କରି ସମୀକ୍ଷା କରିଥିଲେ। ରାଜ୍ୟ ସରକାରଙ୍କ ଅଧିକାରୀମାନେ ମଧ୍ୟ ଲୋକଙ୍କୁ ସେବା ଯୋଗାଇବାକୁ ଲାଗି ପଡିଛନ୍ତି। କେନ୍ଦ୍ର ସରକାରଙ୍କ ସମସ୍ତ ଏଜେନ୍ସି ମଧ୍ୟ ଆବଶ୍ୟକତା ଠାରୁ ଅଧିକ ସହଯୋଗ କରି ଆସୁଛନ୍ତି। ସମସ୍ତଙ୍କ ମଧ୍ୟରେ ଗୋଟିଏ ଦାୟିତ୍ୱ ମନୋଭାବ ରହିଛି। ଓଡ଼ିଶାକୁ ପୁନର୍ବାର ସହଜ ଓ ସ୍ୱାଭାବିକ କରିବାକୁ ସମସ୍ତେ ଲାଗିଛନ୍ତି। ଛୋଟଛୋଟ କଳ୍ପନା ବଡବଡ ପରିବର୍ତ୍ତନ କରିପାରେ ବୋଲି ଧର୍ମେନ୍ଦ୍ର କହିଛନ୍ତି।

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
OFFICE OF THE DEPUTY GENERAL MANAGER (ELECT.) E.H.T. (O&M) DIVISION, JODA
P.O.- Boneikala, Dist.- Keonjhar, PIN- 758038 (ODISHA), Phone No- 7328829375,
E-mail- ehtm.div.jod@optcl.co.in, CIN: U40102OR2004SGC007553

Letter No. 121 Dated: 10.05.19

**TENDER CALL NOTICE NO.- 01/2019-2020**

Sealed tenders are invited from the Civil & HT Contractors having valid "C" & "D" Class Civil Contractor license issued by Govt. of Odisha/ Military/ Railways & having valid IT PAN Card/ GST registration for the Work of "SUPPLY, FITTING & FIXING OF FALSE CEILING INSIDE DIFFERENT ROOMS OF DIVISION OFFICE JODA, SUPPLY & FIXING OF ALUMINIUM SLIDING WINDOWS, PAINTING OF DIFFERENT DOORS, GRILL GATES AT DIVISION OFFICE JODA" under EHT (O&M) Division Joda. Cost of Tender paper Rs. 2240/-, EMD= Rs. 5000/-. Sale of tender documents from dt:- 14.05.2019 to 23.05.2019. Last Date of submission of tender:- 24.05.2019 upto 1.00 PM. Date of opening of tender: 24.05.2019 at 3.00 PM. For details visit our website:- www.optcl.co.in.
Corrigendum if any will be published in the OPTCL website only.

Sd./- Dy. General Manager (Elect) for EHT (O&M) Division, Joda

**ODISHA ADARSHA VIDYALAYA SANGATHAN**
N-I/9, NAYAPALLI, PO.- SAINIK SCHOOL,
BHUBANESWAR-751005
No.-04-n

**Recruitment of Principals and Teachers in Odisha Adarsha Vidyalayas (OAVs) in Odisha.**

**Announcement for Computer Based Test (CBT) & List of facilitation counters**

The Computer Based Test (CBT) for recruitment of Principals and Teachers for Odisha Adarsha Vidyalayas (OAVs) will be conducted by EdCIL India Limited on 19th, 20th & 21st May, 2019 in different cities.

1. The facility of downloading of e-admit cards has been provided in the website www.oavs.in in the link http://cdn.digialm.com/EForms/configuredHtml/1258/60378/login.html.
2. It has also been decided to open facilitation counters for different test centers of different cities which is available in the website www.oavs.in. In case of any difficulty in getting admit card, the candidates are advised to attend the respective facilitation counter on 18.05.2019 from 10:00AM to 02:00 PM.
3. The candidates have been intimated through SMS & registered email-id regarding conduct of Computer Based Test (CBT).
4. All candidates are advised to visit OAVS website regularly to know the updates.

27029/11/0001/1920 Sd./- State Project Director OAVS

**ବିଜ୍ଞାପନ** No.14-D

**ଦୁର୍ଗପତିଙ୍କ କାର୍ଯ୍ୟାଳୟ ୩ୟ ଓ.ଏସ୍.ଏ.ପି. (ସ୍ୱତନ୍ତ୍ର ସୁରକ୍ଷା) ବାହିନୀ, ଗଜପତି**

ନାମ – ବିଷ୍ଣୁ ପ୍ରସାଦ ମାଝି, ସିପାହୀ/୨୯୮
ବାପା– ଗୌରେଶ୍ୱର ମାଝି, ସା : ସାନତମାରି,
ପୋ: ଅଉରିବେଡି, ଥାନା : ଜୟପାଟଣା, ଜିଲ୍ଲା : କଳାହାଣ୍ଡି

ଏହି ବିଜ୍ଞାପନ ମାଧ୍ୟମରେ ଅବଗତ କରାଯାଉଛି କି ଆପଣ ୦୪ ଦିନ ଆକସ୍ମିକ ଛୁଟି ନେଇ ତା ୧୩.୦୯.୨୦୧୮ରିଖ ରୁ ତା ୧୭.୦୯.୨୦୧୮ ରିଖ ପର୍ଯ୍ୟନ୍ତ ଯାଇଥିଲେ। ଆପଣ ତା ୧୮.୦୯.୧୮ ରିଖରେ କାର୍ଯ୍ୟରେ ଯୋଗଦେବାର ଥିଲା କିନ୍ତୁ ତାହା ଆପଣ କଲେନାହିଁ କି ସେ ବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ଏ ପର୍ଯ୍ୟନ୍ତ କିଛି ଜଣାଇଲେ ନାହିଁ ଏବଂ ଯୋଗ ନଦେବାର କାରଣ ବିଷୟରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କଲେନାହିଁ। ଇତିମଧ୍ୟରେ ଆପଣଙ୍କ ଠିକଣା ଅନୁସାରେ ଥରକୁ ଥର କାର୍ଯ୍ୟରେ ଯୋଗଦେବା ନିମନ୍ତେ ଚିଠି ପଠାଯାଇଥିଲା ଏବଂ ଶେଷରେ ନିର୍ବାଚନ (୨୦୧୯) ନିମନ୍ତେ ମଧ୍ୟ ଆପଣଙ୍କୁ କାର୍ଯ୍ୟରେ ଯୋଗଦାନ ନିମନ୍ତେ ଚିଠି ପ୍ରେରଣ କରାଯାଇ ଥିଲେ ମଧ୍ୟ ଆପଣ କାର୍ଯ୍ୟର ଯୋଗଦାନ କଲେ ନାହିଁ। ଏହା ଏକ ଗର୍ହିତ ଅପରାଧ ଅଟେ।

ଏଣୁ ଏତଦ୍ୱାରା ଆପଣଙ୍କୁ ଅବଗତ କରାଯାଉଛି କି ଆପଣ ଏହି ଖବର ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ଆସି ନିଜ କାର୍ଯ୍ୟରେ ଯୋଗ ଦିଅନ୍ତୁ, ନଚେତ୍ ଆପଣଙ୍କ ବିରୁଦ୍ଧରେ ଦୃଢ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./– ଦୁର୍ଗପତି, ୩ୟ ଓ.ଏସ୍.ଏ.ପି.
(ସ୍ୱତନ୍ତ୍ର ସୁରକ୍ଷା) ବାହିନୀ, ଗଜପତି

12029/11/0005/1920

# ୧୦ ଲକ୍ଷ ଦିଅ, ମୋ କିଡ୍‌ନୀ ନିଅ

**କଟକ ଅଫିସ, ୧୦।୫**

ମୋର ୧୦ ଲକ୍ଷ ଟଙ୍କା ଦରକାର। ଯିଏ ୧୦ ଲକ୍ଷ ଟଙ୍କା ଦେଇପାରିବ, ମୁଁ ମୋର ଗୋଟିଏ କିଡ୍‌ନୀ ତାଙ୍କୁ ବିକ୍ରି କରିବି। ମୋ କିଡ୍‌ନୀ ଅପେକ୍ଷା ଟଙ୍କା ମୋ ପାଇଁ ନିତାନ୍ତ ଆବଶ୍ୟକ। ଏହିଭଳି କଥା କହି ଜଣେ ଯୁବକ ଏସ୍‌ସିବି ମେଡିକାଲରେ ଶୁକ୍ରବାର ଦିନତମାମ ଘୁରି ବୁଲୁଥିଲେ। ତାଙ୍କ ଘର ଢେଙ୍କାନାଳ ଅଞ୍ଚଳରେ ହୋଇଥିବାବେଳେ ବୟସ ୩୦ରୁ ୩୫ ବର୍ଷ ବୟସ ମଧ୍ୟରେ ହେବ। ମେଡିକାଲର ବିଭିନ୍ନ ବିଭାଗ ବୁଲିବୁଲି ଶେଷରେ ମେଡିକାଲ ଅଧୀକ୍ଷକ ପ୍ରଫେସର ସିବିକେ ମହାନ୍ତିଙ୍କ ଚାମ୍ବରକୁ ଯୁବକ ଜଣକ ଆସିଥିଲେ। ନିଜର କିଡ୍‌ନୀ ବିକ୍ରି କରିବା ସମ୍ପର୍କରେ ଏକ ଦରଖାସ୍ତ ଅଧୀକ୍ଷକ ମହାନ୍ତିଙ୍କୁ ସେ ଦେଇଥିଲେ। ତେବେ କାହିଁକି କିଡ୍‌ନୀ ବିକ୍ରି କରିବାକୁ ଚାହୁଁଛ ବୋଲି ଅଧୀକ୍ଷକ ସମ୍ପୃକ୍ତ ଯୁବକଙ୍କୁ ପ୍ରଶ୍ନ କରିଥିଲେ ଏବଂ ଏଭଳି କାର୍ଯ୍ୟ ଆଇନତଃ ଅପରାଧ ବୋଲି ବୁଝାଇଥିଲେ। ବହୁତ ସମୟ ଧରି ଅଧୀକ୍ଷକ ବୁଝାଇଶୁଝାଇ ତାଙ୍କୁ ଶେଷରେ ଚାମ୍ବରରୁ ବିଦା କରିଥିଲେ। ମାତ୍ର ଯୁବକ ଜଣକ ଅଧୀକ୍ଷକଙ୍କ ଚାମ୍ବରରୁ ବାହାରି ନିଜର ପୂର୍ବ ଜିଦ୍ ଧରି ବସିଥିଲେ। ବିଭିନ୍ନ ରୋଗୀ ଏବଂ ସମ୍ପର୍କୀୟଙ୍କ ପାଖକୁ ଯାଇ କିଡ୍‌ନୀ ଦରକାର କି ବୋଲି ପଚାରୁଥିଲେ। ତେବେ ଯୁବକଙ୍କ ଏଭଳି କାର୍ଯ୍ୟକଳାପ ହୁଏତ ତାଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇପାରେ ବୋଲି ମେଡିକାଲ କର୍ମଚାରୀମାନେ ଆଶଙ୍କା କରିଛନ୍ତି। କାରଣ କଟକରେ କିଡ୍‌ନୀ ବିକ୍ରି ଘଟଣା କିଛି ନୂଆକଥା ନୁହେଁ। ଅତୀତରେ ଏଭଳି ଦୁଇଟି ଘଟଣା ଘଟିସାରିଛି। ଯଦି ଏହି ଯୁବକ ଜଣକ କାହାରି ପାଲରେ ପଡ଼ିଯାନ୍ତି ତେବେ ସେ ନିଜର କିଡ୍‌ନୀ ମଧ୍ୟ ହରାଇବେ ବୋଲି ମେଡିକାଲ କର୍ମଚାରୀମାନେ ଆଲୋଚନା କରୁଛନ୍ତି।

# ଖଲ୍ଲିକୋଟ୍‌ରେ ଏନ୍‌କାଉଣ୍ଟର

- ■ ଏକାଧିକ ମାମଲାରେ ସମ୍ପୃକ୍ତ ଅଭିଯୁକ୍ତ ଆହତ
- ■ ବାମ ଗୋଡ଼ରେ ବାଜିଛି ଗୁଳି
- ■ ବନ୍ଧୁକ, ଗୁଳି ଓ ନମ୍ବର ବିହୀନ ବାଇକ୍ ଜବତ

**ଖଲିକୋଟ,୧୦।୫(ଡି.ଏନ.ଏ.)**

କିଛିଦିନର ବ୍ୟବଧାନ ପରେ ପୁଣି ଫୁଟିଛି ପୋଲିସ ଗୁଳି। ଶୁକ୍ରବାର ଭୋର୍‌ରେ ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ପୋଲିସ ଏନ୍‌କାଉଣ୍ଟରରେ ବହୁ ଆପରାଧିକ ମାମଲାରେ ସମ୍ପୃକ୍ତ ମନୋଜ ସ୍ୱାଇଁ ଗୁରୁତର ଆହତ ହୋଇଛନ୍ତି। ମନୋଜଙ୍କ ବାମଗୋଡ଼ରେ ଗୁଳି ବାଜିଥିବାରୁ ପ୍ରଥମେ ଖଲ୍ଲିକୋଟ ଡାକ୍ତରଖାନା ନିଆଯାଇଥିଲା। ସେଠାରୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ତାଙ୍କ ନିକଟରୁ ନମ୍ବରବିହୀନ ଏକ ପଲସର, ଗୋଟିଏ ବନ୍ଧୁକ, ଦୁଇଟି ଗୁଳି ଜବତ କରିଛି।

ଖଲ୍ଲିକୋଟ ଥାନା ଅନ୍ତର୍ଗତ ଖୋଜାପଲ୍ଲୀ ଗ୍ରାମର ମନୋଜଙ୍କ ବିରୋଧରେ ବହୁ ସଙ୍ଗୀନ ଆପରାଧିକ ମାମଲା ରହିଛି। ଗିରଫରୁ ବଞ୍ଚିବା ପାଇଁ ସେ କିଛିଦିନ ହେଲା ଫେରାର ଥିଲେ। ପୋଲିସ ତାଙ୍କ ଗତିବିଧି ଉପରେ ନଜର ରଖିଥିଲା। ମନୋଜ ଗାଁକୁ ଆସିଥିବା ନେଇ କୌଣସି ସୂତ୍ରରୁ ଖବର ମିଳିଥିଲା। ତାଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ଶୁକ୍ରବାର ଭୋରରେ ମନୋଜ ଖଲ୍ଲିକୋଟ ଥାନା ଅନ୍ତର୍ଗତ ପେଣ୍ଟୁରାପଲ୍ଲୀ ଛକ ନାରାୟଣୀ ମନ୍ଦିର ରାସ୍ତାରେ ଆସୁଥିବା ବେଳେ ପୋଲିସ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲା। ମନୋଜ ପ୍ରଥମେ ଗୁଳି ଚଳାଇ ଖସି ପଳାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ତାହା ଲକ୍ଷ୍ୟଭ୍ରଷ୍ଟ ହୋଇଥିଲା। ପୋଲିସ ପାଲଟା ଗୁଳି ଚଳାଇବାରୁ ତାଙ୍କ ଗୋଡ଼ରେ ବାଜିଥିଲା। ପରେ ଆଇଆଇସି ସୁନୀଲ କୁମାର ବେହେରା, ଏସଆଇ ସିଲୁ ଧଳ ଓ ପୋଲିସ ଟିମ ମନୋଜଙ୍କୁ କାବୁ କରିଥିଲେ। ମନୋଜ ପୋଲିସ ଉପରକୁ ଗୁଳି ଚଳାଇଥିବା ନେଇ ଖଲ୍ଲିକୋଟ ଥାନାରେ ନଂ.୧୧୧/୧୯ରେ ଏକ ମାମଲା ରୁଜୁ କରାଯାଇଛି।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 50,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କେଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଚର୍
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395864708
8929606415
SCO- 106, Second Floor, Vishal Tower, Cannaught Place, Delhi.

FINANCE
ବିଶ୍ୱାସର ପ୍ରତୀକ, ଲୋନ୍‌ର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, ଆଧାରକାର୍ଡ ଲୋନ୍ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
Mob: 9910673658
Address: Vishal Enclave, New Delhi

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଇ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS: C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନପାଇଁ ମୋତେ ସଂପର୍କ କରନ୍ତୁ।
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣୀ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ। ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address:- Head Office G-79 Aadrsh Nagar Karol Bagh
8676907143, 9348274623

EDUCATION

SRI AUROBINDO INTEGRAL SCHOOL
Matrupuram, Markona, At: Bhagia, PO: Markona, Via/PS: Simulia, Dist: Balasore- 756126
ADMISSION NOTICE FOR THE EDUCATION YEAR- 2019-2020
(Ref: COR for Academic Session-2017-18 to 2021-22) Sl. No.-183, Application No.- 10058-Approved Letter No.-3175, Dt. 11.03.2019, DEO, Balasore and Letter No.-4150/ Pvt- Dated 29.03.19
- There is no Admission Fees for school admission for all
- There is no Tuition Fees
- The School will take no admission of students belonging to weaker sections and disadvantageous group against 25% quota under RTE Act. 2009 as required under Section-12.I.C. of RTE Act.

(Ku. Manjulata Nayak)
PRINCIPAL

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ASTROLOGY

BUSINESS

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଡାଇରେକ୍ଟ ସେଲିଂ ପାଇଁ ଡିଷ୍ଟ୍ରିବ୍ୟୁଟର ଆବଶ୍ୟକ
ଏକ ଅଗ୍ରଣୀ ୱେଲନେସ ଇଣ୍ଟରନ୍ୟାସନାଲ ଡାଇରେକ୍ଟ ସେଲିଂ ବ୍ରାଣ୍ଡ ୧୨ ମଇ ୨୦୧୯ରେ ଓଡ଼ିଶାର ଭୁବନେଶ୍ୱରଠାରେ ପଦାର୍ପଣ କରିବାକୁ ଯାଉଛି। ଓଡ଼ିଶାର ଏମଏଲଏମ ଟପ୍ ଲିଡର ସେମାନଙ୍କ ଟପ ପୋଜିସନ ପାଇଁ ବୁକ୍ କରିପାରିବେ ଓ ଏହି ପବିତ୍ର ଅବସରରେ ଆମ ସହ ଯୋଗ ଦେଇପାରିବେ। କମ୍ପାନୀ ଓଡ଼ିଶାରେ ତାର ବ୍ୟବସାୟ ବୃଦ୍ଧି କରିବାରେ ସହାୟତା କରୁଥିବା ପ୍ରଥମ ୫୦ ଲିଡରଙ୍କୁ ସ୍ୱତନ୍ତ୍ର ସହାୟତା ପ୍ରଦାନ କରିବ। ଅଧିକ ବିବରଣୀ ପାଇଁ ଦୟାକରି ଆମକୁ କଲ୍ କରନ୍ତୁ
9540672367
9143090746

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

See Color Display Classified on every Tuesday & Friday

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ। ଠକଙ୍କ ପ୍ରତି ସାବଧାନ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

SUCCESS
DHARITRI Career appointment Every Wednesday and Saturday

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

**ପାଠକଙ୍କ ପାଇଁ ସୂଚନା:**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଗତକାଲି ଏକ ଅଚଳ ଚେକ୍। ଆସନ୍ତାକାଲି ପ୍ରୋମିସରି ନୋଟ୍। ଆଜି ହିଁ ନଗଦ ଧନ, ଏହାକୁ ବ୍ୟବହାର କର।
- ହିଟ୍‌ଲର



## ସଂକ୍ଷେପରେ

### ଫନୀ ବିପନ୍ନଙ୍କୁ ସହାୟତା ନିମନ୍ତେ ପାଣ୍ଠି ସଂଗ୍ରହ

**ରାଉରକେଲା ଅଫିସ,୧୦।୫-** ମେ ୩ରେ ବାତ୍ୟା 'ଫନୀ' ଉପକୂଳ ଓଡ଼ିଶାକୁ ଦୋହଲାଇ ଦେଇଛି। ଏଣୁ ବାତ୍ୟା ପ୍ରଭାବିତଙ୍କୁ ସହାୟତା ନିମନ୍ତେ ସିପିଆଇ(ଏମ୍) ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏ ନେଇ ଷ୍ଟିଲ ସିଟିରେ ରିଲିଫ ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରାଯାଇଛି। ରାଜ୍ୟ କମିଟି ଡାକରାରେ ଏହି ଅଭିଯାନରେ ଦଳର ସମସ୍ତ କର୍ମକର୍ତ୍ତା, ସହଯୋଗୀ ଓ ଶୁଭେଚ୍ଛୁ ସାମିଲ ହୋଇଛନ୍ତି। ଏ ନେଇ ରାଉରକେଲା ମୁଖ୍ୟ ମାର୍ଗ, ନୂଆ ବସଷ୍ଟାଣ୍ଡ, ଟ୍ରାଫିକ ଗେଟ୍, ଗାନ୍ଧୀ ରୋଡ୍, ମଧୁସୂଦନ ମାର୍ଗ ଓ ବେଦବ୍ୟାସ ଭଳି ବହୁ ଅଞ୍ଚଳ ବୁଲି ଦଳୀୟ କର୍ମକର୍ତ୍ତା ପାଣ୍ଠି ସଂଗ୍ରହ କରିବାରେ ଲାଗିଛନ୍ତି। ପାର୍ଟିର ରାଉରକେଲା ସଂଗଠନ ପକ୍ଷରୁ ବି.ପି. ମହାପାତ୍ର, ଶ୍ରୀମନ୍ତ ବେହେରା, ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ବସନ୍ତ ନାୟକ, ରାଜକିଶୋର ପ୍ରଧାନ, ଅଜୟ ଶର୍ମା, ବିଶ୍ୱଜିତ ମାଝି, ଭଗବାନ କୁଣ୍ଡୁ, ଯଯାତି ସାହୁ, ବିନୋଦିନୀ ଦାସ, ପ୍ରଭାତ ମହାନ୍ତି, ଅରିନ୍ଦମ ଦତ୍ତ, ଅକ୍ଷୟ ମହାନ୍ତ, ନୃସିଂହ ପାଣିଗ୍ରାହୀ, ଦିବାକର ମହାରଣା, କବି ପ୍ରଧାନ ଓ ଗୋପାଳ ନାୟକ ପ୍ରମୁଖ ଏହି ଅଭିଯାନରେ ସାମିଲ ହୋଇଛନ୍ତି। ସଂଗୃହୀତ ଅର୍ଥ ଓ ସାମଗ୍ରୀକୁ ରାଜ୍ୟ କମିଟି ଜରିଆରେ ବାତ୍ୟା ବିପନ୍ନଙ୍କ ନିକଟରେ ପହଞ୍ଚାଯିବ।

# ଭୋଟରଙ୍କ ଗଣତାନ୍ତ୍ରିକ ଅଧିକାର କ୍ଷୁଣ୍ଣ ହୋଇଛି

## ■ ବିଜେଡି ପ୍ରାର୍ଥୀ ସାରଦା ଧାରଣା ଦେଲେ

**ରାଉରକେଲା ଅଫିସ,୧୦।୫**

ରାଉରକେଲା ବିଧାନସଭା କ୍ଷେତ୍ରରେ ଏଥର ୮ ହଜାରରୁ ଅଧିକ ମତଦାତା ମତଦାନ କରିପାରି ନାହାନ୍ତି। ପରିଚୟ ପତ୍ର ଥାଇ ମଧ୍ୟ ଏମାନେ ନିଜ ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିପାରି ନାହାନ୍ତି । ଏଣୁ ସେମାନଙ୍କ ଗଣତାନ୍ତ୍ରିକ ଅଧିକାର କ୍ଷୁଣ୍ଣ ହୋଇଛି। ରାଉରକେଲା ବିଜେଡି ପ୍ରାର୍ଥୀ ସାରଦା ନାୟକ ଏହି ଅଭିଯୋଗ କରିଛନ୍ତି। ଶୁକ୍ରବାର ସକାଳ ୭ରୁ ୯ଟା ପର୍ଯ୍ୟନ୍ତ ସେ ଉଦିତନଗର ଧାରଣା ସ୍ଥଳରେ ନିଜ ସମର୍ଥକଙ୍କ ସହ ଏ ନେଇ ଧାରଣା ଦେଇଥିଲେ। ୨୦୧୪ ନିର୍ବାଚନରେ ଭାଗ ନେଇଥିବା ନାଗରିକଙ୍କ ନାମ ଏଥର ତାଲିକାରୁ ଉଭାନ ହୋଇଯିବା ଆଶ୍ଚର୍ଯ୍ୟ ଲାଗୁଛି। ବ୍ଲକ ନିର୍ବାଚନ ଅଧିକାରୀ ଓ ସୁପରଭାଇଜରଙ୍କ ଉପରେ ସନ୍ଦେହ ରହୁଛି। ଏମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ। ଭବିଷ୍ୟତରେ ଏହାର ପୁନରାବୃତ୍ତି ନ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। ଏଥିରେ ପୂର୍ବତନ ବିଧାୟକ ହାଲୁ ମୁଣ୍ଡାରୀ, ସୁଦାମ ଦାସ, ସୁଜୟ ପାଣି, ଶ୍ରୀଚରଣ ମହାନ୍ତି, ବ୍ରିଜମୋହନ ଅଗ୍ରୱାଲ, ନରେନ୍ଦ୍ର ତ୍ରିପାଠୀ, ସୁବାସ ସ୍ୱାଇଁ, ମାନସ ମହାନ୍ତି, ବିଭୂତି ପୁହାଣ, ଆରତୀ ଚୌଧୁରୀ, ଜ୍ୟୋତ୍ସ୍ନା ନାୟକ, ସ୍ମିତା ମହାନ୍ତି, ସନ୍ତୋଷ ନାୟକ, ଉଦିତପ୍ରତାପ ମହାପାତ୍ର, ଗଗନ ପଣ୍ଡା, ପ୍ରବୀଣ ଗର୍ଗ, ଅଭିକ କୁମାର, ପ୍ରଶାନ୍ତ ମୁଦାଲି, ବ୍ରଜସୁନ୍ଦର ଦାସ ପ୍ରମୁଖ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ନିର୍ବାଚନ କମିଶନଙ୍କ ଖାମଖିଆଲି ମନୋଭାବକୁ ତୀବ୍ର ସମାଲୋଚନା କରାଯାଇ ଥିଲା।



ରାଉରକେଲା ବିଜେଡି ପ୍ରାର୍ଥୀ ସାରଦା ନାୟକ ଉଦିତନଗରଠାରେ ଧାରଣାସ୍ଥଳରେ ଉଦ୍‌ବୋଧନ ଦେଉଛନ୍ତି।

# ସାରଦାଙ୍କୁ ସମାଲୋଚନା

**ରାଉରକେଲା ଅଫିସ,୧୦।୫**

ସାଧାରଣ ନିର୍ବାଚନ ଶେଷ ହୋଇଛି। ଫଳାଫଳକୁ ରାଜ୍ୟବାସୀଙ୍କ ଅପେକ୍ଷା ରହିଛି। ହେଲେ ଶାସକ ବିଜେଡିର ରାଉରକେଲା ବିଧାନସଭା କ୍ଷେତ୍ର ନିମନ୍ତେ ପ୍ରାର୍ଥୀ ହୋଇଥିବା ସାରଦା ନାୟକ ଶୁକ୍ରବାର ସାଙ୍ଘାତିକ ଅଭିଯୋଗ ଆଣି ଧାରଣ ଦେଇଥିଲେ। ଏଥର ନିର୍ବାଚନରେ ଅନେକ ଯୋଗ୍ୟ ଭୋଟର ମତ ସାବ୍ୟସ୍ତରୁ ବଞ୍ଚିତ ହୋଇଥିବା ସେ ଅଭିଯୋଗ କରି ଉଦିତନଗରଠାରେ ଧାରଣା ଦେଇଥିଲେ। ତେବେ ଦଳୀୟ କର୍ମକର୍ତ୍ତା ଓ ସହଯୋଗୀଙ୍କୁ ନେଇ ଧାରଣା ଦେଇଥିବା ନାୟକଙ୍କୁ ବିରୋଧୀ ରାଜନୈତିକ ଦଳ ପକ୍ଷରୁ କଡା ସମାଲୋଚନାର ଶିକାର ହେବାକୁ ପଡିଛି। ଏ ନେଇ ଉଭୟ ଭାଜପା ଓ କଂଗ୍ରେସ ନାୟକଙ୍କୁ ଟାର୍ଗେଟ କରିଛି। ରାଜ୍ୟରେ ବିଜେଡି ସରକାର ଦୀର୍ଘ ୧୯ ବର୍ଷ କାଳ କ୍ଷମତାରେ ରହିଲା। ଏଣୁ କିପରି ଭୋଟର ତାଲିକରେ ତ୍ରୁଟି ରହିଲା ସେ ନେଇ ବିରୋଧୀ ସାରଦାଙ୍କୁ ଓଲଟା ପ୍ରଶ୍ନ କରିଛନ୍ତି। ଯେଉଁମାନେ ଭୋଟର ତାଲିକା ଦାୟିତ୍ୱରେ ଥିଲେ ସେମାନେ ଶାସକ ଦଳର ସମର୍ଥକ। ସରକାରଙ୍କ ନିର୍ଦ୍ଦେଶମତେ କାର୍ଯ୍ୟ କରୁଥିଲେ। ଏହା ସତ୍ତ୍ୱେ ଭୋଟର ତାଲିକାରୁ ଯୋଗ୍ୟ ବ୍ୟକ୍ତିଙ୍କ ନାମ ବାଦ୍ ପଡିବା ସରକାର କେମିତି ଜାଣି ପାରିଲେନି ବୋଲି ବରିଷ୍ଠ କଂଗ୍ରେସ ନେତା ବୀରେନ ସେନାପତି ପ୍ରଶ୍ନ କରିଛନ୍ତି। ଫଳ ପ୍ରକାଶନ ପାଇଁ ଦିନ କେଇଟା ବାକି ରହିଥିବା ବେଳେ ସାରଦାଙ୍କ ଭଳି ଜଣେ ବରିଷ୍ଠ ନେତା ଧାରଣା ଦେବା ହାସ୍ୟାସ୍ପଦ ବୋଲି ସେନାପତି କହିଛନ୍ତି। ଏବେ ଲୋକଙ୍କ ପ୍ରଶ୍ନବାଣରୁ ବର୍ତ୍ତିବାକୁ ଏଭଳି ନାଟକ ରଚନା କରାଯାଇଛି। ଏହାକୁ କେହି ବିଶ୍ୱାସ କରିବେ ନାହିଁ। ଅଧିକାଂଶ ବିଏଲଓ ଶାସକ ଦଳ ସମର୍ଥକ ହୋଇଥିବା ବେଳେ ସେହି ଦଳର ନେତା ଏଭଳି ତ୍ରୁଟିକୁ କିପରି ଧ୍ୟାନ ଦେଲେନି ସେ ନେଇ ପ୍ରଶ୍ନ ଉଠାଇଛନ୍ତି ସେନାପତି। ସେହିଭଳି ଭାଜପା ପକ୍ଷରୁ ମୁଖପାତ୍ର ଭଗବାନ ରାଉତ ଏକ ପ୍ରେସ ବିବୃତି ଜାରି କରି କହିଛନ୍ତି ଯେ, ଏହା ବିଜେଡିର ଏକ ଫାର୍ସ। ମହାବାତ୍ୟ ଫନି ତାଣ୍ଡବରେ ସାରା ଓଡିଶା ତ୍ରାହି ତ୍ରାହି ଡାକୁଛି। ଏତିକିବେଳେ ସାରଦାଙ୍କ ଧାରଣା ଡ୍ରାମାବାଜିଠାରୁ କିଛି କମ ନୁହେଁ। ଆକ୍ରୋଶମୂଳକ ଭାବେ ବିରୋଧୀଙ୍କ ନାମ ଭୋଟର ତାଲିକାରୁ କାଟିବାକୁ ଯୋଜନା କରିଥିବା ବିଜେଡି ଏବେ କୁମ୍ଭୀର କାନ୍ଦଣା କାନ୍ଦୁଛି। ୨୦୧୪ ନିର୍ବାଚନରେ ପ୍ରାୟ ୧୦ ହଜାରରୁ ଅଧିକ ଭୋଟରେ ପରାସ୍ତ ବିଜେଡି ଏହାକୁ ଭରଣା କରିବାକୁ ଚକ୍ରାନ୍ତ କରିଥିଲା ବୋଲି ରାଉତ ଅଭିଯୋଗ କରିଛନ୍ତି। ଯେଉଁ ନାଗରିକ ଭୋଟ ଦାନରୁ ବଞ୍ଚିତ ହୋଇ ନିଜ ସାମ୍ବିଧାନିକ ଅଧିକାର ହରାଇଲେ ସେଥିପାଇଁ କିଏ ଦାୟୀ ରହିବ ବୋଲି ରାଉତ ପ୍ରଶ୍ନ କରିଛନ୍ତି। ରାଜ୍ୟ ସରକାରଙ୍କ କର୍ମଚାରୀ ଓ ବିଜେଡି ନେତାଙ୍କ ଅଲିଖିତ ନିର୍ଦ୍ଦେଶରେ ଭୋଟ ତାଲିକା ପ୍ରସ୍ତୁତ କରାଯାଇଛି। ଏବେ ପ୍ରଶ୍ନ ଉଠୁଛି ଯେ କେଉଁଥି ପାଇଁ ବିଜେଡି ନେତା ଛାନିଆଁ ହୋଇ ପଡିଛନ୍ତି ।

ଚୋର ନିଜେ ଧରା ପଡିବା ଭୟରେ ଅନ୍ୟକୁ ଚୋର ଚୋର ଡାକ ଛାଡିବା ନିହାତି ହାସ୍ୟାସ୍ପଦ ବୋଲି ରାଉତ ତାଙ୍କ ବିବୃତିରେ ପ୍ରକାଶ କରିଛନ୍ତି। ଏଥିରୁ ପ୍ରମାଣିତ ହେଉଛି ଯେ ବିଜେଡି ଦ୍ୱାରା ପରିଚାଳିତ ଶାସନ ଫେଲ୍ ମାରିଛି। ନିଜେ ଏହାକୁ ସାରଦା ସ୍ୱୀକାର କରୁଛନ୍ତି। ଖୁବ୍ ଶୀଘ୍ର ସତ୍ୟ ପଦାକୁ ଆସିବ ବୋଲି ରାଉତ ଆଶା ବ୍ୟକ୍ତ କରିଛନ୍ତି।



ଭଞ୍ଜ ଭବନଠାରେ ନାଟ୍ୟକାର ପ୍ରଭାତ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ନାଟ୍ୟକାର, ସଙ୍ଗୀତ ନିର୍ଦ୍ଦେଶକ ସମ୍ବର୍ଦ୍ଧିତ

**ରାଉରକେଲା ଅଫିସ,୧୦।୫**

ପ୍ରତିଭାବାନ ଯୁବ ନାଟ୍ୟକାର, ନିର୍ଦ୍ଦେଶକ ତଥା ସାଂସ୍କୃତିକ କଳା ପରିଷଦ 'ସଂକଳ୍ପ'ର ବରିଷ୍ଠ କର୍ମକର୍ତ୍ତା ପ୍ରଭାକର ପାତ୍ରଙ୍କୁ ନାଟ୍ୟ ରଚନା ଓ ନିର୍ଦ୍ଦେଶନା କ୍ଷେତ୍ରରେ ଅତୁଳନୀୟ ଅବଦାନ ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଛି। ସେହିଭଳି ବର୍ଷୀୟାନ କଣ୍ଠଶିଳ୍ପୀ ଓ ସଙ୍ଗୀତ ନିର୍ଦ୍ଦେଶକ ଭାସ୍କର ପୁହାଣଙ୍କୁ ମଧ୍ୟ ସଙ୍ଗୀତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଛି। ଭଞ୍ଜଭବନ ପରିସରରେ ଅନୁଷ୍ଠିତ ସାଂସ୍କୃତିକ ସନ୍ଧ୍ୟା ଅବସରରେ ଉଭୟ ନାଟ୍ୟକାର ଓ ସଙ୍ଗୀତ ନିର୍ଦ୍ଦେଶକଙ୍କୁ ଉପସ୍ଥିତ ଅତିଥିଗଣ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।

# ଦୂତୀକୃଷ୍ଣଙ୍କ ବିୟୋଗ ଅପୂରଣୀୟ କ୍ଷତି

## ■ ଇସ୍‌କଫ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

**ରାଉରକେଲା ଅଫିସ,୧୦।୫**

ସାମାଜିକ ଓ ସାଂସ୍କୃତିକ ସଂଗଠନ ଇସକଫ ସୁନ୍ଦରଗଡ ଶାଖା ପକ୍ଷରୁ ବିଶିଷ୍ଟ ଶ୍ରମିକ ନେତା ତଥା ପୂର୍ବତନ ଏମ୍‌ପି ଓ ବିଧାୟକ ଦୂତୀକୃଷ୍ଣ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସେ ଦୀର୍ଘ ବର୍ଷ ଧରି ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତିର ରାଜ୍ୟ ସଭାପତି ମଣ୍ଡଳୀ ସଭ୍ୟ ରୂପେ କାର୍ଯ୍ୟ କରିଥିଲେ। ତାଙ୍କ ବିୟୋଗରେ ସୁନ୍ଦରଗଡ ଜିଲା ଇସକଫ ସଂଗଠନ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି। ଦୂତୀଙ୍କ ଭଳି ଜଣେ ବିଚକ୍ଷଣ କମ୍ୟୁନିଷ୍ଟ ନେତା ବାସ୍ତବରେ ବିରଳ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। ବାସନ୍ତୀ କଲୋନୀଠାରେ ଥିବା ଚେତନା ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଇସକଫ ଜିଲା ସଭାପତି ପ୍ରଫେସର ପ୍ରଭାତ ମଲିକ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସଭାପତି ମଣ୍ଡଳୀ ସଭ୍ୟ ଗୋବର୍ଦ୍ଧନ ପୂଜାରୀ, ଉପସଭାପତି ପଶୁପତିନାଥ ଚାଟାର୍ଜୀ, ଡଃ କିଶୋରୀ ଦାସ ପ୍ରମୁଖ ଏଥିରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ୱର୍ଗତ ପଣ୍ଡାଙ୍କ ସମାଜ ପ୍ରତି ରହିଥିବା ଅଙ୍ଗୀକାରବଦ୍ଧତାକୁ ଅତିଥିମାନେ ସ୍ମରଣ କରିଥିଲେ। ସମାଜର ଦଳିତ ଓ ନିଷ୍ପେସିତ ଜନତାଙ୍କ ଅଧିକାର ପାଇଁ ପଣ୍ଡା ସର୍ବଦା ସ୍ୱର ଉତ୍ତୋଳନ କରି ଆସୁଥିଲେ। ମଣିଷ ପ୍ରତି ରହିଥିବା ଦରଦ ତାଙ୍କୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲା ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। ପ୍ରାରମ୍ଭରେ ଯୁବ ନେତା ସଦାନନ୍ଦ ସାହୁ ଦ୍ୱିତୀକୃଷ୍ଣ ବାବୁ ବାସ୍ତବରେ ଜଣେ ଦରଦୀ ମଣିଷ ଥିଲେ ବୋଲି କହିଥିଲେ। ଜଣେ ଦକ୍ଷ ସଂଗଠକ ଭାବେ କର୍ତ୍ତବ୍ୟ, ନିଷ୍ଠା ଓ ଦାୟିତ୍ୱବୋଧ ସର୍ବଦା ତାଙ୍କୁ ଅନନ୍ୟ କରିଥିଲା। ସ୍ୱର୍ଗତ ପଣ୍ଡା ୨୭ ଥର ବିଦେଶ ଯାତ୍ରାରେ ଯାଇ ଅନ୍ତର୍ଜାତୀୟ ଭ୍ରାତୃଭାବକୁ କିପରି ସୁଦୃଢ଼ କରାଯାଇ ପାରିବ ସେ ଦିଗରେ ଚେଷ୍ଟା କରିଥିଲେ। ଦେଶରେ ଶାନ୍ତି ସଦ୍‌ଭାବନା ନେଇ ପଣ୍ଡାଙ୍କ ଉଦ୍ୟମ ବେଶ ପ୍ରଶଂସନୀୟ ବୋଲି ସାହୁ ଏଥିରେ ମତ ପ୍ରକାଶ କରିଥିଲେ। ଏଥିରେ ବରିଷ୍ଠ ବାମପନ୍ଥୀ ନେତା ପ୍ରଦୋଷ ମିଶ୍ର, କାଶୀନାଥ ପାତ୍ର, ଶ୍ରୀକାନ୍ତ ନାୟକ, ଏମ ମାଲେଶ୍ୱରମ, ଅକ୍ଷୟ ଦାସ, ଦୁର୍ଗା ବାଗ, ଛାୟାକାନ୍ତ ସେନାପତି, କିଶୋର ବିଶୋୟୀ, ତୁଷାରକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ଦୂତୀକୃଷ୍ଣଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କ ସ୍ମୃତିଚାରଣ କରିଥିଲେ। ଶେଷରେ ଶ୍ରୀକାନ୍ତ ସାମଲ ଧନ୍ୟବାଦ ପ୍ରଦାନ କରିଥିଲେ।




ଇସ୍‌କଫ ପକ୍ଷରୁ ଦୂତୀକୃଷ୍ଣ ପଣ୍ଡାଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ମଞ୍ଚାସୀନ ଅତିଥି।

# ରଥଯାତ୍ରା ନେଇ ପ୍ରସ୍ତୁତି ବୈଠକ

**ରାଉରକେଲା ଅଫିସ,୧୦।୫**

ଓଡିଆ ସାମାଜିକ ଓ ସାଂସ୍କୃତିକ ସଂଗଠନ ନୀଳଚକ୍ର ପକ୍ଷରୁ ଚଳିତ ବର୍ଷ ରଥଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶାନ୍ତି ଶୃଙ୍ଖଳା ସହ ଏହି ମହାନ ପର୍ବକୁ ପାଳନ କରିବା ନେଇ ବରିଷ୍ଠ ସଭ୍ୟ ଶ୍ୟାମସୁନ୍ଦର ଦାସ ଉପସ୍ଥିତ ସଭ୍ୟଙ୍କୁ ପରାମର୍ଶ ପ୍ରଦାନ କରିଥିଲେ। ବିଗତ ବର୍ଷରେ ସଂଗଠନ ପକ୍ଷରୁ ଯେଉଁ ଢଙ୍ଗରେ ସାହାଯ୍ୟ ସହଯୋଗ ତଥା ସେବା କାର୍ଯ୍ୟ କରାଯାଉଥିଲା ତାହା ଚଳିତ ବର୍ଷ ଅବ୍ୟାହତ ରହିବ ବୋଲି ଏଥିରେ ନିଷ୍ପତ୍ତି ନିଆଯାଇଛି। ଉପସ୍ଥିତ ନୀଳଚକ୍ର କର୍ମକର୍ତ୍ତା ଆଲୋଚନାରେ ଭାଗ ନେଇ ମତାମତ ପ୍ରଦାନ କରିଥିଲେ।




ଛେଣ୍ଡ ନିକଟ ସେକ୍ଟର- ୯ ଛକଠାରେ ଥିବା ଏସଓଏସ ଶିଶୁ ଗ୍ରାମରେ ମାତୃ ଦିବସ ସମ୍ବର୍ଦ୍ଧନା ସମାରୋହ ଅବସରରେ ଉପସ୍ଥିତ ଅତିଥିବୃନ୍ଦ।

# ଶିଶୁ ଗ୍ରାମ ମା'ମାନଙ୍କୁ ସମ୍ବର୍ଦ୍ଧନା

**ରାଉରକେଲା ଅଫିସ,୧୦।୫**

ମା' ଓ ସନ୍ତାନ ମଧ୍ୟରେ ରହିଥିବା ସ୍ୱତନ୍ତ୍ର ସମ୍ପର୍କକୁ ପାଳନ କରିବା ଉଦ୍ଦେଶ୍ୟ ନେଇ ଶୁକ୍ରବାର ସନ୍ଧ୍ୟାରେ ଛେଣ୍ଡ ନିକଟ ସେକ୍ଟର- ୯ ଛକଠାରେ ଥିବା ଏସଓଏସ ଶିଶୁ ଗ୍ରାମରେ ମାତୃ ଦିବସ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁ ଗ୍ରାମରେ ରହି ପିଲାଙ୍କ ଯତ୍ନ ନେଉଥିବା ମା'ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ମାତା ପିତାଙ୍କୁ ହରାଇ ଶିଶୁ ଗ୍ରାମରେ ଯତ୍ନର ସହ ବଢୁଥିବା ପିଲାଙ୍କୁ ନିଜର ସନ୍ତାନ ମଣି ଏହି ମା'ମାନେ ସ୍ନେହ ଶ୍ରଦ୍ଧା ଦେଇ ପାଳନ କରିଥାନ୍ତି। ଏମାନଙ୍କୁ ସମ୍ମାନ ଜଣାଇବା ଥିଲା କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ଏସଓଏସ ଭିଲେଜର ମା' ହେଉଛନ୍ତି ଏହାର ମେରୁଦଣ୍ଡ। ଏମାନଙ୍କ ବ୍ୟତୀତ ଶିଶୁଙ୍କ ଲାଳନ ପାଳନ କଳ୍ପନା ବାହାରେ। ସମଗ୍ର ଦେଶର ୨୨ଟି ରାଜ୍ୟର ୩୨ଟି ଶିଶୁ ଗ୍ରାମ ମାଧ୍ୟମରେ ୭ ହଜାରରୁ ଅଧିକ ପିଲାଙ୍କୁ ଲାଳନ ପାଳନ କରାଯାଉଛି। ଏମାନଙ୍କୁ ୬ ଶହରୁ ଅଧିକ ମା' ସେବା ଯତ୍ନ କରୁଛନ୍ତି ବୋଲି ଏହି ସମାରୋହରେ ସୂଚନା ପ୍ରଦାନ କରାଯାଇ ଥିଲା। ଏଥିରେ ସୁନ୍ଦରଗଡ ଜିଲା ଶିଶୁ ମଙ୍ଗଳ ସମିତି କର୍ମକର୍ତ୍ତା ରାମଚନ୍ଦ୍ର ବେହେରା ଓ ରାଉରକେଲା ସ୍ମାର୍ଟ ସିଟିର ନିର୍ଦ୍ଦେଶିକା ଡ. କଲ୍ୟାଣୀ ମିଶ୍ର ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଶିଶୁ ଗ୍ରାମର ମା'ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ ଶିଶୁ ଓ ମା'ମାନଙ୍କୁ ପୁରସ୍କାର ବିତରଣ କରାଯାଇ ଥିଲା। ଶିଶୁ ଗ୍ରାମ ନିର୍ଦ୍ଦେଶକ ତପନ ସୁନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଠାରେ ସୂଚନା ଯୋଗ୍ୟ ଯେ ଏସଓଏସ ଶିଶୁ ଗ୍ରାମ ରାଉରକେଲା ଶାଖାରେ ୨୪୧ ଶିଶୁ ରହି ଶିକ୍ଷା ଗ୍ରହଣ କରୁଛନ୍ତି।

## ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ପକ୍ଷରୁ ମତ ବିନିମୟ

# ସ୍ଥାନୀୟ ଉଦ୍ୟୋଗ ପ୍ରଗତି ପଥରେ ଆର୍‌ଏସ୍‌ପି ସହଯାତ୍ରୀ

**ରାଉରକେଲା ଅଫିସ,୧୦।୫**

ଆର୍‌ଏସପି ଏବଂ ସ୍ଥାନୀୟ ଉଦ୍ୟୋଗ ପ୍ରଗତି ଯାତ୍ରାରେ ପରସ୍ପର ସହଯାତ୍ରୀ ବୋଲି ସିଇଓ ଦୀପକ ଚଟ୍ଟରାଜ ମତ ପ୍ରକାଶ କରିଛନ୍ତି। ରାଉରକେଲା ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି(ଆରସିସିଆଇ) ସଦସ୍ୟଙ୍କ ସହ ଏକ ମତ ବିନିମୟ କାର୍ଯ୍ୟକ୍ରମରେ ଯୋଗଦେଇ ଏଭଳି ମତ ପ୍ରକାଶ କରିଥିଲେ ଚଟ୍ଟରାଜ। ଅଞ୍ଚଳର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ କରି ସେ କହିଥିଲେ ଯେ, ଆରଏସପି ସର୍ବଦା ପ୍ରତିବଦ୍ଧତାକୁ ବଜାୟ ରଖିଛି। ବିକାଶ ଉପରେ ଆରଏସପି ବିଶ୍ୱାସ କରେ। କାରଖାନା ଅଭିବୃଦ୍ଧି ସହ ସମତାଳରେ ପାରିପାର୍ଶ୍ୱିକ ଶିଳ୍ପ ସମୃଦ୍ଧି ପ୍ରତି ଦୃଷ୍ଟି ଦିଆଯାଉଛି। ଏ ଦିଗରେ ଆରଏସପି ନିଷ୍ଠାକୁ ପ୍ରତିପାଦିତ କରିବାକୁ ସର୍ବଦା ତତ୍ପରତା ପ୍ରକାଶ କରି ଆସିଛି। ଜାତୀୟ ଇସ୍ପାତ ନୀତି ଅନୁଯାୟୀ ଆରଏସପିର ଭବିଷ୍ୟତ ଯୋଜନା ଉପରେ ଚଟ୍ଟରାଜ ଆଲୋକପାତ କରିଥିଲେ। ଏହାର ସଫଳତା ନେଇ ସେ ଆରସିସିଆଇର ସହଯୋଗ କାମନା କରିଥିଲେ।

ଅଧିକ କାର୍ଯ୍ୟ ନିପୁଣତା ନେଇ ଚଟ୍ଟରାଜ ଆରସିସିଆଇକୁ ଡିଜିଟାଲ ପ୍ରଣାଳୀ ଓ ନୂତନ ପଦ୍ଧତି ଆପଣାଇବାକୁ ପରାମର୍ଶ ପ୍ରଦାନ କରିଥିଲେ। ଏଥିରେ ଆରଏସପି କାର୍ମିକ ଓ ପ୍ରଶାସନ ବିଭାଗ ଇଡି ରାଜବୀର ସିଂ, ସାମଗ୍ରୀ ପରିଚାଳନା ବିଭାଗ ଜିଏମ ଏନ.କେ. ସାମନ୍ତରାୟ, ସାମଗ୍ରୀ ପରିଚାଳନା, ଷ୍ଟୋର୍ସ ଏବଂ ମାର୍କେଟିଂ ବିଭାଗ ଜିଏମ ଆର.କେ. ଦାନି ପ୍ରମୁଖ ଉପସ୍ଥିତ ଥିଲେ। ଚ୍ୟାମ୍ବରର ପୂର୍ବତନ ଅଧ୍ୟକ୍ଷ ମହେଶ ୱାଜିର ଆରସିସିଆଇ ଆରଏସପି ନିକଟରୁ ଆଶା କରୁଥିବା ସହଯୋଗ ସଂପର୍କରେ ସିଇଓ ଚଟ୍ଟରାଜଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ଚଟରାଜଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଆରସିସିଆଇ ସଭାପତି ସୁବ୍ରତ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସାଧାରଣ ସଂପାଦକ ଆଲୋକ ଏମ ଲୋଶଲକା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉପସଭାପତି ଲଳିତ ଗୁରୁୱାରା ଧନ୍ୟବାଦ ପ୍ରଦାନ କରିଥିଲେ। ଆରସିସିଆଇ ଉପସଭାପତି ପ୍ରବୀଣ ଗର୍ଗ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# 'କମ୍ପ୍ୟୁଟର ଶିକ୍ଷା ଉପରେ ଗୁରୁତ୍ୱ ଦିଅ'

**ରାଉରକେଲା ଅଫିସ, ୧୦।୫**

ଦେଓଗାଁଠାରେ ଥିବା ଗାନ୍ଧୀ କଲେଜ ଓଡିଆ ବିଭାଗ ପକ୍ଷରୁ ଶୁକ୍ରବାର ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ବରାଳ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଭାଗୀୟ ଅଧ୍ୟାପକ ଡଃ. ସୁରେନ୍ଦ୍ର ବେହେରା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଏହି ଅବସରରେ ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ଦ୍ୱାରା ଶେଷ ବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିରେ ବିଭୂତି ପଣ୍ଡା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ବିଦାୟୀ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ପ୍ରଦାନ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ପଣ୍ଡା ନିଜ ସଂକ୍ଷିପ୍ତ ବକ୍ତବ୍ୟରେ ଯେଉଁ ଛାତ୍ରୀଛାତ୍ର ଓଡିଆ ଅନର୍ସ ରଖି ଶିକ୍ଷା ଗ୍ରହଣ କରୁଛନ୍ତି ସେମାନେ କମ୍ପ୍ୟୁଟର ଶିକ୍ଷା ନିଅନ୍ତୁ ବୋଲି ପରାମର୍ଶ ପ୍ରଦାନ କରିଥିଲେ। ଓଡିଆ ଡିଟିପି ଜାଣିଥିବା ଶିକ୍ଷାର୍ଥୀଙ୍କୁ ଖୋଜା ପଡୁଥିବା ବେଳେ ଏହାର ଅଭାବ ଏକ ଉଲ୍ଲେଖନୀୟ ଦୁର୍ବଳତା ବୋଲି ସେ କହିଥିଲେ। ଶୁଦ୍ଧ ଓଡିଆ ଭାଷା ଟାଇପ କରି ଜାଣିଲେ ଚାକିରି ଅଭାବ ରହିବ ନାହିଁ। ତେବେ ଏ ଦିଗରେ ପିଲାଙ୍କ ଅବହେଳା ସେମାନଙ୍କୁ ବିଭିନ୍ନ କ୍ଷେତ୍ରରେ ହତାଶାର ମୁହଁ ଦେଖାଉଛି ବୋଲି ପଣ୍ଡା ମତ ପ୍ରକାଶ କରିଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପକ ବିଜୟ ରାୟ ଏହାକୁ ସମର୍ଥନ କରି କହିଥିଲେ ଆଧୁନିକ ଯୁଗରେ ପ୍ରତି କ୍ଷେତ୍ରରେ କମ୍ପ୍ୟୁଟରର ଆବଶ୍ୟକତା କାହାକୁ ଅଛପା ନାହିଁ। ତେବେ ଅତି ସାଧାରଣ କଥା ଏହା ଯେ ଆମେ ସର୍ବନିମ୍ନ ଓଡିଆ ଟାଇପ ଶିକ୍ଷାକୁ ଆୟତ୍ତ କରିବାରୁ ବଞ୍ଚିତ ରହିଛୁ। ଏ ଦିଗରେ ଯତ୍ନବାନ ହେବାକୁ ସେ ପରାମର୍ଶ ପ୍ରଦାନ କରିଥିଲେ। ଅଧ୍ୟାପକ ରମେଶ ନାଗ ଏଥିରେ ବକ୍ତବ୍ୟ ପ୍ରଦାନ କରି ଛାତ୍ରୀଛାତ୍ର ଉଚ୍ଚ ଅଭିଳାଷ ନେଇ ଆଗକୁ ବଢିବାକୁ ପରାମର୍ଶ ପ୍ରଦାନ କରିଥିଲେ। ଅଧ୍ୟକ୍ଷା ବରାଳ ନିଜ ବକ୍ତବ୍ୟରେ ମାତୃଭାଷାରେ ପ୍ରବୀଣ ହେବା ସହ ଇଂଲିଶରେ ନିଜ ଦକ୍ଷତା ପ୍ରତିପାଦନ କରିବାକୁ ପରାମର୍ଶ ପ୍ରଦାନ କରିଥିଲେ। ଛାତ୍ରୀ ରାକ୍ଷୀ ଚକ୍ରବର୍ତ୍ତୀ ଓ ସସ୍ମିତା ବେଜ ସଭା ପରିଚାଳନାରେ ସହାୟତା କରିଥିଲେ। ଶେଷରେ ଜ୍ଞାନରଞ୍ଜନ ଘଡେଇ ଧନ୍ୟବାଦ ପ୍ରଦାନ କରିଥିଲେ।




ଦେଓଗାଁ ଗାନ୍ଧୀ କଲେଜ ଓଡିଆ ବିଭାଗ ପକ୍ଷରୁ ଶୁକ୍ରବାର ଆୟୋଜିତ ଆଲୋଚନା ସଭାରେ ମଞ୍ଚାସୀନ ଅତିଥିଙ୍କ ଗହଣରେ ଜଣେ ଛାତ୍ରୀ ଉଦ୍‌ବୋଧନ ଦେଉଛନ୍ତି।

## ସଂକ୍ଷେପରେ

### ଗୀତଗୋବିନ୍ଦ ଓଡ଼ିଶାକୁ ବିଶ୍ୱ ଦରବାରରେ ଭିନ୍ନ ପରିଚୟ ଦେଇଛି

ସୁନ୍ଦରଗଡ,୧୦।୫ (ଡି.ଏନ.ଏ.) ସ୍ଥାନୀୟ କଳାୟତନ ସଭାଗୃହଠାରେ କବି ଜୟଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲାସଂସ୍କୃତି ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପଣ୍ଡିତ ପ୍ରବୋଧ କୁମାର ପଟ୍ଟନାୟକ ଯୋଗଦେଇ ଗୀତଗୋବିନ୍ଦ ଓଡ଼ିଶା ସାହିତ୍ୟ ଭଣ୍ଡାରକୁ ଋଦ୍ଧିମନ୍ତ କରିଛି ବୋଲି କହିଥିଲେ। ଏପରି କି ଜୟଦେବଙ୍କ ଜୀବନୀ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଅନ୍ୟତମ ବକ୍ତାଭାବେ ଡା. ଅନନ୍ତ କୁମାର ଆଚାର୍ଯ୍ୟ ଗୀତଗୋବିନ୍ଦର ମହାନତା ଉପରେ ଆଲୋଚନା କରିଥିଲେ। ଗୀତଗୋବିନ୍ଦ ସଂସ୍କୃତିରେ ଲେଖାଯାଇଥିଲେ ମଧ ଏହାର ଭାଷା ଏତେ ସରଳ ଯେ, ସାଧାରଣ ପାଠକ ମଧ ସହଜରେ ବୁଝିପାରିବ। ଓଡିଶାରେ କବିଙ୍କ ଜନ୍ମ ଏବଂ ତାଙ୍କ ଜନ୍ମକୁ ନେଇ କୌଣସି ବିବାଦ ଗ୍ରହଣୀୟ ନୁହେଁ ବୋଲି କହିଥିଲେ। କବି ଗୋପକୃଷ୍ଣ ନାୟକ ଗୀତଗୋବିନ୍ଦର ଭକ୍ତିଭାବ ଓ ଜଗନ୍ନାଥଙ୍କ ସହ ତାଙ୍କରି ଅନାବିଳ ସମ୍ପର୍କ ବିଷୟରେ ଆଲୋଚନା କରିଥିଲେ । କବି ସୁଧାଂଶୁ ଅଶୋକ କବିଙ୍କ ଜୟନ୍ତୀ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ଗୀତଗୋବିନ୍ଦ ଓଡ଼ିଶାକୁ ସାରା ବିଶ୍ୱ ଦରବାରରେ ଏକ ଭିନ୍ନ ପରିଚୟ ଦେଇଛି ବୋଲି ସେ ମତବ୍ୟକ୍ତ କରିଥିଲେ । ସଭାପତି ବିଦ୍ୟାଭୂଷଣ ଶାସନୀ ଜୟଦେବଙ୍କ ବ୍ୟକ୍ତିଗତ ନିରାଡମ୍ବର ଜୀବନ ଓ ଗୀତଗେବିନ୍ଦ ମହାକାବ୍ୟ ସମ୍ପର୍କିତ ଆଲୋଚନା କରିବା ସହ ଅକ୍ଷୟତୃତୀୟା ଦିବସର ତାତ୍ପର୍ଯ୍ୟ ସମ୍ପର୍କର ଆଲୋକପାତ କରିଥିଲେ। ଯୁବକବି ବିବିଧ ବିଶ୍ୱ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଗିରି ଦଣ୍ଡସେନା, ରଞ୍ଜିତା ପଣ୍ଡା, ଅଶୋକ ମହାନ୍ତି, ଶିବାଶିଷ ପାଢ଼ୀ, ମାନସ ପଣ୍ଡା, ପ୍ରତାପ ପଟ୍ଟନାୟକ, ସୂର୍ଯ୍ୟନାରାୟଣ ମହାପାତ୍ର, ଆଲୋକ ନାଏକ, ପ୍ରଦୋଷ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଥଣ୍ଡା ପାନୀୟଜଳ ପ୍ରକଳ୍ପର ଶୁଭାରମ୍ଭ

ବିଶ୍ରା,୧୦।୫ (ଡି.ଏନ.ଏ.)- ବିଶ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ବିଶ୍ରା ବାସିନ୍ଦା ରାଜୁକା ପରିବାରର ସ୍ୱର୍ଗତ ଗୋପିରାମ ରାଜୁକାଙ୍କ ସ୍ମୃତିରେ ତାଙ୍କ ୨ ପୁତ୍ର ରାମଅବତାର ରାଜୁକା ଓ ଜନାର୍ଦ୍ଦନ ରାଜୁକାଙ୍କ ସହାୟତାରେ ଏକ ୮୦ ଲିଟର ଥଣ୍ଡା ପାନୀୟ ପ୍ରକଳ୍ପର ଶୁଭାରମ୍ଭ କରାଯାଇଥିଲା। ଡା. ଗୁରୁଦାସ ପଟେଲ ଏହାର ଉଦ୍‌ଘାଟନ କରିଥିଲେ। ଏଥିରେ ରାମଅବତାର, ଜନାର୍ଦ୍ଦନଙ୍କ ସହ ରାଜେଶ ରାଜୁକା ପ୍ରମୁଖ ଉପସ୍ଥିତଥିଲେ। ଡାକ୍ତରଖାନାରେ ପାନୀୟ ଜଳର ସମସ୍ୟାକୁ ଦୂର କରିବାରେ ଏହି ପ୍ରକଳ୍ପ ସହାୟକ ହୋଇପାରିବ ବୋଲି ରାଜୁକା ପରିବାର ପକ୍ଷରୁ କୁହାଯାଇଛି। ଏହି ଅବସରରେ ରାଜୁକା ପରିବାର ପକ୍ଷରୁ ଡାକ୍ତରଖାନାର ସମସ୍ତ କର୍ମଚାରୀ, ଡାକ୍ତର, ନର୍ସ ତଥା ରୋଗୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

# ତାତି ସହ ପ୍ରଦୂଷଣ ବଢ଼ାଉଛି କାରଖାନା

କୁଆଁରମୁଣ୍ଡା,୧୦।୫(ଡିଏନଏ)



କୁଆଁରମୁଣ୍ଡାସ୍ଥିତ ମୁଣ୍ଡା ପୋଖରୀ ନିକଟରେ ଥିବା ଏକ କାରଖାନାରୁ ନିର୍ଗତ ଧୂଆଁ।

- ଜନଜୀବନ ଅସ୍ତବ୍ୟସ୍ତ
- ଚାଲୁନି ପ୍ରଦୂଷଣ ନିୟନ୍ତ୍ରଣ ଯନ୍ତ୍ରାଂଶ
- ପ୍ରଦୂଷଣ ବିଭାଗ ଜାଣି ନୀରବ

ଦିନକୁ ଦିନ ତାତି ବଢିବାରେ ଲାଗିଛି । ଏନେଇ ଜନସାଧାରଣ ତ୍ରାହିତ୍ରାହି ଡାକୁଥିବା ବେଳେ କାରଖାନାଗୁଡିକରୁ ବାହାରୁଥିବା ଉତ୍ତପ୍ତ ବାୟୁ ସାଙ୍ଗକୁ ପ୍ରଦୂଷଣ ଧୂଆଁ ପରିବେଶକୁ ଆହୁରି ଉଷ୍ମ କରିବାରେ ଲାଗିଛି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି କୁଆଁରମୁଣ୍ଡା ଓ ନାଇକେନବାହାଲ ଗ୍ରାମରେ। ଗାଁ ନିକଟବର୍ତ୍ତୀ ଥିବା କାରଖାନାଗୁଡିକରୁ ଦିନରାତି କଳାଧୂଆଁ ବାହାରୁଛି। ଫଳରେ ବାୟୁମଣ୍ଡଳ ପ୍ରଦୂଷିତ ହେବା ସହ ଗରମରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି କାରଖାନାଗୁଡିକର ଉଡୁଥିବା ଆବର୍ଜନା ୧୪୩ ନମ୍ବର ଜାତୀୟ ରାଜପଥରେ ସମସ୍ୟା ସୃଷ୍ଟି କରୁଛି। ବିଶେଷକରି ସାଇକେଲ, ବାଇକ୍ ଆରୋହୀମାନେ ରାଜପଥରେ ଯାଉଥିଲା ବେଳେ ଲୁହା ଗୁଣ୍ଡ ଆଖିରେ ପଡି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କେବଳ ମନୁଷ୍ୟ ନୁହଁନ୍ତି ବୁଲା ଗୋରୁ, ଛେଳି, ମେଣ୍ଢା ମଧ ଲୁହା ଗୁଣ୍ଡ ଆବର୍ଜନାରେ ଆଚ୍ଛାଦିତ ଘାସ, ପତ୍ର ଖାଇ ବିଭିନ୍ନ ରୋଗରେ ପଡି ମୃତ୍ୟୁ ମୁଖରେ ପଡୁଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ କାରଖାନା କର୍ତ୍ତୃପକ୍ଷ ଇଏସ୍‌ପି(ଇଲେକ୍ଟ୍ରୋଷ୍ଟାଟିକ ପ୍ରେସିପିଟେଟର)କୁ ଚାଲୁ କରୁ ନ ଥିବାରୁ ଚିମିନିରୁ ବାହାରୁଥିବା ଧୂଆଁ ସହ ଲୁହା ଗୁଣ୍ଡ ବାୟୁମଣ୍ଡଳରେ ଉଡୁଛି। ଅନ୍ୟପକ୍ଷେ ଇଏସ୍‌ପି ୟୁନିଟ୍‌ଗୁଡିକୁ ଚାଲୁ ନ କରିବା ଦ୍ୱାରା କାରଖାନା ମାଲିକମାନେ ଦୈନିକ ଲକ୍ଷାଧିକ ଟଙ୍କାର ବିଜୁଳି ଖର୍ଚ୍ଚରୁ ବର୍ତ୍ତିଯାଉଥିବା ବେଳେ ସାଧାରଣ ଲୋକେ ଚକ୍ଷୁ, ଶ୍ୱାସଜନିତ ରୋଗରେ ଆକ୍ରାନ୍ତ ହୋଇ ଲକ୍ଷାଧିକ ଟଙ୍କା ଡାକ୍ତରଖାନାରେ ଖର୍ଚ୍ଚ କରୁଛନ୍ତି। ଏପରି କି ଆରୋଗ୍ୟ ନ ହୋଇ କେତେଜଣଙ୍କର ମୃତ୍ୟୁ ଘଟୁଛି। ଏପରି ସମସ୍ୟା ନେଇ କାରଖାନା ପାର୍ଶ୍ୱାଞ୍ଚଳବାସୀ ଦିନ କାଟୁଥିବା ବେଳେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ କାରଖାନାର ପ୍ରଦୂଷଣ ଅଞ୍ଚଳରେ ଚିନ୍ତାର ବିଷୟ ହୋଇଛି। ଗତବର୍ଷ ସ୍ଥାନୀୟ ଗ୍ରାମବାସୀ କାରଖାନାଗୁଡିକର ମନୋମୁଖୀ ପ୍ରଦୂଷଣକୁ ବିରୋଧ କରି ଏକ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଆନ୍ଦୋଳନ କରିଥିଲେ। ଫଳରେ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ଘଟଣାର ସମାଧାନ କରିଥିଲା। ରାଉରକେଲା ଆଞ୍ଚଳିକ ପ୍ରଦୂଷଣ ବିଭାଗ ଓ ଜିଲା ପ୍ରଶାସନକୁ ନେଇ ଏକ ମିଳିତ ଟିମ୍ ବିଭିନ୍ନ କାରଖାନା ବୁଲି ପ୍ରଦୂଷଣ ଯାଞ୍ଚ କରିବା ସହ ଖିଲାପି କାରଖାନାଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ହେଲେ ମାତ୍ର ଆନ୍ଦୋଳନର ମାତ୍ର ବର୍ଷେ ନ ହେଉଣୁ ପୁଣି ଯେଉଁ ଅବସ୍ଥାକୁ ସେହି ଅବସ୍ଥା । କିଛି କାରଖାନାକୁ ଛାଡି ଦେଲେ ଅନ୍ୟ ସମସ୍ତ କାରଖାନାରୁ ବିଷାକ୍ତ ଧୂଆଁ ନିର୍ଗତ ହୋଇ ସ୍ଥାନୀୟ ଜନବସତିକୁ ବ୍ୟତିବ୍ୟସ୍ତ କରୁଛି। ଏପରି କି ୧୪୩ ନମ୍ବର ଜାତୀୟ ରାଜପଥର ଲୋଡୋସେରା ଛକ ନିକଟରେ ଜଙ୍ଗଲ ଜମିକୁ ଲାଗି ଗଢି ଉଠିଥିବା ଏକ କାରଖାନାର ବିଷାକ୍ତ ଧୂଆଁ ଯୋଗୁ ସନ୍ଧ୍ୟା ସମୟରେ ଯାତାୟାତ ବେଳେ ଲୋକେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। କୁଆଁରମୁଣ୍ଡା ଓ ଏହାର ଆଖପାଖ ଅଞ୍ଚଳରେ କାର୍ଯ୍ୟକ୍ଷମ ଥିବା କାରଖାନାଗୁଡିକ ପ୍ରଦୂଷଣ କରୁଥିବା ଅଭିଯୋଗ ସଂକ୍ରାନ୍ତରେ ପ୍ରଦୂଷଣ ବିଭାଗ ଜାଣିଥିଲେ ମଧ୍ୟ ଏ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିପ୍ରତି ସୁନ୍ଦରଗଡ଼ ଜିଲାପାଳଙ୍କ ଓ ପ୍ରଦୂଷଣ ବିଭାଗର ଉଚ୍ଚ ଅଧିକାରୀ ଦୃଷ୍ଟି ଦେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



### ଶୋ'ରୁମ୍‌କୁ ମାଡ଼ିଗଲା କୋଇଲା ବୋଝେଇ ଟ୍ରକ୍

ଝାରସୁଗୁଡା ଅଫିସ୍/ଲଖନପୁର, ୧୦।୫ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବଡ଼ମାଲ ଥାନା ଅଧୀନ ସାପଡ଼ା ନିକଟ ରାଜ୍ୟ ରାଜପଥ ପାର୍ଶ୍ୱରେ ଥିବା ଏମ୍‌ଆର୍‌ଏଫ୍ ଟାୟାର ଶୋ'ରୁମ୍ ଭିତରକୁ ଗୁରୁବାର ରାତି ପ୍ରାୟ ସାଢେ ୩ଟାରେ ଏକ କୋଇଲା ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ମାଡିଯାଇଛି। ଏଥିରେ ଶୋରୁମ୍ କାନ୍ଥ ଭୁଷୁଡି ପଡିବା ସହ ଶୋ'ରୁମ୍‌କୁ ମରାମତି ହେବାକୁ ଆସିଥିବା ୨ଗାଡି ଭାଙ୍ଗି ଚୂର୍‌ମାର୍ ହୋଇଯାଇଛି। ହେଲେ ଶୋ'ରୁମ କର୍ମଚାରୀ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଦୁର୍ଘଟଣାପରେ ଟ୍ରକ୍ ଚାଳକ ଫେରାର୍ ହୋଇଯାଇଥିବା ଜଣାପଡିଛି। ଖବରପାଇ ବଡ଼ମାଲ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକ୍(ନଂ.ଓଡି୩୫ଡି ୦୩୨୨)କୁ ଜବତ କରିଛି । ଏନେଇ ବଡମାଲ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଫଟୋରେ ଖବର



ବଡମାଲ ଥାନା ପୋଲିସ ପକ୍ଷରୁ ରାସ୍ତାରେ ଯାନବାହନ ଅଟକାଇ ଚାଳକଙ୍କୁ ଟ୍ରାଫିକ୍ ସମ୍ପର୍କରେ ସଚେତନତା କରାଯାଉଛି ।

### ମଦ ଜବତ, ଅଭିଯୁକ୍ତ ଗିରଫ

ବିନିକା,୧୦।୫(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ୍ ସିନ୍ଦୁରପୁର ପଞ୍ଚାୟତ ଅନ୍ତର୍ଗତ ମଣିଗାଁ ଝରାପଡାରେ ଶୁକ୍ରବାର ବିନିକା ପୋଲିସ ଚଢାଉ କରି ୪୦ଲିଟର ଦେଶୀରନ୍ଧା ମଦ ଜବତ କରିଛି। ଏଥିରେ ସମ୍ପୃକ୍ତି ଥଇବା ଅଭିଯୋଗରେ ରାମ ପଧାନ(୫୯)ଙ୍କୁ ଗିରଫ କରାଯାଇଛି । ସୂଚନା ମୁତାବକ ରାମ ଉଲୁଣ୍ଡା ପଟରୁ ଏକ ମଟର ଟ୍ୟୁବରେ ୪୦ଲିଟର ଦେଶୀ ରନ୍ଧାମଦ ଚାଲାଣ କରୁଥିବା ସମୟରେ ବିନିକା ଥାନା ପୋଲିସ୍ ତାଙ୍କୁ ଧରିଥିଲା। ଅପରାହ୍ନରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ବିନିକା ଥାନାରେ ଏକ ମାମଲା(ନଂ.୮୨/୧୯) ରୁଜୁ ହୋଇଛି।

### ତେଜଚାନ୍ଦ ବଢ଼େଇକ ମୃତ୍ୟୁ ଘଟଣା: ୨ ଅଟକଙ୍କୁ ଛାଡ଼ିଦେଲା ପୋଲିସ

## ପ୍ରତିବାଦରେ ମହିଳାଙ୍କ ଥାନା ଘେରାଉ

ବାଲିଶଙ୍କରା, ୧୦।୫ (ଡି.ଏନ.ଏ)

କିଞ୍ଜିରକେଲା ଥାନା ଅନ୍ତର୍ଗତ ତିଲେଇକାନି ପଞ୍ଚାୟତ ହଲମା ଗ୍ରାମ ଦାଣ୍ଡପାନିଛକରୁ ପୋଲିସ ତେଜଚାନ୍ଦ ବଢ଼େଇକ (୨୫)ଙ୍କ ମୃତଦେହ ଉଦ୍ଧାର କରିଥିଲ୨। ଏହି ଘଟଣାରେ ପୋଲିସ ୨ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା ପରେ ଛାଡି ଦେଇଛି। ଏହାର ପ୍ରତିବାଦରେ ମହିଳାମାନେ ଏକତ୍ରିତ ହୋଇ ଶୁକ୍ରବାର କିଞ୍ଜିରକେଲା ଥାନା ଘେରାଉ କରିଥିଲେ । ଏପରି କି ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ଦାବି କରିଥିଲେ। ସୂଚନା ମୁତାବକ, ଏପ୍ରିଲ ୨୧ ତାରିଖରେ ବନ୍ଧବାହାଲ ଗ୍ରାମର ୨ ଜଣ ଯୁବକଙ୍କ ସହ ତେଜଚାନ୍ଦ ବୁଲାବୁଲି କରୁଥିଲେ। ହେଲେ ୨୨ ତାରିଖ ସକାଳେ ଦାଣ୍ଡପାନିଛକଠାରେ ତେଜଚାନ୍ଦଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ହସ୍ତାନ୍ତର କରିଥିଲା। ହେଲେ ତେଜଚାନ୍ଦଙ୍କ ମୃତ୍ୟୁକୁ ସନ୍ଦେହ କରି ଏହା ଏକ ଯୋଜନା ମୁତାବକ ହତ୍ୟା କାଣ୍ଡ ବୋଲି ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷେ ଘଟଣାର ତଦନ୍ତ ଚାଲିଥିବା ପୋଲିସ କକ୍ଷରୁ କୁହାଯାଇଛି।

## ନିଯୁକ୍ତିଭିତ୍ତିକ ପ୍ରଶିକ୍ଷଣ ପରାମର୍ଶ ଶିବିର

ବଡଗାଁ,୧୦।୫(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବଡଗାଁସ୍ଥିତ ଫରେଷ୍ଟ ରେଞ୍ଜ ଅଫିସ ପରିସରରେ ଥିବା କ୍ଷେତ୍ର ପରିଚାଳନା କାର୍ଯ୍ୟାଳୟ ସଭାଗୃହରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଭାଗ-୨ ସହଯୋଗରେ ନିଯୁକ୍ତି ଭିର୍ତ୍ତିକ ପ୍ରଶିକ୍ଷଣ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୫ଟି ବନ ସୁରକ୍ଷା ସମିତିର ଶତାଧିକ ଶିକ୍ଷିତ ବେକାର ଯୁବତୀ ଯୁବକ ଉପସ୍ଥିତ ଥିଲେ । ଶିବିରରେ ୪ଟି ପିଆଇଏଏସ୍ ସଂସ୍ଥା ଏଚ୍‌ଏଲ୍‌ଏଫ୍‌ଏଫ୍‌ପିପିଟି, ସାହି ଏକ୍ସପୋର୍ଟର, ଟିମ୍ ଲିଜ, ଏନ୍‌ଆଇଏଏମ୍ ଏଡୁକେସନ୍ ଫାଉଣ୍ଡେଶନ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବଡଗାଁ ଫରେଷ୍ଟ ରେଞ୍ଜର ଖଣ୍ଡିୟ ବନ ପରିଚାଳନା ସୁନ୍ଦରଗଡ଼ ଏସଏମ୍‌ଏସ୍ ଗୋପାଳ ଚନ୍ଦ୍ର ଶୁକ୍ଳ, ବଡଗାଁ ଫରେଷ୍ଟ ରେଞ୍ଜର ବିଜୟ କୁମାର ମହାପାତ୍ର, ବଡଗାଁ କ୍ଷେତ୍ର ପରିଚାଳନା ସଂଯୋଜିକା ସବିତା ସ୍ୱାଇଁ, ସଂଯୋଜକ ସନ୍ତୋଷ କୁମାର ବାରିକ, ହିସାବ ରକ୍ଷକ ସୌମ୍ୟ ସାହୁ, କମ୍ପ୍ୟୁଟର ଅପରେଟର୍ ସଞ୍ଜୀବ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ । ଶିବିରରେ ବନ ଅଧିକାରୀମାନେ ତାଲିମ ଶିବିର ଦ୍ୱାରା ଗ୍ରାମାଞ୍ଚଳର ଶିକ୍ଷିତ ଯୁବତୀ ଯୁବକମାନେ ସ୍ୱାବଲମ୍ବୀ ହେବା ସହ ଉତ୍ତମ ଭବିଷ୍ୟତ ଗଠନ କରିପାରିବେ ବୋଲି ବୁଝାଇଥିଲେ।



ଶିବିରରେ ଅଧିକାରୀମାନେ ଯୁବତୀ ଯୁବକଙ୍କୁ ବୁଝାଉଛନ୍ତି ।

### ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ନିର୍ମାଣ ନିମ୍ନମାନର ଅଭିଯୋଗ

# କାମ ବନ୍ଦ କଲେ ଗ୍ରାମବାସୀ

କୋଲାବିରା,୧୦।୫(ଡି.ଏନ୍.ଏ.)



କୋଲାବିରା ବ୍ଲକ ଅଧୀନ ମାଲିଡିହିଛକରୁ ଭାଡିମାଲ ପର୍ଯ୍ୟନ୍ତ ପ୍ରାଧାନମନ୍ତ୍ରୀ ଗ୍ରାମ ସଡ଼କ ନିର୍ମାଣ କାମକୁ ଗ୍ରାମବାସୀ ବନ୍ଦ କରିଛନ୍ତି।

ସରକାର ବିଭିନ୍ନ ଯୋଜାନ କରି ଗ୍ରାମାଞ୍ଚଳର କଚ୍ଚା ରାସ୍ତାଗୁଡିକ ମରାମତି ଏବଂ ନବୀକରଣ କରିବା ପାଇଁ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ତଦାରଖର ଅବହେଳା ସହ ପ୍ରିୟାପ୍ରୀତି ଯୋଗୁ ଦିନକୁ ଦିନ ରାସ୍ତା ନିର୍ମାଣରେ ଅନିୟମିତତା ଦେଖାଦେବା ସହ ବ୍ୟତିକ୍ରମ ଦେଖାଯାଉଛି। ଝାରସୁଗୁଡା ଜିଲା କୋଲାବିରା ବ୍ଲକରେ ନିର୍ମାଣ ହେଉଥିବା ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ରାସ୍ତାଗୁଡିକ ଅତ୍ୟନ୍ତ ନିମ୍ନମାନର ହେଉଥିବା ଯୋଗୁ ରାସ୍ତାଗୁଡିକ ଖୁବ୍ କମ୍ ସମୟ ମଧ୍ୟରେ ଖାଲଖମା ସୃଷ୍ଟି ହେଉଛି। ଏ ସଂକ୍ରାନ୍ତରେ ପ୍ରଶାସନ ପାଖରେ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ମଧ ଜିଲା ପ୍ରଶାସନ ଏବଂ ସମ୍ପୃକ୍ତ ବିଭାଗ ଏଥିପ୍ରତି ଧ୍ୟାନ ଦେଉ ନ ଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଶୁକ୍ରବାର ଅସନ୍ତୁଷ୍ଟ ଗ୍ରାମବାସୀ ରାସ୍ତା କାମକୁ ବିରୋଧ କରି ବନ୍ଦ କରି ଦେଇଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ରାସ୍ତା କାମ କରିବାକୁ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ଅଧୀନ ମାଲିଡିହିଛକରୁ ଭାଡିମାଲ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କରାଯାଉଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୨କୋଟି ୨୮ଲକ୍ଷ ୧୯୪ ଟଙ୍କା ବ୍ୟୟ ଅଟକଳରେ ୭.୬୦୦ କି.ମି. ଦୈର୍ଘ୍ୟ ଏହି ରାସ୍ତାର ନିର୍ମାଣ କରାଯାଉଛି। ଜଣେ ଠିକାଦାର ଏହାର ନିର୍ମାଣ କାମ କରୁଛନ୍ତି। ହେଲେ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହେଉଥିବା ଗ୍ରାମବାସୀ ଅଭିଯୋଗ କରିବା ସହ ନିର୍ମାଣ କାର୍ଯ୍ୟକୁ ବିରୋଧ କରିଛନ୍ତି। ଝିଲ୍ଲାପାଲି ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି କୈଳାଶ ପଟେଲ, ଅଦିତ ପଟେଲ, ଶକ୍ତିଭୂଷଣ ସେଠୀ, ଅଭିରାମ ପଟେଲ, ସୁରେଶ ମହାନନ୍ଦ, ରୋଶନ ପଟେଲ ପ୍ରମୁଖଙ୍କ ସମେତ ଗ୍ରାମବାସୀ ଶୁକ୍ରବାର ପୂର୍ବାହ୍ନରେ ରାସ୍ତା କାର୍ଯ୍ୟକୁ ବନ୍ଦ କରିଦେବା ସହ ବିଭାଗୀୟ ଅଧିକାରୀଙ୍କୁ ଘଟଣା ସଂକ୍ରାନ୍ତରେ ସୂଚନା ଦେଇଥିଲେ। ଖବର ପାଇ ବିଭାଗୀୟ ଏସ୍‌ଡିଓ ଅମିର କୁମାର ସେଠୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ହେଲେ ଗ୍ରାମବାସୀ ରାସ୍ତାକାମ ଉନ୍ନତମାନର କରିବାକୁ ଦାବି କରିଥିଲେ। ଏହି ସଂକ୍ରାନ୍ତରେ ଏସ୍‌ଡିଓ ସେଠୀଙ୍କୁ ପଚାରିବାରୁ ଏଷ୍ଟିମେଟ ଅନୁଯାୟୀ ରାସ୍ତା କାମ କରାଯାଉଥିବା କହିଛନ୍ତି।

### ସ୍ପୋର୍ଟସ୍ କମ୍ପ୍ଲେକ୍ସ ପରିସରରେ ପୁଣି ରାସ୍ତା ନିର୍ମାଣ

# କ୍ରୀଡ଼ାସଂଘର ବିରୋଧ

ଝାରସୁଗୁଡା ଅଫିସ୍/ଲଖନପୁର, ୧୦।୫ (ଡି.ଏନ୍.ଏ,)

ଝାରସୁଗଡ଼ା ଏଚ୍‌କଣ୍ଟାପାଲି ନିକଟ ୪୯ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଅର୍ଦ୍ଧନିର୍ମିତ ଜିଲା ସ୍ପୋର୍ଟସ୍ କମ୍ପ୍ଲେକ୍ସ ଜମିକୁ ଲିଜ୍‌ସୂତ୍ରରେ ହାତେଇବା ପାଇଁ କେତେକ ଘରେଇସଂସ୍ଥା ନଜର ପକାଇଛନ୍ତି। ଏହା ଜଣାପଡିବା ପରେ ଜିଲା କ୍ରୀଡ଼ା ସଂଘ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲା। ପରବର୍ତ୍ତୀ କସମୟରେ ଜିଲା ପ୍ରଶାସନ ଏହାକୁ ବାତିଲ କରିଥିଲା। ସ୍ପୋର୍ଟସ୍ କମ୍ପ୍ଲେକ୍ସ ଜମିରେ ଜଣେ ବ୍ୟବସାୟୀ ନିଜ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପାଣ୍ଠିରୁ ୫ଲକ୍ଷ ୮୦ହଜାର ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ କାମ ଆରମ୍ଭ କରିଛନ୍ତି। ଏହି ନିର୍ମାଣାଧୀନ ରାସ୍ତା କମ୍ପ୍ଲେକ୍ସ ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀଙ୍କ ଯାତାୟାକତ ପାଇଁ ନିର୍ମାଣ କରାଯାଉଛି ବୋଲି କୁହାଯାଉଛି । ସ୍ପୋର୍ଟସ୍ କମ୍ପ୍ଲେକ୍ସ ପରିସର ଦେଇ ଗ୍ରାମ୍ୟ ଉନ୍ନୟନ ସଂସ୍ଥା(ଡିଆର୍‌ଡିଏ) ପକ୍ଷରୁ ଗତ ଜାନୁୟାରୀ ମାସରେ ରାସ୍ତା ନିର୍ମାଣ କାମ ଆରମ୍ଭ ହୋଇଥିଲା। ଏହା ଜଣାପଡିବା ପରେ କ୍ରୀଡ଼ା ସଂଘ ଓ କେତେଜଣ କବୁଦ୍ଧିଜୀବୀ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଜିଲା ପ୍ରଶାସନ ପକ୍ଷରୁ ରାସ୍ତା ନିର୍ମାଣ କାମ ବନ୍ଦ କରାଯାଇଥିଲା। ବର୍ତ୍ତମାନ ପୁଣି ଚତୁରତାର ସହିତ ଜଣେ ଠିକାଦାର ଡିଆର୍‌ଡିଏ ବିଭାଗକୁ ହାତକରି କମ୍ପ୍ଲେକ୍ସ ବାହାରୁ କାମ ଆରମ୍ଭ କରିଛନ୍ତି। ଯଦି ଏହି ନିର୍ମାଣଧିନ ରାସ୍ତା କମ୍ପ୍ଲେକ୍ସ ପରିସରଦେଇ ଅତିକ୍ରମ କରିବ ଭବିଷ୍ୟତରେ ନିର୍ମାଣାଧୀକନ କମ୍ପ୍ଲେକ୍ସ ନିଶ୍ଚିତ ଭାବେ ପ୍ରଭାବିତ ହେବ ବୋଲି ଜିଲା କ୍ରୀଡ଼ା ସଂଘ ଓ ଜିଲାର ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି। ଏହି ସମ୍ପର୍କରେ ଜିଲା କ୍ରୀଡ଼ା ସଂଘ ଉପସଭାପତି ବିଜୟ ବେହେରା, ସମ୍ପାଦକ ତାପସ ରାୟଚୌଧୁରୀ, ସହ ସମ୍ପାଦକ ପ୍ରଜ୍ୱଳ ପଟେଲ ପ୍ରମୁଖ କର୍ମକର୍ତ୍ତା ଜିଲା ଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାର ପ୍ରତିକାର କରା ନ ଗଲେ ଆଗାମୀ ଦିନରେ ଏହାର ବିରୋଧ କରାଯିବ ବୋଲି ସଂଘ ଚେତାବନୀ ଦିଆଯାଇଛି। ସୂଚନା ଥାଉକି, ଝାରସୁଗୁଡ଼ାରେ ଏକ ଜିଲାସ୍ତରୀୟ ସ୍ପୋର୍ଟସ୍ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଜିଲାର କେତେଜଣ କ୍ରୀଡ଼ାବିତ ଓ ବୁଦ୍ଧିଜୀବୀ କ୧୯୯୬ରେ ଜିଲା ପ୍ରଶାସନକୁ ପ୍ରସ୍ତାବ ଦେଇଥିଲେ । ଏହି ପ୍ରସ୍ତାବକୁ ଜିଲା ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିଲା। ପରେ ଏଚ୍‌କଣ୍ଟାପାଲି ନିକଟସ୍ଥ ୪୯ନଂ ଜାତୀୟ ରାଜପଥ ପାର୍ଶ୍ୱରେ ସ୍ପୋର୍ଟସ୍ କମ୍ପ୍ଲେକ୍ସ ପାଇଁ ୨୨ଏକର ସରକାରୀ ଜମି ଚିହ୍ନଟ କରାଯାଇଥିଲା। ଏହି ଜମିରେ ଏମ୍‌ସିଏଲ୍ ସିଏସ୍‌ଆର୍ ପାଣ୍ଠିରୁ ୨୩ଲକ୍ଷ ଟଙ୍କା ଅନୁଦାନରେ ସ୍ପୋର୍ଟସ୍ କମ୍ପ୍ଲେକ୍ସ ମୁଖଶାଳା ସାଙ୍ଗକୁ ପାଚେରି ନିର୍ମାଣ ହୋଇଥିଲା। କମ୍ପ୍ଲେକ୍ସ ନିର୍ମାଣ କାମ ୨୩ବର୍ଷ ହେଲାଣି ଅଧାକପନ୍ତରିଆ ଭାବେ ପଡିରହିଛି। ଏଥିମଧ୍ୟରେ ଝାରସୁଗୁଡ଼ାକୁ ଅନେକ ଶିଳ୍ପସଂସ୍ଥା ଆସିଛନ୍ତି। ଝାରସୁଗୁଡ଼ା ଜିଲା ରାଜ୍ୟରେ ଶିଳ୍ପସମୃଦ୍ଧ ଜିଲା ଭାବେ ମାନ୍ୟତା ପାଇଛି। ଇତିମଧ୍ୟରେ ଜିଲାର ଅନେକ ବିକାଶ ହୋଇଛି । ହେଲେ ୨୩ ବର୍ଷ ହେଲାଣି ସ୍ପୋର୍ଟସ୍ କମ୍ପ୍ଲେକ୍ସ ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇପାରୁନାହିଁ । ଏଭଳି ସ୍ଥିତିରେ କମ୍ପ୍ଲେକ୍ସ ଜମି ଉପରେ କେତେକ ନ୍ୟସ୍ତସ୍ୱାର୍ଥ ଠିକାସଂସ୍ଥା, ବ୍ୟବସାୟୀଙ୍କ ନଜର ପଡିଛି। ଏଥିରେ ଜିଲାପ୍ରଶାସନର ଆନ୍ତରିକତା ନାହିଁ ନା ଏହାର ସମ୍ପୂର୍ଣ୍ଣକରଣ ପାଇଁ ଅର୍ଥ ବାଧକ ସାଜିଛି ଏଭଳି ଅନେକ ଅସକମାହିତ ପ୍ରଶ୍ନ ଆଣିଛି କ୍ରୀଡାବିତ ଓ ବୁଦ୍ଧିଜୀବୀଙ୍କ ମନରେ।



ସ୍ପୋର୍ଟସ୍ କମ୍ପ୍ଲେକ୍ସ ପରିସରରେ ଚାଲିଛି ରାସ୍ତା ନିର୍ମାଣ, ରାସ୍ତାର ନାମ ଫଳକ।



ସଂସାରରେ ଧର୍ମ ଥାଇ ଯଦି ଲୋକେ ଏତେ ଖରାପ ହୋଇପାରୁଛନ୍ତି, ଧର୍ମ ନ ଥିଲେ କେତେ ବେଶି ଖରାପ ନ ହୁଅନ୍ତେ।

-ଫ୍ରାଙ୍କ୍‌ଲିନ



## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

**ସମ୍ବଲପୁର,୧୦ା୫(ବ୍ୟୁରୋ):** ସମ୍ବଲପୁର ଧନୁପାଲି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ମୋତିଝରନର ପ୍ରହ୍ଲାଦ ସେନାପତି (୨୪) । ଏ ନେଇ ଥାନାରେ ଏକ ମାମଲା (ନଂ.୧୬୪/୧୯) ରୁଜୁ ହୋଇଛି। ଅଭିଯୋଗ କ୍ରମେ, ଅଭିଯୁକ୍ତ ପ୍ରହ୍ଲାଦଙ୍କ ୨ ବର୍ଷ ହେଲା ନାବାଳିକାଙ୍କ ସହ ସମ୍ପର୍କ ରହିଛି। ବିବାହର ପ୍ରଲୋଭନ ଦେଖାଇ ସେ ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ନାବାଳିକା ଜଣକ ଗର୍ଭବତୀ ହେବାରୁ ଗର୍ଭପାତ କରାଇଥିଲେ । ଏବେ ନାବାଳିକାଙ୍କୁ ଧମକ ଚମକ ଦେଉଛନ୍ତି।

### କଫସିରପ ଜବତ, ୪ ଅଭିଯୁକ୍ତ ଗିରଫ

**ସମ୍ବଲପୁର,୧୦ା୫(ବ୍ୟୁରୋ):** ସମ୍ବଲୁପର ଟାଉନ ଥାନା ପୋଲିସ ୭୯ ବୋତଲ କଫସିରପ ସହ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତଙ୍କ ମଧ୍ୟରେ ୨ ଜଣ ମହିଳା ଅଛନ୍ତି । ସେମାନେ ହେଲେ ସାହୁ କଲୋନୀର ସୋମନାଥ ବେହେରା, ସୁଭଦ୍ରା ବେହେରା, ମଞ୍ଜୁ ଦାସ ଓ ବସୁଦେବ ବାଗ । ଏ ନେଇ ଥାନାରେ ଏକ ମାମଲା (ନଂ.୧୭୪/୧୯) ରୁଜୁ ହୋଇଛି। ସୂଚନା ଯୋଗ୍ୟ ଯେ, ଅଭିଯୁକ୍ତମାନେ ବେଆଇନ ଭାବେ କଫସରପ ଚାଲାଣ କରୁଥିଲେ । ସ୍ୱାମୀ ସେମନାଥ ଓ ସ୍ତ୍ରୀ ସୁଭଦ୍ରା ମୁଖ୍ୟ ଅଭିଯୁକ୍ତ। ଏମାନେ କଫସରପ ସହ ନିଶା ବଟିକା ମଧ ବିକ୍ରି କରୁଥିଲେ ବୋଲି ପୋଲିସ କହିଛି।

### ଶେଷ ହେଲା ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ପଡିଆବାହାଲ, ୧୦ା୫ (ଡି.ଏନ.ଏ.):** ବଡତୁରାଙ୍ଗ ଗ୍ରାମର ୩ ଦିନ ଧରି ଚାଲିଥିବା ରାଧାକୃଷ୍ଣ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଶେଷ ହୋଇଛି। ଅମୂଲ୍ୟ କୁମାର ବଡପଣ୍ଡା, ଜନ୍ମେଜୟ ପଧାନ, ସୁଦୀପ୍ତ ନାୟକ, ବିଦ୍ୟାଭୂଷଣ ନାୟକ, ଅଭୟ ନାୟକ, ଅରବିନ୍ଦ ବିଶ୍ୱାଳ, ବବ୍ରୁବାହାନ ମେହେର, ଚତୁର୍ଭୁଜ ମେହେର, ମଙ୍ଗଲୁ ମେହେର, ସନ୍ତୋଷ ମେହେର ପ୍ରମୁଖ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ। ସେହିଭଳି ଦାମୋଦର ମେହେର, ଶିବ ମେହେର, ଭୋଜରାଜ ମେହେର, ମିତ୍ରଭାନୁ ପଧାନ, ଅନ୍ତର୍ଯ୍ୟାମୀ ମେହେର, ପ୍ରଦୀପ ପଧାନ, ବିଜୟ ମେହେର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ମୁଖ୍ୟ ଦାୟିତ୍ୱ ନିର୍ବାହ କରିଥିଲେ।

### ଚାଇଲଡ୍ ଲାଇନ ପକ୍ଷରୁ ବିଶ୍ୱ ରେଡକ୍ରସ୍ ଦିବସ ପାଳିତ

**କୁଚିଣ୍ଡା, ୧୦ା୫ (ଡି.ଏନ.ଏ.):** କୁଚିଣ୍ଡା ଚାଇଲ୍ଡ ଲାଇନ ଏବଂ ସୁବାଷ ବୋଷ ଶିଶୁ କ୍ଲବ ପକ୍ଷରୁ ପତ୍ରାପାଲିଠାରେ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ କୁଟୁରାଚୁଆଁ ମହାବିଦ୍ୟାଳୟର ଅଧକ୍ଷ ସୁବାଷ ନାୟକ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ସମ୍ମାନୀୟ ଅତିଥି ଭାବେ ସିଡିପିଓ ସାବିତ୍ରୀ କୁମୁରା, ସୁପରଭାଇଜର ଲିଲି ପ୍ରଧାନ, ଚାଇଲ୍ଡ ଲାଇନ ନିର୍ଦ୍ଦେଶକ ପ୍ରଦୀପ ମହାକୁଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସୁବାଷ ବୋଷ ଶିଶୁ ସଂଘର ୨୦ଜଣ ଶିଶୁଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ଶ୍ୱେତାଙ୍ଗାନି ବାରିକ, ଟେକଚାନ୍ଦ ପାଣ୍ଡେ, ଶିଶୁ ସଂଘର ଲିଡର ରାକ୍ଷୀ ସାହୁ, ଆଶାକର୍ମୀ କୌଶରୀ କୁସୁମ ଏବଂ ମାଧବୀଲତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବର୍ଷା ଆବାହନୀ ପ୍ରସ୍ତୁତି ବୈଠକ

**ସମ୍ବଲପୁର, ୧୦ା୫ (ବ୍ୟୁରୋ):** ସୌରଭ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ 'ବର୍ଷା ଆବାହନୀ' ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପରମାଣପୁରସ୍ଥିତ ଡା. ଝସକେତନ ସାହୁ କଲେଜର ଅବସରପ୍ରାପ୍ତ ପ୍ରାଧାପକ ଡ. ମୁରଲୀପ୍ରସାଦ ନାୟକଙ୍କ ଅଧକ୍ଷତାରେ ସଭା ଆୟୋଜିତ ହୋଇଥିଲା। ସାମାଜିକ କର୍ମୀ ଭାଗବତପ୍ରସାଦ ନନ୍ଦ, ବରଗଡ ମହିଳା କଲେଜର ପ୍ରାକ୍ତନ ଅଧକ୍ଷ ପ୍ରଫେସର ସୁଦର୍ଶନ ପୂଜାରୀ, ସୌରଭ ସାହିତ୍ୟ ସଂସଦ ସଭାପତି ସତ୍ୟନାରାୟଣ ହୋତା, ସମ୍ପାଦକ ତୁଷାରରଞ୍ଜନ ବାରିକ ଆଲୋଚନାରେ ଭାଗ ନେଇଥିଲେ । ଚଳିତ ମାସ ୨୭ ତାରିଖ ଚେପଟିପୁଲିଆ ନିକଟସ୍ଥ ରୋଟାରୀ କ୍ଲବଠାରେ ଉତ୍ସବ ପାଳନ ହେବ। ଦୁଃଖିଶ୍ୟାମ ତ୍ରିପାଠୀଙ୍କ ଦଳ ଭଜନ ପରିବେଷଣ କରିବେ ବୋଲି ସୂଚନା ଦିଆ ଯାଇଛି।



ସମ୍ବଲପୁର ବରେଇପାଲି ମାର୍କେଟୟାର୍ଡକୁ ଶୁକ୍ରବାର ଧାନ ବିକ୍ରି କରିବା ପାଇଁ ଚାଷୀମାନେ ଟ୍ରାକ୍ଟରରେ ଭର୍ତ୍ତି କରି ଆଣିବା ପରେ ଗାଡ଼ିଗୁଡ଼ିକ ଧାଡ଼ିରେ ଛିଆ ହୋଇଛି।

# ଆରମ୍ଭରୁ ଡରିଲେଣି ଚାଷୀ

**ସମ୍ବଲପୁର,୧୦ା୫(ବ୍ୟୁରୋ)**

- ଆରମ୍ଭ ହେଲା ରବି ଧାନ ସଂଗ୍ରହ
- ୨୬ରୁ ୭ ମାର୍କେଟକୁ ଆସିଲା ଧାନ
- ମାତ୍ର ୩୫ ଚାଷୀ ବିକିଲେ ଧାନ
- ୭, ୬୪୬ ପ୍ୟାକେଟ ଧାନ ଉଠିଲା
- ଇଣ୍ଟରନେଟ୍ ସମସ୍ୟା, ସରଭର ଡାଉନ୍
- ବିଳମ୍ବରେ ଟଙ୍କା ମିଳିବା ଭୟରେ ଚାଷୀ

ସମ୍ବଲପୁର ଜିଲାରେ ଧାର୍ଯ୍ୟ ଦିନ ଅନୁସାରେ ଶୁକ୍ରବାର ମାର୍କେଟୟାର୍ଡ ଖୋଲା ଯାଇ ଧାନ ସଂଗ୍ରହ ଆରମ୍ଭ ହୋଇଛି । ହେଲେ ପ୍ରଥମ ଦିନରେ ମାତ୍ର ୩୫ ଜଣ ଚାଷୀ ଧାନ ବିକିଛନ୍ତି। ଜିଲାର ସବୁ ମାର୍କେଟୟାର୍ଡକୁ ଧାନ ଆସି ନ ଥିଲା। ଇଣ୍ଟରନେଟ ସମସ୍ୟା ରହିଥିବାରୁ ଟଙ୍କା ପାଇବାରେ ବିଳମ୍ବ ଆଶଙ୍କା ରହୁଛି। ଏଣୁ ଚାଷୀ ଭୟରେ ଧାନ ଆଣି ନାହାନ୍ତି। ହେଲେ ଏହାକୁ ଲୁଚାଇବାକୁ ଯାଇ ଧାନ ଅମଳ ହୋଇ ନ ଥିରୁ ମାର୍କେଟ ୟାର୍ଡଗୁଡିକୁ ଧାନ ଆସି ନ ଥିବା ପ୍ରଶାସନ ପକ୍ଷରୁ କୁହାଯାଉଛି।

ଚଳିତ ରବି ଋତୁ ପାଇଁ ଜିଲାରେ ଅସ୍ଥାୟୀ ଓ ସ୍ଥାୟୀ ମାର୍କେଟୟାର୍ଡକୁ ମିଶାଇ ମୋଟ ୨୬ ମାର୍କେଟରେ ଧାନ ସଂଗ୍ରହ କରାଯିବ ପାଇଁ ପ୍ରଶାସନ ସ୍ଥିର କରିଥିଲା। ହେଲେ ଶୁକ୍ରବାର ବରେଇପାଲି, ଚାଆଁରପୁର, କୁକୁଡାପାଲି, ଶାସନ, ତବଲା, ଏ.କଟାପାଲି ଓ ଗୁଣ୍ଡେରପୁର ମାର୍କେଟ ୟାର୍ଡକୁ ୩୫ ଜଣ ଚାଷୀ ଧାନ ଆଣିଥିଲେ। ଏମାନଙ୍କର ମାତ୍ର ୭ ହଜାର ୬ ଶହ ୪୬ ପକେଟ ଧାନ ସଂଗ୍ରହ ହୋଇଥିଲା । ସରଭର ଅଚଳ ଥିବାରୁ କାଗଜପତ୍ର ମାଧମରେ ଧାନ କିଣା ହୋଇଥିଲା । ଚାଷୀଙ୍କ ଧାନ କିଣା ହେଲା ସତ । ହେଲେ ଟଙ୍କା କେବେ ପାଇବେ ସେ ନେଇ ସନ୍ଦେହ ରହୁଛି। ସରଭର ଅଳ୍ପ ଦିନ ଭିତରେ ଠିକ ହୋଇଯିବ ଓ ସ୍ୱାଭାବିକ ଭାବେ ଧାନ କିଣା ବିକା ହେବ ବୋଲି ଉପ ଜିଲାପାଳ ପ୍ରଦୀପ କୁମାର ସାହୁ କହିଛନ୍ତି । ଏବେ ଧାନ ଅମଳ ହେବା ଆରମ୍ଭ ହୋଇଛି । ଯେଉଁ ଚାଷୀମାନେ ଚାହିଁବେ ବିକ୍ରି କରି ପାରିବେ । କୌଣସି ସମସ୍ୟା ନାହିଁ । ସମସ୍ତ ବ୍ୟବସ୍ଥା କରାଯାଇଛି । ସମବାୟ ସମିତି ଓ ମିଲର୍ସ କାମ କରୁଥିବା ସରଭର ଗୁଡିକ କାମ କରୁଛି । କେବଳ ଚାଷୀ ଟଙ୍କା ପାଇବା ସରଭର ସମସ୍ୟା ରହିଛି । ତାହ ଦୁଇ ଦିନ ଭିତରେ ଠିକ୍ ହୋଇଯିବ। ଏହାପରେ ଚାଷୀ ଟଙ୍କା ପାଇ ପାରିବେ ବୋଲି ଉପ ଜିଲାପାଳ କହଛନ୍ତି। ତେବେ ଏ ସମ୍ପର୍କରେ ପଶ୍ଚିମ ଓଡିଶା କୃଷକ ସଂଗଠନ ଆବାହକ ଶୋକ ପ୍ରଧାନ କହିଛନ୍ତି ଯେ, ସରଭର ସମସ୍ୟା ଉପରେ ଚାଷୀମାନେ ଅବଗତ ଅଛନ୍ତି । ଏପରିକି ସଂଗଠନ ପକ୍ଷରୁ ସମସ୍ତ ଚାଷୀଙ୍କୁ ପୂର୍ବରୁ ସଚେତନ କରାଯାଇଥିଲା । ଏଣୁ ପ୍ରଥମ ଦିନରେ କମ୍ ପରିମାଣ ଧାନ ଆସିଛି।

## ସହଯୋଗ ମାଗିଲେ ଉପଜିଲାପାଳ

**ସମ୍ବଲପୁର,୧୦ା୫(ବ୍ୟୁରୋ)**

ସମ୍ବଲପୁର ବରେଇପାଲି ମାର୍କେଟରେ ଶୁକ୍ରବାର ଚାଷୀ, ମିଲର୍ସ ଓ ପ୍ରଶାସନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉପ ଜିଲାପାଳ ପ୍ରଦୀପ କୁମାର ସାହୁ ଏଥିରେ ଅଧକ୍ଷତା କରିଥିଲେ । ଏଥିରେ ଚାଷୀମାନେ କଟନୀ ଛଟନି ଓ ଧାନ ସଂଗ୍ରହ ସମୟରେ ହେଉଥିବା ସମସ୍ୟା ଉପରେ ଅଭିଯୋଗ କରିଥିଲେ । ଏହି ସମସ୍ୟା ସମାଧାନ କରାଯିବ ବୋଲି ଉପ ଜିଲାପାଳ ସାହୁ ସେମାନଙ୍କୁ କହି ସହଯୋଗ ମାଗିଥିଲେ । ସେହିପରି ମିଲର୍ସମାନଙ୍କୁ ଚାଷୀଙ୍କ ସମସ୍ୟା ଉପରେ ଗୁରୁତ୍ୱ ଦେଇ ଧାନ କିଣାବିକାରେ ସହଯୋଗ କରିବାକୁ ସାହୁ କହିଥିଲେ । ଏହି ଅବସରରେ ସମବାୟ ବିଭାଗ, ଆରଏମସିର ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲା କୃଷକ ସଂଗଠନ ସଭାପତି ମୁରାରୀ ପୁରୋହିତ, ଆବାହକ ଅଶୋକ ପ୍ରଧାନଙ୍କ ସମେତ ଚାଷୀମାନେ ଉପସ୍ଥିତ ଥିଲେ। ସଭାପତି ପୁରୋହିତ ପୂଜା ଅର୍ଚ୍ଚନା କରିବା ପରେ ଧାନ କିଣାବିକା ଆରମ୍ଭ ହୋଇଥିଲା ।



ବରେଇପାଲି ମାର୍କେଟରେ ଧାନ କିଣାବିକା ପାଇଁ ବୈଠକ ଅବସରରେ ପୂଜାର୍ଚ୍ଚନା କରାଯାଉଛି।




ସମ୍ବଲପୁର ସୋସିଆଲ ଷ୍ଟାର କ୍ଲବ ଓ ଆଲା ହଜରତ୍ ୱେଲଫେୟାର କମିଟି ସଭ୍ୟମାନେ ଫନୀ ପୀଡିତଙ୍କ ସାହାଯ୍ୟାର୍ଥେ ରିଲିଫ ଦେବାକୁ ଶୁକ୍ରବାର ସମ୍ବଲପୁର ରେଡକ୍ରସ ଅଫିସରେ ପହଞ୍ଚିଛନ୍ତି ।

## ନିଖୋଜ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ସମ୍ବଲପୁର,୧୦ା୫(ବ୍ୟୁରୋ)**

ସମ୍ବଲପୁର ଧନୁପାଲି ଥାନା ଜେଲଛକ ନିକଟସ୍ଥ ଏକ ଡ୍ରେନରୁ ଟିକେଲାଲ ଭୋଇ (୫୫) ନାମକ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଛି। ତାଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ପୁଅ ବବଲୁ ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ରିପୋର୍ଟ ଆସିଲା ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ଥାନା ଅଧିକାରୀ କମଳ ଲୋଚନ ପଣ୍ଡା କରିଛନ୍ତି । ଟିକେଲାଲ ୨ ଦିନ ତଳେ ଘରୁ ବାହାରି କାମକୁ ଯାଇଥିଲେ, ହେଲେ ସେ ଆଉ ଘରକୁ ଫେରି ନ ଥିଲେ । ପରିବାର ପକ୍ଷରୁ ଥାନାରେ ଏ ନେଇ ପ୍ରଥମେ ଏକ ନିଖୋଜ ଅଭିଯୋଗ କରାଯାଇଥିଲା।

## ଜୁନ୍ ୨ରେ ଗୁରୁଭେଟି ମହୋତ୍ସବ

**ସମ୍ବଲପୁର, ୧୦ା୫ (ବ୍ୟୁରୋ)**

ଜୁନ ୨ରେ ଗୁରୁଭେଟି ମହୋତ୍ସବ ଆୟୋଜିତ ହେବ । ଏ ନେଇ ଶୁକ୍ରବାର ରାତିରେ ଏକ କାର୍ଯ୍ୟକାରୀ କମିଟି ବୈଠକ ସମ୍ବଲପୁର ଟ୍ରାଇବାଲ ଆଣ୍ଡ ଫୋକ ଆର୍ଟ ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି । ନୃତ୍ୟ ଗୁରୁ ଆଲୋକ ପଣ୍ଡାଙ୍କ ସଂଯୋଜନାରେ ବୈଠକ ଅନୁଷ୍ଠିତ ହୋଇଥିଲା । ଉତ୍ସବ ଦିନ ସମ୍ବଲପୁରୀ ଓ ଆଦିବାସୀ ନୃତ୍ୟ କ'ଣ, ସମ୍ବଲପୁରୀ ନୃତ୍ୟ ଶିକ୍ଷା ଦେବାର ଶୈଳୀ ବିଷୟରେ ଆଲୋଚନାଚକ୍ର ହେବ । ଏଥିରେ ପଶ୍ଚିମ ଓଡିଶାର ବିଭିନ୍ନ ଅଞ୍ଚଳରୁ ନୃତ୍ୟ ବିଶେଷଜ୍ଞ ଓ ଗବେଷକମାନେ ଯୋଗଦେବାକୁ ସ୍ଥିର କରାଯାଇଛି । ସେହିପରି ଆସନ୍ତା ୧୨ ତାରିଖରୁ ହେବାକୁ ଥିବା ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିରରେ ଯୋଗଗୁରୁ ଜେ. ଗିରିଜା ଦେବୀ, ଓଡିଶୀ ଗୁରୁ ସନ୍ଧ୍ୟା ସରକାର ଓ ମମତା ସାହୁ, ଆଧୁନିକ ନୃତ୍ୟଗୁରୁ ମାଷ୍ଟର ପ୍ରେମ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ଦେବେ।

## ଜିଏମ୍‌ୟୁରେ ଏକାଡେମୀ କାଉନସିଲ ବୈଠକ

**ସମ୍ବଲପୁର, ୧୦ା୫ (ବ୍ୟୁରୋ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ)ର ଚତୁର୍ଥ ଏକାଡେମୀ କାଉନସିଲ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଜିଏମୟୁ କୁଳପତି ପ୍ରଫେସର ଅତନୁ କୁମାର ପତିଙ୍କ ଅଧକ୍ଷତାରେ ବୈଠକ ହୋଇଥିଲା। କୁଳସଚିବ ଗିରିଶ ଚନ୍ଦ୍ର ସିଂ, ପିଜି କାଉନସିଲ ଅଧକ୍ଷ ଡ. ସଦନ କୁମାର ପଲ, ପରୀକ୍ଷା ନିୟନ୍ତ୍ରକ ଡ. ହେମ କୁମାର ନାୟକ, ଓଆଇସି ଏକାଡେମୀର ଡ. ଶିକତା ପଣ୍ଡା, ରାଜ୍ୟପାଳଙ୍କ ନୋମିନି ଡ. ମୀନକେତନ ପାଠି ଯୋଗଦେଇ ନୂତନ ପାଠ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ । ଉପକୁଳସଚିବ ଉମାଚରଣ ପତି ବିଶ୍ୱବିଦ୍ୟାଳୟର ବର୍ତ୍ତମାନ ସ୍ଥିତି କିପରି ଅଛି, କ'ଣ କଲେ ଆହୁରି ବିକଶିତ ହୋଇପାରିବ ବିଷୟରେ ଆଲୋକପାତ କରିଥିଲେ । ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗରେ ସୋସିୟଲୋଜି, ଏନଫ୍ରୋଲୋଜି ଓ ବାୟୋଟେକନଲୋଜି ଏବଂ ସ୍ନାତକ ବିଭାଗରେ ଲାଇବ୍ରେରୀ ସାଇନ୍ସ ଓ ଇନଫ୍ରୋମେସନ୍ ସାଇନ୍ସ ପାଠ୍ୟକ୍ରମ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।




ଶୁକ୍ରବାର ଜିଏମୟୁର ଚତୁର୍ଥ ଏକାଡେମୀ କାଉନସିଲ ବୈଠକରେ କୁଳପତି ପ୍ରଫେସର ଅତନୁ କୁମାର ପତି ସୂଚନା ଦେଉଛନ୍ତି ।

## ୩୦ଜଣଙ୍କୁ ଟେନିସ ପ୍ରଶିକ୍ଷଣ

**ସମ୍ବଲପୁର, ୧୦ା୫ (ବ୍ୟୁରୋ)**

ମହାନଦୀ କ୍ଲବଠାରେ ଶୁକ୍ରବାର ସନ୍ଧ୍ୟାରେ ଗ୍ରୀଷ୍ମକାଳୀନ ଟେନିସ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ଜିଲା ଟେନିସ ଆସୋସିଏସନ, ଜିଲା ପ୍ରଶାସନ ଓ ମହାନଦୀ କ୍ଲବ ମିଳିତ ଆନୁକୂଲ୍ୟରେ ହୋଇଥିବା ଶିବିରକୁ ଡିଆଇଜି ସତ୍ୟବ୍ରତ ଭୋଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ଟେନିସ ଖେଳ ଓ ଖେଳାଳିମାନଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରଶିକ୍ଷଣ ଶିବିର ହୋଇଛି। ଏହି ଶିବିର ମାଧମରେ ଲୁକ୍କାୟିତ ପ୍ରତିଭାମାନେ ସମ୍ମୁଖକୁ ଆସି ସୁଯୋଗ ପାଇପାରିବେ। ପୂର୍ବରୁ ଜିଲାରୁ ଅନେକ ଖେଳାଳି ରାଜ୍ୟ ଓ ଜାତୀୟସ୍ତର ପ୍ରତିଯୋଗିତା ଗୁଡିକରେ ଭାଗ ନେଇ ସୁନାମ ଅର୍ଜନ କରିଛନ୍ତି ବୋଲି ଜିଲା ଟେନିସ ଆସୋସିଏସନର ସଚିବ ଉଦିତ ପ୍ରସାଦ ବାବୁ କହିଛନ୍ତି। ତେବେ ଏକ ମାସ ଧରି ଏହି ଶିବିର ଚାଲିବ। ଏଥିରେ ୧୦ରୁ ୧୬ ବର୍ଷ ବୟସ ପର୍ଯ୍ୟନ୍ତ ୩୦ ଜଣ ଖେଳାଳି ଭାଗ ନେଇଛନ୍ତି । ସୁଭ୍ରାଂଶୁ ଷଡଙ୍ଗୀ, କୋଲକତାର ଏସ. ଜୟଗୋପାଳ ଓ ଭୁବନେଶ୍ୱରର ୨ ଜଣ କୋଚ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଜିଲା କ୍ରୀଡା ଅଧିକାରୀ ଉପେନ୍ଦ୍ର ପ୍ରସାଦ ଶତପଥୀ, ରମେଶ ରାଓ, ଅଂଶୁମାନ ବେହେରା, ଡା. ବିଜୟ କୁମାର ଦତ୍ତ ସମ୍ମାନୀତ ଅତିଥି ଥିଲେ। ଖେଳାଳିମାନଙ୍କୁ ପ୍ରଶିକ୍ଷଣ ଦେଇ ରାଜ୍ୟ ତଥା ଜାତୀୟସ୍ତରର ପ୍ରତିଯୋଗିତାରେ ଭାଗ ନେବା ଉଦ୍ୟମ କରାଯାଉଛି। ଅକ୍ଟୋବରରୁ ନଭେମ୍ବର ମଧ୍ୟରେ ଜାତୀୟସ୍ତରର ଟେନିସ ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ସଂଗଠନ କର୍ମକର୍ତ୍ତା ସୂଚିତ କରିଛନ୍ତି ।




ସମ୍ବଲପୁର ମହାନଦୀ କ୍ଲବଠାରେ ଟେନିସ ଶିବିରକୁ ଉଦ୍‌ଘାଟନ କରି ଉତ୍ତରାଞ୍ଚଳ ପୋଲିସ ଡିଆଇଜି ସତ୍ୟବ୍ରତ ଭୋଇ ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

# ଉଦ୍‌ଘାଟନ ସରିଛି, ପାଣି ଆସୁନି

**ଅଚ୍ୟୁତାନନ୍ଦ ପୁରୋହିତ**
**ରେଢାଖୋଲ,୧୦ା୫(ଡି.ଏନ.ଏ.)**

ରେଢାଖୋଲ ନିକଟ ମହାନଦୀରୁ ସହରବାସୀ ପାଣି ଟୋପେ ପାଇବାକୁ ବର୍ଷ ବର୍ଷ ଧରି ସ୍ୱପ୍ନ ଦେଖୁଛନ୍ତି। ଏଥିପାଇଁ ପାଣି ଟାଙ୍କି ଠିଆ ହୋଇଛି। ପ୍ରକଳ୍ପ ମଧ ଉଦ୍‌ଘାଟିତ ହୋଇଛି। ହେଲେ ଲୋକେ ପାଣି ପାଇ ପାରି ନାହାନ୍ତି। ନିର୍ବାଚନକୁ ଆଖି ଆଗରେ ରଖି ଲୋକଙ୍କୁ କେବଳ ପାଣି ଟାଙ୍କି ଦେଖାଇ ଭଣ୍ଡାଇ ଦିଆ ଯାଇଛି। ସହରକୁ ବହୁ ପ୍ରତୀକ୍ଷିତ ମହାନଦୀରୁ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ଗତ ମାର୍ଚ୍ଚ ୬ ତାରିଖରେ ବିଧାୟକ ରୋହିତ ପୂଜାରୀ ବହୁ ଆଡମ୍ବରରେ ଉଦ୍‌ଘାଟନ କରିଛନ୍ତି। ହେଲେ ସହରବାସୀ ଉଦ୍‌ଘାଟନର ୨ମାସ ପରେ ମଧ ମହାନଦୀରୁ ପାନୀୟ ଜଳ ପାଇ ପାରିଲେନାହିଁ। ଏଥିପାଇଁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧୁଛି।



ରେଢ଼ାଖୋଲ କେନ୍ଦୁକଟାଠାରେ ଉଦ୍‌ଘାଟିତ ହୋଇଥିବା ଜଳଯୋଗାଣ ପ୍ରକଳ୍ପ ।

- ରେଢାଖୋଲ ସହରକୁ ମହାନଦୀରୁ ଜଳ ଯୋଗାଣ ପ୍ରସଙ୍ଗ
- ମାର୍ଚ୍ଚ ୬ରେ ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି ବିଧାୟକ
- ୨ମାସ ହେଲା ଲୋକେ ପାଣି ପାଇ ପାରୁ ନାହାନ୍ତି
- ଯନ୍ତ୍ରୀ କହୁଛନ୍ତି ପର୍ଯ୍ୟାୟକ୍ରମେ ୱାର୍ଡରୁ ୱାର୍ଡକୁ ଦିଆଯିବ

ସହରବାସୀଙ୍କ ଦୀର୍ଘ ଦିନର ଦାବିକୁ ଗୁରୁତ୍ୱ ଦେଇ ୨୦୦୧ରେ ରେଢାଖୋଲ ବିଧାନସଭା ଉପନିର୍ବାଚନ ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରେଢାଖୋଲ ସହରକୁ ମହାନଦୀରୁ ପାନୀୟଜଳ ଯୋଗାଇ ଦିଆଯିବ ବୋଲି ଏକ ନିର୍ବାଚନୀ ସଭାରେ ପ୍ରତିଶ୍ରୁତି ଦେଇଥିଲେ। ଏହାର ୧୩ ବର୍ଷ ପରେ ୧୩।୧।୨୦୧୩ରେ ସହରର କେନ୍ଦୁକଟାଠାରେ ତତ୍‌କାଳିନ ଅର୍ଥମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପକୁ ଶିଳାନ୍ୟାସ କରିଥିଲେ। ପ୍ରାୟ ୨୪ କୋଟି ଟଙ୍କା ବ୍ୟୟ ଅଟକଳ କରି ରାଜ୍ୟ ବଜେଟରେ ଅର୍ଥ ମଞ୍ଜୁର କରାଯାଇଥିଲା। ହେଲେ କଚ୍ଛପ ଗତିରେ ପ୍ରକଳ୍ପ କାର୍ଯ୍ୟ ଚାଲିଥିବା ବେଳେ ଠିକାଦାର ଅଧାରୁ କାମ ବନ୍ଦ କରି ଫେରାର ହେବାରୁ ପକଳ୍ପ ବନ୍ଦ ରହିଥିଲା। ବିଧାୟକ ରୋହିତ ପୂଜାରୀ ପୁଣି ଥରେ ଏଥିପ୍ରତି ଦୃଷ୍ଟି ଦେଇଥିଲେ। ଏହାପରେ ୩୬ କୋଟି ୪୪ ଲକ୍ଷ ୬୬ ହଜାର ଟଙ୍କା ବ୍ୟୟ ଅଟକଳ କରି ପ୍ରକଳ୍ପକୁ ସଂପୂର୍ଣ୍ଣ କରିବାକୁ ପଦକ୍ଷେପ ନିଆଯାଇଥିଲା। ନୂତନ ଠିକାଦାର ନିଯୁକ୍ତି କରାଯାଇ ୨୦୧୭ରେ କାର୍ଯ୍ୟ ଆରମ୍ଭ ହେଲା। ଇତି ମଧ୍ୟରେ ୨ ବର୍ଷ ବିତିଗଲା ହେଲେ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରିଲାନାହିଁ କି ସହରବାସୀ ପାନୀୟଜଳ ପାଇ ପାରିଲେ ନାହିଁ।

ତେବେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ଓ ସହରବାସୀଙ୍କୁ ପାନୀୟଜଳ ଯୋଗାଣ ନେଇ ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ସଞ୍ଜୀବ ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ପ୍ରକଳ୍ପ କାର୍ଯ୍ୟ ଜୋରସୋରରେ ଚାଲିଛି। ଗୋଟିଏ ପରେ ଗୋଟିଏ ୱାର୍ଡକୁ ପର୍ଯ୍ୟାୟକ୍ରମେ ଜଳ ଯୋଗାଇ ଦିଆଯିବ। ସହରବାସୀଙ୍କ ଆବଶ୍ୟକତାକୁ ଦୃଷ୍ଟି ଦେଇ ବିଭାଗ ପକ୍ଷରୁ ୬ଟି ଟ୍ୟାଙ୍କର ଯୋଗେ ୱାର୍ଡଗୁଡିକୁ ପାନୀୟଜଳ ଯୋଗାଇ ଦିଆଯାଉଛି। ସହରରେ ପାୟ ୩୬୩ଟି ନଳକୂଅ ଓ ୬୩ଟି ସିନଟେକ୍ସ ସ୍ଥାପନ କରାଯାଇଛି। ସେହିପରି ଏନଏସି ପକ୍ଷରୁ ମଧ ଟ୍ୟାଙ୍କର ଯୋଗେ ପନୀୟ ଜଳ ଯୋଗାଇ ଦିଆଯାଉଛି। ଏବେ ଏକେନ୍ଦୁକଟା ଓ ପୁରୁଣାଗଡ ଅଞ୍ଚଳକୁ ମହାନଦୀପାଣି ଯୋଗାଇ ଦିଆଯାଉଛି। ପର୍ଯ୍ୟାୟକ୍ରମେ ଅନ୍ୟ ୱାର୍ଡକୁ ପାନୀୟଜଳ ଯୋଗାଇ ଦିଆଯିବ। ହେଲେ ପ୍ରକଳ୍ପ କେବେ ସମ୍ପୂର୍ଣ୍ଣ ହେବ ସେ ନେଇ କିଛି କହିପାରି ନ ଥିଲେ। ତେବେ ସହରବାସୀଙ୍କ ପାଇଁ ଦୈନିକ ୨୫ ଲକ୍ଷ ଲିଟର ପାନୀୟଜଳ ଆବଶ୍ୟକ ହେଉଛି। ଏଣୁ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ଲୋକଙ୍କ ଆବଶ୍ୟକତା ପୂରଣ କରି ପାରୁନି। ଏଣୁ ଏହି ପ୍ରକଳ୍ପ ଲୋକଙ୍କୁ ବାଆଁରଉଛି। ଠିଆ ହୋଇଥିବା ପାଣି ଟାଙ୍କି ସହରବାସୀଙ୍କୁ ଭଣ୍ଡାଉଛି।



"ମାଇଣ୍ଡଟ୍ରିର ଅଧିଗ୍ରହଣ ପାଇଁ ହେଉଥିବା ଶେୟାର କିଣା ଏକ ନିରନ୍ତର ପ୍ରକ୍ରିୟା। ଅଧିଗ୍ରହଣ ନେଇ ସେବି ଓ ସରକାରଙ୍କୁ ଜଣାଇ ଦିଆଯାଇଛି।"
– ଏସ୍.ଏନ୍.ସୁବ୍ରମଣ୍ୟନ, ସିଇଓ ତଥା ଏମ୍‌ଡି, ଏଲ୍‌ଆଣ୍ଡଟି



"ବିଜ୍ଞାନକୁ ଭରସା କରି ନିର୍ଭରଯୋଗ୍ୟ ଡାକ୍ତର,ଫାର୍ମାସିଷ୍ଟ ଓ ଖାଉଟିଙ୍କ ସହାୟତାରେ ପ୍ରକ୍ଟର ଆଣ୍ଡ ଗ୍ୟାମ୍ବଲ ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ କଞ୍ଜ୍ୟୁମର ହେଲ୍‌ଥ ବଜାରରେ ନିଜର ସ୍ଥିତି ଦୃଢ଼ କରିପାରିଛି।"
–ମିଲିନ୍ଦ ଥାଟେ, ଏମ୍‌ଡି, ପ୍ରକ୍ଟର ଆଣ୍ଡ ଗ୍ୟାମ୍ବଲ ଇଣ୍ଡିଆ

## ସଂକ୍ଷେପରେ

### ଜେଟ୍‌ରେ ନିବେଶ ଲାଗି ରାଜି ହେଲା ଏଟିହାଦ୍

ନୂଆଦିଲ୍ଲୀ,୧୦-୫: ଜେଟ୍ ଏୟାରୱେଜର ୨୪ ପ୍ରତିଶତ ଅଂଶଧନ ରଖିଥିବା ଆବୁଧାବୀର ଏୟାରଲାଇନ୍ସ କମ୍ପାନୀ ଏଟିହାଦ ଏୟାରୱେଜ ଶେଷରେ ନିବେଶ ବୃଦ୍ଧି ଲାଗି ରାଜି ହୋଇଛି। ଏଟିହାଦ ଶୁକ୍ରବାର ଶେଷ ମୁହୂର୍ତ୍ତରେ ନିଜର ଆର୍ଥିକ ଏବଂ ଟେକ୍ନିକାଲ ବିଡ୍ ଦାଖଲ କରିଛି। ଏ ସମ୍ପର୍କରେ ଏଟିହାଦ ମୁଖପାତ୍ର ସୂଚନା ଦେଇଥିଲେ। ତେବେ ନିୟମ ଅନୁଯାୟୀ କମ୍ପାନୀ ଜେଟ୍ ଏୟାରୱେଜରେ ୪୯ ପ୍ରତିଶତ ପର୍ଯ୍ୟନ୍ତ ଅଂଶଧନ କିଣିପାରିବ। ଅବଶିଷ୍ଟ ୫୧ ପ୍ରତିଶତ ଅଂଶଧନ ଭାରତୀୟ କମ୍ପାନୀଙ୍କୁ କିଣିବାକୁ ହେବ। ଏଟିହାଦର ଏହି ପଦକ୍ଷେପ ଯୋଗୁ ପୁଣିଥରେ ଜେଟ୍ ଏୟାରୱେଜ ବିମାନ ଉଡ଼ିବାର ସମ୍ଭାବନା ସୃଷ୍ଟି ହୋଇଛି। ଏଟିହାଦ ମୁଖପାତ୍ର କହିଛନ୍ତି ଯେ, ଭାରତ ବିଶ୍ୱରେ ଅତି ଦ୍ରୁତଗତିରେ ବୃଦ୍ଧି ପାଉଥିବା ବିମାନ ବଜାର ଭାବେ ଉଭା ହେଉଛି। ଏହା ୟୁନାଇଟେଡ ଆରବ ଏମିରେଟ୍ସର ଏକ ମୁଖ୍ୟ ସହଯୋଗୀ। ଜେଟ୍‌କୁ ବଞ୍ଚାଇବା ଲାଗି ଏଟିହାଦ ଗତ ୧୫ ମାସ ହେବ କମ୍ପାନୀର ମୁଖ୍ୟ ଶେୟାରଧାରୀଙ୍କ ସହ ଆଲୋଚନା ଜାରି ରଖିଥିଲା।

### ମାର୍ଚ୍ଚରେ ଔଦ୍ୟୋଗିକ ଅଭିବୃଦ୍ଧି ହାର ୦.୧%

ନୂଆଦିଲ୍ଲୀ,୧୦-୫: ବିନିର୍ମାଣ କ୍ଷେତ୍ର ଧିମା ହେବା କାରଣରୁ ଚଳିତବର୍ଷ ମାର୍ଚ୍ଚରେ ଔଦ୍ୟୋଗିକ ଅଭିବୃଦ୍ଧି ହାର ହ୍ରାସ ପାଇ ୦.୧% ହୋଇଛି। ଯାହା କି, ଗତ ୨୧ ମାସ ଭିତରେ ସର୍ବନିମ୍ନ। ଶୁକ୍ରବାର ପ୍ରକାଶିତ ସରକାରୀ ତଥ୍ୟରୁ ଏହା ଜଣାପଡିଛି। ଗତବର୍ଷ ଏହି ସମୟରେ ଏହା ୫.୩% ରହିଥିଲା। ବିନିର୍ମାଣ, ଖନନ ଏବଂ ବିଦ୍ୟୁତ ଭଳି ସମସ୍ତ ଉଦ୍ୟୋଗର ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ(ଆଇଆଇପି) ଆଧାରରେ ଔଦ୍ୟୋଗିକ ଉତ୍ପାଦନ ବୃଦ୍ଧି ଗଣନା କରାଯାଇଥାଏ। କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ସିଏସ୍‌ଓ) ଅନୁଯାୟୀ, ଆର୍ଥିକ ବର୍ଷ ୨୦୧୮-୧୯ରେ ଔଦ୍ୟୋଗିକ ବୃଦ୍ଧି ହାର ୩.୬ ପ୍ରତିଶତ ରହିଥିଲା। ଆର୍ଥିକ ବର୍ଷ ୨୦୧୭-୧୮ରେ ଏହା ୪.୪% ଥିଲା। ଫେବୃୟାରୀରେ ଔଦ୍ୟୋଗିକ ଉତ୍ପାଦନ ବୃଦ୍ଧି ହାର ୨୦ ମାସର ସର୍ବନିମ୍ନ ସ୍ତର ୦.୧% ରହିଥିଲା। ଏଥିପୂର୍ବରୁ ନଭେମ୍ବର ୨୦୧୮ର ସଂଶୋଧିତ ଆଇଆଇପି ଜାରି କରାଯାଇଥିଲା। ଏହା ହ୍ରାସ ପାଇ ୦.୨% ରହିଥିଲା । ପୂର୍ବରୁ ଜାରି ପରିସଂଖ୍ୟାନରେ ଏହା ୦.୩% ଥିଲା।

### ଏସ୍‌ବିଆଇ ଋଣ ହେବ ଶସ୍ତା

ନୂଆଦିଲ୍ଲୀ,୧୦-୫: ଦେଶର ସର୍ବବୃହତ ବ୍ୟାଙ୍କ ଏସ୍‌ବିଆଇ ଏମ୍‌ସିଏଲ୍‌ଆର୍‌ରେ ୦.୦୫% ହ୍ରାସ କରିଛି। ଏହା ପ୍ରତ୍ୟେକ ଅବଧିର ଋଣ ଉପରେ ସୁଧ ହାରରେ ଲାଗୁ ହେବ। ନୂଆ ସୁଧ ହାର ଶୁକ୍ରବାରଠାରୁ କାର୍ଯ୍ୟକାରୀ କରାଯିବ ବୋଲି ଷ୍ଟେଟ୍ ବ୍ୟାଙ୍କ ଘୋଷଣା କରିଛି। ଫଳରେ ଏସ୍‌ବିଆଇର ସମସ୍ତ ପ୍ରକାର ଋଣ ଶସ୍ତା ହେବ। ହ୍ରାସ ଘୋଷଣା ଯୋଗୁ ୧ବର୍ଷର ଋଣ ଉପରେ ଏମ୍‌ସିଏଲ୍‌ଆର ୮.୫୦ ପ୍ରତିଶତ ବଦଳରେ ୮.୪୫% ଲାଗୁ ହେବ। ଏସ୍‌ବିଆଇ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ମେ ୧୦ରୁ ଏମ୍‌ସିଏଲ୍‌ଆର୍ ସହ ଜଡିତ ସମସ୍ତ ଋଣ ଉପରେ ସୁଧ ହାର ୫ ବେସିସ୍ ପଏଣ୍ଟ କମ୍ କରାଯାଇଛି। ଏଥିଯୋଗୁ ଅଦ୍ୟାବଧି ଗୃହ ଋଣ ଉପରେ ସୁଧ ହାର ୦.୧୫% ହ୍ରାସ ପାଇଛି।

### ଆଣ୍ଡ୍ରଏଡ୍‌ର ଦୁରୁପଯୋଗ: ଗୁଗଲ୍ ବିରୋଧରେ ଯାଞ୍ଚ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୦-୫: ଦେଶର ଆଣ୍ଟି ଟ୍ରଷ୍ଟ ୱାଚ୍‌ଡଗ୍ କମ୍ପିଟିଶନ କମିଶନ ଅଫ୍ ଇଣ୍ଡିଆ(ସିସିଆଇ) ଅଲ୍ଫାବେଟ୍ ଅଧୀନ କମ୍ପାନୀ ଗୁଗଲ ବିରୋଧରେ ଯାଞ୍ଚ ନିର୍ଦ୍ଦେଶ ଦେଇଛି। ଭାରତରେ ଗୁଗଲ୍ ପ୍ରତିଯୋଗୀଙ୍କୁ ବ୍ଲକ୍ କରିବା ଲାଗି ନିଜର ଲୋକପ୍ରିୟ ଆଣ୍ଡ୍ରଏଡ ମୋବାଇଲ ଅପରେଟିଂ ସିଷ୍ଟମର ଦୁରୁପଯୋଗ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ମିଳିବା ପରେ ଗତବର୍ଷ ସିସିଆଇ ପ୍ରାରମ୍ଭିକ ଯାଞ୍ଚ କରିଥିଲା। ୟୁରୋପରେ ମଧ ଏଭଳି ସମାନ ଅଭିଯୋଗ ଆସିଥିଲା। ଏହା ପ୍ରମାଣିତ ହେବା ପରେ କମ୍ପାନୀ ବିରୋଧରେ ୟୁରୋପୀୟ କମିଶନ ୪.୩୪ ବିଲିୟନ ୟୁରୋ ଅର୍ଥାତ୍ ୫ ବିଲିୟନ ଡଲାର ଜରିମାନା ଆଦାୟ ନିର୍ଦ୍ଦେଶ ଦିଆଯାଇଥିଲା। ଏପ୍ରିଲ ମଧଭାଗରେ ସିସିଆଇ ଯାଞ୍ଚରୁ କିଛି ପ୍ରମାଣ ପାଇଥିଲା। ଏହାକୁ ଭିତ୍ତି କରି ଏହା ନିଜର ଯାଞ୍ଚ ବିଭାଗକୁ ଅଧିକ ତଦନ୍ତ ଲାଗି ନିର୍ଦ୍ଦେଶ ଦେଇଛି।

# ଭାରତ ଛାଡ଼ିଲେ ଆଉ ୫ ହଜାର ଅତିଧନୀ

ନୂଆଦିଲ୍ଲୀ,୧୦-୫



ବିଶ୍ୱରେ ଧନୀ ତାଲିକାରେ ସାମିଲ ହୋଇଥିବା ଧନକୁବେରମାନେ ନିଜ ଦେଶ ପରିତ୍ୟାଗ କରିବାକୁ ଅଧିକ ପସନ୍ଦ କରୁଛନ୍ତି। କେବଳ ଭାରତରେ ଗତବର୍ଷ ୫ ହଜାର ଅତିଧନୀ ଦେଶ ଛାଡ଼ିଛନ୍ତି। ଆଶ୍ଚର୍ଯ୍ୟର କଥା ହେଲା, ଦେଶ ଯେତେ ସେମାନଙ୍କୁ ହରାଇଛି, ସେତିକି ନିଜେ ସୃଷ୍ଟି କରିପାରିଛି। ଏକ ହିସାବରୁ ଜଣାଯାଇଛି ଯେ, ଭାରତର ପଡୋଶୀ ଦେଶ ଚାଇନାରୁ ସର୍ବାଧିକ ଅତିଧନୀ ପ୍ରାୟ ୧୫ ହଜାର ନିଜ ଦେଶ ଛାଡ଼ିଛନ୍ତି। ଏହାପରେ ରୁଷ୍, ଭାରତ, ବ୍ରିଟେନ, ଫ୍ରାନ୍ସ, ବ୍ରାଜିଲ ଓ ଦକ୍ଷିଣ ଆଫ୍ରିକା ରହିଛି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ପଳାୟନ କରୁଥିବା ଧନୀଙ୍କର ପ୍ରଥମ ପସନ୍ଦ ହୋଇଛି। ସାରାବିଶ୍ୱରୁ ପ୍ରାୟ ୧୨ହଜାର ଅତିଧନୀ ନିଜ ଦେଶ ଛାଡି ଅଷ୍ଟ୍ରେଲିଆରେ ବସବାସ କଲେଣି। ଏହାପରେ ଆମେରିକା, କାନାଡା, କ୍ୟାରିବିୟାନ ଦେଶ, ଗ୍ରୀସ୍ ଏବଂ ସ୍ପେନ ପ୍ରତି ପଳାୟନକାରୀ ଅତିଧନୀଙ୍କ ଆଗ୍ରହ ରହିଛି। ଅନ୍ୟପକ୍ଷରେ ଭାରତ ଯେତିକି ଅତିଧନୀ ହରାଇଛି, ତା'ଠାରୁ ଅଧିକ ସୃଷ୍ଟି କରିଛି। ଅନ୍ୟ ଅର୍ଥରେ କହିଲେ ଭାରତକୁ ଅତିଧନୀଙ୍କ ଫ୍ୟାକ୍ଟ୍ରି କହିଲେ ଭୁଲ୍ ହେବ ନାହିଁ। ପରିସଂଖ୍ୟାନରୁ ଜଣାପଡୁଛି ଯେ ଭାରତ,ଅତିଧନୀ ସୃଷ୍ଟିରେ ଟପ୍ ୫ରେ ରହିଛି। ଏହି ତାଲିକାରେ ଏସିଆର ୩ ଦେଶ ରହିଛନ୍ତି। ଭାରତ ଏହି ତାଲିକାରେ ଚତୁର୍ଥରେ ରହିଥିଲା ବେଳେ ଶ୍ରୀଲଙ୍କା ପଞ୍ଚମରେ ରହିଛି। ତେବେ ଭାରତରେ ଧନୀଙ୍କ ନିକଟରେ ଥିବା ପୁଞ୍ଜିର ଅସମାନତା ସବୁଠୁ ବେଶି। ଏଠାରେ ୫୨ ପ୍ରତିଶତ ଧନ ଦେଶର ସମସ୍ତ ଲୋକଙ୍କ ମଧ୍ୟରେ ବାଣ୍ଟି ହୋଇ ରହିଥିବା ବେଳେ ଅବଶିଷ୍ଟ ୪୮% ଧନ କେତେକ ଧନୀଙ୍କ ପାଖରେ ରହିଛି। କେବଳ ଭାରତ ନୁହେଁ,ବିଶ୍ୱର ୩୬% ଧନ ଅତିଧନୀଙ୍କ ନିକଟରେ ରହିଛି। ଅବଶିଷ୍ଟ ୬୪% ସାଧାରଣ ଲୋକ ବାଣ୍ଟି ନେଇଛନ୍ତି।

- ଚାଇନାରୁ ସର୍ବାଧିକ ୧୫ ହଜାର ଅତିଧନୀ ଦେଶ ଛାଡ଼ିଛନ୍ତି
- ଅଷ୍ଟ୍ରେଲିଆ ସର୍ବାଧିକ ପସନ୍ଦର ବସବାସ ଯୋଗ୍ୟ ଦେଶ
- ଭାରତ ଅତିଧନୀ ସୃଷ୍ଟିର ଫ୍ୟାକ୍ଟ୍ରି
- ଅତିଧନୀ ସୃଷ୍ଟିରେ ଭାରତ ଟପ୍ ୫ରେ ସ୍ଥାନ ପାଇଛି

# ହ୍ୟୁଣ୍ଡାଇର ନୂଆ ମେଡ୍ ଇନ୍ ଇଣ୍ଡିଆ 'ଭେନ୍ୟୁ'




ଭୁବନେଶ୍ୱର,୧୦-୫

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ନୂଆ ମେଡ ଇନ ଇଣ୍ଡିଆ ମଡେଲ 'ଭେନ୍ୟୁ' ବଜାରକୁ ଆସିଛି। କମ୍ପାନୀର ୨୩ତମ ପ୍ରତିଷ୍ଠା ଦିବସରେ ଏହି କନେକ୍‌ଟେଡ ଭେଇକିଲ ବଜାର ପ୍ରବେଶ କରିଛି। ଏହା ଦ୍ୱାରା କମ୍ପାନୀ ଦେଶର ଅଭିବୃଦ୍ଧିଶୀଳ କମ୍ପାକ୍ଟ ଏସ୍‌ୟୁଭି ବଜାରରେ ପ୍ରବେଶ କରିଛି। ହ୍ୟୁଣ୍ଡାଇ ଲାଗି ଏହା ଏକ ଗର୍ବର ବିଷୟ ବୋଲି ନୂଆ ଯାନକୁ ବଜାର ପ୍ରବେଶ କରାଇ ଏହାର ଏମ୍‌ଡି ତଥା ସିଇଓ ଏସ୍.ଏସ୍. କିମ୍ ସୂଚନା ଦେଇଛନ୍ତି। ଏଥିରେ ସ୍ମାର୍ଟ ଜ୍ଞାନକୌଶଳ ବ୍ୟବହାର କରାଯାଇଥିବା ବେଳେ ଏହା ଏକ ଗେମ୍‌ଚେଞ୍ଜର ସାବ୍ୟସ୍ତ ହେବ ବୋଲି କିମ୍ କହିଛନ୍ତି।

# ହିରୋ ପକ୍ଷରୁ ୩ ନୂଆ ମଡେଲ ଉନ୍ମୋଚନ

ନୂଆଦିଲ୍ଲୀ,୧୦-୫



ନୂଆ ମଡେଲ ଯାନ ସହ ପ୍ରିମିୟମ୍ ବାଇକିଂ ସେଗ୍‌ମେଣ୍ଟକୁ ଆହୁରି ଦୃଢ କରିବାକୁ ପ୍ରମୁଖ ଦୁଇଚକିଆ ଯାନ ନିର୍ମାତା କମ୍ପାନୀ ହିରୋ ମୋଟୋକର୍ପ ସକ୍ଷମ ହୋଇଛି। କମ୍ପାନୀ ପକ୍ଷରୁ ବିଶ୍ୱ ବଜାର ଲାଗି ୩ଟି ପରବର୍ତ୍ତୀ ପିଢ଼ିର ନୂଆ ବାଇକ ବଜାରକୁ ଆସିଛି। ଏଗୁଡିକ ମଧ୍ୟରେ ନୂଆ ଏକ୍ସପଲ୍‌ସ ୨୦୦, ଏକ୍ସପଲ୍‌ସ ୨୦୦ ଏଫ୍‌ଆଇ, ଏକ୍ସପଲ୍‌ସ ୨୦୦ଟି, ଏକ୍ସଟ୍ରିମ ୨୦୦ଏସ୍ ଭଳି ମଡେଲ ସ୍ଥାନିତ ହୋଇଛି। ଏଥିରେ ଗ୍ରାହକମାନେ ନୂଆ ଜ୍ଞାନକୌଶଳ ଏବଂ ଉଦ୍ଭାବନ ଲାଭ କରିପାରିବେ। ଏସିଆ,ଆଫ୍ରିକା, ଦକ୍ଷିଣ ଏବଂ କେନ୍ଦ୍ର ଆମେରିକା ସମେତ ବିଶ୍ୱର ଅନ୍ୟ ପ୍ରମୁଖ ବଜାରଗୁଡିକରେ ଗ୍ରାହକଙ୍କ ବର୍ଦ୍ଧିତ ଚାହିଦାକୁ ଧ୍ୟାନରେ ରଖି ନୂଆ ମଡେଲଗୁଡିକ ବଜାରକୁ ଆସିଥିବା ହିରୋ ମୋଟୋକର୍ପ ଅଧ୍ୟକ୍ଷ ପୱନ ମୁଞ୍ଜାଲ ସୂଚନା ଦେଇଛନ୍ତି।

# ଚାଇନା ସାମଗ୍ରୀ ଉପରେ ଟାରିଫ ବୃଦ୍ଧି କଲା ଆମେରିକା

ୱାଶିଂଟନ,୧୦-୫

ବିଶ୍ୱର ଦୁଇ ବୃହତ୍ ଅର୍ଥନୀତି ଆମେରିକା ଓ ଚାଇନା ମଧ୍ୟରେ ଆରମ୍ଭ ହୋଇଥିବା ବାଣିଜ୍ୟ ଯୁଦ୍ଧ ଅଧିକ ଗଭୀର ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚାଇନାରୁ ଆସିବାକୁ ଥିବା ୨୦୦ ବିଲିୟନ ଡଲାରର ବିଭିନ୍ନ ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ(ଟାରିଫ)କୁ ଅଢ଼େଇ ଗୁଣ ବୃଦ୍ଧି କରିବା ଲାଗି ଘୋଷଣା କରିଛନ୍ତି। ଉଭୟ ଦେଶର ଅଧିକାରୀ ବାଣିଜ୍ୟ ଚୁକ୍ତିକୁ କାଏମ ରଖିବା ଲାଗି



ଆଲୋଚନା ଚଳାଇଥିବା ବେଳେ ଟ୍ରମ୍ପ ପ୍ରଶାସନର ଏଭଳି ନିଷ୍ପତ୍ତି ବିଶ୍ୱକୁ ଚକିତ କରିଛି। ଆମେରିକାର ସଂଘୀୟ କ୍ୟାଲେଣ୍ଡର ପକ୍ଷରୁ ପ୍ରକାଶିତ ଏକ ନୋଟିସ ଅନୁଯାୟୀ, ଶୁକ୍ରବାରଠାରୁ ଚାଇନାରୁ ଆମେରିକାକୁ ଆସିବାକୁ ଥିବା ଉତ୍ପାଦଗୁଡ଼ିକ ଉପରେ ଶୁଳ୍କକୁ ୧୦ରୁ ୨୫%କୁ ବୃଦ୍ଧି କରାଯାଇଛି ଏବଂ ଏହାକୁ ସେହିଦିନଠାରୁ ଲାଗୁ କରାଯିବ। ଆଲୋଚନାକାଳରେ ଚାଇନା ଦେଇଥିବା ପ୍ରତିଶ୍ରୁତିରୁ ଓହରି ଯାଇଛି ବୋଲି ଟ୍ରମ୍ପ ପ୍ରଶାସନ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଚାଇନା ଏହି ଘଟଣାରେ ଦୁଃଖ ପ୍ରକାଶ କରିଛି ଏବଂ ଆମେରିକା ବିରୋଧରେ ପାଲ୍‌ଟା ପଦକ୍ଷେପ ନେବ ବୋଲି ଧମକ ଦେଇଛି। ସୂଚନାଥାଉ କି, ଆମେରିକାର ଜବାବରେ ପୂର୍ବଥର ଚାଇନା ସେ ଦେଶର ୧୧୦ ବିଲିୟନ ଡଲାର ସାମଗ୍ରୀ ଉପରେ ଟାରିଫ୍ ବୃଦ୍ଧି କରିଥିଲା।

# ଟେଲିକମ୍ ଶିଳ୍ପ ଅଂଶୀଦାରଙ୍କ ରିଲିଫ କାର୍ଯ୍ୟକ୍ରମ




ଭୁବନେଶ୍ୱର,୧୦-୫

ଫନୀ ପ୍ରଭାବିତଙ୍କ ଲାଗି ଟେଲିକମ୍ ଶିଳ୍ପ ଅଂଶୀଦାରଙ୍କ ପକ୍ଷରୁ ସହାୟତା ଘୋଷଣା କରାଯାଇଛି। ପଶ୍ଚିମବଙ୍ଗ ଏବଂ ଓଡ଼ିଶାର ଟେଲିକମ୍ ଶିଳ୍ପ ସହ ଜଡିତ ବିଭିନ୍ନ କମ୍ପାନୀର ହ୍ୟାଣ୍ଡସେଟ୍ ଡିଲର ଏବଂ ଡିଷ୍ଟ୍ରିବ୍ୟୁଟର ପ୍ରଭାବିତଙ୍କ ଲାଗି ରିଲିଫ ଯୋଗାଣ ନେଇ ଆଗେଇ ଆସିଛନ୍ତି। ଦୁଇ ରାଜ୍ୟର ଅଂଶୀଦାରଙ୍କ ଏକ ଟିମ୍ ପୁରୀ ଏବଂ ସାକ୍ଷୀଗୋପାଳ ନିକଟବର୍ତ୍ତୀ କ୍ଷତିଗ୍ରସ୍ତ ବିଭିନ୍ନ ଗ୍ରାମ ଚୟନ କରି ରିଲିଫ ଯୋଗାଣ ନେଇ କାର୍ଯ୍ୟ କରୁଛନ୍ତି। ଲୋକମାନଙ୍କୁ ଖାଦ୍ୟ ପ୍ୟାକେଟ, କ୍ୟାଣ୍ଡେଲ, ଟର୍ଚ୍ଚ ଲାଇଟ, ଖାଦ୍ୟ ରନ୍ଧନ ସାମଗ୍ରୀ, କ୍ଷୀର ପ୍ୟାକେଟ ଏବଂ ସାନିଟାରୀ ନ୍ୟାପ୍‌କିନ ଭଳି ସାମଗ୍ରୀ ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଥିବା ଅଂଶୀଦାରଙ୍କୁ ପକ୍ଷରୁ ସୂଚନା ରହିଛି। ଏହି ଟିମ୍‌ରେ ସୌରଭ ଭଟ୍ଟାଚାର୍ଯ୍ୟ, ତାରିଣୀ ଦାସ, ବିନୟ ଦୀକ୍ଷିତ, ମଦନଲାଲ ଅଗ୍ରୱାଲ, ନକୁଳ ସୁବୁଦ୍ଧି, ଅଭିନବ ଅଗ୍ରୱାଲ, ରବି ଗୁପ୍ତା, ମୋହନ ବଜୋରିଆ, ବିଶାଲ ତୋଷୀ, ରାକେଶ ରାଏ ପ୍ରମୁଖ ସାମିଲ ଅଛନ୍ତି।

# ଟି.କେ. ଚାନ୍ଦ ସିଆଇଆଇ ବାତ୍ୟା ପରିଚାଳନା କମିଟି ଅଧ୍ୟକ୍ଷ

ଭୁବନେଶ୍ୱର,୧୦-୫


ଟି.କେ. ଚାନ୍ଦ।

ନାଲ୍‌କୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ କନଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି(ସିଆଇଆଇ) ବାତ୍ୟା ପରିଚାଳନା କମିଟିର ଅଧ୍ୟକ୍ଷ ଭାବେ କାର୍ଯ୍ୟଭାର ସମ୍ଭାଳିଛନ୍ତି। ବାତ୍ୟା ଫନୀ ଯୋଗୁ ଅନେକ ଲୋକ ପ୍ରଭାବିତ ହୋଇଥିବା ବେଳେ ଧନ ସମ୍ପତ୍ତି ନଷ୍ଟ ହୋଇଛି। ଏଭଳି ସ୍ଥିତିରେ ଅନେକ ସଂସ୍ଥା ଥଇଥାନ ତଥା ସହାୟତା ପାଇଁ ଆଗେଇ ଆସିଛନ୍ତି। ସିଆଇଆଇ ପକ୍ଷରୁ ଏକ ବାତ୍ୟା ପରିଚାଳନା ସମିତି ଗଠନ ହୋଇଥିବା ବେଳେ ଏହାର ଅଧ୍ୟକ୍ଷତା ଲାଗି ଚାନ୍ଦଙ୍କୁ ଦାୟିତ୍ୱ ମିଳିଛି। ଚାନ୍ଦଙ୍କ ସହ ସିଆଇଆଇ ପୂର୍ବାଞ୍ଚଳର ଆଡମିରାଲ ଏ.କେ.ବର୍ମା ଉକ୍ତ ସମିତିରେ କାର୍ଯ୍ୟ କରିବେ। ବାତ୍ୟା ପରବର୍ତ୍ତୀ ରିଲିଫ ଏବଂ ଥଇଥାନ କାର୍ଯ୍ୟରେ ସହଯୋଗ ଲାଗି ବିଭିନ୍ନ ଶିଳ୍ପ ସଂସ୍ଥାଙ୍କୁ ଚାନ୍ଦ ଅନୁରୋଧ କରିଛନ୍ତି। ଏ ନେଇ ଷ୍ଟିୟରିଂ କମିଟିର ଏକ ବୈଠକ ଚଳିତ ମାସ ୧୧ରେ ନାଲ୍‌କୋ ଭବନ ପରିସରରେ ଅନୁଷ୍ଠିତ ହେବ। ଏଥିରେ ଶିଳ୍ପର ବିଭିନ୍ନ ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ବାତ୍ୟା ପ୍ରଭାବିତଙ୍କୁ ରାମ୍‌କୋ ସିମେଣ୍ଟର ସହାୟତା




ଭୁବନେଶ୍ୱର,୧୦-୫

ବାତ୍ୟାରେ କ୍ଷତିଗ୍ରସ୍ତ ଲୋକଙ୍କୁ ରାମ୍‌କୋ ସିମେଣ୍ଟ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। କମ୍ପାନୀ ପକ୍ଷରୁ ପୁରୀ ସମେତ କଟକ, କେନ୍ଦ୍ରାପଡା, ନିମାପଡା, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ଅଞ୍ଚଳରେ ରିଲିଫ ସାମଗ୍ରୀ ବଣ୍ଟନ କରାଯାଇଛି। କମ୍ପାନୀର ସିଏମ୍‌ଡି ପି.ଆର୍ ଭେଙ୍କଟରମଣ ରାଜା, ସିଇଓ ଏ.ଭି.ଧର୍ମକ୍ରିଷ୍ଣନ୍, ମାର୍କେଟିଂ ଏକ୍‌ଜିକ୍ୟୁଟିଭ୍ ପ୍ରେସିଡେଣ୍ଟ ବାଲାଜୀ କେ.ମୂର୍ତ୍ତି, ମାନୁଫାକ୍‌ଚରିଂ ପ୍ରେସିଡେଣ୍ଟ ଶ୍ରୀନିବାସନ ଏମ୍ ଗଭୀର ପ୍ରଭାବିତ ଲୋକଙ୍କ ଲାଗି ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଯାଜପୁରସ୍ଥିତ ୟୁନିଟର ମୁଖ୍ୟ ଅଜିତ କୁମାର ପଲ୍, ଏଜିଏମ୍ ପ୍ରଭାତ କୁମାର ସାହୁ, ରାଜ୍ୟ ମାର୍କେଟିଂ ମୁଖ୍ୟ ଡିଜିଏମ୍ ପ୍ରତୀକ କୁମାର ରୟ, ସିନିୟର ମ୍ୟାନେଜର ଚଣ୍ଡୀ ପ୍ରସାଦ ମହାନ୍ତି ରିଲିଫ ବଣ୍ଟନ ପରିଚାଳନା କରିଥିଲେ।

# ଏୟାର ଇଣ୍ଡିଆ ଦେବ ଭାରି ଡିସ୍‌କାଉଣ୍ଟ

ନୂଆଦିଲ୍ଲୀ,୧୦-୫

ରାଷ୍ଟ୍ରାୟତ୍ତ ଏୟାରଲାଇନ୍ସ ଏୟାର ଇଣ୍ଡିଆ ଘରୋଇ ଯାତ୍ରୀଙ୍କ ଲାଗି ଏକ ଅଫର ଘୋଷଣା କରିଛି। ଉଡ଼ାଣର ୩ଘଣ୍ଟା ପୂର୍ବରୁ ଟିକେଟ ବୁକିଂ କଲେ ଯାତ୍ରୀଙ୍କୁ ଭାରିମାତ୍ରାରେ ଡିସ୍‌କାଉଣ୍ଟ ଦିଆଯିବ। ଏହାଦ୍ୱାରା ଶେଷ ମୁହୂର୍ତ୍ତରେ ଯାତ୍ରା କରୁଥିବା ଯାତ୍ରୀଙ୍କୁ ଫାଇଦା ମିଳିବ। ଶୁକ୍ରବାର ଏୟାର ଇଣ୍ଡିଆ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ଉଡ଼ାଣର ଠିକ୍ ପୂର୍ବରୁ ଯଦି ବିମାନରେ ସିଟ୍ ଖାଲି ରହିଯାଏ, ତେବେ ୩ ଘଣ୍ଟା ପୂର୍ବରୁ ବୁକିଂ କରାଯାଇଥିଲେ ଭାରିମାତ୍ରାରେ ଡିସ୍‌କାଉଣ୍ଟ ଦିଆଯିବ। ପୂର୍ବରୁ ଶେଷ ମୁହୂର୍ତ୍ତରେ ଟିକେଟ ବୁକିଂ କରିବା କ୍ଷେତ୍ରରେ ଯାତ୍ରୀ ସାମାନ୍ୟ ଭଡ଼ା ସହ ୪୦ ପ୍ରତିଶତ ଅଧିକ ଅର୍ଥ ଦେବାକୁ ବାଧ ହେଉଥିଲେ। ଏୟାରଲାଇନ୍ସ ମୁଖପାତ୍ର କହିଛନ୍ତି ଯେ, ଜରୁରିକାଳୀନ ପରିସ୍ଥିତିରେ ବିମାନଯାତ୍ରୀଙ୍କୁ ପ୍ରାୟତଃ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥାଏ ଏବଂ ଟିକେଟ ଲାଗି ଅଧିକ ଅର୍ଥ ଖର୍ଚ୍ଚ କରିଥାନ୍ତି।

# ବନ୍ଦ ହେଲା 'ଆକାଶ' ଟାବ୍‌ଲେଟ ନିର୍ମାଣକାରୀ କମ୍ପାନୀ

ନୂଆଦିଲ୍ଲୀ,୧୦-୫

ବିମୁଦ୍ରୀକରଣ ଏବଂ ଜିଏସ୍‌ଟି ପ୍ରଭାବରେ ଟାବ୍‌ଲେଟ ନିର୍ମାଣକାରୀ କମ୍ପାନୀ ଡାଟାୱିଣ୍ଡ ବନ୍ଦ ହୋଇଯାଇଛି। ଏହା ବିଶ୍ୱର ସବୁଠାରୁ ଶସ୍ତା ଟାବ୍‌ଲେଟ 'ଆକାଶ' ନିର୍ମାଣ କରି ଚହଳ ପକାଇ ଦେଇଥିଲା। ୨୦୧୬ ନଭେମ୍ବରରେ ବିମୁଦ୍ରୀକରଣ ଲାଗୁ ହେବା ପରେ ୨୦୧୭ ଜୁଲାଇରେ କେନ୍ଦ୍ର ସରକାର ଦେଶରେ ଜିଏସ୍‌ଟି ଲାଗୁ କଲେ। ଏଥିଯୋଗୁ ଅସୁବିଧାର ସାମ୍ନା କରିଥିବା ଡାଟାୱିଣ୍ଡର ୧୦୦୦ କର୍ମଚାରୀ ନିଯୁକ୍ତି ହରାଇଲେ। କମ୍ପାନୀର ଚିଫ୍ ଏକ୍‌ଜିକ୍ୟୁଟିଭ ସୁନୀତ ସିଂହ ତୁଲୀ କହିଛନ୍ତି ଯେ, ଉକ୍ତ ଦୁଇ କାରଣରୁ ଆମର ଟାର୍ଗେଟ ସେଗମେଣ୍ଟ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଥିଲା। ସେ କହିଛନ୍ତି ଯେ, ସରକାର ସ୍ମାର୍ଟଫୋନରେ ୧୨% ଏବଂ ଟାବ୍‌ଲେଟରେ ୧୮ ପ୍ରତିଶତ ଜିଏସ୍‌ଟି ଆଦାୟ କରୁଛନ୍ତି। ଏଣୁ ଗ୍ରାହକ ୭ ଇଞ୍ଚର ଟାବ୍‌ଲେଟ ସ୍ଥାନରେ ୬ ଇଞ୍ଚର ସ୍ମାର୍ଟଫୋନ କିଣିବାକୁ ଅଧିକ ପସନ୍ଦ କରୁଛନ୍ତି। ଏଣୁ ଟାବ୍‌ଲେଟ ବିକ୍ରି ଦିନକୁ ଦିନ କମିବାରେ ଲାଗିଛି। ଏହାଛଡ଼ା ବିମୁଦ୍ରୀକରଣ ଯୋଗୁ ଲୋକଙ୍କ ନିକଟରେ ଅର୍ଥର ଅଭାବ ରହିଛି। ଏହି କାରଣରୁ କମ୍ପାନୀର ଟାବ୍‌ଲେଟ ବିକ୍ରି ପ୍ରଭାବିତ ହୋଇଛି ବୋଲି ତୁଲୀ କହିଛନ୍ତି।

# ପାଇପଲାଇନ କାର୍ଯ୍ୟ ତ୍ୱରାନ୍ୱିତ କଲା ଗେଲ୍

ଭୁବନେଶ୍ୱର,୧୦-୫

- ଜଗଦୀଶପୁର-ହଳଦିଆ, ବୋକାରୋ-ଧାମରା ପ୍ରକଳ୍ପ ସାମିଲ
- ୧୦,୫୦୦ କୋଟିର କାର୍ଯ୍ୟାଦେଶ ପ୍ରଦାନ ସମ୍ପୂର୍ଣ୍ଣ

ପ୍ରଧାନମନ୍ତ୍ରୀ ଊର୍ଜା ଗଙ୍ଗା କାର୍ଯ୍ୟକ୍ରମ ଅଧୀନରେ ଗ୍ୟାସ ଅଥରିଟି ଇଣ୍ଡିଆ ଲିମିଟେଡ (ଗେଲ୍) ଏହାର ଗ୍ୟାସ ପାଇପଲାଇନ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି। ବର୍ତ୍ତମାନ ସୁଦ୍ଧା ଜଗଦୀଶପୁର-ହଳଦିଆ, ବୋକାରୋ-ଧାମରା, ବାରାଣସୀ-ଗୁଆହାଟି ପ୍ରକଳ୍ପରେ ଏହା ୧୦,୫୦୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟାଦେଶ ପ୍ରଦାନ କରି ସାରିଛି। ଏହା ମଧ୍ୟରେ ୩,୪୦୦ କିମିର ପାଇପ ବିଛାଇବା କାର୍ଯ୍ୟ ସାମିଲ ରହିଛି। ଦୁର୍ଗାପୁରଠାରୁ ହଳଦିଆ ଯାଏ ୨୮୦ କିମିର ଷ୍ଟିଲପାଇପ ଲାଇନ ବିଛାଇବା ଲାଗି ଏହା ୪୭୫ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟଭାର ପ୍ରଦାନ କରିଛି। ବିଭିନ୍ନ ପ୍ରକଳ୍ପ ବାବଦକୁ ଏହା ୧୨,୫୦୦ କୋଟି ଟଙ୍କା ଖର୍ଚ୍ଚ ନେଇ ଯୋଜନା ରଖିଛି।

ଗ୍ୟାସ୍ ପାଇପ୍ ଲାଇନ ବାରାଣସୀ ଯାଏ ପହଞ୍ଚିଥିବା ବେଳେ ସାର ପ୍ଲାଣ୍ଟକୁ ଗ୍ୟାସ ଯୋଗାଇବାରେ ଏହା ସହାୟକ ହେବ। ଦେଶର ପୂର୍ବ ଭାଗକୁ ସିଟି ଗ୍ୟାସ ଯୋଗାଣ ନେଇ ଏହା ଲକ୍ଷ୍ୟଧାର୍ଯ୍ୟ କରିଛି। ଏହି ପ୍ରକଳ୍ପ କାର୍ଯ୍ୟ ଡିସେମ୍ବର ୨୦୨୧ ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଦୋବୀ-ଦୁର୍ଗାପୁର ପାଇପ ଲାଇନ ସେକ୍ସନ ଚଳିତ ବର୍ଷ ଡିସେମ୍ବର ସୁଦ୍ଧା କାର୍ଯ୍ୟକ୍ଷମ କରାଯିବ ବୋଲି କମ୍ପାନୀ ଆଶାବାଦୀ ରହିଛି। ଦେଶର ପୂର୍ବାଞ୍ଚଳ ଏବଂ ଦକ୍ଷିଣାଞ୍ଚଳକୁ ଗ୍ୟାସ ଯୋଗାଣ ଲାଗି ୫,୫୦୦ କିମିର ପାଇପ ଲାଇନ କାର୍ଯ୍ୟରେ ଏହା ପ୍ରାୟ ୨୫,୦୦୦ କୋଟି ଟଙ୍କା ବିନିଯୋଗ କରିବ। ସେହିଭଳି ୧୪୦୦ର କିମି ଆଉ ଏକ ପ୍ରକଳ୍ପ ୭,୦୦୦ କୋଟି ଟଙ୍କାରେ ନିର୍ମାଣ କରାଯିବାକୁ ଯୋଜନା ରଖାଯାଇଛି। ଏହା ୨୦୨୩ ବେଳକୁ ସମ୍ପୂର୍ଣ୍ଣ କରାଯିବାକୁ ସମୟ ଧାର୍ଯ୍ୟ ହୋଇଛି। ସାରା ଦେଶରେ ଗ୍ୟାସ ଯୋଗାଣ ନେଇ ପ୍ରକଳ୍ପ ସଂଯୋଗୀକରଣ ଲାଗି ପ୍ରତିଶ୍ରୁତିବଦ୍ଧ ବୋଲି ଗେଲ୍ ଇଣ୍ଡିଆର ଏମ୍‌ଡି ତଥା ଅଧ୍ୟକ୍ଷ ବି.ସି.ତ୍ରିପାଠୀ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଗମ୍ଭୀରଙ୍କ ସପକ୍ଷରେ ଲକ୍ଷ୍ମଣ, ହରଭଜନ

ନୂଆଦିଲ୍ଲୀ,୧୦।୫(ପିଟି)- ଆମ୍ ଆଦମୀ ପାର୍ଟି (ଏଏପି)ର ପୂର୍ବ ଦିଲ୍ଲୀ ପ୍ରାର୍ଥୀନୀଙ୍କ ସମ୍ପର୍କରେ ପୂର୍ବତନ ଭାରତୀୟ ଓପନର ତଥା ଭାଜପା ପ୍ରାର୍ଥୀ ଗୌତମ ଗମ୍ଭୀର ‘କୁତ୍ସିତ’ ମନ୍ତବ୍ୟ ଦେଇଥିବା ଅଭିଯୋଗ ହେବା ପରେ ତାଙ୍କ ସପକ୍ଷରେ ବାହରିଛନ୍ତି ପୂର୍ବତନ ସାଥୀ ଖେଳାଳି ଭି.ଭିଏସ୍. ଲକ୍ଷ୍ମଣ ଓ ହରଭଜନ ସିଂ। ଗୁରୁବାର ଏଏପି ପ୍ରାର୍ଥୀ ଅତିଶୀ ଅଭିଯୋଗ କରିଛନ୍ତି ଯେ, ଭାଜପା ଲୋକ ସଭା ପ୍ରାର୍ଥୀ ତାଙ୍କ ସମ୍ପର୍କରେ କୁତ୍ସିତ ମନ୍ତବ୍ୟ ସମ୍ବଳିତ ପ୍ରଚାର ପତ୍ର ବାଣ୍ଟୁଛନ୍ତି। ଲକ୍ଷ୍ମଣ ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି ଯେ, କ୍ରିକେଟରୁ ରାଜନେତା ପାଲଟିଥିବା ଗମ୍ଭୀରଙ୍କୁ ମୁଁ ଦୁଇ ଦଶନ୍ଧି ହେଲା ଜାଣିଛି। ତାଙ୍କ ସଚୋଟ ପଣିଆ ଓ ଚରିତ୍ର ଏବଂ ମହିଳାଙ୍କ ପ୍ରତି ତାଙ୍କର ସମ୍ମାନ ଉପରେ ମୋର ଦୃଢ ବିଶ୍ୱାସ ରହିଛି। ପୂର୍ବତନ ହାଇଦ୍ରାବାଦୀ ବ୍ୟାଟ୍ସମ୍ୟାନଙ୍କ ପୂର୍ବରୁ ୩୭ ବର୍ଷୀୟ ସିନିୟର ସ୍ପିନର ହରଭଜନ ସିଂ ମଧ ଗମ୍ଭୀରଙ୍କ ସପକ୍ଷରେ ବହାରିଥିଲେ। ଗୁରୁବାର ଖବର ପାଇ ମୁଁ ଚକିତ। ମୁଁ ଗମ୍ଭୀରଙ୍କୁ ଭଲ ଭାବେ ଜାଣିଛି। ନିର୍ବାଚନରେ ହାରିବା କିମ୍ବା ଜିତିବା ଭିନ୍ନ କଥା। କୌଣସି ମହିଳାଙ୍କ ପ୍ରତି ସେ ଖରାପ କଥା କହି ନ ଥିବେ ମୋର ଦୃଢ ବିଶ୍ୱାସ ବୋଲି ୪୦୦ ଟେଷ୍ଟ ଉଇକେଟ ନେଇଥିବା ହରଭଜନ କହିଛନ୍ତି। ଅନ୍ୟପକ୍ଷରେ ଅଭିଯୋଗକୁ ସମ୍ପୂର୍ଣ୍ଣ ଭିତ୍ତିହୀନ କହିବା ସହ ସତ୍ୟ ପ୍ରମାଣିତ ହେଲେ ରାଜନୀତିରୁ ସନ୍ନ୍ୟାସ ନେବେ ବୋଲି ଗମ୍ଭୀର କହିଛନ୍ତି। ଆହୁରି ସେ ଅତିଶୀଙ୍କ ବିରୋଧରେ ଏକ ମାନହାନି ମକଦ୍ଦମା ଦାୟର କରିଛନ୍ତି।

### ନେମାର ବାସନ୍ଦ

ପ୍ୟାରିସ,୧୦।୫- ପ୍ୟାରିସ ସେଣ୍ଟ ଜର୍ମେନ (ପିଏସ୍‌ଜି) ଫରୱାର୍ଡ ନେମାରଙ୍କୁ ୩ ମ୍ୟାଚ୍‌ରୁ ବାସନ୍ଦ କରାଯାଇଛି। ଗତମାସରେ ଫ୍ରେଞ୍ଚ କପ୍ ଫାଇନାଲରେ ହାରିବା ପରେ ଦର୍ଶକଙ୍କ ସହ ମାରପିଟ୍ କରିବା ପାଇଁ ତାଙ୍କୁ ଅତିରିକ୍ତ ୨ ମ୍ୟାଚ୍‌ରୁ ବାସନ୍ଦ କରାଯାଇଥିବା ଫ୍ରେଞ୍ଚ ଫୁଟ୍‌ବଲ ଫେଡେରେଶନ ପକ୍ଷରୁ କୁହାଯାଇଛି। ପିଏସ୍‌ଜି ଦଳ ଶୁଟ୍ ଆଉଟ୍ ପର୍ଯ୍ୟାୟରେ ୬-୫ ବ୍ୟବଧାନରେ ଷ୍ଟାଡ୍ ରେନିସ୍‌ଠାରୁ ପରାସ୍ତ ହୋଇଥିଲା। ଏହାପରେ ବ୍ରାଜିଲିଆନ ଷ୍ଟାର ନିଜର ରନର୍ସଅପ୍ ମେଡାଲ ଗ୍ରହଣ କରିବାକୁ ଯାଉଥିବାବେଳେ ଜଣେ ଦର୍ଶକଙ୍କୁ ପ୍ରହାର କରିଥିଲେ। ନେମାରଙ୍କ ବାସନ୍ଦାଦେଶ ସୋମବାରଠାରୁ ଆରମ୍ଭ ହେବ। ଏହାର ଅର୍ଥ ସେ ରବିବାର ଖେଳାଯିବାକୁ ଥିବା ଏଞ୍ଜର୍ସ ବିପକ୍ଷ ଲିଗ୍ ୱାନ ମ୍ୟାଚ୍ ପାଇଁ ଉପଲବ୍ଧ ରହିବେ। ସେ ପିଏସ୍‌ଜିର ଅନ୍ତିମ ଦୁଇ ଲିଗ୍ ମ୍ୟାଚ୍ ଖେଳିପାରିବେ ନାହିଁ।

“ବଲ୍ ଟ୍ୟାମ୍ପରିଂ ମାମଲାରେ ଏକ ବର୍ଷ ବାସନ୍ଦ ସତ୍ତ୍ୱେ ଷ୍ଟିଭ୍ ସ୍ମିଥ୍ ଫର୍ମରେ ଥାଇ ଦଳକୁ ପ୍ରତ୍ୟାବର୍ତ୍ତନ କରିପାରିଛନ୍ତି ।

–ଆରୋନ୍ ଫିଞ୍ଚ, ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ



“ଉସେନ ବୋଲ୍ଟ ଅବସର ନେଇସାରିଥିବାରୁ ଆସନ୍ତା ବର୍ଷ ଟୋକିଓ ଅଲିମ୍ପିକ୍ସରେ ଆମ ଦେଶ ଆଥଲେଟ୍‌ଙ୍କ ଆଶା ଉଜ୍ଜ୍ୱଳ ।

–ଶେଲି ଆନ୍ ଫ୍ରେଜର ପ୍ରାଇସ୍, ଜାମାଇକା ସ୍ପ୍ରିଣ୍ଟର



# ଭାରତର କ୍ରମାଗତ ଦ୍ୱିତୀୟ ବିଜୟ

ପର୍ଥ, ୧୦।୫(ପି.ଟି.)

ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିବା ଭାରତୀୟ ହକି ଦଳ ଶୁକ୍ରବାର ଏକ ସହଜ ବିଜୟ ହାସଲ କରିଛି। ଭାରତ ୩-୦ ଗୋଲରେ ଅଷ୍ଟ୍ରେଲିଆ ‘ଏ’ ଦଳକୁ ପରାସ୍ତ କରିଛି। ଭାରତ ତରଫରୁ ଯୁବ ଷ୍ଟ୍ରାଇକର ସୁମିତ କୁମାର ଜୁନିୟର ଦୁଇଟି ଗୋଲ ସ୍କୋର କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ଅଭିଜ୍ଞ ରୂପିନ୍ଦର ପାଲ ସିଂ ଦଳ ତରଫରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ଏଥିସହ ଭାରତ ଅଷ୍ଟ୍ରେଲିଆ ଗସ୍ତରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି।

**ଅଷ୍ଟ୍ରେଲିଆ ଟୁର୍**

ଇଞ୍ଜୁରି କାରଣରୁ ପାଖାପାଖି ୮ ମାସ ଖେଳରୁ ଦୂରେଇ ରହିଥିବା ରୁପିନ୍ଦର ଷଷ୍ଠ ମିନିଟ୍‌ରେ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ଏହାପରେ ସୁମିତ ଦ୍ୱାଦଶ ଓ ୧୩ତମ ମିନିଟ୍‌ରେ ଦୁଇଟି ଗୋଲ ଦେଇଥିଲେ। ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ଭାରତ ପ୍ରଥମ କ୍ୱାର୍ଟରରେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା ଓ ପ୍ରଥମ କ୍ୱାର୍ଟରରେ ହିଁ ୩ଟି ଯାକ ଗୋଲ ସ୍କୋର କରିଥିଲା। ଫଳରେ ଘରୋଇ ଦଳ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା। ଭାରତ ପ୍ରଥମ ଶର୍ଟ କର୍ନର ହାସଲ କରିଥିଲା ଓ ରୁପିନ୍ଦର ନିଜର ଅଭିଜ୍ଞତା ବଳରେ ଅତି ସୁନ୍ଦର ଭାବେ ଫ୍ଲିକ୍ କରି ପ୍ରତିପକ୍ଷ ଗୋଲକିପରଙ୍କୁ ଚକ୍‌ମା ଦେଇ ଗୋଲ ସ୍କୋର କରିଥିଲେ। ଡିଫେଣ୍ଡର ହରମନପ୍ରୀତ ସିଂ ଉନ୍ନତ ଖେଳ ପ୍ରଦର୍ଶନ କରି ଅଷ୍ଟ୍ରେଲିଆ ଏ’କୁ ନିଜ ପାଖରେ ଅଧିକ ସମୟ ବଲ୍ ରଖିବାର ସୁଯୋଗ ଦେଇ ନ ଥିଲେ। ଏହା ଫଳରେ ଭାରତ ଦ୍ୱିତୀୟ ଗୋଲ ଦେବାକୁ ସକ୍ଷମ ହୋଇଥିଲା। ଅଧିନାୟକ ମନପ୍ରୀତ ସିଂ ମଧ ସୁମିତଙ୍କୁ ଆବଶ୍ୟକ ସହଯୋଗ ପ୍ରଦାନ କରିଥିଲେ। ଫଳରେ ଦ୍ୱାଦଶ ମିନିଟ୍‌ରେ ସୁମିତ ଗୋଲ ଦେଇଥିଲେ। ଏହାର ଗୋଟିଏ ମିନିଟ ପରେ ସୁମିତ ଦଳ ତରଫରୁ ତୃତୀୟ ଗୋଲ ଦେଇ ଘରୋଇ ଦଳକୁ ଚକିତ କରିଥିଲେ।

ଦ୍ୱିତୀୟାର୍ଦ୍ଧରେ ଅଷ୍ଟ୍ରେଲିଆ ପେନାଲ୍ଟି କର୍ନର ହାସଲ କରିଥିଲା। ତେବେ ଭାରତୀୟ ଗୋଲକିପର କ୍ରିଷ୍ଣନ୍ ପାଠକ ଅଷ୍ଟ୍ରେଲିଆର ପ୍ରୟାସକୁ ପଣ୍ଡ କରିଥିଲେ। ଫଳରେ ଘରୋଇ ଦଳ ସୁଯୋଗ ହାତଛଡ଼ା କରିଥିଲା। ଦ୍ୱିତୀୟ ଓ ତୃତୀୟ କ୍ୱାର୍ଟରରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ଭାରତ ଆଉ କେତୋଟି ସୁଯୋଗ ପାଇଥିଲେ ମଧ୍ୟ ଗୋଲରେ ପରିଣତ କରିପାରି ନ ଥିଲା। ତେବେ ଦଳରେ ଭାରତୀୟ ମୁଖ୍ୟ କୋଚ୍ ଗ୍ରାହମ ରେଡ୍ ସନ୍ତୋଷ ପ୍ରକଟ କରିଛନ୍ତି। ସୋମବାର ଭାରତ ପରବର୍ତ୍ତୀ ମ୍ୟାଚ୍ ଖେଳିବ। ଏଥିରେ ଭାରତ ଆହୁରି ଅଧିକ ଭଲ ପ୍ରଦର୍ଶନ କରିବ ବୋଲି ରେଡ୍ କହିଛନ୍ତି।



ଅଷ୍ଟ୍ରେଲିଆ ‘ଏ’ ବିପକ୍ଷ ମ୍ୟାଚ୍ ଅବସରରେ ଭାରତର ସୁରେନ୍ଦର କୁମାର।

# ସମର୍ଥକ ସବୁକିଛି

ଗୌତମ ଗମ୍ଭୀର

ଦୁଇବର୍ଷ ପୂର୍ବେ କିଛି ବନ୍ଧୁଙ୍କ ସହିତ ମୋର ଏକ ଡିନର ଥିଲା। ସେତେବେଳେ ତେନ୍ଦୁଲକରଙ୍କର ଅବସରକାଳୀନ ଭାଷଣ ଉପରେ ଆମର ଆଲୋଚନା ହୋଇଥିଲା। ଆମ ବିଚାରରେ ଏହା ପ୍ରେରଣା ଦାୟକ ଥିଲା। ଜଣେ ବନ୍ଧୁ କହିଥିଲେ ମୋର ଅବସରକାଳୀନ ଭାଷଣ କ’ଣ ହେବ। କିଛି ସମୟ ନୀରବ ରହିବା ପରେ କହିଥିଲି ମୁଁ ଖେଳର ସମର୍ଥକଙ୍କ ଉପରେ କିଛି ବ୍ୟକ୍ତ କରିବାକୁ ଚାହିଁବି। ମୁଁ ସେମାନଙ୍କୁ ଭିନ୍ନ ଦୃଷ୍ଟିରେ ଦେଖିଥାଏ। ଅର୍ଥାତ୍ ସମ୍ମାନ ଦେଇଥାଏ। କ୍ରିକେଟରମାନଙ୍କର ଦେଶ ପ୍ରତି ଅବଦାନ ରହିଛି ବୋଲି କିଛି ଲୋକ କହିଥାନ୍ତି। କିନ୍ତୁ ତାହାକୁ ମୁଁ ପସନ୍ଦ କରି ନ ଥାଏ। ମୋ ମତରେ ଦେଶ ପାଇଁ ଖେଳିବା ଏକ ଗୌରବର ବିଷୟ। କିନ୍ତୁ ଏଥିପାଇଁ କ୍ରିକେଟରମାନେ ଲୋଭନୀୟ ବେତନ ପାଇଥାନ୍ତି। ସେମାନେ ଯଦି ବିନା ବେତନରେ ଖେଳୁଥାନ୍ତେ ତେବେ ଦେଶ ପାଇଁ କିଛି କରୁଛନ୍ତି ବୋଲି ମନରେ

SEAGRAM’S
ROYAL STAG
MEGA CRICKET · CRICKET GEAR

ଧାରଣା ସୃଷ୍ଟି ହୁଅନ୍ତା। ଦ୍ୱିତୀୟତଃ ଖେଳ ପ୍ରତି ଯଦି ବହୁ ସଂଖ୍ୟାରେ ଲୋକଙ୍କ ଆଗ୍ରହ ନ ଥିଲେ ଆମକୁ ଉଚ୍ଚ ବେତନ ମିଳୁ ନ ଥାନ୍ତା। ଖେଳାଳିମାନେ ବିସିସିଆଇଠାରୁ ବେତନ ପାଇଥାନ୍ତି। ବିସିସିଆଇ ଟିଭି ରାଇଟ୍ସ ଏବଂ ସ୍ପନସରଶିପ୍‌ରୁ ମୋଟା ଅଙ୍କରେ ରୋଜଗାର କରିଥାଏ। ମୋଟ ଉପରେ ସମର୍ଥକଙ୍କ ପାଇଁ ସବୁକିଛି। ମୋର ଗୋଟିଏ କଥା ମନେପଡୁଛି। ଥରେ ଇଡେନଗାର୍ଡେନ୍ସରେ ଏକ ଆଇପିଏଲ ପ୍ରାକ୍ଟିସ ସେସନ ଚାଲିଥାଏ। ସେତେବେଳେ ମୁଁ ମୋର ଜରୁରୀ ଟଏଲେଟର ଆବଶ୍ୟକ ପଡ଼ିଥିଲା। କୌଣସି କାରଣରୁ ଡ୍ରେସିଂରୁମ୍‌ରେ ତାଲା ପଡ଼ିଥିଲା। ତେଣୁ ମୁଁ ବାଧ ହୋଇ ପ୍ରଥମ ମହଲାକୁ ଯାଇ ଟଏଲେଟ କରିଥିଲି। ମାତ୍ର ଏହା ସଫା ସୁତରା ନ ଥିବାରୁ ସଂକ୍ରମଣ ଯୋଗୁ ମୁଁ ଅସୁସ୍ଥ ହୋଇପଡ଼ିଥିଲି। ଡ୍ରେସିଂରୁମ୍‌ର ଉପରେ ରହିଥିବା ଦର୍ଶକ ଗ୍ୟାଲେରୀର ଟିକେଟ ଉଚ୍ଚା ଦରରେ ବିକ୍ରି ହୋଇଥାଏ। ମାତ୍ର ମୋ ଭାଷାରେ ଏହି ପୃଷ୍ଠପୋଷକମାନଙ୍କ ଲାଗି ଏକ ଉତ୍ତମ ୱାଶରୁମ୍‌ର ବ୍ୟବସ୍ଥା ନାହିଁ। ଏହାର କାରଣ କ’ଣ ହୋଇପାରେ ତାହା ମୁଁ ବୁଝିପାରୁ ନାହିଁ।

ଆମ ପାଖରେ ବିଶ୍ୱଶ୍ରେଣୀର ଆଉଟ୍ ଫିଲ୍ଡ ରହିଛି। ଉଚ୍ଚ ସ୍ତରର ଖେଳାଳି ଅଛନ୍ତି। ଅନ୍ତର୍ଜାତୀୟ ମାନର ବ୍ରଡକାଷ୍ଟିଂ ସୁବିଧା ରହିଛି। ଷ୍ଟାଡିୟମରେ ଦର୍ଶକମାନଙ୍କ ଲାଗି ମୌଳିକ ସୁବିଧା ନାହିଁ। ଏହା ଦୁଃଖଦାୟକ ଏବଂ ସତ୍ୟ ଯେ ରସେଲ ଏବଂ ଗେଲ୍‌ଙ୍କ ଭଳି ଖେଳାଳି ବିସ୍ଫୋରକ ବ୍ୟାଟିଂ କରୁଥିବା ବେଳେ ଯଦି କୌଣସି ସମର୍ଥକଙ୍କୁ ଜୋର୍ ପରିସ୍ରା ଲାଗୁଥାଏ ତେବେ ଏଭଳି ଟଏଲେଟ୍ ନ ଯାଇ ବରଂ ଚାପରେ ରଖିବାକୁ ଚାହିଁବ। ମୁଁ ସମର୍ଥକଙ୍କୁ ସମ୍ମାନ ଦେଇଥାଏ। ବ୍ୟାଟିଂ କଲାବେଳେ ସାମାନ୍ୟ ଯନ୍ତ୍ରଣା ଅବା ଇଞ୍ଜୁରି ଥିଲେ ମୁଁ ତାହାକୁ ଭୁଲିଯାଇଥାଏ। (ଗେମ୍‌ପ୍ଲାନ୍)

# ସେମିଫାଇନାଲରେ ଅଙ୍କିତା

ନୂଆଦିଲ୍ଲୀ,୧୦।୫(ପିଟି)

ଚାଇନାରେ ଚାଲିଥିବା ୬୦ ହଜାର ଆମେରିକୀୟ ଡଲାର ପୁରସ୍କାର ରାଶି ବିଶିଷ୍ଟ ଆଇଟିଏଫ୍ ମହିଳା ଟେନିସ ଟୁର୍ନାମେଣ୍ଟ ସେମିଫାଇନାଲରେ ଭାରତୀୟ ମହିଳା ସିଙ୍ଗଲ୍ସ ଖେଳାଳି ଅଙ୍କିତା ରାଇନା ପ୍ରବେଶ କରିଛନ୍ତି। ଦ୍ୱିତୀୟ ସିଡ୍ ରାଇନା କଡ଼ା ସଂଘର୍ଷପୂର୍ଣ୍ଣ ମୁକାବିଲାରେ ହଂକଂର ୟୁଡାଇସ ୱଙ୍ଗ ଚଙ୍ଗଙ୍କୁ ହରାଇ ଦେଇଛନ୍ତି। ସେ ପ୍ରଥମ ସେଟରେ ୨-୬ ବ୍ୟବଧାନରେ ପରାସ୍ତ ହୋଇଥିଲେ। ପରେ ଦ୍ୱିତୀୟକୁ ୬-୪ ଓ ତୃତୀୟକୁ ୭-୫ ସେଟ୍‌ରେ ଜିତି ଟୁର୍ନାମେଣ୍ଟର ଅନ୍ତିମ ୪’ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମ୍ୟାଚ୍‌କୁ ଜିତିବା ପାଇଁ ତାଙ୍କୁ ଦୁଇଘଣ୍ଟାରୁ ଅଧିକ ସମୟ ଧରି ସଂଘର୍ଷ କରିବାକୁ ପଡ଼ିଥିଲା। ଏହି ବିଜୟ ଯୋଗୁ ଅଙ୍କିତା ଚଳିତ ସିଜନରେ ୩ୟ ଫାଇନାଲ ଖେଳିବା ନିକଟତର ହୋଇଛନ୍ତି। ସେ ୭ମ ସିଡ୍ ଚାଇନିଜ ଖେଳାଳି ଶୁୟୁ ମାଙ୍କୁ ଭେଟିବେ।

# ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର ଆରମ୍ଭ

କଟକ ଅଫିସ,୧୦।୫

ରେଭେନ୍‌ଶା ମର୍ନିଂ କ୍ଲବ ଆନୁକୂଲ୍ୟରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଆସନ୍ତା ଜୁନ ୯ ତାରିଖ ପର୍ଯ୍ୟନ୍ତ ଏହି ଶିବିର ଚାଲିବ। କଟକର ବିଭିନ୍ନ ବିଦ୍ୟାଳୟର ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଛନ୍ତି। ଦେବେନ୍ଦ୍ରନାଥ ସାହୁ, ପ୍ରଫେସର ପଦନ କୁମାର ଜେନା, ଶ୍ରୀକାନ୍ତ ମହାନ୍ତି, ଅଞ୍ଜନ କୁମାର ଖୁଣ୍ଟିଆ ଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ବାବାଜୀ ଚରଣ ପ୍ରଧାନ, ଅବଦୁଲ ସହିଦ ଜବାର, ଈଶ୍ୱର ବେହେରା ପ୍ରଶିକ୍ଷକ ଦାୟିତ୍ୱରେ ଅଛନ୍ତି। କ୍ଲବ ସଭାପତି ପ୍ରଫୁଲ୍ଲ ସାହୁ, ସମ୍ପାଦକ ବିଷ୍ଣୁ ଚରଣ ରାଉତ, କୋଷାଧ୍ୟକ୍ଷ ବସନ୍ତ କୁମାର ସାହୁ ଉପସ୍ଥିତ ଥିଲେ ।

# ଟି୧୦ ଲିଗ୍‌ରେ ଦୁର୍ନୀତି: ଜୋୟସା, ଗୁଣବର୍ଦ୍ଧନେଙ୍କୁ ବାସନ୍ଦ କଲା ଆଇସିସି

ଦୁବାଇ,୧୦।୫(ପି.ଟି.)

ପୂର୍ବତନ ଶ୍ରୀଲଙ୍କା କ୍ରିକେଟର ନୂଆନ ଜୋୟସା ଓ ଅଭିଷ୍କା ଗୁଣବର୍ଦ୍ଧନେ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଦ୍ୱାରା ସାମୟିକ ଭାବେ ସସ୍‌ପେଣ୍ଡ ହୋଇଛନ୍ତି। ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଅନୁଷ୍ଠିତ ହୋଇଥିବା ଏକ ଟି୧୦ ଲିଗ୍‌ରେ ଏହି ଦୁଇ ଖେଳାଳି ଦୁର୍ନୀତିରେ ଲିପ୍ତଥିବା ଜଣାପଡିବାପରେ ଆଇସିସି ଏହି ପଦକ୍ଷେପ ଗ୍ରହଣ କରିଛି। ଜୋୟସାଙ୍କ ନାମରେ ପୂର୍ବରୁ ମଧ ଦୁର୍ନୀତି କରିବାର ଅଭିଯୋଗ ଆସିଥିଲା। ଆସନ୍ତା ୧୪ ଦିନ ମଧ୍ୟରେ ଆସିଥିବା ଅଭିଯୋଗର ଉତ୍ତର ରଖିବାକୁ ଏହି ଦୁଇ ଖେଳାଳିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏମିରେଟ୍ସ କ୍ରିକେଟ ବୋର୍ଡ (ଇସିବି) ତରଫରୁ ଆଇସିସି ପୂର୍ବତନ ଶ୍ରୀଲଙ୍କା ବୋଲିଂ କୋଚ୍ ଜୋୟସା ବିରୋଧରେ ୪ଟି କାରଣ ଓ ଗୁଣବର୍ଦ୍ଧନେଙ୍କ ବିରୋଧରେ ୨ଟି କାରଣ ପାଇଁ ଅଭିଯୋଗ ଆଣିଛି। ତେବେ କେଉଁ କାରଣ ପାଇଁ ଏହି କଡ଼ା ପଦକ୍ଷେପ ଗ୍ରହଣ କରିଛି ସେ ନେଇ ଆଇସିସି କିଛି ସ୍ପଷ୍ଟ କରିନାହିଁ। ଗତବର୍ଷ ଡିସେମ୍ବରରେ ୟୁଏଇରେ ଖେଳାଯାଇଥିବା ଏକ ଟି୨୦ କ୍ରିକେଟ ଲିଗ୍‌ରେ ଏହି ଦୁଇ ଖେଳାଳି ଦୁର୍ନୀତି କରିବା ଅଭିଯୋଗ ଆସିଥିଲା। ପୂର୍ବରୁ ଗତବର୍ଷ ନଭେମ୍ବରରେ ଜୋୟସା ଆଇସିସିର ଦୁର୍ନୀତ ନିବାରଣ ତଥା ଆଚରଣ ବିଧି ଉଲ୍ଲଂଘନ କରିଥିବାର ଅଭିଯୋଗ ଆସିଥିଲା।



ନୂଆନ ଜୋୟସା


ଅଭିଷ୍କା ଗୁଣବର୍ଦ୍ଧନେ

# କ୍ୱାର୍ଟରରେ ଫେଡେରର, ନାଡାଲ, ଜୋକୋଭିକ



ମ୍ୟାଚ୍ ଜିତିବା ପରେ ଖୁସି ମୁହୂର୍ତ୍ତରେ ରୋଜର ଫେଡେରର।

ମାଡ୍ରିଡ,୧୦।୫(ଏଏଫପି)

**ମାଡ୍ରିଡ ଓପନ୍ ଟେନିସ**

ଏଠାରେ ଚାଲିଥିବା ମାଡ୍ରିଡ ଓପନ୍ ଟେନିସ୍ ଟୁର୍ନାମେଣ୍ଟର ପୁରୁଷ ବିଭାଗ ଇଭେଣ୍ଟରେ ଅଭିଜ୍ଞ ସୁଇଜରଲାଣ୍ଡ ଖେଳାଳି ରୋଜର ଫେଡେରର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପଟେ ମହିଳା ଇଭେଣ୍ଟରେ ଟପ୍ ସିଡ ଜାପାନର ନାଓମି ଓସାକା କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇ ଟୁର୍ନାମେଣ୍ଟରୁ ବିଦାୟ ନେଇଛନ୍ତି। ଦୀର୍ଘ ୩ ବର୍ଷପରେ କ୍ଲେ- କୋର୍ଟକୁ ପ୍ରତ୍ୟାବର୍ତ୍ତନ କରିଥିବା ଫେଡେରର ୨୦୧୯ରେ ତାଙ୍କର ଦ୍ୱିତୀୟ ମ୍ୟାଚ୍ ଖେଳିଥିଲେ। ତେବେ ସେ ରାଉଣ୍ଡ ଅଫ୍ ୧୬ ମ୍ୟାଚ୍‌ରେ ଫ୍ରାନ୍ସର ଗାଏଲ ମନ୍‌ଫିଲ୍ସଙ୍କଠାରୁ ୬-୦, ୪-୬, ୭-୬ ସେଟରେ ପରାସ୍ତ କରି କ୍ୱାର୍ଟରକୁ ଉଠିଛନ୍ତି। ସେହିପରି ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ଓସାକା ୬-୩, ୨-୬ ୫-୭ ସେଟରେ ସୁଇଜରଲାଣ୍ଡର ବେଲିଣ୍ଡା ବେନକିକ୍‌ଙ୍କଠାରୁ ପରାସ୍ତ ହୋଇଛନ୍ତି। ପୂର୍ବରୁ ୨ଥର ଚାମ୍ପିୟନ ହୋଇଥିବା ସିମୋନା ହାଲେପ ସେମିଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାର୍ଟରରେ ସେ ଆଶଲେ ବାର୍ଟିଙ୍କୁ ୭-୫,୭-୫ ସେଟରେ ହରାଇ ସେମିକୁ ଉଠିଛନ୍ତି।

ଗତଥରର ଚାମ୍ପିୟନ ତଥା ଦ୍ୱିତୀୟ ସିଡ୍ ମାନ୍ୟତା ପାଇଥିବା ଚେକ ଗଣରାଜ୍ୟର ତାରକା ମହିଳା ଖେଳାଳି ପେଟ୍ରା ଭିଟୋଭା କ୍ୱାର୍ଟର ଫାଇନାଲରେ ନେଦରଲାଣ୍ଡ୍ସର ସପ୍ତମ ସିଡ ଖେଳାଳି କିକି ବେର୍ଟେନ୍ସଙ୍କଠାରୁ ୬-୨,୬-୩ ସେଟରେ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ବିଦାୟ ନେଇଛନ୍ତି। ପୁରୁଷ ବିଭାଗରେ ଟପ୍ ସିଡ୍ ଖେଳାଳି ସର୍ବିଆର ନୋଭାକ ଜୋକୋଭିକ୍ ୬-୧, ୭-୬ ସେଟରେ ଜେରେମି ଚାର୍ଡିଙ୍କୁ ପରାସ୍ତ କରି କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ଏହି ଟୁର୍ନାମେଣ୍ଟରେ ୫ଥର ଟାଇଟଲ ଜିତିଥିବା ସ୍ପେନ୍‌ର ରାଫାଲ ନାଡାଲ ୬-୩,୬-୪ ସେଟରେ ଫ୍ରାନ୍‌ସେସ ଟିଆଫୋଏଙ୍କୁ ହରାଇ କ୍ୱାର୍ଟର ଫାଇନାଲକୁ ଉଠିଛନ୍ତି। କ୍ୱାର୍ଟରରେ ନାଡ଼ାଲ ସୁଇଜରଲାଣ୍ଡର ଷ୍ଟାନିସ୍‌ଲାସ ୱାରିଙ୍କାଙ୍କୁ ଭେଟିବେ। ୱାରିଙ୍କା ଅନ୍ୟଏକ ମ୍ୟାଚ୍‌ରେ ଜାପାନର ଷଷ୍ଠ ସିଡ ଖେଳାଳି କେଇ ନିଶିକୋରିଙ୍କୁ ୬-୩, ୭-୬ ସେଟ୍‌ରେ ପରାସ୍ତ କରି କ୍ୱାର୍ଟରକୁ ଉଠିଛନ୍ତି। ସେହିପରି ଜୋକୋଭିକ କ୍ୱାର୍ଟରରେ ନବମ ସିଡ ମାରିନ୍ ସିଲିକ୍‌ଙ୍କୁ ଭେଟିବେ।

# କୋରିଆ ଗସ୍ତ: ଭାରତୀୟ ଦଳରେ ଓଡ଼ିଶାର ୩

ନୂଆଦିଲ୍ଲୀ, ୧୦।୫(ପି.ଟି.)

କୋରିଆ ଗସ୍ତ ଲାଗି ଶୁକ୍ରବାର ଏକ ୧୮ ଜଣିଆ ଭାରତୀୟ ମହିଳା ହକି ଦଳ ଘୋଷଣା କରାଯାଇଛି। ଏହି ଦଳରେ ୩ଜଣ ଓଡ଼ିଆ ଖେଳାଳି ଲଲିମା ମିଞ୍ଜ, ଦୀପଗ୍ରେସ ଏକ୍କା ଓ ସୁନୀତା ଲାକ୍ରା ସ୍ଥାନ ପାଇଛନ୍ତି। ଷ୍ଟ୍ରାଇକର ରାନୀ ରାମପାଲଙ୍କୁ ଏହି ଦଳରେ ନେତୃତ୍ୱ ପ୍ରଦାନ କରାଯାଇଛି। ଆସନ୍ତା ୨୦ ତାରିଖରୁ ଘରୋଇ କୋରିଆ ବିପକ୍ଷରେ ଭାରତ ଏକ ୩ ମ୍ୟାଚ୍ ବିଶିଷ୍ଟ ସିରିଜ ଖେଳିବ। ଗୋଲକିପର ସବିତାଙ୍କୁ ଉପ- ଅଧିନାୟକ ନିଯୁକ୍ତ କରାଯାଇଛି। ଇଞ୍ଜୁରି କାରଣରୁ ସବିତା ମାଲେସିଆ ଗସ୍ତ ସାମିଲ ହୋଇପାରି ନ ଥିଲେ। ଏବେ ସେ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ମୁଖ୍ୟ କୋଚ୍ ଜୋଏର୍ଡ ମାରିଜନେ ତତ୍ତ୍ୱାବଧାନରେ ଭାରତ ଏହି ଗସ୍ତରେ ସଫଳ ହେବ ବୋଲି ଆଶା କରାଯାଉଛି। ଆସନ୍ତା ଜୁନ ୧୫ରୁ ୨୩ ତାରିଖ ମଧରେ ଜାପାନର ହିରୋସୀମାରେ ଏଫ୍‌ଆଇଏଚ୍ ୱମ୍ୟାନ ସିରିଜ ଫାଇନାଲ୍ସ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଫଳରେ ଏହି ଟୁର୍ନାମେଣ୍ଟ ପୂର୍ବରୁ ପ୍ରସ୍ତୁତି ପାଇଁ ଏହି ଗସ୍ତ ଭାରତକୁ ବେଶ୍ ସହାୟ ହେବ। ଗତବର୍ଷ ଭାରତ ସ୍ପେନ୍ ଓ ଆୟର୍ଲାଣ୍ଡ ଯାତ୍ରା କରିଥିଲା। ଭାରତ ଦୁଇଟି ମ୍ୟାଚ୍‌ରେ ବିଜୟୀ ହୋଇଥିବାବେଳେ ଗୋଟିଏ ପରାଜୟବରଣ କରିଥିଲା ଓ ୩ ମ୍ୟାଚ ଡ୍ର ରଖିଥିଲା। ସେହିପରି ଗତ ମାଲେସିଆ ଗସ୍ତରେ ଭାରତ ୪-୦ରେ ସିରିଜ ବିଜୟୀ ହୋଇଥିଲା। ତେଣୁ କୋରିଆ ଗସ୍ତରେ ଭାରତ ଏହି ସଫଳତା ବଜାୟ ରଖିବ ବୋଲି ଆଶା କରାଯାଉଛି।



ଦକ୍ଷିଣ କୋରିଆ ଗସ୍ତ ପାଇଁ ମନୋନୀତ ଭାରତୀୟ ମହିଳା ହକି ଦଳ।

**ଭାରତୀୟ ଦଳ**

- ଗୋଲକିପର- ସବିତା, ରାଜନୀ ଏଟିମାର୍ପୁ।
- ଡିଫେଣ୍ଡର୍ସ- ସାଲିମା ଟେଟ, ସୁନୀତା ଲାକ୍ରା, ଦୀପ ଗ୍ରେସ୍ ଏକ୍କା, କରିସ୍ମା ଯାଦବ, ଗୁରଜିତ କୌର, ସୁଶୀଳା ଚାନୁ ପୁଖରାମ୍‌ବାମ।
- ମିଡଫିଲ୍ଡର୍ସ- ମୋନୀକା, ନଭଜୋତ କୌର, ନିକ୍କି ପ୍ରଧାନ, ନେହା ଗୋଏଲ, ଲିଲିମା ମିଞ୍ଜ୍।
- ଫରୱାର୍ଡ୍ସ- ରାନୀ (ଅଧିନାୟିକା), ବନ୍ଦନା କାଟାରିୟା, ଲାଲରେମସିଆମି, ଜ୍ୟୋତି ଓ ନବନୀତ କୌର।

ଭାରତରେ ଅନେକ ମହିଳା କ୍ରିକେଟ ଖେଳାଳି ଅଛନ୍ତି, ଯେଉଁମାନଙ୍କ ଷ୍ଟ୍ରାଇକ୍ ରେଟ୍ ଭଲ ଥିଲେ ମଧ୍ୟ ନଜରକୁ ଆସୁ ନାହାନ୍ତି ।
–ମିଥାଲି ରାଜ, ଭାରତୀୟ ମହିଳା କ୍ରିକେଟ ଅଧିନାୟିକା



ଦିବାରାତ୍ର ମ୍ୟାଚରେ ଆମେ କ୍ୟାଚ୍ ଡ୍ରପ୍ କରିବାର ମୁଖ୍ୟ କାରଣ ହେଲା ଫ୍ଲଡ୍‌ଲାଇଟ୍‌ରେ ଯଥେଷ୍ଟ ନ ଖେଳିବା ।
–ବେଦ କ୍ରିଷ୍ଣାମୂର୍ତ୍ତି, ଭାରତୀୟ ମହିଳା ଲେଗ୍ ସ୍ପିନର



## ସଂକ୍ଷେପରେ

### ଏଆଇଏଫ୍‌ଏଫ୍ 'ସି' ଲାଇସେନ୍ସ କୋଚିଂ କୋର୍ସ ୨୫ରୁ

କଟକ ଅଫିସ,୧୦।୫: ଆସନ୍ତା ୨୫ରୁ ୩୧ ତାରିଖ ପର୍ଯ୍ୟନ୍ତ ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଆନୁକୂଲ୍ୟରେ କଟକରେ ଏଆଇଏଫ୍‌ଏଫ୍ 'ସି' ଲାଇସେନ୍ସ କୋଚିଂ କୋର୍ସ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ଯୋଗଦେବାକୁ ଇଚ୍ଛୁକ ବ୍ୟକ୍ତିବିଶେଷମାନେ ଏଆଇଏଫଏଫ 'ଡି' ଲାଇସେନ୍ସ ହାସଲ କରିଥିବା ଆବଶ୍ୟକ। ଏଆଇଏଫଏଫର ୱେବସାଇଟରେ ଯାଇ ନାମ ପଞ୍ଜୀକରଣ କରିପାରିବେ। ପଞ୍ଜୀକରଣର ଶେଷ ତାରିଖ ଆସନ୍ତା ୧୨ ତାରିଖ ରଖାଯାଇଛି।

### ସୁଆରେଜଙ୍କ ଆଣ୍ଠୁରେ ଅସ୍ତ୍ରୋପଚାର



ଭାଲେନ୍‌ସିଆ,୧୦।୫(ଏଏଫ୍‌ପି)- ବାର୍ସିଲୋନା ଷ୍ଟ୍ରାଇକର ଲୁଇସ୍ ସୁଆରେଜଙ୍କ ଆଣ୍ଠୁରେ ଅସ୍ତ୍ରୋପଚାର କରାଯାଇଛି। ଗୁରୁବାର ଉରୁଗୁଏର ଏହି ସୁପରଷ୍ଟାରଙ୍କ ଅସ୍ତ୍ରୋପଚାର ହୋଇଥିବା ବେଳେ ସମ୍ପୂର୍ଣ୍ଣ ଭାବେ ଫିଟ୍ ହେବା ପାଇଁ ତାଙ୍କୁ ୬ ସପ୍ତାହ ସମୟ ଲାଗିବ ବୋଲି ବାର୍ସିଲୋନା ତରଫରୁ କୁହାଯାଇଛି। ଫଳରେ ସେ ଆସନ୍ତା ୨୫ ତାରିଖରେ ଖେଳାଯିବାକୁ ଥିବା କୋପା ଡେଲ ରେ ଫାଇନାଲ ନ ଖେଳିବା ସ୍ପଷ୍ଟ ହୋଇଛି। ଟାଇଟଲ ପାଇଁ ବାର୍ସିଲୋନା ଫାଇନାଲ ମ୍ୟାଚ୍‌ରେ ଭାଲେନ୍ସିଆକୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଚଳିତ ସେସନରେ ୩୨ ବର୍ଷୀୟ ସୁଆରେଜ ବାର୍ସିଲୋନ ତରଫରୁ ପ୍ରତିନିଧିତ୍ୱ କରି ୨୯ଟି ମ୍ୟାଚ୍ ଖେଳି ୨୫ଟି ଗୋଲ ସ୍କୋର କରିଛନ୍ତି। ଡାହାଣ ଆଣ୍ଠୁରେ ସୁଆରେଜ ପୂର୍ବରୁ ମଧ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଗତ ମଙ୍ଗଳବାର ଅନୁଷ୍ଠିତ ଲିଭରପୁଲ ବିପକ୍ଷ ମ୍ୟାଚ୍‌ରେ ସୁଆରେଜ ପୂରା ୯୦ ମିନିଟ୍ ଖେଳିଥିଲେ। ଏଥିରେ ଅବଶ୍ୟ ବାର୍ସିଲୋନା ବିପର୍ଯ୍ୟୟର ଶିକାର ହୋଇ ୪-୦ ଗୋଲରେ ପରାସ୍ତ ହୋଇଥିଲା। ସୁଆରେଜ ଏପର୍ଯ୍ୟନ୍ତ ଉରୁଗୁଏ ଜାତୀୟ ଦଳ ତରଫରୁ ପ୍ରତିନିଧିତ୍ୱ କରି ୧୦୬ଟି ମ୍ୟାଚ୍ ଖେଳି ୫୫ଟି ଗୋଲ ସ୍କୋର କରିଛନ୍ତି। ମୋଟ ଉପରେ ସେ ନିଜ ଦେଶ ଓ କ୍ଲବଗୁଡିକ ତରଫରୁ ସିନିୟରସ୍ତରରେ ୪୦୦ରୁ ଉର୍ଦ୍ଧ୍ୱ ଗୋଲ ସ୍କୋର କରିଛନ୍ତି।

# ମୁମ୍ବାଇ–ଚେନ୍ନାଇ ଫାଇନାଲ

ବିଶାଖାପାଟଣା, ୧୦।୫

ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)ର ଦ୍ୱାଦଶ ସଂସ୍କରଣରେ ମୁମ୍ବାଇ ଇଣ୍ଡିଆନ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଫାଇନାଲ ରବିବାର ଅନୁଷ୍ଠିତ ହେବ। ଗତ ୭ ତାରିଖରେ ପ୍ରଥମ କ୍ୱାଲିଫାୟରରେ ମୁମ୍ବାଇ ଇଣ୍ଡିଆନ୍ସ ୬ ଉଇକେଟରେ ଚେନ୍ନାଇ ସୁପର କିଙ୍ଗ୍ସକୁ ହରାଇଥିବାବେଳେ ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ କ୍ୱାଲିଫାୟରରେ ଚେନ୍ନାଇ ୬ ଉଇକେଟରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି। ଫଳରେ ଏଲିମିନେଟରରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ହରାଇଥିବା ଦିଲ୍ଲୀର ଅଭିଯାନ ଏଠାରେ ଶେଷ ହୋଇଛି। ଫଳରେ ପ୍ରଥମଥରପାଇଁ ଦଳର ଫାଇନାଲ ଖେଳିବା ଆଶା ଅଧୁରା ରହିଛି। ଅନ୍ୟପକ୍ଷରେ ଚେନ୍ନାଇର ଏହା ୮ମ ଫାଇନାଲ ପ୍ରବେଶ। ଚେନ୍ନାଇ ଓ ମୁମ୍ବାଇ ମଧ୍ୟରେ ଏହାକୁ ମିଶାଇ ୪ର୍ଥ ଥର ଫାଇନାଲ ହେବାକୁ ଯାଉଛି। ୨୦୧୦, ୨୦୧୩ ଓ ୨୦୧୫ରେ ମଧ୍ୟ ଉଭୟ ଦଳ ମଧ୍ୟରେ ଟାଇଟଲ ମୁକାବିଲା ହୋଇଥିଲା। ୨୦୧୦ରେ ଚେନ୍ନାଇ ୨୨ ରନରେ ବିଜୟୀ ହୋଇଥିବାବେଳେ ୨୦୧୩ ଓ ୨୦୧୫ରେ ମୁମ୍ବାଇ ଯଥାକ୍ରମେ ୨୩ ଓ ୪୧ ରନରେ ମ୍ୟାଚ ଜିତିଥିଲା।

ଦିଲ୍ଲୀ ପକ୍ଷରୁ ଧାର୍ଯ୍ୟ ୧୪୮ ରନ ବିଜୟ ଲକ୍ଷ୍ୟକୁ ଚେନ୍ନାଇ ୧୯ ଓଭରରେ ୪ ଉଇକେଟ ହରାଇ ହାସଲ କରି ନେଇଥିଲା। ପ୍ରଥମ କ୍ୱାଲିଫାୟରରେ ଫେଲ୍ ମାରିଥିବା ଦୁଇ ଓପନର ଫାଫ୍ ଡୁପ୍ଲେସି ଓ ଶେନ ୱାଟସନ ଏଠାରେ ଦିଲ୍ଲୀ ବୋଲରଙ୍କ ଉପରେ ଭାରି ପଡ଼ିଥିଲେ। ଦୁହେଁ ଦ୍ରୁତ ଅର୍ଦ୍ଧଶତକ ହାସଲ କରବା ସହ ଓପନିଂ ଯୋଡ଼ିରେ ୬୨ ବଲ୍‌ରୁ ୮୧ ରନ ସଂଗ୍ରହ କରି ଚେନ୍ନାଇ ପାଇଁ ବିଜୟ ପଥ ପରିଷ୍କାର କରିଥିଲେ। ୩୯ ବଲ୍‌ର ସମ୍ମୁଖୀନ ହୋଇଥିବା ଡୁପ୍ଲେସି ୭ ଚୌକା ଓ ୧ ଛକା ସହାୟତାରେ ୫୦ ରନ କରି ପ୍ରଥମ ଖେଳାଳିଭାବେ ଆଉଟ ହୋଇଥିଲେ। ଟ୍ରେଣ୍ଟ ବୋଲ୍ଟ ଦିଲ୍ଲୀକୁ ଏହି ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ। ପରେ ୱାଟସନ ମଧ ଠିକ୍ ୫୦(୩୨ ବଲ, ୩ ଚୌକା, ୪ ଛକା) ରନ କରି ପ୍ୟାଭିଲିୟନ ଫେରିଥିଲେ। ସୁରେଶ ରାଇନା ୧୩ ବଲ୍‌ରେ ୧୧ ଓ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ୯ ବଲ୍‌ରୁ ୯ ରନ କରି ଆଉଟ ହୋଇଥିବାବେଳେ ଅମ୍ବାତି ରାୟୁଡୁ ୨୦(୨୦ ବଲ, ୩ ଚୌକା) ରନରେ ଅପରାଜିତ ରହି ଦଳକୁ ବିଜୟୀ କରାଇଥିଲେ। ପିଚ୍ ପରିବେଶରୁ ଫାଇଦା ଉଠାଇ ପାରି ନ ଥିବା ଦିଲ୍ଲୀ ବୋଲରଙ୍କ ମଧ୍ୟରେ ଟ୍ରେଣ୍ଟ ବୋଲ୍ଟ, ଇଶାନ୍ତ ଶର୍ମା, ଅକ୍ଷର ପଟେଲ ଓ ଅମିତ ମିଶ୍ର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ଚେନ୍ନାଇ। ପିଚ୍ ସ୍ଲୋ ବୋଲରଙ୍କୁ ସୁହାଇବ ବୋଲି ପୂର୍ବାନୁମାନ କରିଥିଲେ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ। ଏହା କାମ ମଧ ଦେଇଥିଲା। ଚେନ୍ନାଇ ବୋଲରମାନେ ଆକର୍ଷଣୀୟ ବୋଲିଂ କରି ଦିଲ୍ଲୀର କୌଣସି ବ୍ୟାଟ୍ସମ୍ୟାନଙ୍କୁ ବଡ଼ ସ୍କୋର କରିବାକୁ ଦେଇ ନ ଥିଲେ। ଓପନିଂ ଯୋଡ଼ିରେ ୨୧ ରନ ଯୋଗ ହେବାପରେ ପୃଥ୍ୱୀ ଶ' ବ୍ୟକ୍ତିଗତ ୮ ରନ କରି ପ୍ୟାଭିଲିୟନ ଫେରିଥିଲେ। ଭଲ ଆରମ୍ଭ କରିଥିବା ଅଭିଜ୍ଞ ଶିଖର ଧାୱନ ମାତ୍ର ୧୮ ରନ କରି ଆଉଟ ହେବାରୁ ଦିଲ୍ଲୀ ଶକ୍ତି ଧକ୍କା ପାଇଥିଲା। ଟପ୍ ଅର୍ଡରର ଅନ୍ୟତମ ବ୍ୟାଟ୍ସମ୍ୟାନ କଲିନ ମୁନ୍‌ରୋ ମଧ ଚମତ୍କାର ଆରମ୍ଭ କରିଥିଲେ। ମାତ୍ର ସେ ୨୭ (୨୪ ବଲ, ୪ ଚୌକା) ରନ କରିଥିବାବେଳେ ରବୀନ୍ଦ୍ର ଜାଡେଜାଙ୍କ ବଲରେ ବଡ଼ ଶଟ୍ ଖେଳିବାକୁ ଯାଇ ଡ୍ୱେନ ବ୍ରାଭୋଙ୍କୁ କ୍ୟାଚ ଦେଇ କ୍ରିଜ୍ ଛାଡ଼ିଥିଲେ। ମିଡଲ ଅର୍ଡରରେ ଅଧିନାୟକ ଶ୍ରେୟସ ଆୟାର (୧୩) ଫେଲ୍ ମାରିବାରୁ ରିଷଭ ପନ୍ତଙ୍କ ଉପରେ ଚାପ ପଡ଼ିଥିଲା। ଅକ୍ଷର ପଟେଲ ୩, ଶେର୍ଫାନେ ରଥରଫୋର୍ଡ ୧୦, କେମୋ ପଲ୍ ୩, ଟ୍ରେଣ୍ଟ ବୋଲ୍ଟ ୬ ରନ କରି ଜଣକ ପରେ ଜଣେ ପ୍ୟାଭିଲିୟନକୁ ଧାଡ଼ି ଲଗାଇଥିଲେ। ଶେଷ ୨ ବଲ୍‌ରେ ଇଶାନ୍ତ ଶର୍ମା ଗୋଟିଏ ଚୌକା ଓ ଗୋଟିଏ ଛକା ମାରିବାରୁ ଦିଲ୍ଲୀ ଇନିଂସ ୨୦ ଓଭରରେ ୧୪୭/୯ରେ ପହଞ୍ଚି ପାରିଥିଲା। ରିଷଭ ଦଳ ପକ୍ଷରୁ ସର୍ବାଧିକ ୩୮ ରନ କରିଥିଲେ। ସେ ୨୫ଟି ବଲ୍‌ର ସମ୍ମୁଖୀନ ହୋଇ ୨ ଚୌକା ଓ ୧ ଛକା ମାରିଥିଲେ। ଚେନ୍ନାଇ ବୋଲରଙ୍କ ମଧ୍ୟରେ ଦୀପକ ଚହର, ହରଭଜନ ସିଂ, ଜାଡେଜା ଓ ବ୍ରାଭୋ ୨ଟି ଲେଖାଏ ଏବଂ ଇମ୍ରାନ ତାହିର ଗୋଟିଏ ଉଇକେଟ ନେଇଥିଲେ। ବ୍ରାଭୋ ୪ ଓଭରରେ ମାତ୍ର ୧୯ ରନ ବ୍ୟୟ କରିଥିଲେ।



ଓପନିଂ ପାର୍ଟନରଶିପ୍ ଅବସରରେ ଫାଫ୍ ଡୁପ୍ଲେସି ଓ ଶେନ ୱାଟସନ।

### ଆଇପିଏଲ-୧୨

### ସଂକ୍ଷିପ୍ତ ସ୍କୋର

- ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୪୭/୯(ରିଷଭ-୩୮, ମୁନ୍‌ରୋ-୨୭, ଚହର-୨/୨୮, ହରଭଜନ-୨/୩୧, ଜାଡେଜା-୨/୨୩, ବ୍ରାଭୋ-୨/୧୯, ତାହିର-୧/୨୮)।
- ଚେନ୍ନାଇ ସୁପରକିଙ୍ଗ୍ସ ୧୯ ଓଭରରେ ୧୫୧/୪(ଡୁପ୍ଲେସି-୫୦, ୱାଟସନ-୫୦, ରାୟୁଡୁ-୨୦*, ବୋଲ୍ଟ-୧/୨୦, ଇଶାନ୍ତ-୧/୨୪, ଅକ୍ଷର-୧/୩୨, ଅମିତ-୧/୨୧)।

(ଫାଫ୍ ଡୁପ୍ଲେସି ମ୍ୟାନ ଅଫ ଦି ମ୍ୟାଚ୍)



ଇଣ୍ଡିଆନ ପ୍ରିମିୟର ଲିଗର ଶୁକ୍ରବାର ଅନୁଷ୍ଠିତ କ୍ୱାଲିଫାୟର–୨ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସର ଉଇକେଟ ନେବାପରେ ଚେନ୍ନାଇ ସୁପରକିଙ୍ଗ୍ସର ରବୀନ୍ଦ୍ର ଜାଡେଜାଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

## ପରିବେଶ ସୁରକ୍ଷା ଲାଗି ଏକତ୍ରିତ ହେବେ ଆଇପିଏଲ୍ ପ୍ରଶଂସକ

ନୂଆଦିଲ୍ଲୀ,୧୦।୫(ପିଟି)

ହାଇଦ୍ରାବାଦଠାରେ ଆସନ୍ତା ରବିବାର ହେବାକୁ ଥିବା ଫାଇନାଲବେଳେ ଆଇପିଏଲ ପ୍ରଶଂସକମାନେ ସାମାଜିକ କାରଣ ନେଇ ଏକତ୍ରିତ ହେବେ। ପ୍ଲାଷ୍ଟିକ୍ ପରିତ୍ୟାଗ ଓ ଏହା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ଦେଶବାସୀଙ୍କୁ ସେମାନେ ଆହ୍ୱାନ ଦେବେ। ଆଇପିଏଲର ୬ଟି ଫ୍ରାଞ୍ଚାଇଜର ପ୍ରଶଂସକଙ୍କ ପ୍ରତିନିଧି ହାଇଦ୍ରାବାଦରେ ଏକ ବୈଠକରେ ଯୋଗଦେବେ। ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ୱେଷ୍ଟ ମ୍ୟାନେଜମେଣ୍ଟ (ଆଇଆଇଡବ୍ଲ୍ୟୁଏମ୍) ପକ୍ଷରୁ ଏହା ଆୟୋଜନ କରାଯାଉଛି। ପ୍ରତ୍ୟେକ କ୍ରିକେଟ ମ୍ୟାଚ୍ ପରେ ପ୍ରାୟ ୪ରୁ ସାଢେ ଚାରି ଟନ୍ ଆବର୍ଜନା ଷ୍ଟାଡିୟମ୍‌ରୁ ବାହାରୁଛି। ଏହାକୁ ହିସାବକୁ ନେଲେ ପ୍ରତ୍ୟେକ ଦର୍ଶକ ୧୩୦ ଗ୍ରାମ ଆବର୍ଜନା ଷ୍ଟାଡିୟମ୍‌ରେ ପକାଉଛନ୍ତି। ଷ୍ଟାଡିୟମ୍‌ରେ ଥରକେ ବ୍ୟବହାର ହୋଇପାରୁଥିବା ପ୍ଲାଷ୍ଟିକ ପେପର, ପ୍ଲାଷ୍ଟିକ ଗ୍ଲାସ, ବଳକା ଖାଦ୍ୟ, କାର୍ଡ ବୋର୍ଡ, ପ୍ଲାଷ୍ଟିକ, ଚାମଚ, ଟିସୁ ପେପର ଓ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପତକା ଛାଡ଼ିଯାଉଛନ୍ତି। ଏହାର ୪୦ ପ୍ରତିଶତ ହେଉଛି ଥରକେ ବ୍ୟବହାର ହୋଇପାରୁଥିବା ପ୍ଲାଷ୍ଟିକ ବସ୍ତୁ, ଯାହାକି ପରିବେଶ ପାଇଁ ଅତ୍ୟନ୍ତ କ୍ଷତିକାରକ। କାରଣ ଏଗୁଡ଼ିକ ୧୦୦ରୁ ଅଧିକ ବର୍ଷ ପର୍ଯ୍ୟନ୍ତ ମାଟିରେ ମିଶେ ନାହିଁ ବୋଲି ଆଇଆଇଡବ୍ଲ୍ୟୁଏମ ପକ୍ଷରୁ କୁହାଯାଇଛି। ଏହି ସଂସ୍ଥା ୨୦୧୨ଠାରୁ ଆଇପିଏଲ ସହ ଜଡ଼ିତ। ଆଇଆଇଡବ୍ଲ୍ୟୁଏମ୍ ଦ୍ୱାରା ଚିନ୍ନାସ୍ୱାମୀ ବିଶ୍ୱର ପ୍ରଥମ ସବୁଜ ଷ୍ଟାଡିୟମ ହୋଇପାରିଛି। ଏହି ଷ୍ଟାଡିୟମ୍‌ରେ ସୋଲାର ପିଭି, ବାୟୋଗ୍ୟାସ ପ୍ଲାଣ୍ଟ, ଜଳ ସଂରକ୍ଷଣ ଓ ଏହାର ପୁନଃ ନବୀକରଣ ବ୍ୟବସ୍ଥା ରହିଛି।

## ସୋନିକୁ ତୀରନ୍ଦାଜୀ ଇଭେଣ୍ଟ ପ୍ରସାରଣ ଅଧିକାର

କୋଲକାତା, ୧୦।୫ (ପି.ଟି.)

ସୋନି ପିକଚର୍ସ ନେଟୱର୍କସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଚଳିତ ବର୍ଷର ସମସ୍ତ ଅନ୍ତର୍ଜାତୀୟ ତୀରନ୍ଦାଜୀ ଇଭେଣ୍ଟଗୁଡ଼ିକର ପ୍ରସାରଣ ଅଧିକାର ହାସଲ କରିଛି। ତନ୍ମଧ୍ୟରେ ଆସନ୍ତା ମାସରେ ହେବାକୁଥିବା ବିଶ୍ୱ ଚାମ୍ପିୟନଶିପ୍ ଅନ୍ୟତମ। ଗୁରୁବାର ଏହା ଘୋଷଣା କରାଯାଇଛି। ୱାର୍ଲ୍ଡ ଆର୍ଚେରୀ ସହିତ ହୋଇଥିବା ସ୍ୱତନ୍ତ୍ର ବ୍ରଡ୍‌କାଷ୍ଟ ଚୁକ୍ତି ଅନୁସାରେ ସୋନି ପିକ୍‌ଚର୍ସ ନେଟ୍‌ୱର୍କ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଭାରତୀୟ ଉପମହାଦେଶ ଅନ୍ତର୍ଗତ ଭାରତ, ଶ୍ରୀଲଙ୍କା, ଭୁଟାନ, ପାକିସ୍ତାନ, ନେପାଳ, ବାଂଲାଦେଶ, ଆଫଗାନିସ୍ତାନ ଏବଂ ମାଳଦ୍ୱୀପରେ ଇଭେଣ୍ଟଗୁଡ଼ିକର ପ୍ରସାରଣ କରିବ। ବିଶ୍ୱ ଚାମ୍ପିୟନଶିପ୍ ନେଦରଲାଣ୍ଡ୍ସରେ ଜୁନ୍ ୧୦ରୁ ୧୬ ପର୍ଯ୍ୟନ୍ତ ହେବ। ଆସନ୍ତା ବର୍ଷର ଟୋକିଓ ଅଲିମ୍ପିକ ପାଇଁ ଏଥିରେ କୋଟା ବ୍ୟବସ୍ଥା ରହିଛି।

### ଶୁଟର ଶିରାଜ ଶେଖଙ୍କ ରେକର୍ଡ



ଚାଙ୍ଗୱାନ(କୋରିଆ),୧୦।୫(ପିଟି)- ଭାରତୀୟ ଶିରାଜ ଶେଖ ପୁରୁଷ ସ୍କିଟ ଶୁଟିଂ ପ୍ରତିଯୋଗିତାରେ ବିଶ୍ୱ ରେକର୍ଡ କରିଛନ୍ତି। ସେ ମୋଟ ୫୦ରୁ ୫୦ ପଏଣ୍ଟ ହାସଲ କରିଛନ୍ତି। ଏଥିସହ ଏଠାରେ ଚାଲିଥିବା ବିଶ୍ୱକପ୍‌ରେ ଅଲିମ୍ପିକ୍ ଯୋଗ୍ୟତାର ନିକଟତର ହୋଇଛନ୍ତି। ତାଙ୍କ ପଛକୁ କୁଏତ୍, ଆର୍ଜେଣ୍ଟିନା ଓ ନରୱେର ଶୁଟରମାନେ ୨ରୁ ୪ର୍ଥ ସ୍ଥାନ ପର୍ଯ୍ୟନ୍ତ ରହିଛନ୍ତି। ଶୀରାଜଙ୍କ ବ୍ୟତୀତ ମାଇରାଜ ଅହମ୍ମଦ ଖାଁ ୪୯ ସ୍କୋର ସହ ୭ମ ସ୍ଥାନ ଅଧିକାର କରିଛନ୍ତି। ଏହି ଇଭେଣ୍ଟରେ ୬ ଜଣିଆ ଫାଇନାଲିଷ୍ଟ ନିର୍ଣ୍ଣୟ ଲାଗି ଆହୁରି ୩ଟି ରାଉଣ୍ଡ ବାକି ରହିଛି। ଶୀରାଜ ଓ ମାଇରାଜ ବିଶ୍ୱକପ୍ ପଦକ ସହ ୨୦୨୦ ଅଲିମ୍ପିକ୍ କୋଟା ହାସଲ କରିବା ଲକ୍ଷ୍ୟରେ ରହିଛନ୍ତି।

## ସ୍ମିଥ୍ ୯୧*: ଅଷ୍ଟ୍ରେଲିଆ ବିଜୟୀ

### ଅନ୍ତିମ ୱାର୍ମଅପ୍ ମ୍ୟାଚ୍

ବ୍ରିସ୍‌ବେନ୍,୧୦।୫ (ଏଏଫ୍‌ପି)

ଷ୍ଟିଭ୍ ସ୍ମିଥ୍‌ଙ୍କ ଅପରାଜିତ ୯୧ ଓ ଗ୍ଲେନ୍ ମ୍ୟାକ୍ସୱେଲଙ୍କ ୭୦ ରନର ଅର୍ଦ୍ଧଶତକୀୟ ଇନିଂସ ବଳରେ ଅଷ୍ଟ୍ରେଲିଆ ଇଲେଭେନ୍ ଅନ୍ତିମ ୱାର୍ମଅପ୍ କ୍ରିକେଟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଇଲେଭେନ୍‌କୁ ଡକ୍‌ୱର୍ଥ ଲୁଇସ୍ ନିୟମରେ ୧୬ ରନରେ ପରାସ୍ତ କରିଛି। ଖରାପ ଆଲୋକ ଯୋଗୁ ମ୍ୟାଚ୍ ବାଧାପ୍ରାପ୍ତ ହୋଇଥିଲା।

ଟସ୍‌ଜିତି ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ ହରାଇ ୨୮୬ ରନ ସଂଗ୍ରହ କରିଥିଲା। ଏହାପରେ ଡକ୍‌ୱର୍ଥ– ଲୁଇସ୍ ନିୟମରେ ଅଷ୍ଟ୍ରେଲିଆ ସମ୍ମୁଖରେ ୪୪ ଓଭରରେ ୨୩୩ ରନର ଟାର୍ଗେଟ ଧାର୍ଯ୍ୟ କରାଯାଇଥିଲା। ତେବେ ଅଷ୍ଟ୍ରେଲିଆ ପୂରା ୪୪ ଓଭର ବ୍ୟାଟିଂ କରି ୫ ଉଇକେଟ ହରାଇ ୨୪୮ ରନ କରି ବିଜୟୀ ହୋଇଥିଲା। ଅଷ୍ଟ୍ରେଲିଆ ତରଫରୁ ସ୍ମିଥ୍ ୧୦୮ଟି ବଲ୍ ଖେଳି ୧୦ ଚୌକା ସହ ୯୧ ରନ କରି ଅପରାଜିତ ରହିଥିଲେ। ସେହିପରି ମ୍ୟାକ୍ସୱେଲ୍ ୪୮ ବଲର ସମ୍ମୁଖୀନ ହୋଇ ୬ ଚୌକା ଓ ୩ ଛକା ସହ ୭୦ ରନ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉସ୍‌ମାନ ଖ୍ୱାଜା ୨୩, ଶନ୍ ମାର୍ଶ ୩୨, ମାର୍କସ ଷ୍ଟୋଇନିସ୍ ୧୫, ଡେଭିଡ ୱାର୍ନର ୨ ରନ ସଂଗ୍ରହ କରି ଆଉଟ ହୋଇଥିବା ବେଳେ ଉଇକେଟକିପର ବ୍ୟାଟ୍ସମ୍ୟାନ ଆଲେକ୍ସ କ୍ୟାରି ୬ ରନ କରି ଅପରାଜିତ ରହିଥିଲେ। ବୋଲିଂ ନ୍ୟୁଜିଲାଣ୍ଡ ପକ୍ଷରୁ ମ୍ୟାଟ ହେନେରୀ ଓ ଜେମ୍ସ ନିଶାମ ୨ଟି ଲେଖାଏ, ୱିଲିୟମ ସମରଭିଲ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ତରଫରୁ ୨୬ ବର୍ଷୀୟ ଯୁବ ବ୍ୟାଟ୍ସମ୍ୟାନ ୱିଲ୍ ୟଙ୍ଗ୍ ୧୧୧ ରନର ଶତକୀୟ ପାଳି ଖେଳିଥିଲେ ଓ ଏଥିସହ ସେ କ୍ରମାଗତ ଦ୍ୱିତୀୟ ଶତକ ହାସଲ କରିଛନ୍ତି। ଗତ ମ୍ୟାଚ୍‌ରେ ମଧ ସେ ୧୩୦ରନର ଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର ଜର୍ଜ ୱର୍କର ୫୯, ନିଶାମ ୩୯ ରନ କରି ଆଉଟ ହୋଇଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ପ୍ୟାଟ କୁମିନ୍ସ ସର୍ବାଧିକ ୪, ଆଡାମ ଜାମ୍ପା ଓ ଷ୍ଟୋଇନିସ ଦୁଇଟି ଲେଖାଏ, ମିଚେଲ ଷ୍ଟାର୍କ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

### ସଂକ୍ଷିପ୍ତ ସ୍କୋର

- ନ୍ୟୁଜିଲାଣ୍ଡ ଇଲେଭେନ୍ ୫୦ ଓଭରରେ ୨୮୬/୯ (ୟଙ୍ଗ-୧୧୧, ୱାର୍କର- ୫୯, ନିଶାମ- ୩୯, କୁମିନ୍ସ- ୪/୩୨, ଜାମ୍ପା- ୨/୭୬, ଷ୍ଟୋଇନିସ- ୨/୫୪)।
- ଅଷ୍ଟ୍ରେଲିଆ ଇଲେଭେନ ୪୪ ଓଭରରେ ୨୪୮/୫ (ସ୍ମିଥ୍- ୯୧*, ମ୍ୟାକ୍ସୱେଲ- ୭୦, ମାର୍ଶ- ୩୨, ହେନେରୀ- ୨/୪୦, ନିଶାମ- ୨/୪୫)।



ଅପରାଜିତ ୯୧ ରନ୍‌ର ଇନିଂସ ଅବସରରେ ଷ୍ଟିଭ ସ୍ମିଥ

## 'ସ୍ମିଥ ଅଷ୍ଟ୍ରେଲିଆ ସେଟ୍–ଅପ୍‌ରୁ ବାହାରେ ଥିବା ମନେହେଉନି'

ମେଲବୋର୍ନ, ୧୦।୫(ପି.ଟି.)

ଷ୍ଟିଭ୍ ସ୍ମିଥଙ୍କ ଟାଇମିଂ ଏବଂ ଫର୍ମ ଫେରିଛି। ସେ ଅଷ୍ଟ୍ରେଲିଆ ସେଟ୍–ଅପ୍‌ରୁ ବାହାରେ ଥିବା ମନେହେଉନି। ଆଇସିସି ବିଶ୍ୱକପ ପାଇଁ ଅଷ୍ଟ୍ରେଲିଆ ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତି ଚଳାଇଥିବାବେଳେ ଅଧିନାୟକ ଆରନ ଫିଞ୍ଚ୍ ଏହା ପ୍ରକାଶ କରିଛନ୍ତି। ବଲ୍ ଟ୍ୟାମ୍ପରିଂ ମାମଲାରେ ଛନ୍ଦିହୋଇ ସ୍ମିଥ ଏକ ବର୍ଷ ବାସନ୍ଦ ହେବାପରେ କ୍ରିକେଟକୁ ଫେରିଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ସେ ପ୍ରଥମେ ଖେଳିବାପରେ ନ୍ୟୁଜିଲାଣ୍ଡ ବିପକ୍ଷ ୨ଟି ୱାର୍ମଅପ୍ ମ୍ୟାଚରେ ୮୯ ଓ ୯୧ ରନର ଇନିଂସ ଖେଳିଛନ୍ତି। "ସ୍ମିଥ ଦଳଠାରୁ ଦୂରରେ ଥିବାପରି ମନେ ହେଉନାହିଁ। କଷ୍ଟସାଧ ପିଚ୍‌ରେ ସେ ଫ୍ରଣ୍ଟଫୁଟ୍‌ରେ ଯେପରି ଖେଳିଲେ ତାହା ବାସ୍ତବିକ ଦର୍ଶନୀୟ। ମଧ୍ୟଭାଗରେ ତାଙ୍କର ଉପଯୋଗୀ ବ୍ୟାଟିଂ ମୋତେ ଖୁବ୍ ପ୍ରଭାବିତ କରିଛି" ବୋଲି ଫିଞ୍ଚ୍ କହିଛନ୍ତି। କେବଳ ସ୍ମିଥ ନୁହନ୍ତି, ଡେଭିଡ ୱାର୍ନରଙ୍କ ପ୍ରଦର୍ଶନରେ ମଧ ଫିଞ୍ଚ୍ ପ୍ରଭାବିତ। ୱାର୍ନର ଗତ ଆଇପିଏଲ୍‌ରେ ୬୯୨ ରନ କରିଥିଲେ।

ସ୍ମିଥ ଓ ୱାର୍ନର ୨ ଜଣଯାକ ବିଶ୍ୱର ଶ୍ରେଷ୍ଠ ଖେଳାଳି। ସେମାନଙ୍କ ଉପସ୍ଥିତିରେ ଅଷ୍ଟ୍ରେଲିଆ ଦଳ ଯେ ମଜଭୁତ ହୋଇଛି ଏଥିରେ ଦ୍ୱିମତ ନାହିଁ। ଦୁଇଜଣଯାକ ଅଭିଜ୍ଞ ଖେଳାଳି ହୋଇଥିବାରୁ ଯୁବ ଖେଳାଳିମାନେ ସେମାନଙ୍କଠାରୁ କିଛି ଶିଖିବା ଉଚିତ ବୋଲି ଫିଞ୍ଚ୍ କହିଛନ୍ତି। ସ୍ମିଥ, ୱାର୍ନର, ମିଚେଲ ଷ୍ଟାର୍କ ଦଳରେ ଥିବାରୁ ଅଷ୍ଟ୍ରେଲିଆ ପୁଣିଥରେ ଟାଇଟଲ ଜିତିବ ବୋଲି ଆଶା ପ୍ରକାଶ କରିଛନ୍ତି ଫିଞ୍ଚ୍। ୨୦୧୫ ବିଶ୍ୱକପରେ ଖେଳିଥିବା ୬ ଖେଳାଳି ଏବେ ଦଳରେ ରହିଛନ୍ତି। ସେମାନଙ୍କ ଅଭିଜ୍ଞତା ନିଶ୍ଚିତ କାମ ଦେବ ଏବଂ ଅନ୍ୟମାନେ ବହୁତ କିଛି ଶିଖି ପାରିବେ ବୋଲି ଫିଞ୍ଚ୍ ପ୍ରକାଶ କରିଛନ୍ତି।

ଆଇସିସି ବିଶ୍ୱକପ
ଆଉ ୧୮ ଦିନ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ମେ ୧୧/୨୦୧୯ Sambalpur, Saturday, May 11/ 2019

## ସଂକ୍ଷେପରେ

### ■ ଜଙ୍ଗଲକୁ ଶିକାର ପାଇଁ ଯିବା କାଳ ହେଲା
## ଗୁଳି ଫୁଟି ଶିକାରୀ ମୃତ

**ନାକଟିଦେଉଳ,୧୦।୫(ଡି.ଏନ.ଏ.):** ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ କିସିଣ୍ଡା ଥାନା ଅଧୀନ ନୂତନ ମଣ୍ଡୁଆମ ଚାଟୁଣି ସାହି ନିକଟସ୍ଥ ଜଙ୍ଗଲକୁ ଶିକାର କରିବାକୁ ଯିବା ଜଣେ ଶିକାରୀଙ୍କୁ ମହଙ୍ଗା ପଡିଛି। ଶିକାର ବେଳେ ନିଜ ବନ୍ଧୁକରୁ ଗୁଳି ଫୁଟି ତାଙ୍କର ମୃତ୍ୟୁ ଘଟିଛି। ମୃତ ଶିକାରୀ ଜଣକ ହେଲେ କିସିଣ୍ଡା ଥାନା ଅନ୍ତର୍ଗତ ରଙ୍ଗିଆଖଣ୍ଡି ନିକଟସ୍ଥ ନୂତନ ଗଞ୍ଜାବାହାଲ ରାଉତ ସାହିର ବାହାଦୁର ସିଂ (୩୫)। ଗୁରୁବାର ରାତିରେ ଗ୍ରାମର ଅନ୍ୟ ୨ ଜଣଙ୍କ ସହ ବାହାଦୁର ମଣ୍ଡୁଆମ ଗ୍ରାମ ନିକଟସ୍ଥ ଖଳାଶୁଣୀ ଅଭୟାରଣ୍ୟକୁ ଶିକାର ପାଇଁ ଯାଇଥିଲେ। ଜଙ୍ଗଲରେ ଏକ ମୟୂର ଶିକାର କରୁଥିବା ବେଳେ କୁଆଡ଼େ ଅସାବଧାନତା କାରଣରୁ ନିଜ ବନ୍ଧୁକରୁ ଗୁଳି ଫୁଟି ବାହାଦୁରଙ୍କ ଡାହାଣ ଗୋଡ଼ ଏବଂ ପେଟରେ ବାଜିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ତାଙ୍କ ସହ ଯାଇଥିବା ଅନ୍ୟ ୨ ଶିକାରୀ କହିଛନ୍ତି । ସେମାନେ ଏଥିରେ ଭୟଭୀତ ହୋଇପଡିଥିଲେ । ଗାଁକୁ ମୃତଦେହ ନ ଆଣି ମଣ୍ଡୁଆମ ଚାଟୁଣୀ ସାହି ନିକଟ ଏକ ନାଳ ବାଲିରେ ପୋତି ଦେଇ ଚାଲି ଆସିଥିଲେ । ଶୁକ୍ରବାର ସକାଳୁ କିସିଣ୍ଡା ପୋଲିସ କୌଣସି ସୂତ୍ରରୁ ଏ ସମ୍ପର୍କରେ ସୂଚନା ପାଇଥିଲା। ଏହାପରେ ଘଟଣାସ୍ଥଳକୁ ଯାଇ ମୃତଦେହକୁ ଦୀର୍ଘସମୟ ଧରି ଖୋଜାଖୋଜି କରିଥିଲା। ହେଲେ ନ ପାଇ ଗାଁରେ ପହଞ୍ଚି ଥିଲା। ବାହାଦୁରଙ୍କ ସାଙ୍ଗରେ ଯାଇଥିବା ବିଜିଲା ସିଂଙ୍କୁ ଧରି ପଚରାଉଚୁରା କରିଥିଲା। ଶେଷରେ ଜଙ୍ଗଲରୁ ମୃତଦେହକୁ ଠାବ କରାଯାଇଛି। ହେଲେ ରାତି ହୋଇଯିବାରୁ ବାଲି ଭିତରୁ ମୃତଦେହ ଉଦ୍ଧାର କରାଯାଇପାରି ନାହିଁ। ଏପରି କି ବ୍ୟବହୃତ ବନ୍ଧୁକକୁ ମଧ ଜବତ କରାଯାଇପାରି ନାହିଁ। ଶନିବାର ସକାଳୁ ମୃତଦେହ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ପୋଲିସ କହିଛି। ତେବେ ଏହି ଘଟଣାକୁ ନେଇ ଗ୍ରାମବାସୀ ସନ୍ଦେହ ପ୍ରକାଶ କରିଛନ୍ତି ।

# ଧନୁଷ୍ ତୋପର ପେଟେଣ୍ଟ,ଟ୍ରେଡ୍‌ମାର୍କ ପଛରେ କଳାହାଣ୍ଡି ପୁଅ

**ଭବାନୀପାଟଣା,୧୦।୫(ଡି.ଏନ.ଏ.)**

ଭାରତୀୟ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ତୋପ ଧନୁଷ୍ ଗତ ଏପ୍ରିଲ ଶେଷ ସପ୍ତାହରେ ସୈନ୍ୟବାହିନୀରେ ସାମିଲ ହୋଇଛି। ଧନୁଷର ପେଟେଣ୍ଟ ଓ ଟ୍ରେଡ୍‌ମାର୍କରେ କଳାହାଣ୍ଡିର ଯୁବକ ଡ. ବିଜୟ କୁମାର ସାହୁଙ୍କ ଯୋଗଦାନ ରହିଛି । ବୋଫର୍ସ ତୋପ ବିଦେଶରୁ ଆମଦାନୀ କରାଯିବା ପରେ ଏହାର ଗୁଣବତ୍ତା ନେଇ ରାଜନୈତିକ ଝଡ ସୃଷ୍ଟି ହୋଇଥିଲା। ବୋଫର୍ସ ଭଳି ତୋପ ନିର୍ମାଣ ପାଇଁ ସ୍ୱଦେଶୀ ଜ୍ଞାନକୌଶଳ ପ୍ରୟୋଗ କରିବା ପାଇଁ ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଣ୍ଟା ଭିଡିଥିଲା। ମଧ୍ୟପ୍ରଦେଶର ଜବଲପୁର ଅର୍ଡିନାନ୍ସ ଫ୍ୟାକ୍ଟ୍ରି ଦ୍ୱାରା ସ୍ୱଦେଶୀ ଜ୍ଞାନକୌଶଳରେ ଧନୁଷ୍ ତୋପ ନିର୍ମାଣ ଆରମ୍ଭ ହୋଇଥିଲା । ନିର୍ମାଣ ଶେଷ ହେବା ପରେ ଜାତୀୟ ଅନୁସନ୍ଧାନ ବିକାଶ ପରିଷଦରେ ଏହାର ପେଟେଣ୍ଟ ଓ ଟ୍ରେଡମାର୍କ ପାଇଁ ଆବେଦନ କରାଯାଇଥିଲା। ବିଶାଖାପାଟଣାସ୍ଥିତ ଇନୋଭେଶନ ଭ୍ୟାଲିର ଜାତୀୟ ଅନୁସନ୍ଧାନ ବିକାଶ ପରିଷଦର ଇଣ୍ଟେଲେକଚୁଆଲ ପ୍ରପର୍ଟି ଫ୍ରସିଲେଟେଶନ ସେଣ୍ଟର ତଥା ୟୁଏସ୍ ୱିପୋ ଟେକନୋଲୋଜି ସପୋର୍ଟ ସେଣ୍ଟରର ଆଞ୍ଚଳିକ ପରିଚାଳକ ଡ. ବିଜୟ ସାହୁଙ୍କ ନେତୃତ୍ୱରେ ଏକ ୩ ଜଣିଆ ଟିମ୍ ଏହାର ତର୍ଜମା କରି ପେଟେଣ୍ଟ ଓ ଟ୍ରେଡମାର୍କ ପାଇଁ ସୁପାରିସ କରିଥିଲେ। ପେଟେଣ୍ଟ ଓ ଟ୍ରେଡମାର୍କ ପାଇବା ପରେ ଏହା ଭାରତୀୟ ସେନାରେ ସାମିଲ ହୋଇଛି। ଏହା ସୈନ୍ୟବାହିନୀ ପାଇଁ ବହୁ ଉପାଦେୟ ହୋଇପାରିବ । ଭାରତୀୟ ସୈନ୍ୟ ବାହିନୀର ୧୦୫ ଏମ୍‌ଏମ ବନ୍ଧୁକ, ରଷିଆର ୧୨୨ ଏମ୍‌ଏମ୍ ବନ୍ଧୁକ ଓ ୧୦୫ ଏମ୍‌ଏମ୍ ବନ୍ଧୁକର ବିକଳ୍ପ ଭାବେ ସେନା ଏହାକୁ ବ୍ୟବହାର କରିପାରିବ। ଭାରତରେ ସ୍ୱଦେଶୀ ଜ୍ଞାନକୌଶଳରେ କେ-୯ ବାଜରା ଏମ୍-୭୭୭ ଅଲଟ୍ରା ଲାଇଟ ହ୍ୱିଜର୍ସ, ଆର୍ଟିଲେରି ଗନ୍ ପରେ ଧନୁଷ ଦେଶର ତୃତୀୟ ତୋପ ଅଟେ। ଏହାର ଡିଜାଇନ ୧୯୮୦ ମସିହାର ବୋଫର୍ସ ହବିଟର୍ସ ଏଫ୍‌ଏଚ-୭୭ ଭଳି ହୋଇଥିବା ବେଳେ ଚଳିତବର୍ଷ ଜବଲପୁର ଅର୍ଡିନାନ୍ସ ଫ୍ୟାକ୍ଟ୍ରିରୁ ଏହାର ନିର୍ମାଣ ଆରମ୍ଭ ହୋଇଥିଲା। ବିଶାଖାପାଟଣା କେନ୍ଦ୍ର ପକ୍ଷରୁ ଏ ପର୍ଯ୍ୟନ୍ତ ୧୯ଟି ନୂଆ ଜ୍ଞାନ କୌଶଳର ଆଇପି. ଟ୍ରେଡମାର୍କ ଓ ପେଟେଣ୍ଟ ହୋଇଛି । ଏହାର ନେତୃତ୍ୱ ନେଉଥିବା ଯୁବ ବୈଜ୍ଞାନିକ ଡ. ବିଜୟ କୁମାର ସାହୁଙ୍କ ଘର କଳାହାଣ୍ଡି ଜିଲା ମଦନପୁର ରାମପୁର ବ୍ଲକର ଅଇଁଲାପାଲି ଗାଁରେ । ଏ ନେଇ ସାହୁଙ୍କୁ ପଚାରିବାରୁ ଧନୁଷର ଟ୍ରେଡମାର୍କ ଓ ପେଟେଣ୍ଟ ଆମ ପାଇଁ ଏକ ଚ୍ୟାଲେଞ୍ଜ ଥିଲା। ଭାରତୀୟ ଜ୍ଞାନକୌଶଳରେ ନିର୍ମିତ ହୋଇଥିବା ଧନୁଷ ପାଇଁ ଆମେ ଗର୍ବିତ ବୋଲି କହିଥିଲେ । ଓଡ଼ିଶାର ସୋରଡ଼ାର ପଦ୍ମର ପେଟେଣ୍ଟ ଉପରେ କାମ ଚାଲିଛି। ଓଡ଼ିଶାର ମେଧାବୀ ଛାତ୍ରୀଛାତ୍ରମାନେ ସେମାନଙ୍କ ନୂଆ ଜ୍ଞାନକୌଶଳକୁ ପେଟେଣ୍ଟ ଓ ଟ୍ରେଡ୍‌ମାର୍କ କଲେ ଷ୍ଟାର୍ଟଅପ୍ ଇଣ୍ଡିଆ ଓ ମେକ୍‌ଇନ ଓଡ଼ିଶାକୁ ନୂଆ ଦିଗ୍‌ଦର୍ଶନ ଦେଇପାରନ୍ତେ ବୋଲି ସେ କହିଛନ୍ତି ।

## ଫଟୋରେ ଖବର



ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ଦିନର ତାପମାତ୍ରା ୪୫ ଡିଗ୍ରୀକୁ ଛୁଇଁଛି। ଶୁକ୍ରବାର ଖରାର ପ୍ରକୋପ ଯୋଗୁ ଏହି ବ୍ଲକର ବଡ ଖମାର ଗ୍ରାମରେ ପାରାଗୁଡ଼ିକ ମରି ପଡିଛନ୍ତି।

# ବେଡ୍ ଅଭାବରୁ ତଳେ ଶୋଇ ରୋଗୀ ଛଟପଟ

### ■ ସୋସିଆଲ ମିଡିଆରେ ଭାଇରାଲ ପରେ ଚେତିଲା ସ୍ୱାସ୍ଥ୍ୟ ବିଭାଗ

**ଭବାନୀପାଟଣା,୧୦।୫(ସ୍ୱ.ପ୍ର.)**

ପ୍ରତ୍ୟେକବର୍ଗର ଲୋକେ ସୁବିଧାରେ ଚିକିତ୍ସା ସେବା ପାଇ ପାରିବେ । ଏଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଗୁରୁତ୍ୱ ଦେଇ ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ କେତେଜଣ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ଅବହେଳା ଓ ଦାୟିତ୍ୱହୀନତା ଯୋଗୁ ଏହି ସୁବିଧା ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ। ଶୁକ୍ରବାର ସକାଳେ ଏଭଳି ଏକ ଅଭାବନୀୟ ଘଟଣା କଳାହାଣ୍ଡି ଜିଲା ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଦେଖିବାକୁ ମିଳିଥିଲା। ଜଣେ ରୋଗଗ୍ରସ୍ତ ଯୁବକ ବେଡ୍ (ବିଛଣା) ଅଭାବରୁ ତଳେ ଶୋଇଥିବାବେଳେ ଚିକିତ୍ସା ଅଭାବରୁ ଛଟପଟ ହେଉଥିବା ଦେଖିବାକୁ ମିଳିଥିଲା। ଏହି ଘଟଣାକୁ ନେଇ ଜଣେ ସାମାଜିକ କର୍ମୀ ସୋସିଆଲ ମିଡିଆରେ ତା'ର ଭିଡିଓ ପୋଷ୍ଟ କରିଥିଲେ। ଧୀରେ ଧୀରେ ଏହା ଭାଇରାଲ ହୋଇଥିଲା। ଏହା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ହସ୍ତକ୍ଷେପ ପରେ ସଂପୃକ୍ତ ଯୁବକଙ୍କୁ ବେଡ ଦିଆଯିବା ସହ ଉପଯୁକ୍ତ ଚିକିତ୍ସା କରାଯାଉଥିବା ଦେଖିବାକୁ ମିଳିଥିଲା। ବର୍ତ୍ତମାନ ଯୁବକଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି ।



ଯୁବକ ଜଣକ ବେଡ୍ ଓ ଚିକିତ୍ସା ଅଭାବରୁ ଛଟପଟ ହେଉଛନ୍ତି।

# ମନବୋଧଙ୍କୁ ଏମ୍‌ସ ଓପିଡିରେ ସାକ୍ଷାତ୍ କରିବାକୁ ପରାମର୍ଶ

**କଟକ ଅଫିସ, ୧୦।୫**

ଦିଲ୍ଲୀର ଏମ୍‌ସ ଆଉଟଡୋରକୁ ମନବୋଧ ଯିବେ। ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ବଳପଦର ଗ୍ରାମର ମନବୋଧ ବାଗ୍(୩୧) ମାରାତ୍ମକ ନ୍ୟୁରୋଫାଇବ୍ରୋମା ରୋଗରେ ଆକ୍ରାନ୍ତ ଅଛନ୍ତି। ୨୦୧୮ ଅକ୍ଟୋବର ୯ ତାରିଖଠାରୁ ଏସ୍‌ସିବି ମେଡିକାଲର ପ୍ଲାଷ୍ଟିକ ସର୍ଜରୀ ବିଭାଗରେ ସେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ମୁହଁରେ ହୋଇଥିବା ଛୋଟ ଆବୁଟି କ୍ରମଶଃ ବଢି ବଢି ଡାହାଣ ପଟ ଆଖି ଓ ପାଟି ବନ୍ଦ ହୋଇଗଲାଣି। ପୂର୍ବରୁ ଦୁଇ ଥର ତାଙ୍କ ମୁହଁରେ ଅସ୍ତ୍ରୋପଚାର କରାଯାଇଥିଲେ ମଧ ଏଥିରେ କୌଣସି ସୁଧାର ନ ଆସିବା ହେତୁ ସେ ପୁନଶ୍ଚ ଚିକିତ୍ସା ପାଇଁ ଏସ୍‌ସିବିରେ ଭର୍ତ୍ତି ହୋଇଛନ୍ତି। ମନବୋଧଙ୍କର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିବାରୁ ତାଙ୍କର ଚିକିତ୍ସାରେ ବାଧା ସୃଷ୍ଟି ହେଉଛି। ଏତଦ୍‌ବ୍ୟତୀତ ଉକ୍ତ ହସ୍ପିଟାଲରେ ଏହି ଜଟିଳ ରୋଗର ଚିକିତ୍ସା ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ତାହା ପରିସ୍ଥିତିକୁ ଆହୁରି ଶୋଚନୀୟ କରିଛି। ଏଣୁ ମନବୋଧଙ୍କୁ ଏହି ଜଟିଳ ରୋଗର ଚିକିତ୍ସା ପାଇଁ ଦିଲ୍ଲୀସ୍ଥିତ ଏମ୍‌ସକୁ ସ୍ଥାନାନ୍ତର କରିବା ପାଇଁ ଏସ୍‌ସିବି ମେଡିକାଲ ବୋର୍ଡ ନିଷ୍ପତ୍ତି ନେଇଥିଲେ ମଧ ଇତିମଧ୍ୟରେ ଦୀର୍ଘ ୬ ମାସରୁ ଅଧିକ ସମୟ ବିତିଗଲାଣି। ଉପରୋକ୍ତ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ରାଜ୍ୟର ଅଗ୍ରଣୀ ସାମାଜିକ ସଙ୍ଗଠନ ମୈତ୍ରୀ ସଂସଦ ପକ୍ଷରୁ ମେଡିକାଲ ପ୍ରଶାସନ, ଜିଲା ପ୍ରଶାସନ, ରାଜ୍ୟ ପ୍ରଶାସନ, ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ସଚିବ, ଏମ୍‌ପି ଓ ବିଭାଗୀୟ ମନ୍ତ୍ରୀଙ୍କୁ ସ୍ମାରକପତ୍ର ଦିଆଯାଇଥିଲା। କିନ୍ତୁ ଏଥିରୁ କୌଣସି ସୁଫଳ ନ ମିଳିବାରୁ ସଂସଦ ବାଧହୋଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲା। ହାଇକୋର୍ଟ ଏହାକୁ ବିଚାର କରି କେନ୍ଦ୍ର ସରକାରଙ୍କର ସରକାରୀ ଓକିଲଙ୍କୁ ଏ ସମ୍ବନ୍ଧରେ ଦିଲ୍ଲୀ ଏମ୍‌ସରୁ ତଥ୍ୟ ସଂଗ୍ରହ କରି ହାଇକୋର୍ଟଙ୍କୁ ଜଣାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟ ଉକ୍ତ ରୋଗୀଙ୍କ ସମସ୍ୟାକୁ ଭିନ୍ନ ଭିନ୍ନ କର୍ତ୍ତୃପକ୍ଷ ଓ ନ୍ୟାୟାଳୟଙ୍କର ଦୃଷ୍ଟି ଆକର୍ଷଣ କରି ସମସ୍ୟାର ସମାଧାନ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରିବା ଲାଗି ଆବେଦନକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହା ପରେ ଆବେଦନକାରୀଙ୍କ ଓକିଲ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ସଚିବଙ୍କୁ ସାକ୍ଷାତ କରି ଆବଶ୍ୟକ କାଗଜପତ୍ର ତାଙ୍କୁ ଦେଖାଇ ମନବୋଧଙ୍କ ସମସ୍ୟା ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ଏହା ମଧ୍ୟରେ ଦିଲ୍ଲୀସ୍ଥିତ ଏମ୍‌ସର ନ୍ୟୁରୋ ସର୍ଜରୀ ବିଭାଗର ମୁଖ୍ୟ ପ୍ରଫେସର, ଏସ୍‌ସିବି ଅଧୀକ୍ଷକଙ୍କୁ ଅନୁରୋଧ କରି ମନବୋଧଙ୍କୁ ଏମ୍‌ସ ଓପିଡିରେ ସାକ୍ଷାତ କରିବାକୁ ପରାମର୍ଶ ଦେଇଛନ୍ତି। ଏହାପରେ ସମସ୍ତ ଆନୁଷଙ୍ଗିକ ପରୀକ୍ଷା କରାଯିବା ପରେ ଉକ୍ତ ରୋଗର ଚିକିତ୍ସା ପାଇଁ କେତେ ଖର୍ଚ୍ଚ ହେବ ତାହା ଆକଳନ କରାଯାଇପାରିବ। ଉକ୍ତ ଖବର ଜାଣିବା ପରେ ମୈତ୍ରୀ ସଂସଦ ପକ୍ଷରୁ ଏକ ସ୍ମାରକପତ୍ର ସହ ଉକ୍ତ ଚିଠିର ନକଲ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ତଥା ସ୍ୱାସ୍ଥ୍ୟ ସହାୟକ ସମିତିର ଅଧ୍ୟକ୍ଷଙ୍କୁ ପ୍ରଦାନ କରାଯାଇଥିଲା। ଏଥିରେ ଆରଡିସି ହସ୍ତକ୍ଷେପ କରି ଡାଇରେକ୍ଟର ମେଡିକାଲ ଏଜୁକେଶନ ଆଣ୍ଡ ଟ୍ରେନିଂ (ଡିଏମ୍‌ଇଟି)ଙ୍କୁ ଏମ୍‌ସ ଦେଇଥିବା ନିର୍ଦ୍ଦେଶନାମା ପାଳନ କରିବା ପାଇଁ ପରାମର୍ଶ କରିଥିଲେ।

# ଡିସେମ୍ବର ଶେଷ ସୁଦ୍ଧା ସରିବ ଜମି ଅଧିଗ୍ରହଣ

**ସୋନପୁର,୧୦।୫(ନି.ପ୍ର.)**

**ଖୋର୍ଦ୍ଧା-ବଲାଙ୍ଗୀର ନୂତନ ରେଳପଥ**

ଖୋର୍ଦ୍ଧା-ବଲାଙ୍ଗୀର ନୂତନ ରେଳପଥ ଯୋଜନାର ଅଗ୍ରଗତି ସମ୍ପର୍କିତ ଏକ ସମୀକ୍ଷା ବୈଠକ ସୁବର୍ଣ୍ଣପୁର ଜିଲାପାଳ ମଧୁସୂଦନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରେଳବାଇ ବିଭାଗ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ ଅନୁଯାୟୀ ସୁବର୍ଣ୍ଣପୁର ଜିଲା ଅନ୍ତର୍ଗତ ୨୯ଟି ଗ୍ରାମର ବ୍ୟକ୍ତିଗତ ମାଲିକାନାରେ ଥିବା ୫୪୨.୯୦୯ ଏକର ଜମି ମଧ୍ୟରୁ ୧୩ଟି ଗ୍ରାମର ମୋଟ ୧୯୮.୨୦୫ ଏକର ଜମି ରେଳପଥ ବିଭାଗକୁ ହସ୍ତାନ୍ତର କରାଯାଇଛି। ୬ ଗୋଟି ଗ୍ରାମର ମୋଟ ୧୨୪.୧୦୧ ଏକର ଜମି ପାଇଁ ଜମି ଅଧିଗ୍ରହଣ ରାଶି ବଣ୍ଟନ କରାଯାଉଛି। ଏହି ଜମି ଖୁବଶୀଘ୍ର ରେଳ ବିଭାଗକୁ ହସ୍ତାନ୍ତର କରାଯିବ। ବଳକା ୯ଟି ଗ୍ରାମର ଆକଳନ ସରକାରଙ୍କ ପାଖକୁ ଆସନ୍ତା ସପ୍ତାହ ସୁଦ୍ଧା ମଞ୍ଜୁରୀ ପାଇଁ ପଠାଯିବ ବୋଲି ସମୀକ୍ଷାରୁ ଜଣା ପଡିଥିଲା। ଆବଶ୍ୟକ ଥିବା ୧୦୬.୨୬୫ ଏକର ସରକାରୀ ଜମି ମଧ୍ୟରୁ ୧୦୪.୮୬୫ ଏକର ଜମି ରେଳବାଇକୁ ପୂର୍ବରୁ ହସ୍ତାନ୍ତର କରାଯାଇଛି। ବାକି ୧.୪୦୦ ଜମିର କିସମ ଜଙ୍ଗଲ ଥିବାରୁ ପ୍ରକ୍ରିୟା ବିଳମ୍ବିତ ହେଉଛି। ବର୍ତ୍ତମାନ ଖମ୍ଭେଶ୍ୱରୀପାଲି ଗ୍ରାମ ପର୍ଯ୍ୟନ୍ତ ଜମି ଅଧିଗ୍ରହଣ ପ୍ରକ୍ରିୟା ସରିଯାଇଛି। ତେଣୁ ଉକ୍ତ ଗ୍ରାମ ପର୍ଯ୍ୟନ୍ତ ଟେଣ୍ଡର ଆହ୍ୱାନ କରି ସୁବର୍ଣ୍ଣପୁର ଜିଲାରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ଉପସ୍ଥିତ ଯନ୍ତ୍ରୀଙ୍କୁ ଜିଲାପାଳ କହିଥିଲେ। ତେଲନଦୀ ବ୍ରିଜ୍ ପାଇଁ ଟେଣ୍ଡର ଆହ୍ୱାନ ସରିଥିଲେ ମଧ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନି। ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗକୁ ଏ ସମ୍ବନ୍ଧିତ ଅନୁରୋଧ ପତ୍ର ପ୍ରଦାନ କରାଯିବ ବୋଲି ଜିଲାପାଳ ମିଶ୍ର ସୂଚନା ଦେଇଥିଲେ। ଆସନ୍ତା ସେପ୍ଟେମ୍ବର ଶେଷ ସୁଦ୍ଧା ସମସ୍ତ ସରକାରୀ ଜମିର ଅଧିଗ୍ରହଣ କାର୍ଯ୍ୟ ନିଶ୍ଚିତ ରୂପେ ସରିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ପୂର୍ବତଟ ରେଳବାଇ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଏ ଗୌରିଶଙ୍କର ରାଓ, ବଲାଙ୍ଗୀରର ସହକାରୀ ଯନ୍ତ୍ରୀ ଶିବ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଋତୁକାଳୀନ ଫଳ ଦେଉଛି ରୋଜଗାର

**ବଲାଙ୍ଗୀର ଅଫିସ,୧୦।୫**

■ ପଥଚାରୀ ଉଠାଉଛନ୍ତି ତାଲ୍‌ସଜ୍‌ର ମଜା

■ ରାସ୍ତାକଡ଼ରେ ଲକ୍ଷାଧିକ ଟଙ୍କାର ବ୍ୟବସାୟ

ବଲାଙ୍ଗୀର ଜିଲାରେ ମାର୍ଚ୍ଚ ମାସରୁ ଆରମ୍ଭ ହୋଇଯାଏ ଖରା । ଏପ୍ରିଲ, ମେ ଓ ଜୁନ୍‌ରେ ତାପମାତ୍ରା ୪୫ ଡିଗ୍ରୀ ଉପରେ । ଅଂଶୁଘାତ ଭୟ ସତ୍ତ୍ୱେ ଟାଣଖରାରେ ବି ଲୋକେ ବିଭିନ୍ନ କାମ ପାଇଁ ଘରୁ ବାହାରିବାକୁ ବାଧ ହୁଅନ୍ତି । ସେମାନଙ୍କ ପାଇଁ ତରଭୁଜ୍, କୁଶାରୀ ପନା, ଲିଚୁ, ଆମ୍ବରସ, ଲସି, ଦହିପାଣି ସାହା ହୋଇଥାଏ । ହେଲେ ଏସବୁ ସହର ଭିତରେ କିମ୍ବା ରାସ୍ତାକଡ ବଡ ଗାଁରେ ମିଳେ। ହେଲେ ସହରଠୁ ଦୂର ରାଜପଥ କଡରେ ତାଲ୍‌ସଜ୍‌ର ଚାହିଦା ଅଧିକ । ସେଥିପାଇଁ ବଲାଙ୍ଗୀର ଜିଲାରେ ଏବେ ଜମିଛି ତାଲ୍‌ସଜ୍ ବ୍ୟବସାୟ । ପ୍ରଚଣ୍ଡ ଖରାରେ ଯାତାୟାତ କରୁଥିବା ଲୋକେ କିଛି ସମୟ ଅଟକି ଯାଉଛନ୍ତି ତାଲ୍‌ସଜ ବ୍ୟବସାୟୀଙ୍କ ପାଖରେ। ଉହ ଉହ ଗ୍ରୀଷ୍ମ ପ୍ରବାହ ବେଳେ ତାଲ୍‌ସଜ୍‌ର ଶୀତଳ ଅନୁଭବକୁ ପଥଚାରୀ ମନଭରି ଉପଭୋଗ କରନ୍ତି । ସେଥିରୁ ମଜା ଉଠାନ୍ତି । ଏପରି କି ପରିବାର ଲୋକଙ୍କ ପାଇଁ କିଛି କିଣି ନେଇଥାନ୍ତି।

ବଲାଙ୍ଗୀର-ପାଟଣାଗଡ ୪୨ନମ୍ବର ରାଜ୍ୟ ରାଜପଥର ଭଇଁଷା ଗାଁ ନିକଟକୁ ଆସିବା ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ କେତେଜଣ ତାଲ୍‌ସଜ୍ ବ୍ୟବସାୟୀ ପସରା ମେଲାଇ ବସିଥାନ୍ତି। ପଥଚାରୀମାନେ ସେହି ବ୍ୟବସାୟୀଙ୍କ ପାଖରେ ଅଟକି ତାଲସଜ୍ ଖାଇଥାନ୍ତି। ସେଥିପାଇଁ ଗତ କିଛି ବର୍ଷ ହେଲା ଏହି ବ୍ୟବସାୟ ବଢ଼ିବାରେ ଲାଗିଛି। ଭଇଁଷା ଗାଁର ଫକୀର ପୋଢ଼ ଜଣେ ସଫଳ ତାଲସଜ ବ୍ୟବସାୟୀ । ପାଟଣାଗଡ଼-ବଲାଙ୍ଗୀର ରାସ୍ତାକଡରେ ସେ ପ୍ରତିବର୍ଷ ଲଗାନ୍ତି ତାଲସଜର ପସରା । ତାଙ୍କ କହିବା ମୁତାବକ ପ୍ରତିଦିନ ସେ ପ୍ରାୟ ୨ହଜାର ଟଙ୍କାର ତାଲସଜ ବିକ୍ରି କରନ୍ତି । ଗୋଟିଏ ବର୍ଷରେ ଯେଉଁ ୧୫/୨୦ ଦିନ ତାଲ୍‌ସଜ୍ ବିକ୍ରି ହୁଏ ସେଥିରୁ ସେ ୨୦ରୁ ୨୨ ହଜାର ଟଙ୍କା ଆୟ କରନ୍ତି । ପୂର୍ବବର୍ଷ ତୁଳନାରେ ଚଳିତ ବର୍ଷ ଚାହିଦା ଅଧିକ ରହିଛି । ରାସ୍ତାକଡରେ ପଥଚାରୀମାନେ ଅଟକି ତାଲସଜ ଖାଇବା ଏକ ଫେଶନ୍ ହେଲାଣି। ଲୋକଙ୍କ ଚାହିଦାକୁ ଦେଖି ଏବେ ଏହି ରାସ୍ତାର ଏକାଧିକ ତାଲସଜ ବ୍ୟବସାୟୀ ସେମାନଙ୍କ ପସରା ମେଲାଇଛନ୍ତି।

ଫକୀର ସକାଳୁ ଉଠିବା ପରେ ତାଲସଜ ସଂଗ୍ରହ କରିବାକୁ ବାହାରି ପଡନ୍ତି। ତାଙ୍କର ନିଜର କିଛି ତାଳ ଗଛ ଅଛି । ଏହାବାଦ୍ ଅନ୍ୟ ଲୋକଙ୍କ ଗଛରୁ ମଧ ସେ ତାଲସଜ ସଂଗ୍ରହ କରନ୍ତି। ଏହି ବାବଦରେ ସେମାନଙ୍କୁ କିଛି ଟଙ୍କା ଦିଅନ୍ତି। ଯେଉଁମାନେ ତାଳ କାଟିବାରେ ସାହାଯ୍ୟ କରିନ୍ତି ସେମାନଙ୍କୁ କିଛି ଅର୍ଥ ଦେଇଥାନ୍ତି। ସବୁକାମ ସରିବା ପରେ ସେ ପୂର୍ବାହ୍ନ ପ୍ରାୟ ୯ଟା ବେଳକୁ ରାସ୍ତାକଡରେ ତାଲସଜ୍‌ର ପସରା ମେଲାନ୍ତି। ଏଥିରେ ତାଙ୍କ ସ୍ତ୍ରୀ ମାଧବୀ ଏବଂ ଯୁକ୍ତ୨ ପଢୁଥିବା ପୁଅ ମୁକେଶ ବି ସହଯୋଗ କରନ୍ତି। ରାସ୍ତାକଡରେ ଦିନଦ୍ୱିପହର ପର୍ଯ୍ୟନ୍ତ ସେ ତାଲସଜ ବିକ୍ରି କରନ୍ତି । ସେଥିରୁ ଯେତିକି ଟଙ୍କା ମିଳେ ଏହି ଅଣକୃଷି ଋତୁରେ ବେଶ୍ କାମରେ ଲାଗେ ବୋଲି ଫକୀର କହନ୍ତି । ତାଙ୍କର ସମ୍ପର୍କୀୟ ଭାଇ ରଘୁମଣି ପୋଢ଼ ବି ଏଥିରେ ସହଯୋଗର ହାତ ବଢ଼ାଉଛନ୍ତି । ଦିନକୁ ଦିନ ତାଲ୍‌ସଜ୍‌ର ଚାହିଦା ବଢୁଥିବାରୁ ଆଗକୁ ଏହା ଖରାଦିନର ଅନ୍ୟତମ ଲୋକପ୍ରିୟ ଖାଦ୍ୟ ହେବାକୁ ଯାଉଛି ବୋଲି କହନ୍ତି । ଏହି ରାସ୍ତା ବ୍ୟତୀତ ବଲାଙ୍ଗୀର-ବରଗଡ ୨୬ ନମ୍ବର ଜାତୀୟ ରାଜପଥର ଶଙ୍କରଭୋଜି ଗାଁ ନିକଟରେ ବି ତାଲସଜ ବ୍ୟବସାୟ ବଢୁଥିବାର ଲକ୍ଷ୍ୟ କରାଯାଉଛି। ପ୍ରତିବର୍ଷ ଏହି ଋତୁକାଳୀନ ତାଳ ବ୍ୟବସାୟ କରି କେତେଜଣ ଲକ୍ଷାଧିକ ଟଙ୍କା ଉପାର୍ଜନ କରୁଛନ୍ତି।



ବଲାଙ୍ଗୀର-ପାଟଣାଗଡ଼ ରାସ୍ତାର ଭଇଁଷା ଗାଁ ନିକଟରେ ଫକୀର ପୋଢ଼ ତାଲ୍‌ସଜ୍ ବିକ୍ରିରେ ବ୍ୟସ୍ତ ଅଛନ୍ତି।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ରୋଗ, ଶତ୍ରୁ ଓ ଋଣ, ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବା। ପାପ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବା।
- ଶ୍ରୀଚୈତନ୍ୟ



## ସଂକ୍ଷେପରେ



### ଗରମ ଚା' ପଡ଼ି ଶିଶୁ ଗୁରୁତର

**ନୂଆପଡ଼ା ଅଫିସ,୧୦।୫-** ନୂଆପଡ଼ା ଜିଲା କୋମନା ଥାନା ଅନ୍ତର୍ଗତ ଘୋଟସର ଗାଁର ଦୀପାଞ୍ଜଳି ଶବର ନାମ୍ନୀ ୨ୟ ବର୍ଷର ଶିଶୁଙ୍କ ଦେହରେ ଗରମ ଚା' ପଡିବାରୁ ଦେହର ଅର୍ଦ୍ଧାଧିକ ଅଂଶ ପୋଡିଯାଇଛି । ତାଙ୍କୁ ତୁରନ୍ତ କୋମନା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତୁରନ୍ତ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ରିପୋର୍ଟ ଲେଖାଯିବା ସୁଦ୍ଧା ଶିଶୁଙ୍କ ଅବସ୍ଥା ଠିକ ରହିଥିବା ଜଣାପଡ଼ିଛି ।

### ବ୍ୟବସାୟୀଙ୍କୁ ଆକ୍ରମଣ କରି ଲୁଟ୍

**ମନମୁଣ୍ଡା, ୧୦।୫ (ଡି.ଏନ.ଏ.)-** ବୌଦ୍ଧ ଜିଲା ମନମୁଣ୍ଡା ଥାନାଠାରୁ ୧କିମି ଦୂର ନୂର୍ପା ରାସ୍ତାରେ ବୁଧବାର ଜଣେ ବ୍ୟବସାୟୀଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରି ଲୁଟ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି । ରାତି ପ୍ରାୟ ସାଢ଼େ ୭ଟାରେ ନୂର୍ପାର ବ୍ୟବସାୟୀ ମଧୁ ମଲିକ ମନମୁଣ୍ଡାରୁ ଗାଁକୁ ଚାଲି ଚାଲି ଯାଉଥିଲେ। ଏହି ସମୟରେ ୩ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କୁ ଅଟକାଇ ପାଖରେ ଯାହା ଅଛି ଦେବା ପାଇଁ କହିଥିଲେ । ବ୍ୟବସାୟୀ ଜଣକ ତାଙ୍କ ପାଖରେ କିଛି ନ ଥିବା କହିବା ସତ୍ତ୍ୱେ ଜଣେ ଦୁର୍ବୃତ୍ତ ଏକ ଛୁରୀରେ ତାଙ୍କ ବେକରେ ଆଘାତ କରିଥିଲେ ଏବଂ ପକେଟରୁ ଏକ ମୋବାଇଲ ସେଟ ନେଇ ମନମୁଣ୍ଡା ଆଡକୁ ଫେରାର ହୋଇଯାଇଥିଲେ ।

## ଦୁକାନୀକର କବ୍‌ଜାରେ ରାସ୍ତା
# ଫେଲ୍ ମାରୁଛେ ଟ୍ରାଫିକ୍ ବେବସ୍ତା

**ଭବାନୀପାଟଣା,୧୦।୫ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣା ସହରରେ ଲୋକ୍ ସଂଖ୍ୟା ବଢ଼ବାର ସଂଗେ ଦୁକାନ ବଜାର ବଢ଼ତେଲ ଯାଉଛେ। ସହରର ମୁଖିଆ ଜାଗାମାନକେ ଦୁକାନୀମାନେ ରାସ୍ତା ଜବରଦଖଲ କରବାର ଲାଗି ଟ୍ରାଫିକ ସମସିଆ ହେଉଛେ। ଭବାନୀପାଟଣା ସହରର ଘୋଡ଼ାଘାଟ ଛକନୁ ଷ୍ଟେଟ୍ଟ୍ୟୁ ଛକ ତକ୍ ରାସ୍ତାର ଦୁଇଫାଲେ ଦୁକାନୀମାନେ ରାସ୍ତା ଜବରଦଖଲ କରି ଜିନିଷପାତି ରଖୁଛନ୍। ସବୁ ହପ୍ତାର ମଙ୍ଗଳବାର ଆର ଶନିବାର ମାଣିକେଶ୍ୱରୀ ଗୁଡ଼ିନେ ଭକତମାନକର ଭିଡ଼ ହେସି। ଦେଉଲର ସାମନାରେ ଥିବାର କପଡ଼ା ଦୁକାନ, ମିଠା ଦୁକାନ ସମେତ ଭିନେ ଭିନେ ଶୋ ରୁମ୍ ପାର୍କିଂ ରାସ୍ତାକେ ଜବରଦଖଲ କରିଛନ୍। ଯେନ୍‌ଥିରଲାଗି ସାଧାରନ୍ ଲୋକ ଇ ରାସ୍ତାରେ ଗଲା ଆଏଲା ବେଲେ ଟ୍ରାଫିକ ଲାଗି ହଇରାନ ହରକତ୍ ହେଉଛନ୍। ଥାନୀୟ ପୁଲିସ ଆର ପୌରସଂସ୍ଥା ଇ ଦୁକାନୀମାନକୁ ଦରଦ୍ ଦେଖଉଥିବାର ଅଭିଯୋଗ ହେଉଛେ। ଭବାନୀପାଟଣା ସହରର ଗାନ୍ଧୀ ଛକରେ ଆଗରୁ ପିଲର ବ୍ୟାରିଅର ଦିଆଯାଇଥିଲା, ଯେନ୍‌ଥିରଲାଗି ଚାଏରଚକିଆ ଗାଡ଼ିମଟର ଭିତିରକେ ନାଇଁ ଢୁକୁଥିଲା। ହେଲେ ସେଟାକେ ଅଲଗେଇ ଦେବାର ଲାଗି ସହରରେ ବଡ଼ଭାରି ଟ୍ରାଫିକ ସମସିଆ ଦେଖାଦେଇଛେ। ସହରର ଷ୍ଟେଟ୍ଟ୍ୟୁ ଛକ୍‌ରୁ ଷ୍ଟାଡିୟମକେ ଗଲାବେଲେ ପୋଷ୍ଟ ଅଫିସ ସାମନାରେ ଉଠା ଦୁକାନୀମାନକର ଲାଗି ସାଧାରନ ଲୋକ ଯିବାର ଆଏବାରେ ଅସବିଧା ଦେଖାଦେଉଛେ। ଦିନାକେତେ ତଲେ ପୌରସଂସ୍ଥା ସାହାଯ୍ୟରେ ଟାଉନ ଥାନା ପୁଲିସ ସେମାନକୁ ଫିଦିନିଆଁ ବଜାରକେ ଉଠେଇ ନେଇଥିଲା। ହେଲେ ଦିନାକେତେ ଉତାରୁ ଦୁକାନୀମାନେ ଫେନ୍ ଯେ ଯାହାର ଜାଗାରେ ବସିଯାଇଛନ୍। ସେନ୍ତା ଘୋଡ଼ାଘାଟ ଛକ୍‌ନେ ବି ଉଠା ଦୁକାନୀ ଆର ସତ୍ୟସାଇ ସ୍କୁଲର ଭିଡ଼ ଲାଗି ଟ୍ରାଫିକ ସମସିଆ ଦେଖାଦେଉଛେ। ଉଜନିଆ ମାଲବୁହା ଗାଡ଼ିମଟର ଦିନବେଲା ସହର ଭିତିରକେ ଆଏବାର ମନା ଅଛେ। ହେଲେ କେତେ ଗାଡ଼ିବାଲା ଟ୍ରାଫିକ ପୁଲିସକେ ହାତ୍ କରି ବେଧଡ଼କ ଦିନ୍‌ଦାହାଡ଼େ ସହର ଭିତିରକେ ଗାଡ଼ି ଢୁକଉଛନ୍। ବେଆଇନ୍ ରାସ୍ତା ଜବରଦଖଲ ଲାଗି ଦିନୁଦିନ୍‌କେ ଜାତୀୟ ରାଜପଥ ସାଁକୁର ହେତେଲ ଯାଉଛେ।

ଏନ୍ତାଥି ଭବାନୀପାଟଣା ସହରରେ ଦିନୁଦିନ୍‌କେ ଟ୍ରାଫିକ ବେବସ୍ତା ଫେଲ ମାରୁଛେ। ଜାତୀୟ ରାଜପଥ ୨୬ ଲାଗି ବାଇପାସ ରାସ୍ତା ତିଆରି କରବାକେ ଜନସାଧାରନରେ ଦାବି ହେଉଛେ। ହେଲେ ଇ ଦିଗେ ଜିଲା ପରଶାସନ ଚୁପ୍‌ମାରି ବସବାରଟା ସାଧାରନ୍‌ରେ ଅସନ୍ତୋଷ ପରକାଶ ପାଉଛେ। ଯେତେ ଜଲଦି ହେବା ସହରରେ ଟ୍ରାଫିକ ବେବସ୍ତା ସୁଧ୍‌ରାବାର ଲାଗି ପୁଲିସ, ପୌରସଂସ୍ଥା ଆର ଜିଲା ପରଶାସନ ମିଶି ବଇଠକ୍ କରି ପଦକ୍ଷେପ ନେବାକେ ବୁଧିଜୀବୀ ମହଲରେ ଦାବି ହେଉଛେ। ଇ ବାବ୍‌ଦେ ଟାଉନ ଥାନା ଆଇ.ଆଇ.ସି ସତ୍ୟ କୁମାର ନନ୍ଦଙ୍କୁ ପଚରାଲାରୁ ପୌରସଂସ୍ଥା ସଂଗେ କଥା ହେଇ ଜବରଦଖଲ ଉଠାଯିବା ଆର ଟ୍ରାଫିକ ବେବସ୍ତାକେ ଠିକ୍ କରାଯିବା ବଲି ସେ କହିଥିଲେ। ସେନ୍ତା ଇ ବାବ୍‌ଦେ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱମ୍ବର ମିଶ୍ରଙ୍କୁ ପଚରାଲାରୁ ସହରରେ ରାସ୍ତା ଉପରେ ଉଠା ଦୁକାନୀମାନେ ବସୁଛନ୍। ଇମାନକର ଲାଗି ଉନିଆ ଜାଗାର ବେବସ୍ତା କରି ଥଇଥାନ କରାଯିବାର ଚେଷ୍ଟା ଚାଲିଛେ ବଲି ସେ କହିଥିଲେ। ଇ ବାବ୍‌ଦେ ଦୁଇଝନ୍ ଥାନୀୟ ବେଉସାୟୀ ଦିନେଶ ସତନାମୀ ଆର ଗୁରୁବାରୀ ଗୋଉଡ଼ଙ୍କୁ ପଚରାଲାରୁ ଆମର ଜାଗାଠାନ୍ ନାଁଇଁନ, ସେଥିରଲାଗି ରାସ୍ତା ତରେ ବସି ବେପାର କରୁଛୁଁ। ପୌରସଂସ୍ଥା ଆମରନୁ ଫିଦିନ୍ ଟିକସ୍ ଅସୁଲ କରୁଛେ, ହେଲେ କିଛି ବେବସ୍ତା ନାଇଁ କରବାର। ଯଦି ଆମର ଲାଗି କିଛି ବେବସ୍ତା କରବା ଆମେ ଖୁସିରେ ସେ ଜାଗାରେ ବେପାର କରମୁ ବଲି ଉଭଏ କହିଥିଲେ।

**ଭବାନୀପାଟଣା ସହର**



ଦୁକାନୀମାନେ ରାସ୍ତା ଉପରେ ବିକାଭଂଗା କରୁଛନ୍।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହାତରେ ନାହିଁ ଖଡ଼ଖଡ଼**
**କଥା କହୁଛି ବଡ଼ବଡ଼ ।**

ହାତରେ ଧନ ନାହିଁ କିନ୍ତୁ ମୁହଁ ଫୁଟାଣି କାହିଁରେ କେତେ। କିଛି ଧନହୀନ ବ୍ୟକ୍ତି ନିଜର ବୃଥା ବଡ଼ିମା ଦେଖାଇ ହେବାକୁ ଯାଇ ତୁମ୍ଭିତୋଫାନ ଭଳି କଥା କହିଥାନ୍ତି। ହାତରେ ଧନ ନ ଥାଇ ବଡ଼ବଡ଼ କଥା କହୁଥିବା ଲୋକ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ହାତରେ ମୁଦି, ଗୋଡ଼ରେ ପାହୁଡ଼**
**ଚାଲିଗଲେ ରୁଣଝୁଣ;**
**ଭାରିଜା ପରଷା ସୁଆଦ ଲାଗେ,**
**ଭାରିଜା ତ ଅବିଗୁଣ ।**

ଯେତେ ଅଳଙ୍କାରରେ ସଜ୍ଜିତ ହୋଇଥିଲେ ସୁଦ୍ଧା ଯଦି ନାରୀଠାରେ ସ୍ନେହ, ଆଦର, ସେବା ତଥା ପବିତ୍ରତା ଭଳି ବିଶେଷ ଗୁଣର ଅଭାବ ଥାଏ ତେବେ ସେ ସେତେଟା ଆଦରଣୀୟ ହୋଇ ପାରି ନ ଥାଏ। ଭଲ ରନ୍ଧାବଢ଼ା କରି ଶିଖିଥିଲେ ମଧ୍ୟ ଯଦି ସେ ମନ୍ଦଗୁଣାଯୁକ୍ତ ହୋଇଥାଏ ତା'ହେଲେ ସେ ପତିର ମନକୁ ଆକୃଷ୍ଟ କରି ପାରି ନ ଥାଏ। ଫଳସ୍ୱରୂପ ଏପରି ନାରୀଠାରୁ ସ୍ୱାମୀ ମୁହଁ ଫେରାଇନେବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା. ଲି.


## ପୂର୍ବ ତଟ ରେଳପଥ

**ଜୁନ୍-2019 ପାଇଁ ଡିପୋ ଏବଂ ମଣ୍ଡଳଗୁଡ଼ିକ ନିମନ୍ତେ ସ୍କ୍ରାପ୍ ବିକ୍ରୀ ଇ-ନିଲାମ କାର୍ଯ୍ୟସୂଚୀ**

**ଇ-ନିଲାମର ଅନୁସୂଚୀ**

| ମାସ | ଡିପୋ/ମଣ୍ଡଳ | ତାରିଖ |
|---|---|---|
| ଜୁନ୍ -2019 | ଡିପୋ ମଞ୍ଚେଶ୍ୱର | 03.06.2019 (ସୋମବାର), 10.06.2019 (ସୋମବାର), 18.06.2019 (ମଙ୍ଗଳବାର) ଏବଂ 29.06.2019 (ଶନିବାର) |
| | ଖୋର୍ଦ୍ଧା ରୋଡ଼ ମଣ୍ଡଳ | 04.06.2019 (ମଙ୍ଗଳବାର), 11.06.2019 (ମଙ୍ଗଳବାର), 19.06.2019 (ବୁଧବାର) ଏବଂ 27.06.2019 (ଗୁରୁବାର) |
| | ୱାଲ୍ଟିୟର ମଣ୍ଡଳ | 06.06.2019 (ଗୁରୁବାର), 13.06.2019 (ଗୁରୁବାର), 20.06.2019 (ଗୁରୁବାର) ଏବଂ 28.06.2019 (ଶୁକ୍ରବାର) |
| | ସମ୍ବଲପୁର ମଣ୍ଡଳ | 07.06.2019(ଶୁକ୍ରବାର),17.06.2019 (ସୋମବାର) ଏବଂ 26.06.2019 (ବୁଧବାର) |

ସାମଗ୍ରୀଗୁଡ଼ିକର ସର୍ତ୍ତ ଓ ବ୍ୟବସ୍ଥାବଳୀ ସମ୍ପର୍କିତ ସଂପୂର୍ଣ୍ଣ ବିବରଣୀ ନିଲାମ କାଟ୍‌ଲଗ୍ ଅନୁଯାୟୀ କରାଯିବ, ଯାହାକି ପୂର୍ବ ତଟ ରେଳପଥର ନିଲାମ ସଂଞ୍ଚାଳନ ସମ୍ପର୍କିତ ଅଧିକାରୀ କିମ୍ବା ନିଲାମ ତାରିଖର 07 (ସାତ) ଦିନ ପୂର୍ବରୁ ଆମର ୱେବସାଇଟ୍ : www.ireps.gov.in ରେ ଉପଲବ୍ଧ ହେବ।

PR-68/K/19-20 | ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର


# ସିନାପାଲି ବ୍ଲକ କଲୋନୀରେ ବେଆଇନ ଗଛକଟାକୁ ନେଇ ଅସନ୍ତୋଷ

**ସିନାପାଲି,୧୦।୫ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ କଲୋନୀ ପରିସରରେ ଥିବା ସବୁଜିମା ଗଛ କଟାକୁ ବିରୋଧ କରି ସିନାପାଲି ସହରବାସୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ସିନାପାଲି ବ୍ଲକ କଲୋନୀ ପରିସରରେ ଦୀର୍ଘ ବର୍ଷ ଧରି ଦେବଦାରୁ ଗଛ ରହିଥିଲା । ଏହି ଗଛଗୁଡିକ ସୁଉଚ୍ଚ ହୋଇ ସୌନ୍ଦର୍ଯ୍ୟ ବୃଦ୍ଧି କରୁଥିଲା । ବ୍ଲକ କଲୋନୀ ପରିସରରେ ଥିବା ଗଛକୁ ସିନାପାଲି ବ୍ଲକ ପ୍ରଶାସନ ତରଫରୁ ବେଆଇନ ଭାବେ ଗଛଗୁଡିକୁ କାଟି ଦିଆଯାଇଛି । ଫଳରେ ବ୍ଲକ କଲୋନୀ ପରିସର ଶ୍ରୀହିନ ହୋଇପଡିଛି । ବ୍ଲକ ପ୍ରଶାସନର ଏଭଳି କାର୍ଯ୍ୟକୁ ନେଇ ସହରବାସୀ ଓ ପରିବେଶ ପ୍ରେମୀଙ୍କୁ ବ୍ୟଥିତ କରିଛି । ଏହି ଘଟଣାକୁ ନେଇ ସିନାପାଲି ଆଦର୍ଶ କ୍ଲବ ସଦସ୍ୟମାନେ ସିନାପାଲି ରେଞ୍ଜରଙ୍କ ଦ୍ୱାରସ୍ଥ ହେବା ସହ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ରେଞ୍ଜର ମୂରାରୀ ପ୍ରସାଦ ପଣ୍ଡା ଗଛଗୁଡିକ ଜବତ କରିବା ସହ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ହେଲେ ଆଜି ପର୍ଯ୍ୟନ୍ତ ସେଭଳି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ସିନାପାଲି ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସିନାପାଲି ରେଞ୍ଜ ଅଫିସ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଦିନକୁ ଦିନ ଅଞ୍ଚଳରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଲାଗିବା ସହ ଆଶାନୁରୂପ ବର୍ଷା ହେଉ ନାହିଁ । ଏହାକୁ ଆଖି ଆଗରେ ରଖି ପ୍ରଶାସନ ତରଫରୁ ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବନୀକରଣ କରାଯାଉଛି । ହେଲେ ବନବିଭାଗ ବିନା ପରାମର୍ଶରେ ଗଛ କାଟିବା ଏବଂ କେଉଁ ଉଦ୍ଦେଶ୍ୟରେ ଗଛ କଟା ଗଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ଗଛରେ ଅନେକ ପକ୍ଷୀ ବାସ କରି କିଚିରି ମିଚିରି ଶବ୍ଦରେ ଲୋକଙ୍କ ମନ କିଣୁଥିଲା ଏବେ ଗଛ କାଟିବା ପରେ ପକ୍ଷୀମାନେ ଆଶ୍ରୟ ଛଡି ଚାଲିଯିବା ପରେ ତାଙ୍କର ଶବ୍ଦ ଆଉ ଶୁଣିବାକୁ ମିଳୁନି । ଫଳରେ ପରିବେଶ ପ୍ରେମୀଙ୍କୁ ବେଶ ବ୍ୟଥିତ କରିଥିବା ସାଧାରଣ ମହଲରେ ବେଶ ଚର୍ଚ୍ଚା ହେଉଛି । ଏହି ଗଛ ଗୁଡିକରେ କେତେକ ପକ୍ଷୀ ବସା ବାନ୍ଧିଥିଲେ ସେମାନଙ୍କ ମଳତ୍ୟାଗରେ କଲୋନୀ ଦୁର୍ଗନ୍ଧ ହେଉଥିବାରୁ ଏଭଳି କରିଥିବା ଚର୍ଚ୍ଚା ହେଉଛି। ସିନାପାଲି ବିଡିଓ ସୁରେନ୍ଦ୍ର ମେହେର ମୋର ବିନା ଉପସ୍ଥିତିରେ ହୋଇଛି ଏବଂ ଏହା ମୁଁ ଜାଣିନାହିଁ ବୋଲି କହିଛନ୍ତି ।

## ଶ୍ରୀସାଈ ଜୁନିୟର କଲେଜର ବାର୍ଷିକ ଉତ୍ସବ
# କଠିନ ପରିଶ୍ରମ ଛାତ୍ରଙ୍କୁ ଗଢ଼ିତୋଳେ

**ନୂଆପଡା ଅଫିସ,୧୦।୫**

**ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଛାତ୍ର**

ଆଜିର ଛାତ୍ର ସମାଜ ବହୁ ସଚେତନ । ଛାତ୍ରୀଛାତ୍ରଙ୍କ ହାତ ମୁଠାରେ ସଫଳତା ରହିଥାଏ। କଠିନ ପରିଶ୍ରମ ସହ ଗଭୀର ଅଧ୍ୟବସାୟ ଆବଶ୍ୟକ। ଏ ଦୁଇଟି ଛାତ୍ରଙ୍କୁ ଉଚିତ ମାର୍ଗରେ ନେଇଯାଇଥାଏବୋଲି ମତ ପ୍ରକାଶ ପାଇଛି। ସ୍ଥାନୀୟ କୁରୁମପୁରୀସ୍ଥିତ ଶ୍ରୀସାଇ ଜୁନିୟର କଲେଜର ୪ର୍ଥ ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ଏହା କହିଥିଲେ । କଲେଜ ଅଧ୍ୟକ୍ଷ ରବୀନ୍ଦ୍ର କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଡା. ପୋମାଟୁଡୁ ମୁଖ୍ୟଅତିଥି, ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟବକ୍ତା, ଡ. ଶିବ ପ୍ରସାଦ ବେହେରା, ଡୋଳାମଣୀ ସିଂ ବାବୁ, କଲେଜ ପରିଚାଳନା ନିର୍ଦ୍ଦେଶକ ମୁକେଶ କୁମାର ଭସାଣୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ପୂଜାର୍ଚ୍ଚନା ପରେ କଲେଜ ଅଧ୍ୟକ୍ଷ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସମ୍ମାନିତ ବକ୍ତା ହଳଧର ନାଗ କୋଶଲୀ ଭାଷା ସାହିତ୍ୟ ଉପରେ ବିଶେଷ ଆଲୋଚନା କରିଥିବାବେଳେ ଏହା କିଭଳି ଦେଶ ବିଦେଶରେ ବର୍ତ୍ତମାନ ଆଦୃତ ହେବାରେ ଲାଗିଛି। କୋଶଲୀ ଭାଷା ଏବଂ ସଂସ୍କୃତି ବହୁ ପୁରୁଣା। ଏହାକୁ ପାଶ୍ଚାତ୍ୟ ଦେଶଗୁଡିକ କିପରି ଅନୁସରଣ କରି ଗବେଷଣା କରିଛନ୍ତି । ସେ ଉପରେ ବିଷଦ ଭାବରେ ଆଲୋଚନା କରିଥିଲେ। ସେହିଭଳି ବକ୍ତା ସିଂ ବାବୁ ସାମାଜିକ ସଙ୍ଗଠନର କାର୍ଯ୍ୟକ୍ରମ ଏବଂ ସମାଜ ସେବା ଉପରେ ଛାତ୍ରୀଛାତ୍ରମାନଙ୍କୁ ଆଗେଇବାକୁ ପରାମର୍ଶ କରିଥିଲେ। ଡ. ବେହେରା ଛାତ୍ରମାନଙ୍କୁ ସ୍ୱପ୍ନ ଦେଖିବାକୁ କହିଥିଲେ । ଜିଲାପାଳ ଡା. ଟୁଡୁ ଛାତ୍ରଙ୍କ ହାତରେ ସଫଳତା ରହିଛି । ତାକୁ କିଏ କିପରି କାର୍ଯ୍ୟକାରୀ କରିବ ତାଙ୍କ ଉପରେ ନିର୍ଭର କରିଥାଏ। କଠିନ ପରିଶ୍ରମ କରି ଗଭୀର ଅଧ୍ୟବସାୟର ସହ ପାଠ ପଢିଲେ ଭାଗ୍ୟ ଆପେ ଟାଣି ନେବବୋଲି କହିଥିଲେ । ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଯାଇଥିଲା । ବିଜ୍ଞାନ, ବାଣିଜ୍ୟ ଏବଂ କଳାରେ ଗତବର୍ଷ ସର୍ବଶ୍ରେଷ୍ଠା ମାର୍କ ରଖିଥିବା ଯଥାକ୍ରମେ ରାକେଶ ଦେୱାଙ୍ଗନ, ଧନଞ୍ଜୟ ଦୀପ ଏବଂ ଡାଳେଶ୍ୱରୀ ମହାନନ୍ଦଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମରେ ଅଧ୍ୟାପିକା ଫେମିନା ରଏ, ମେଘା ଯାଦବ, କ୍ଷୀତିଶ ବନଛୋର ମଞ୍ଚ ପରିଚାଳନା କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମକୁ ରେଣୁକା ଦୁରିଆ, ଚିନ୍ତାମଣୀ ପଟେଲ, ଅଙ୍କିତ ହୋତା, ବୈଲୋଚନ ସାହୁ ପ୍ରମୁଖ ପରି ଚାଳନା କରିଥିଲେ।




ଶ୍ରୀସାଇ ଜୁନିୟର କଲେଜର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।


No. 04-AA

**GOVERNMENT OF ODISHA**
**ELECTRICAL LICENSING BOARD**
**OFFICE OF THE ENGINEER-IN-CHIEF ELECTRICITY-CUM-PRINCIPAL CHIEF ELECTRICAL INSPECTOR, ODISHA**
**3RD FLOOR HEADS OF DEPARTMENT BUILDING**
**BHUBANESWAR- 751001**
Phone- **0674-2394572,** Email: **secyelbo@nic.in**

**NOTICE**

No. ELBO/Fani/125/2019/455/Dated Bhubaneswar, the 10.05.2019

ଇତିମଧ୍ୟରେ ବହୁତ ଲାଇସେନ୍ସ ପ୍ରାପ୍ତ (HT) ବିଦ୍ୟୁତ୍ କଣ୍ଟ୍ରାକ୍ଟର ଆମର ନୋଟିସ ଅନୁସାରେ ଆମ ପାଖରେ ରିପୋର୍ଟ କରିସାରିଲେଣି ।

ଯେଉଁ ଲାଇସେନ୍ସ ପ୍ରାପ୍ତ (HT) ବିଦ୍ୟୁତ୍ କଣ୍ଟ୍ରାକ୍ଟର 'ମେ' ମାସ ୧୦ତାରିଖ ସୁଦ୍ଧା ତାଙ୍କର ଗ୍ୟାଙ୍ଗ ସହ ବାତ୍ୟା "ଫନି"ର ପୁନଃଉଦ୍ଧାର କାର୍ଯ୍ୟରେ ଯୋଗଦେବାରେ ବିଫଳ ହୋଇଛନ୍ତି, ସେମାନଙ୍କୁ ଅନ୍ତିମ ସୁଯୋଗ ସ୍ୱରୂପ ଆସନ୍ତା 'ମେ' ମାସ ୧୨ତାରିଖ ୧୨ଟା ସୁଦ୍ଧା ତାଙ୍କ ଅଧୀନସ୍ଥ ଶ୍ରମିକ ଗ୍ୟାଙ୍ଗ୍ ତଥା ସୁପରଭାଇଜର ଏବଂ ଆବଶ୍ୟକ ଯନ୍ତ୍ରପାତି ସହିତ ରିପୋର୍ଟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଉଛି । ଅନ୍ୟଥା ଲାଇସେନ୍ସ ରଦ୍ଦ ହୋଇଯିବ ।

**ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ**
**ଓଡ଼ିଶା।**

04004/11/0004/1920

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୧୧ ମେ ୨୦୧୯



ଆଖି ଅନ୍ୟ ସବୁ ଦେଖିପାରେ, କିନ୍ତୁ ନିଜକୁ ଦେଖିପାରେ ନାହିଁ। ମଣିଷ ଅନ୍ୟର ଭୁଲ୍ ବାଛି ବସେ, କିନ୍ତୁ ନିଜର ଭୁଲ୍‌କୁ ସ୍ୱୀକାର କରି ନ ଥାଏ।
- ସତ୍ୟସାଇବାବା



## ସଂକ୍ଷେପରେ

### ମଦ ଜବତ, ଅଭିଯୁକ୍ତ ଗିରଫ

ବିନିକା,୧୦।୫(ଡି.ଏନ୍.ଏ.)
ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ୍ ସିନ୍ଦୁରପୁର ପଞ୍ଚାୟତ ଅନ୍ତର୍ଗତ ମଣିଗାଁ ଝରାପଡାରେ ଶୁକ୍ରବାର ବିନିକା ପୋଲିସ ଚଢାଉ କରି ୪୦ଲିଟର ଦେଶୀରନ୍ଧା ମଦ ଜବତ କରିଛି। ଏଥିରେ ସମ୍ପୃକ୍ତି ଥଇବା ଅଭିଯୋଗରେ ରାମ ପଧାନ(୫୯)ଙ୍କୁ ଗିରଫ କରାଯାଇଛି। ସୂଚନା ମୁତାବକ ରାମ ଉଲୁଣ୍ଡା ପଟରୁ ଏକ ମଟର ଟ୍ୟୁବରେ ୪୦ଲିଟର ଦେଶୀ ରନ୍ଧାମଦ ଚାଲାଣ କରୁଥିବା ସମୟରେ ବିନିକା ଥାନା ପୋଲିସ୍ ତାଙ୍କୁ ଧରିଥିଲା। ଅପରାହ୍ନରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ବିନିକା ଥାନାରେ ଏକ ମାମଲା(ନଂ.୮୨/୧୯) ରୁଜୁ ହୋଇଛି।

# କଳାହାଣ୍ଡିରେ ୪୪.୫ ଡିଗ୍ରୀ: ଗରମରେ ସିଝୁଛନ୍ତି ଲୋକେ

ଭବାନୀପାଟଣା,୧୦।୫ (ଡି.ଏନ.ଏ.)

ବାତ୍ୟା ଫନୀର କ୍ଷତ ଭରି ନ ଥିବା ବେଳେ ସାରା ରାଜ୍ୟ ପ୍ରଚଣ୍ଡ ଗ୍ରୀଷ୍ମ ବଳୟ ଭିତରକୁ ଚାଲି ଯାଇଛି। ସତେ ଯେମିତି ତତଲା ତାୱାରେ ରାଜ୍ୟବାସୀ ଭାଜି ହେଉଛନ୍ତି। କଳାହାଣ୍ଡି ଜିଲା ଭବାନୀପାଟଣା ସହରର ବୁଧବାର ୪୪ ଡିଗ୍ରୀ ଥିବା ବେଳେ ଗୁରୁବାର ୪୪.୫ ଡିଗ୍ରୀ ପହଞ୍ଚିଛି। ଫଳରେ ଲୋକେ ପ୍ରଚଣ୍ଡ ତାତିରେ ନାକେଦମ ହୋଇଥିଲେ। ତାତି ଯୋଗୁ ଲୋକେ ଘରୁ ପଦାକୁ ବାହାରି ନ ଥିଲେ। ପୁଣି ଗୁଳୁଗୁଳି ଓ ଅସହ୍ୟ ତାତି ଯୋଗୁ ଲୋକେ ଦହଗଞ୍ଜ ହେଉଛନ୍ତି। ପଥଚାରୀମାନେ ଛାଇ ଓ ପାଣି ଟୋପେ ପାଇଁ ତହଳବିକଳ ହେଉଛନ୍ତି। କଳାହାଣ୍ଡି ଜିଲାରେ ଗତ କିଛି ଦିନଧରି ପ୍ରବଳ ଗ୍ରୀଷ୍ମ ପ୍ରବାହ ଲାଗି ରହିବାରୁ ସାଧାରଣ ଜନଜୀବନ ବିପର୍ଯ୍ୟସ୍ତ ହୋଇପଡିଛି। ପାରଦ ପ୍ରତିଦିନ ୪୨ ଡିଗ୍ରୀରୁ ଅଧିକ ରହିବା ସହ ଝାଞ୍ଜି ପବନ ବହିବା ଯୋଗୁ ଜନସାଧାରଣ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ଗୃହପାଳିତ ପଶୁମାନଙ୍କ କଥା ନ କହିଲେ ଭଲ। ସକାଳ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ରାସ୍ତାଘାଟ ସମ୍ପୂର୍ଣ୍ଣ ଜନଶୂନ୍ୟ ହୋଇପଡୁଛି। ଗରିବ ଲୋକମାନେ ପ୍ରବଳ ଖରାରେ ନାହିଁ ନ ଥିବା ଅସୁବିଧାର ସାମ୍ମୁଖିନ ହେଉଛନ୍ତି। ସରକାରୀ ନୀୟମ ଅନୁସାରେ ଗ୍ରୀଷ୍ମ ପ୍ରବାହରେ ପୂର୍ବାହ୍ନ ୧୧ଟା ପରଠାରୁ ଶ୍ରମିକମାନେ ଅପରାହ୍ନ ୪ଟା ପର୍ଯ୍ୟନ୍ତ କୌଣସି କାମ ନ କରିବାକୁ ନିୟମ ଥିଲେ ମଧ୍ୟ ଏହାର ବ୍ୟତିକ୍ରମ ଘଟୁଥିବା ଦେଖିବାକୁ ମିଳୁଛି। ଶ୍ରମ ବିଭାଗ ମଧ୍ୟ ନିରବରେ ରହିବା ଘଟଣା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। ଦିନ ଦ୍ୱିପହ ଓ ରାତିରେ ପ୍ରବଳ ଗରମ ଯୋଗୁ ଲୋକେ ଠିକ୍ ଭାବେ ଶୋଇ ମଧ୍ୟ ପାରୁନାହାନ୍ତି।

ଏହିଭଳି ଗୋଟିଏ ସପ୍ତାହ ଯଦି ଗ୍ରୀଷ୍ମ ପ୍ରବାହ ଲାଗିରହେ ତା ହେଲେ ଜଳସ୍ତର ଆହୁରି ତଳକୁ ଚାଲିଯିବ । ଏହାର ପ୍ରଭାବରେ ସମଗ୍ର ଜିଲାରେ ପ୍ରବଳ ଜଳ ସଙ୍କଟ ଦେଖାଯିବ ବୋଲି ପରିବେଶବିତ୍‌ମାନେ ଆଶଙ୍କା କରୁଛନ୍ତି। ଗ୍ରାମାଞ୍ଚଳରେ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ଘଟୁଥିବାରୁ ସେସବୁ ଅଞ୍ଚଳରେ ଥିବା ଜଳ ଯୋଗାଣ ସଂସ୍ଥା ମଧ୍ୟ ଠିକ୍ ଭାବେ ଜଳ ସରବରାହ ହୋଇପାରୁ ନ ଥିବା ଖବର ମିଳୁଛି। ପାଣି ନ ପାଇ ଜନସାଧାରଣ ଅତିଷ୍ଟ ହୋଇପଡି ଜଳ ଯୋଗାଣ ସଂସ୍ଥାର ଦ୍ୱାରସ୍ଥ ହେଉଥିବା ଦେଖାଯାଉଛି। ଗତ ବର୍ଷରେ ଗ୍ରାମପଞ୍ଚାୟତ ଜରିଆରେ ରାସ୍ତାକଡରେ ପଥିକମାନଙ୍କ ସକାଶେ ପିଇବା ପାଣିର ବ୍ୟବସ୍ଥା କରାଯାଉଥିଲା। କିନ୍ତୁ ଚଳିତବର୍ଷ ରାସ୍ତା କଡରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଏ ଯାଏଁ ହୋଇପାରିନାହିଁ। ଜିଲା ପ୍ରଶାସନ ଓ ରାଜ୍ୟ ସରକାର ତୁରନ୍ତ ପାନୀୟ ଜଳ ଯୋଗାଣ ସକାଶେ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ସହ ଅଂଶୁଘାତରୁ ଜନସାଧାରଣଙ୍କୁ ରକ୍ଷା କରିବାକୁ ଉଦ୍ୟମ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

# ଚରଦା ବ୍ରଜଲୀଳା : ପୁତନା ବଧ

ବିନିକା,୧୦।୫ (ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଚରଦା ପୂର୍ଣ୍ଣମାସୀ ନାଟ୍ୟକଳା ସଂସଦ ଆନୁକୂଲ୍ୟରେ ପୂର୍ଣ୍ଣମାସୀ ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ବ୍ରଜଲୀଳାର ଶୁକ୍ରବାର ଥିଲା ଚତୁର୍ଥ ସନ୍ଧ୍ୟା। ଏହି ଦିବସ କାର୍ଯ୍ୟକ୍ରମରେ ପୁତନା ଓ ସକଟା ବଧ ଲୀଳା ନାଟକ ମଞ୍ଚସ୍ଥ ହୋଇଥିଲା। ନନ୍ଦ ଭୂମିକାରେ ପ୍ରହ୍ଲାଦ ଥନାପତି ଯଶୋଦା-ଶ୍ରୀମନ୍ତ ଥନାପତି, କଂସ-ରାମ ବାରିକ, ସକଟା-ଶିବନାଥ ଥନାପତି, ରୋହିଣୀ- ଶଙ୍ଖନାଦ ଥନାପତି, ଡଗର-ପଞ୍ଚାନନ ଥନାପତି, ପୂର୍ଣ୍ଣମାସୀ- ପ୍ରତାପ ସାଲିମାଙ୍କ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରୁଛି।

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
OFFICE OF THE DEPUTY GENERAL MANAGER (ELECT.) E.H.T. (O&M) DIVISION, JODA
P.O.- Boneikala, Dist.- Keonjhar, PIN- 758038 (ODISHA), Phone No- 7328829375,
E-mail- ehtm.div.jod@optcl.co.in, CIN: U40102OR2004SGC007553

Letter No. 121 Dated: 10.05.19

TENDER CALL NOTICE NO.- 01/2019-2020

Sealed tenders are invited from the Civil & HT Contractors having valid "C" & "D" Class Civil Contractor license issued by Govt. of Odisha/ Military/ Railways & having valid IT PAN Card/ GST registration for the Work of "SUPPLY, FITTING & FIXING OF FALSE CEILING INSIDE DIFFERENT ROOMS OF DIVISION OFFICE JODA, SUPPLY & FIXING OF ALUMINIUM SLIDING WINDOWS, PAINTING OF DIFFERENT DOORS, GRILL GATES AT DIVISION OFFICE JODA" under EHT (O&M) Division Joda. Cost of Tender paper Rs. 2240/-, EMD= Rs. 5000/-. Sale of tender documents from dt:- 14.05.2019 to 23.05.2019. Last Date of submission of tender:- 24.05.2019 upto 1.00 PM. Date of opening of tender: 24.05.2019 at 3.00 PM. For details visit our website:- www.optcl.co.in.
Corrigendum if any will be published in the OPTCL website only.
Sd./- Dy. General Manager (Elect) for EHT (O&M) Division, Joda

# ବୋଡେନ ପୋଲିସ ପକ୍ଷରୁ ଜଳଛତ୍ର ଖୋଲିଲା

ନୂଆପଡା ଅଫିସ/ବୋଡେନ,୧୦।୫

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ତାତି ବଢିବାରେ ଲାଗିଛି । ପଥଚାରୀ କିମ୍ବା ଯାତ୍ରୀମାନଙ୍କୁ ଖରାରେ ଯିବା ଆସିବା କଷ୍ଟକର ହୋଇପଡିଛି । ଏଭଳି ପରିସ୍ଥିତିରେ ବୋଡେନ ପୋଲିସ ପକ୍ଷରୁ ଏକ ଜଳଛତ୍ର ଖୋଲାଯାଇଛି । ଶୁକ୍ରବାର ମଧ୍ୟାହ୍ନରେ ସ୍ଥାନୀୟ ପୋଲିସ ଷ୍ଟେଶନ ନିକଟରେ ବୋଡେନ ବ୍ଲକ ଅଧ୍ୟକ୍ଷା ପ୍ରେମଶୀଳା ନାଗ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ଥାନାଧିକାରୀ ସରୋଜ କୁମାର ମଲ୍ଲିକ ସଭାପତିତ୍ୱ କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ବୋଡେନ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ, ଅତିରିକ୍ତ ତହସିଲଦାର ନବକିଶୋର ସାହୁ, ସୌଦାଗର ସାହୁ, କିରନବାଲା ସାମଲ, ସବଇନ୍ସପେକ୍ଟର ଡୋଳାମଣି ବିଶି, ବଂଶୀଧର ନାଗ, ଦିଲୀପ କୁମାର ପଣ୍ଡା, ନୀଳମଣୀ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଶତାଧିକ ପଥିକ ଥଣ୍ଡାପାଣି, ସର୍ବତର ମଜା ନେଇଥିଲେ । ଏହାକୁ ଆଗାମୀ ବର୍ଷା ଦିନ ପର୍ଯ୍ୟନ୍ତ ଚାଲୁ ରଖାଯିବ ବୋଲି ଥାନାଧିକାରୀ ମଲ୍ଲିକ କହିଛନ୍ତି ।



ଜଳଛତ୍ର ନିକଟରେ ଥାନାଧିକାରୀଙ୍କ ସହ କର୍ମଚାରୀମାନେ।

ODISHA ADARSHA VIDYALAYA SANGATHAN
N-I/9, NAYAPALLI, PO.- SAINIK SCHOOL,
BHUBANESWAR-751005
No.-04-n

Recruitment of Principals and Teachers in Odisha Adarsha Vidyalayas (OAVs) in Odisha.

Announcement for Computer Based Test (CBT) & List of facilitation counters

The Computer Based Test (CBT) for recruitment of Principals and Teachers for Odisha Adarsha Vidyalayas (OAVs) will be conducted by EdCIL India Limited on 19th, 20th & 21st May, 2019 in different cities.
1. The facility of downloading of e-admit cards has been provided in the website www.oavs.in in the link http://cdn.digialm.com/EForms/configuredHtml/1258/60378/login.html.
2. It has also been decided to open facilitation counters for different test centers of different cities which is available in the website www.oavs.in. In case of any difficulty in getting admit card, the candidates are advised to attend the respective facilitation counter on 18.05.2019 from 10:00AM to 02:00 PM.
3. The candidates have been intimated through SMS & registered email-id regarding conduct of Computer Based Test (CBT).
4. All candidates are advised to visit OAVS website regularly to know the updates.

27029/11/0001/1920 Sd./- State Project Director OAVS

ବିଜ୍ଞାପନ No.14-D

ଦୁର୍ଗପତିଙ୍କ କାର୍ଯ୍ୟାଳୟ ୩ୟ ଓ.ଏସ୍.ଏ.ପି. (ସ୍ୱତନ୍ତ୍ର ସୁରକ୍ଷା) ବାହିନୀ, ଗଜପତି

ନାମ – ବିଷ୍ଣୁ ପ୍ରସାଦ ମାଝି, ସିପାହୀ/୨୯୮
ବାପା– ଗୌରେଶ୍ୱର ମାଝି, ସା : ସାନତମାରି,
ପୋ: ଅଉରିବେଡି, ଥାନା : ଜୟପାଟଣା, ଜିଲ୍ଲା : କଳାହାଣ୍ଡି
ଏହି ବିଜ୍ଞାପନ ମାଧ୍ୟମରେ ଅବଗତ କରାଯାଉଛି କି ଆପଣ ୦୪ ଦିନ ଆକସ୍ମିକ ଛୁଟି ନେଇ ତା ୧୩.୦୯.୨୦୧୮ରିଖ ରୁ ତା ୧୭.୦୯.୨୦୧୮ ରିଖ ପର୍ଯ୍ୟନ୍ତ ଯାଇଥିଲେ। ଆପଣ ତା ୧୮.୦୯.୧୮ ରିଖରେ କାର୍ଯ୍ୟରେ ଯୋଗଦେବାର ଥିଲା କିନ୍ତୁ ତାହା ଆପଣ କଲେନାହିଁ କି ସେ ବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ଏ ପର୍ଯ୍ୟନ୍ତ କିଛି ଜଣାଇଲେ ନାହିଁ ଏବଂ ଯୋଗ ନଦେବାର କାରଣ ବିଷୟରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କଲେନାହିଁ। ଇତିମଧ୍ୟରେ ଆପଣଙ୍କ ଠିକଣା ଅନୁସାରେ ଥରକୁ ଥର କାର୍ଯ୍ୟରେ ଯୋଗଦେବା ନିମନ୍ତେ ଚିଠି ପଠାଯାଇଥିଲା ଏବଂ ଶେଷରେ ନିର୍ବାଚନ (୨୦୧୯) ନିମନ୍ତେ ମଧ୍ୟ ଆପଣଙ୍କୁ କାର୍ଯ୍ୟରେ ଯୋଗଦାନ ନିମନ୍ତେ ଚିଠି ପ୍ରେରଣ କରାଯାଇ ଥିଲେ ମଧ୍ୟ ଆପଣ କାର୍ଯ୍ୟର ଯୋଗଦାନ କଲେ ନାହିଁ। ଏହା ଏକ ଗର୍ହିତ ଅପରାଧ ଅଟେ।
ଏଣୁ ଏତଦ୍ୱାରା ଆପଣଙ୍କୁ ଅବଗତ କରାଯାଉଛି କି ଆପଣ ଏହି ଖବର ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ଆସି ନିଜ କାର୍ଯ୍ୟରେ ଯୋଗ ଦିଅନ୍ତୁ, ନଚେତ୍ ଆପଣଙ୍କ ବିରୁଦ୍ଧରେ ଦୃଢ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
ସ୍ୱା./– ଦୁର୍ଗପତି, ୩ୟ ଓ.ଏସ୍.ଏ.ପି.
(ସ୍ୱତନ୍ତ୍ର ସୁରକ୍ଷା) ବାହିନୀ, ଗଜପତି
12029/11/0005/1920

### ଟ୍ରାକ୍ଟର ଓଲଟି ଜଣେ ମୃତ, ଜଣେ ଗୁରୁତର

କୋକସରା,୧୦।୫ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ଥାନା ଅଧୀନ ଜୟନ୍ତପୁର କନ୍ୟାଶ୍ରମ ନିକଟରେ ମେଟାଲ ନେଇ ଯାଉଥିବା ଏକ ଟ୍ରାକ୍ଟର ଡାଲା ଓଲଟି ପଡିବାରୁ ଜଣକ ମୃତ୍ୟୁ ହୋଇଥିବା ଜଣେ ଗୁରୁତର ହୋଇଛନ୍ତି । ଆଉ ୨ ଜଣ ଶ୍ରମିକଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଛି । ମୃତ ଶ୍ରମିକଙ୍କ ନାଁ ଗଙ୍ଗାଧର ପୂଝାରୀ (୪୫) ଏବଂ ଗୁରୁତର ଆହତ ଶ୍ରମିକ ଜଣକ ହେଉଛନ୍ତି ମକରନ୍ଦ ପୂଝାରୀ। ମକରନ୍ଦଙ୍କ ଡାହାଣ ଗୋଡ ଭାଙ୍ଗି ଯାଇଛି। ତାଙ୍କୁ ଭବାନୀପାଟଣା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସମସ୍ତ ଶ୍ରମିକ ନବରଙ୍ଗପୁର ଜିଲା ସେମଲା ଗାଁର ବୋଲି ଜଣାପଡିଛି। ମିଳିଥିବା ସୂଚନାନୁସାରେ କୋକସରା ଥାନା ଅଧୀନ ଜୟନ୍ତପୁର କନ୍ୟାଶ୍ରମ ନିକଟରେ ମେଟାଲ ନେଇ ଯାଉଥିବା ଏକ ଟ୍ରାକ୍ଟର ଡାଲା ଓଲଟି ପଡିଥିଲା। ଶ୍ରମିକମାନେ ଡାଲାରେ ବସିଥିବାରୁ ଡାଲା ତଳେ ଚାପି ହୋଇ ରହିଗଲେ। ସ୍ଥାନୀୟ ଲୋକେ ସମସ୍ତ ଶ୍ରମିକଙ୍କୁ ବାହାର କରିଥିଲେ। ଘଟଣାସ୍ଥଳରେ ହିଁ ଜଣକଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ କୋକସରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

### ମାନପୁରରେ ସ୍ୱାସ୍ଥ୍ୟମେଳା

ଉଲୁଣ୍ଡା, ୧୦।୫ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଖେମାଲୋଏ ସେକ୍ଟର ଚଢେଇପଙ୍କ ପଞ୍ଚାୟତର ମାନପୁର ଅଙ୍ଗନୱାଡି କେନ୍ଦ୍ରରେ ଶୁକ୍ରବାର ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଗାଁ କଲ୍ୟାଣ ସମିତି ମାନପୁର ଏବଂ ନାରାୟଣଟିକ୍ରା ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶହେ ଜଣ ଗର୍ଭବତୀ, ପ୍ରସୂତି ଓ କିଶୋରି ବାଳିକା ଯୋଗଦେଇଥିଲେ। ୱାର୍ଡ ସଭ୍ୟ ଲଳିତା ବାଘଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉଲୁଣ୍ଡା ଡାକ୍ତରଖାନାର ଆୟୁଷ ଡାକ୍ତର ସୀମା ନାଏକ ଯୋଗଦେଇ ମା' ଓ ଶିଶୁ କିଭଳି ସୁସ୍ଥ ରହିବେ ଏବଂ କି ପ୍ରକାର ଖାଦ୍ୟର ଆବଶ୍ୟକତା ରହିଛି ତାହା ଉପରେ ବୁଝାଇଥିଲେ। ମାନପୁର ଅଙ୍ଗନୱାଡି କର୍ମୀ ସଂଯୁକ୍ତା ମେହେର, ନାରାୟଣଟିକରା ଅଙ୍ଗନୱାଡି କର୍ମୀ ରୀନା ମେହେର, ଆଶାକର୍ମୀ ଦଶମୀ ପର୍ଡିଆ, ଗ୍ରାମ୍ୟ ସ୍ୱାସ୍ଥ୍ୟ ସମୀକ୍ଷକ ଶମ୍ଭୁରାଜ କର୍ଣ୍ଣ, ସୁଶୀଲ କୁମାର ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉତ୍ତମ ସ୍ୱାସ୍ଥ୍ୟ ଶିଶୁ ଭାବେ ଅଭିଲାସ ମେହେର, ଶୃତି ମେହେର, ରୂପକାନ୍ତି ସୁରୁଜାଲ, ମୋହନ ମେହେରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ କ୍ଷେମାଲୋଏ ମଣ୍ଡଳ ପରିଦର୍ଶିକା ଶ୍ରଦ୍ଧାଞ୍ଜଳି ପଣ୍ଡା ସଂଯୋଜନା କରିଥିଲେ।

CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍‌ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395864708
8929606415
SCO- 106, Second Floor, Vishal Tower, Cannaught Place, Delhi.

FINANCE
ବିଶ୍ୱାସର ପ୍ରତୀକ, ଲୋନ୍‌ର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, ଆଧାରକାର୍ଡ ଲୋନ୍ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
Mob: 9910673658
Address: Vishal Enclave, New Delhi

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ । ଠକଙ୍କ ପ୍ରତି ସାବଧାନ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

DHARITRI Career appointment Every Wednesday and Saturday

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନପାଇଁ ମୋତେ ସଂପର୍କ କରନ୍ତୁ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଳାଯାଦୁ, କରି କରାଇଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଲେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୁଠ ଯାଦୁଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କରନ୍ତୁ।
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

BUSINESS

ଡାଇରେକ୍ଟ ସେଲିଂ ପାଇଁ ଡିଷ୍ଟ୍ରିବ୍ୟୁଟର ଆବଶ୍ୟକ
ଏକ ଅଗ୍ରଣୀ ୱେଲନେସ ଇଣ୍ଟରନ୍ୟାସନାଲ ଡାଇରେକ୍ଟ ସେଲିଂ ବ୍ରାଣ୍ଡ ୧୨ ମଇ ୨୦୧୯ରେ ଓଡ଼ିଶାର ଭୁବନେଶ୍ୱରଠାରେ ପଦାର୍ପଣ କରିବାକୁ ଯାଉଛି। ଓଡ଼ିଶାର ଏମଏଲଏମ ଟପ୍ ଲିଡର ସେମାନଙ୍କ ଟପ ପୋଜିସନ ପାଇଁ ବୁକ୍ କରିପାରିବେ ଓ ଏହି ପବିତ୍ର ଅବସରରେ ଆମ ସହ ଯୋଗ ଦେଇପାରିବେ। କମ୍ପାନୀ ଓଡ଼ିଶାରେ ତାର ବ୍ୟବସାୟ ବୃଦ୍ଧି କରିବାରେ ସହାୟତା କରୁଥିବା ପ୍ରଥମ ୫୦ ଲିଡରଙ୍କୁ ସ୍ୱତନ୍ତ୍ର ସହାୟତା ପ୍ରଦାନ କରିବ। ଅଧିକ ବିବରଣୀ ପାଇଁ ଦୟାକରି ଆମକୁ କଲ୍ କରନ୍ତୁ
9540672367
9143090746

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office
G-79 Aadrsh Nagar Karol Bagh
8676907143, 9348274623

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

See Color Display Classified on every Tuesday & Friday

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

EDUCATION

SRI AUROBINDO INTEGRAL SCHOOL
Matrupuram, Markona, At: Bhagia, PO: Markona, Via/PS: Simulia, Dist: Balasore- 756126
ADMISSION NOTICE FOR THE EDUCATION YEAR- 2019-2020
(Ref: COR for Academic Session-2017-18 to 2021-22) Sl. No.-183, Application No.-10058-Approved Letter No.-3175, Dt. 11.03.2019, DEO, Balasore and Letter No.-4150/ Pvt-Dated 29.03.19
- There is no Admission Fees for school admission for all
- There is no Tuition Fees
- The School will take no admission of students belonging to weaker sections and disadvantageous group against 25% quota under RTE Act. 2009 as required under Section-12.I.C. of RTE Act.
(Ku. Manjulata Nayak)
PRINCIPAL

### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୧୧ ମେ, ୨୦୧୯



ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ



## ସଂକ୍ଷେପରେ

### ନରକଙ୍କାଳ ଜବତ, ଗୁଣିଆ ଅଟକ

ଭବାନୀପାଟଣା,୧୦।୫ (ଡି.ଏନ.ଏ.)- ଗୁଣି ଗାରେଡି ସନ୍ଦେହରେ ଝଡା ଫୁଙ୍କା କରୁଥିବାବେଳେ ଏକ ନରକଙ୍କାଳ ଜବତ ହେବା ସହ ଗୁଣିଆଙ୍କୁ ଅଟକ ରଖାଯାଇଛି। ଏଭଳି ଏକ ଘଟଣା ଘଟିଛି କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ କଲୋନୀପଡାରେ। ଏହି ଗ୍ରାମର ଅହଲ୍ୟା ଶଗଡିଆଙ୍କୁ ପଡୋଶୀ ଘରଲୋକ ଗୁଣି କରିଥିବା ସନ୍ଦେହରେ ଜଣେ ତାନ୍ତ୍ରିକଙ୍କୁ ଡାକି ଝଡ଼ାଫୁଙ୍କା କରିଥିଲେ। ତାନ୍ତ୍ରିକ ତାଙ୍କୁ କେହି ଗୁଣିଗାରେଡି କରିଛି ବୋଲି କହି ପୂଜା ପାଠ ଆରମ୍ଭ କରିଥିଲେ। ଏହା ଜାଣିପାରି ଗ୍ରାମବାସୀ ଗୁଣିଆ ପୂଜା କରୁଥିବା ସ୍ଥାନରେ ଚଢାଉ କରିଥିଲେ । ସେଠାରୁ ଏକ ନରକଙ୍କାଳ ଓ ତାନ୍ତ୍ରିକର ପୂଜା ସାମଗ୍ରୀ ଜବତ କରି ପୋଲିସକୁ ଜିମା ଦେଇଥିଲେ। ଜୟପାଟଣା ପୋଲିସ ସମ୍ପୃକ୍ତ ଗୁଣିଆଙ୍କୁ ଅଟକ ରଖି ପଚରାଉଚୁରା କରୁଛି।



### ଲଡ଼ୁଗାଁଠାରେ ପର୍ଶୁରାମ ଜୟନ୍ତୀ ପାଳିତ

କୋକସରା,୧୦।୫(ଡି.ଏନ.ଏ.)- କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁଠାରେ ବ୍ରାହ୍ମଣ ସମାଜ ପକ୍ଷରୁ ପର୍ଶୁରାମ ଜୟନ୍ତୀ ମହାସାମରୋହରେ ପାଳିତ ହୋଇଯାଇଛି । ପ୍ରଥମେ ଏକ ସୁସଜ୍ଜିତ ରଥରେ ପର୍ଶୁରାମଙ୍କ ବେଶରେ ସଜ୍ଜିତ ହୋଇ ପର୍ଶୁରାମ ସେବା କର୍ମକର୍ତ୍ତାମାନେ ଘଣ୍ଟ କିର୍ତ୍ତନ ସହ ଲଡୁଗାଁ ନଗର ପରିକ୍ରମା କରିଥିଲେ। ପରେ ଏକ ସଭାର ଆୟୋଜନ କରାଯାଇଥିଲା। ସଭାରେ ବ୍ରାହ୍ମଣ ସମାଜ ବରିଷ୍ଠ କର୍ମକର୍ତ୍ତାମାନେ ସମାଜର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ପର୍ଶୁରାମ ଜୟନ୍ତୀ ପାଳନ କମିଟିରେ ରାଧେଶ୍ୟାମ ଶର୍ମା, ବଜେନ୍ଦ୍ର ପାଙ୍ଗଯୋଶି, ତ୍ରିନାଥ ଠାକୁର, ଶରତ ଚନ୍ଦ୍ର ପଣ୍ଡା, ବିରେନ୍ଦ୍ର ନାରାୟଣ ମୁଣ୍ଡ, ନିହାର କାନ୍ତ ପଣ୍ଡା, ଶ୍ରୀକାନ୍ତ ଶର୍ମା, ସମିର ପାଢୀ, ମନୋଜ ଶର୍ମା, ଭାରତ ଠାକୁର ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।

### ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

ଲାଞ୍ଜିଗଡ଼,୧୦।୫(ଡି.ଏନ.ଏ.)- କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତ ଗୋପାଳପୁର ଗାଁର ଜଣେ ଧର୍ମପରାୟଣ ବ୍ୟକ୍ତି ନନ୍ଦୀଘୋଷ ପଧାନ(୬୩)ଙ୍କ ପରଲୋକ ଘଟିଛି। ସେ କିଛିଦିନ ଧରି ପୀଡିତ ରହି ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁଅ, ବୋହୂ, ଝିଅଜ୍ୱାଇଁଙ୍କ ସମେତ ପରିବାରବର୍ଗ ଓ ବନ୍ଧୁପରିଜନ ଉପସ୍ଥିତ ଥିଲେ। ଗାଁ ମଶାଣିରେ ତାଙ୍କର ଦାହସଂସ୍କାର କରାଯାଇଥିବାବେଳେ ଏକମାତ୍ର ପୁଅ ତପିନ୍ଦ୍ର ପଧାନ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ୯ ଦିନ ହେଲା ଜଳଯୋଗାଣ ପ୍ରକଳ୍ପ ଅଚଳ
# ବାଲିଚୁଆଁ ସୁନାମାଳ ଗ୍ରାମବାସୀଙ୍କ ଭରସା

କୋକସରା,୧୦।୫ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତରେ ଏବେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ପଞ୍ଚାୟତର ଘନାଗୁଡା ଜଳଯୋଗାଣ ପ୍ରକଳ୍ପ ୬ ମାସ ହେବ ଅଚଳ ହୋଇ ପଡିଥିବାବେଳେ ଏବେ ସୁନାମାଳ ଜଳ ଯୋଗାଣ ପ୍ରକଳ୍ପ ୯ ଦିନ ହେବ ଅଚଳ ହୋଇପଡିଛି। ଫଳରେ ଲୋକେ ପିଇବା ପାଣି ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି । ଜଳଯୋଗାଣ ପ୍ରକଳ୍ପ ଅଚଳ ହେବା ପରେ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ ହେଉଥିଲେ ହେଁ ତାହା ଲୋକଙ୍କୁ ନିଅଣ୍ଟ ହେଉଛି। ଏଣୁ ଲୋକେ ଦୂରକୁ ଯାଇ ପାଣି ଆଣୁଥିବା ବେଳେ ସୁନାମାଳବାସୀ ମୁତ୍ରା ନଦୀରେ ବାଲି ଚୁଆଁ ଖୋଳି ପାଣି ସଂଗ୍ରହ କରୁଛନ୍ତି ।



ମହିଳାମାନେ ନଦୀରେ ଚୁଆଁ ଖୋଳି ପାଣି ସଂଗ୍ରହ କରୁଛନ୍ତି ।



ଅଚଳ ପାନୀୟଜଳ ପ୍ରକଳ୍ପ ।

ସୂଚନା ଅନୁସାରେ କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ସୁନାମାଳ ମୁତ୍ରା ନଦୀଠାରେ ସ୍ଥାପନ ଜଳଯୋଗାଣ ପ୍ରକଳ୍ପ ଦ୍ୱାରା ସୁନାମାଳର ତଳପଡ଼ା, ମଝିରପଡ଼ା, ଉପରପଡ଼ା, ପୂଝାରିପଡ଼ା, ସାହୁପଡ଼ା, ମାଳିପଡ଼ା, ବାରିକପଡ଼ାକୁ ଜଳ ଯୋଗାଣ କରାଯାଉଛି। ଏଥିସହିତ ଲଡୁଗାଁ ବସ୍ତିର

**କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ**
- ଟ୍ୟାଙ୍କର ପାଣି ଲୋକଙ୍କୁ ନିଅଣ୍ଟ
- ସୁନାମାଳ ଜଳଯୋଗାଣ ପ୍ରକଳ୍ପ

ଛେଳିଆପଡ଼ା, ଶବରପଡ଼ା, ବସଷ୍ଟାଣ୍ଡ, ଭିର୍କାପଡ଼ାକୁ ଜଳ ଯୋଗାଣ କରାଯାଉଥିବା ବେଳେ ୯ଦିନ ହେବ ଜଳଯୋଗାଣ ପ୍ରକଳ୍ପ ଅଚଳ ହୋଇଛି। ଏଥିଯୋଗୁ ଲୋକେ ପିଇବା ପାଣିପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସୁନାମାଳ ଗ୍ରାମରେ ୧୪ଟି ନଳକୂପ ଥିଲେ ହେଁ ପାନୀୟ ଜଳ ଉପଯୋଗୀ ହେଉ ନ ଥିବାରୁ ୧ କି.ମି. ଦୂର ମୁତ୍ରା ନଦୀକୁ ଯାଇ ବାଲିଚୁଆଁ ଖୋଳି ନଦୀରୁ ପିଇବା ପାଣି ସଂଗ୍ରହ କରୁଛନ୍ତି। ସୁନାମାଳରୁ ୧ କି.ମି. ଦୂରରେ ଥିବା ନଳକୂପ ପାଣି ପାଇଁ ଡହଡହ ଖରାରେ ମହିଳାମାନେ ଯାଉଥିବା ଦେଖିବାକୁ ମିଳୁଛି। ଲଡୁଗାଁ ସରପଞ୍ଚ କହ୍ନେଇ ଚରଣ ଦାସଙ୍କ କହିବା ଅନୁସାରେ ସୁନାମାଳ ପ୍ରକଳ୍ପର ମୋଟର ପୋଡ଼ିଯାଇଥିବାରୁ ମରାମତି ନିମନ୍ତେ ପଠାଯାଇଛି। ଏଥିପାଇଁ ସୁନାମାଳବାସୀ ଓ ଲଡୁଗାଁକୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ କରାଯାଉଥିବା କହିଛନ୍ତି । ହେଲେ ଟ୍ୟାଙ୍କର ପାଣି ଜନସାଧାରଣଙ୍କୁ ନିଅଣ୍ଟ ହେଉଥିବାରୁ ବାଲି ଚୁଆଁ ଖୋଳି ପାଣି ସଂଗ୍ରହ କରିବାକୁ ବାଧ୍ୟ ହେଉଛୁ ବୋଲି ଗାଁ ନୁର ହଂସ, ଦିପିକା ଚଣ୍ଡି, କୁମାରୀ ରୋତି ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଆରଡବ୍ଲୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ ଅଜିତ ସେଠୀଙ୍କୁ ପଚାରିବାରୁ ମୋଟର ମରାମତି ପାଇଁ ପଠାଯାଇଛି । ମୋଟର ଆସିଲେ ତୁରନ୍ତ ପାନୀୟ ଜଳ ଯୋଗାଣ କରାଯିବ ବୋଲି କହିଛନ୍ତି। ବ୍ଲକ ପ୍ରଶାସନ ଲଡୁଗାଁ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ସହିତ ଏଠାରେ ଏକ ଓଭରହେଡ ଟାଙ୍କି ନିର୍ମାଣ କରାଯିବା ପାଇଁ ଦାବି ହେଉଛି ।

### ଗ୍ୟାସ୍ ସିଲିଣ୍ଡର ଫାଟି ଘର ପୋଡ଼ିଗଲା

ଲାଞ୍ଜିଗଡ଼,୧୦।୫ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଛତ୍ରପୁର ଗାଁରେ ଗୁରୁବାର ଗ୍ୟାସ ସିଲିଣ୍ଡର ଫାଟି ଗୋଟିଏ ଘର ଆଜବେଷ୍ଟସ୍ ଉଡିଯିବା ସହ ସମସ୍ତ ଆସବାବପତ୍ର ପୋଡିଯିବା ଭଳି ଏକ ଅଭାବନୀୟ ଘଟଣା ଘଟିଛି । ଉକ୍ତ ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ସୂଚନାନୁଯାୟୀ, ଛତ୍ରପୁର ଗାଁର କରିସ୍ମା ବିଭାର ଗୁରୁବାର ସନ୍ଧ୍ୟା ୮ଟାରେ ରନ୍ଧା ସାରି କୁଆଡେ ଯାଇଥିଲେ। ଏହି ସମୟରେ ଘରେ ଥିବା ଗ୍ୟାସ୍ ସିଲିଣ୍ଡର ଏକ ପ୍ରଚଣ୍ଡ ଶବ୍ଦ କରି ଫାଟିବା ସହ ନିଆଁ ଲାଗିଯାଇଥିଲା । ନିଆଁରେ ଘର ଭସ୍ମୀଭୁତ ହୋଇଯାଇଥିବାବେଳେ ଘରେ ଥିବା ସମସ୍ତ ସାମଗ୍ରୀ ଓ ଆସବାବପତ୍ର ସବୁ ପୋଡି ପାଉଁଶ ହୋଇଯାଇଥିଲା। ଘରୁ ଧୂଆଁ ବାହାରୁଥିବା ଦେଖି ପଡା ଲୋକେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ହେଁ ସେତେବେଳକୁ ସବୁକିଛି ପୋଡି ପାଉଁଶ ହୋଇଯାଇଥିଲା । ଭାଗ୍ୟବଶତଃ ସେତେବେଳେ ଘରେ କେହି ନ ଥିବାରୁ ଏକ ବଡ଼ ଅଘଟଣ ଟଳି ଯାଇଥିବା ଜଣାପଡିଛି। ଘର ପୋଡିଯିବା ପରେ ଏବେ କରିସ୍ମା ବେଘର ହୋଇଯାଇଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ମିଳିଥିବା ଏହି ଗ୍ୟାସ୍ ସିଲିଣ୍ଡରଟି କରିସ୍ମାଙ୍କ ସ୍ୱର୍ଗତ ମା' କମଳା ବିଭାରଙ୍କ ନାମରେ ଥିବାବେଳେ ଏ ନେଇ ତାଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ସାଧାରଣରେ ଦାବି ହେଉଛି ।



ବାତ୍ୟା ଫନୀ ବିପନ୍ନଙ୍କ ପାଇଁ ବିଜେଡି ବିଧାୟକ ପ୍ରାର୍ଥୀ ପାଣ୍ଠି ସଂଗ୍ରହ କରୁଛନ୍ତି ।

### ବାତ୍ୟା ଫନୀ ପୀଡ଼ିତଙ୍କ ପାଇଁ ପାଣ୍ଠି ସଂଗ୍ରହ

କୋକସରା,୧୦।୫ (ଡି.ଏନ.ଏ.)

ବାତ୍ୟା ଫନୀ ପ୍ରଭାବରେ ହଜାର ହଜାର ଘରଦ୍ୱାର ଭାଙ୍ଗି ନଷ୍ଟ ହୋଇଥିବା ବେଳେ ପୀଡ଼ିତମାନେ ଏବେ ସରକାରୀ ଓ ବେସରକାରୀ ସଂସ୍ଥା ସହାୟତାକୁ ଚାହିଁ ରହିଛନ୍ତି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର କୋକସରାଠାରେ ଧର୍ମଗଡ଼ ବିଧାନ ସଭାମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ମୌଷଧି ବାଗ ଫନୀ ବାତ୍ୟାରେ ପ୍ରଭାବିତ ଲୋକମାନଙ୍କ ପାଇଁ ପାଣ୍ଠି ସଂଗ୍ରହ କରିଛନ୍ତି। କୋକସରା ବ୍ଲକର ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟ ସମେତ ଜନସାଧାରଣମାନଙ୍କଠାରୁ ଫନୀ କ୍ଷତିଗ୍ରସ୍ତମାନଙ୍କ ପାଇଁ ବୁଲି ବୁଲି ପାଣ୍ଠି ସଂଗ୍ରହ କରିଛନ୍ତି। ଏହି କାର୍ଯ୍ୟରେ ଅଜିତ ପଟ୍ଟନାୟକ, ମୁକ୍ତେଶ୍ୱର ନାଗ, ଲକ୍ଷ୍ମୀକାନ୍ତ ମେହେର, ରସିକରାଜ ଦୁର୍ଗା, ଭୁବନେଶ୍ୱର ମାଝି, ପରେଶ ପଟ୍ଟନାୟକ, ଅମନ ଧଙ୍ଗଡ଼ାମାଝି, ଜଗା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ ।

### ମୋବାଇଲ ଫାଟି ଯୁବକ ଆହତ

ଲାଞ୍ଜିଗଡ଼,୧୦।୫ (ଡି.ଏନ.ଏ.)

ବସ୍‌ରେ ଯାଉଥିବାବେଳେ ପ୍ୟାଣ୍ଟ ପକେଟ୍‌ରେ ଥିବା ଏକ ଜିଓ ମୋବାଇଲ ଫାଟି ଯିବାରୁ ଜଣେ ଯୁବକ ଆହତ ହୋଇଥିବା ଜଣାପଡିଛି। ସୂଚନାନୁଯାୟୀ, କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତ ରାମଚନ୍ଦ୍ରପୁର ଗାଁର ଜଣେ କଲେଜ ଛାତ୍ର ଦିଗାମ୍ବର ଛତ୍ରିଆ ଗୁରୁବାର ବସ୍‌ରେ ଭବାନୀପାଟଣା ଯାଉଥିଲେ। ଏହି ସମୟରେ ପ୍ୟାଣ୍ଟ ପକେଟ୍‌ରୁ ହଠାତ୍ ଧୂଆଁ ବାହାରିବା ସହ ଏଫ୍-୨୨୦-ବି ମଡେଲର ଜିଓ ମୋବାଇଲ ଜଳିଯାଇଥିଲା । ଏହାପରେ ପ୍ୟାଣ୍ଟରୁ ଖସି ପାଦତଳେ ପଡ଼ି ଫାଟି ଯାଇଥିଲା। ଏଥିରେ ତାଙ୍କର ଡାହାଣ ପାଦ ଓ ଗୋଇଠିରେ ସାମାନ୍ୟ ଆଘାତ ଲାଗିଛି। ପ୍ରବଳ ଗରମ ଓ ମୋବାଇଲ ଡାଟା ଅନ୍ ଥିବାରୁ ମୋବାଇଲରେ ଫାଟି ବିସ୍ଫୋରଣ ଘଟିଥିବା ଅନୁମାନ କରାଯାଉଛି।

## ଫନୀ ପ୍ରପୀଡିତ ଅଞ୍ଚଳରେ ବିଦ୍ୟୁତ୍ ପୁନଃ ସଂଯୋଗୀକରଣ
# ସାହାଯ୍ୟର ହାତ ବଢ଼ାଇଲା କଳାହାଣ୍ଡି ଆଇଟିଆଇ

ଭବାନୀପାଟଣା,୧୦।୫ (ଡି.ଏନ.ଏ.)

ବାତ୍ୟା ଫନୀ ଦ୍ୱାରା ଭୁବନେଶ୍ୱର ଓ ପୁରୀ ଅଞ୍ଚଳରେ ବିଦ୍ୟୁତ୍ ସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟୁତ୍ ପୁନଃସଂଯୋଗୀକରଣ କାର୍ଯ୍ୟରେ ସହାୟତା କରିବା ନିମନ୍ତେ କଳାହାଣ୍ଡି ଜିଲା ଭବାନୀପାଟଣା ସରକାରୀ ଆଇଟିଆଇର ଏକ ୩୦ ଜଣିଆ ଟିମ୍ ଗତ ଗୁରୁବାର ଭୁବନେଶ୍ୱର ଯାତ୍ରା କରିଛନ୍ତି। ଓଡ଼ିଶା ସରକାରଙ୍କ ଓଟିଇଟି ଏବଂ ଓଡ଼ିଶା ସ୍କିଲ୍ ଡେଭ୍‌ଲପମେଣ୍ଟ ଅଥରିଟିଙ୍କ ନିର୍ଦ୍ଦେଶ ଅନୁଯାୟୀ ଭବାନୀପାଟଣା ସରକାରୀ ଆଇଟିଆଇର ପ୍ରିନ୍ସିପାଲ ଇଂ. ଶରତ୍ କୁମାର ମୁଦୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ଆଇଟିଆଇ ସହକାରୀ ପ୍ରଶିକ୍ଷଣ ଅଧିକାରୀ ସରୋଜ କୁମାର ବେହେରାଙ୍କ ନେତୃତ୍ୱରେ ଏହି ୩୦ ଜଣିଆ ସାହାଯ୍ୟକାରୀ ଦଳ ଶୁକ୍ରବାର ସକାଳେ ଭୁବନେଶ୍ୱର ପହଞ୍ଚିଥିବା ଜଣାପଡିଛି। ଏହି ଦଳରେ ଇଲେକ୍ଟ୍ରିସିଆନ୍, ୱେରମ୍ୟାନ୍, ଫିଟର ମିଶି ୨୭ ଜଣ ଥିବା ବେଳେ ସେମାନଙ୍କ ସହିତ ୩ ଜଣ ସହକାରୀ ପ୍ରଶିକ୍ଷଣ ଅଧିକାରୀ ସମସ୍ତ ଆବଶ୍ୟକ ଉପକରଣ ଓ ୟୁନିଫର୍ମ ସହ ଯାଇଛନ୍ତି। ୯ ତାରିଖରେ ସେମାନଙ୍କୁ ସ୍ଥାନୀୟ ଆଇଟିଆଇଠାରେ ପ୍ରିନ୍ସିପାଲ ଇଂ. ମୁଦୁଲି, ଆଇଟିଆଇ ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ବିଦାୟ ଜଣାଇଥିଲେ।




କଳାହାଣ୍ଡି ଆଇଟିଆଇର ଏକ ୩୦ଜଣିଆ ଟିମ୍ ଫନୀ ପ୍ରପୀଡ଼ିତ ଅଞ୍ଚଳକୁ ଯାତ୍ରା କରିଛନ୍ତି।

### ଆଦର୍ଶ ବିଦ୍ୟାଳୟ ପାସ୍ ହାର ୭୪%

**ସିବିଏସଇ ବୋର୍ଡ ପରୀକ୍ଷା**

କୋକସରା,୧୦।୫ (ଡି.ଏନ.ଏ.)

ଚଳିତବର୍ଷର ଦଶମ ଶ୍ରେଣୀ ସିବିଏସଇ ବୋର୍ଡ ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ କଳାହାଣ୍ଡି ଜିଲା କୋକସରା ବ୍ଲକ ମଙ୍ଗୋମୁଣ୍ଡାଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରଥମ ମାଟ୍ରିକ ବ୍ୟାଚ ପରୀକ୍ଷାରେ ବିଦ୍ୟାଳୟକୁ ୭୪ ପ୍ରତିଶତ ସଫଳତା ମିଳିଛି । ଆଦର୍ଶ ବିଦ୍ୟାଳୟରୁ ମୋଟ ୬୫ ଜଣ ଛାତ୍ରୀଛାତ୍ର ପାରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪୮ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଛାତ୍ର ସିଦ୍ଧାନ୍ତ ସୌରଭ ପଣ୍ଡା ୪୭୨ ମାର୍କ ରଖି ୯୪ ପ୍ରତିଶତ ପାଇଥିବା ବେଳେ ଅନ୍ୟ ଜଣେ ଛାତ୍ର ପ୍ରତିକ କୁମାର ଅଗ୍ରୱାଲ ୪୩୩ ମାର୍କ ରଖି ୮୬ ପ୍ରତିଶତ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ବିଦ୍ୟାଳୟର ସଫଳତା ପାଇଁ ଅଧ୍ୟକ୍ଷ ନାରାୟଣ ପଟେଲ ସ୍କୁଲ ସମସ୍ତ ଶିକ୍ଷକଶିକ୍ଷୟତ୍ରୀଙ୍କୁ ଶ୍ରେୟ ଦେଇଛନ୍ତି ।

### ବଳାତ୍କାର ପରେ ଯୁବତୀଙ୍କୁ ହତ୍ୟା ଉଦ୍ୟମ: ଯୁବକ କୋର୍ଟଚାଲାଣ

ଭବାନୀପାଟଣା,୧୦।୫ (ଡି.ଏନ.ଏ.)

ବଳାତ୍କାର ପରେ ଯୁବତୀଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗରେ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରିଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରିଫ ଅଭିଯୁକ୍ତ ଜଣକ ଦାବ୍ରିଗୁଡା ଗାଁର ଚିତ୍ର ମାଝି (୩୭)। ଏ ସମ୍ପର୍କରେ ପୀଡିତା ଯୁବତୀ ଜଣକ ବୁଧବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସୂଚନା ଅନୁସାରେ ଦାବ୍ରିଗୁଡାର ଚିତ୍ର ଏହି ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଘରକୁ ନେଇ ଆସିଥିଲେ। ପରେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଚିତ୍ର ବିବାହିତ ଏବଂ ସେ ୪ଟି ସନ୍ତାନର ବାପା ବୋଲି କୌଣସି ସୂତ୍ରରୁ ଜାଣିବା ପରେ ଯୁବତୀ ଜଣଙ୍କ ସେଠାରୁ ବାପ ଘରକୁ ଚାଲି ଆସୁଥିଲେ। ଏଥିରେ ଉତ୍ତ୍ୟକ୍ତ ଚିତ୍ର ଦାବ୍ରିଗୁଡାର ଇନ୍ଦ୍ରାବତୀ ନାଳଠାରେ ଯୁବତୀଙ୍କୁ କାବୁ କରି ତାଙ୍କ ତଣ୍ଟି ଚିପି ଦେଇଥିଲେ। ଫଳରେ ଗୁରୁତର ହୋଇପଡିଥିବା ଯୁବତୀ ଜଣକ ମରିଯିବା ଭୟରେ ଚିତ୍ର ତାଙ୍କୁ ନେଇ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଛାଡି ଦେଇ ଫେରାର ହୋଇଯାଇଥିଲେ। କୌଣସି ସୂତ୍ରରୁ ପରିବାର ଲୋକେ ଜାଣିପାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ଯୁବତୀଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ସୁଧାର ନ ଆସିବାରୁ ପରେ ତାଙ୍କୁ ବୁର୍ଲା ପଠାଯାଇଥିଲା। ସୁସ୍ଥ ହେବା ପରେ ଯୁବତୀ ଜଣଙ୍କ ଥାନାରେ ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଥିଲା। ଥୁଆମୂଳ ରାମପୁର ଏସ୍‌ଆଇ ଉଗ୍ରସେନ ପଟେଲ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଅଭିଯୁକ୍ତ ଯୁବକ ଚିତ୍ରଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି।

## କେଁନ୍ଦୁପତର ତୁଲାଲି ଶୋଷନ୍‌ର ଶିକାର
# ପତର ଫଣ୍ଡ଼ିର ମାଏଟ୍ ନାଇଁମାଡ଼ବାର ଅଧିକାରୀ

ମଣ୍ଡଲ, ୧୦।୫ (ଡି.ଏନ.ଏ.)

ସରକାର କେଁନ୍ଦୁପତର ତୁଲାଲିକର ଲାଗି ଅନେକ ଯୋଜନା କାଯ୍‌କାରୀ କରୁଛନ୍। ହେଲେ ଅନେକ ସମିଆରେ ମନେ ଶଁକା ରହିସି ଯେ, ସରକାର କେଁନ୍ଦୁପତର ତୁଲାଲିକର ଲାଗି ଯେତେ ଯୋଜନା କରିଛନ୍ ସେ ସବୁର ଲାଭ ସେମାନେ ଠିକ୍ ହିସାବେ ପାଉଛନ୍ କି ନାଇଁ। ଏନ୍‌ତାଥି ଇ କାମ୍ କରଉଥିବାର କରମଚାରୀମାନକର ଭୂମିକା ବି ସଁଧେରେ ରହୁଛେ। ଯେନ୍‌ଥିରଲାଗି କେଁନ୍ଦୁପତର ତୁଲାଲି ନିଜର ହକ୍ ନାଇଁ ପାଏଲା ବେଲେ ବିଭାଗୀୟ କରମଚାରୀମାନକର ଅପାରଗ ପନ୍ ହାଟେ ପଡ଼ି ଡାଁଡେ ଗରଗଡୁଛେ। ସବୁଠାନୁ ଆଶିରିୟ୍‌ର କଥା କଳାହାଣ୍ଡି ଜିଲା କଲମପୁର ଅଂଚଲରେ କେଁନ୍ଦୁପତର ତୁଲାଲିମାନେ ବଛର ବଛର ବିତିଗଲେ ବି କେଁନ୍ଦୁପତର ବନପାଳ କିଏ, ସେ କେନ୍‌ଠାନେ ରହେସନ୍ କିଛି ସୋର ନାଇଁପାଏବାର। ଇ କଥାରୁ ଠହରେଇ ହେଉଛେ ଯେ ପତର ତୁଲାଲିମାନେ କେନ୍ ହିସାବେ ଚାଲିଛନ୍। ବଛର କ ଥରେ ଖରା ଦିନେ କେଁନ୍ଦୁପତର ତୁଲାଲିମାନେ କାମ୍ ପାଏସନ୍। ସେଥିରଲାଗି ସରକାର ତାହାକୁ ଛତା, ଚପଲ ଆଦି ଯୁଗେଇ ଦେବାର ବେବସ୍‌ତା କରିଛନ୍।



ଫଡ଼ି ଘରେ କେଁନ୍ଦୁପତର ରଖାଯାଇଛେ।

ଇତାର ବାହାରେ ଶ୍ରମିକ ପରିବାରକେ ସରକାରୀ ଯୋଜନାରେ ଭିନେ ସାହାଯ୍ ଯୁଗେଇ ଦେବାର ନିୟମ ରହିଛେ। ହେଲେ ଇ ସବୁ ନିୟମ ପାଲନ ହେଉଥିବାର ଲେଖେଁ ନାଇଁ ଦିଶବାର। ଯେନ୍‌ଥିରଲାଗି ଶ୍ରମିକ ଆର ତାକର ପରିବାରମାନେ ଯେନ୍ ହିସାବେ ସରକାରୀ ସୁବିଧା ପାଏବାର କଥା ନାଇଁ ପାଉଥିବାର ଜନାଯାଇଛେ। ସେନ୍‌ତା କଲମପୁର ଅଂଚଲର ବଲାଗାଁରେ କେଁନ୍ଦୁପତର ଫଡ଼ି ରହିଛେ, ବିଭାଗ ତରଫୁ ସେଠାନେ ପତର ଜମା କରାଯାଉଛେ। ଇଥିରେ ମୁନ୍‌ସି, ମେଟ୍, ଚେକର ଲେଖେଁ ଭିନେ ଭିନେ ପଦପଦବୀରେ ଲୋକ କାମ୍ କରୁଛନ୍। ୫୦ରୁ ୬୦ ଏକର ପରିମିତ ବଲାଗାଁ ସଂରକ୍ଷିତ ଜଂଗଲରୁ ଫିବଛର ଶହ ଶହ ଶ୍ରମିକ ନିୟୋଜିତ ହେଇ କେଁନ୍ଦୁପତର ତୁଲୁଛନ୍ ଆର ପାଉଥିବାର ମଜୁରିରେ ତାକର କୁଟୁମ ପୁଷୁଛନ୍। ଇ କେଁନ୍ଦୁପତର ତୁଲା କାମ୍ ମୁନ୍‌ସି ଭରସାରେ ଚାଲୁଥିଲାବେଲେ ବିଭାଗୀୟ କରମ୍‌ଚାରୀକର ପାଦ୍ ବଲାଗାଁ ଫଡ଼ିରେ ନାଇଁ ପଡ଼ବାର। ଇଠାନେ ନିୟୋଜିତ ମେଟ୍ ଆର ମୁନ୍‌ସିକେ ଛାଡ଼ି କେହେନ୍‌ସି ବିଭାଗୀୟ କରମଚାରୀ, ଅଧିକାରୀଙ୍କୁ ଶ୍ରମିକମାନେ ନାଇଁ ଚିନ୍‌ହିଁଥିବାର ଚରଚା ହେଉଛେ। ଯେନ୍ ସାମାନମାନେ ଶ୍ରମିକମାନକୁ ଯୁଗେଇ ଦେବାର ନିୟମ ଅଛେ ସେଟା ପତର ତୁଲାଲିମାନେ ପାଉଛନ୍ କି ନାଇଁ ଜାନି ନାଇଁପାରବାର। ଇ ବାବ୍‌ଦେ ବନପାଳ ବଗର୍ତ୍ତିଙ୍କୁ ପଚରାଲାରୁ ଇ ଦାଇତିଅରେ ମୁଇଁ ନାଁଇଁନ, ବନାଞ୍ଚଳ ଅଧିକାରୀ ଦାଇତିରେ ଅଛନ୍। ହେଲେ କେଁନ୍ଦୁପତର ତୁଲାଲିକୁ ସରକାରୀ ହିସାବେ ଯେନ୍ ସବୁ ସୁବିଧା ଯୁଗେଇ ଦେବାର କଥା ଦିଆଯାଉଛେ ବଲି ସେ କହିଥିଲେ।

### ବିଦ୍ୟୁତ୍ ଖୁଣ୍ଟ ଉପରୁ ଦାଦନ ଶ୍ରମିକଙ୍କ ମୃତଦେହ ଉଦ୍ଧାର

କୋକସରା,୧୦।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋଡୋମୁଣ୍ଡା ପଞ୍ଚାୟତ ଠୁଟିବର ଗ୍ରାମର ଜଣେ ବ୍ୟକ୍ତି ଗତ ସୋମବାର ଦାଦନ ଖଟିବାକୁ ଗୋଆ ଯାଉଥିବା ବେଳେ କର୍ଣାଟକ ରାଜ୍ୟ ବେଲଗାଉବ ଜିଲା ଅନକାଲି ଥାନା ଚିକ୍କୋଡ଼ି ତାଲୁକଠାରେ ଥିବା ଏକ ବିଦ୍ୟୁତ ଖୁଣ୍ଟରେ ଚଢି ଆତ୍ମହତ୍ୟା କରିଥିବା ସୂଚନା ମିଳିଛି । ତାଙ୍କ ନାମ ପୂର୍ଣ୍ଣଚନ୍ଦ୍ର ଗୋପାଲ (୪୫) । ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇଁ ଅନକାଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ପୂର୍ଣ୍ଣଚନ୍ଦ୍ରଙ୍କ ଆଧାର କାର୍ଡ଼ରୁ ପରିଚୟ ପାଇ କଳାହାଣ୍ଡି ଜିଲା ଆମପାଣି ଥାନକୁ ଖବର ଦେଇଥିଲେ। ସୂଚନା ଅନୁସାରେ ଠୁଟିବର ଗ୍ରାମର ପୂର୍ଣ୍ଣଚନ୍ଦ୍ର ଗତ ୮ ବର୍ଷ ହେବ ନିଜ ୨ ପୁଅଙ୍କ ସହ ମିଶି ଗୋଆଠାରେ ଏକ ଠିକା ସଂସ୍ଥାରେ ଶ୍ରମିକ ଭାବେ କାମ କରି ଆସୁଥିଲେ । ଜାନୁୟାରୀରେ ପୂର୍ଣ୍ଣଚନ୍ଦ୍ର ନିଜ ଗାଁ ଠୁଟିବରକୁ ଆସିଥିଲେ। ଗତ ରବିବାର କୌଣସି କାରଣକୁ ନେଇ ସ୍ତ୍ରୀ ସହ ଝଗଡ଼ା କରିଥିବା ପଡ଼ୋଶୀମାନେ କହୁଥିବା ବେଳେ ଗତ ସୋମବାର ସେ ଟ୍ରେନରେ ଗୋଆ ଅଭିମୁଖେ ବାହାରିଥିଲେ। ଗୁରୁବାର ସନ୍ଧ୍ୟାରେ ତାଙ୍କ ମୃତଦେହ ଅନକାଲି ଥାନା ଅନ୍ତର୍ଗତ ଚିକ୍କୋଡ଼ି ତାଲୁକଠାରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ଓହଳି ରହିଥିଲା। ଏହା ଦେଖି ସ୍ଥାନୀୟ ଲୋକେ ଅନକାଲି ଥାନାକୁ ଖବର ଦେଇଥିଲେ । ପୋଲିସ ପହଞ୍ଚି ଶବ ଜବତ କରିବା ସହ ତାଙ୍କ ଆଧାରକାର୍ଡ଼ ପରିଚୟ ପତ୍ରରୁ ଠିକଣା ବାହାର କରି ଆମପାଣି ଥାନାକୁ ଖବର ଦେଇଥିଲେ । ତେବେ କେଉଁ କାରଣରୁ ଅଧା ବାଟରେ ଓହ୍ଲାଇ ବ୍ୟକ୍ତି ଜଣକ ଆତ୍ମହତ୍ୟା କରିଛି ନା ଅନ୍ୟ କୌଣସି କାରଣ ରହିଛି ତାହା ଅସ୍ପଷ୍ଟ ରହିଛି। ଅନକାଲି ପୋଲିସ ଘଟଣାର ତଦନ୍ତ କରୁଥିବା ଆମପାଣି ଥାନା ଅଧିକାରୀ ସତ୍ୟନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି ।



ରୋଗ, ଶତ୍ରୁ ଓ ଋଣ ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବା। ପାପୀ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବା।
- ତୁଳସୀ ଦାସ

## ସଂକ୍ଷେପରେ

### ବାଙ୍କିଘିର୍ଡିରେ ମହୁମାଛି ଆତଙ୍କ

ବିନିକା,୧୦।୫(ଡି.ଏନ୍.ଏ.): ବିନିକା ବ୍ଲକ ବାଙ୍କିଘିର୍ଡି ଗ୍ରାମରେ ମହୁମାଛି ଆତଙ୍କ ଦେଖାଦେଇଛି। ଗ୍ରାମର ୩ନଂ ୱାର୍ଡ ସଂହରାପଡାରେ ଥିବା ଏକମାତ୍ର ନଳକୂପ ପାଖରେ ଥିବା ଏକ ଶିମିଳି ଗଛରେ ୩୦ରୁ ଊର୍ଦ୍ଧ୍ୱ ମହୁଫେଣା ବାନ୍ଧି ଥିବା ମହୁମାଛିମାନେ ମଝିରେ ମଝିରେ ବାହାରି ଲୋକଙ୍କୁ ଆକ୍ରମଣ କରୁଛନ୍ତି। ଦୁଇଦିନ ତଳେ ଗ୍ରାମର ସେବତୀ ଭୂଏ, ଲଳିତା ଭୁଏ, ଘରବୁଡି ମେଣ୍ଡଲି, ବିଦ୍ୟା ସାହୁ, ଅନୁରୀ ବାଘ ପ୍ରମୁଖ ମହିଳାମାନେ ମହୁମାଛି ଆକ୍ରମଣରେ ଗୁରୁତ୍ୱର ଆହତ ହୋଇଥିଲେ। ଏଥିପୂର୍ବରୁ ଗାଁର ଅନ୍ୟ କେତେକ ସେମାନଙ୍କ ଆକ୍ରମଣର ଶିକାର ହୋଇଥିଲେ। ଗାଁର କେନ୍ଦ୍ରସ୍ଥଳ ହୋଇଥିବାରୁ ଏବେ ଏହି ବାଟ ଦେଇ ଯିବାକୁ ଲୋକେ ଭୟ କରୁଥିବା ଦେଖିବାକୁ ମିଳୁଛି। ଅପରପକ୍ଷରେ ବ୍ଲକ ଅନ୍ତର୍ଗତ ଜାମପାଲି ଗାଁ ସମୀପ ଗଛରେ ଥିବା ଏକାଧିକ ମହୁଫେଣାରୁ ଶିକାରୀମାନେ ରାତିଅଧିଆ ମହୁ ସଂଗ୍ରହ କରି ନେଉଥିବା ଅଭିଯୋଗ ହେଉଛି। ସିଂଘିଯୁବା ବନରକ୍ଷୀ ନିରଞ୍ଜନ ପଧାନଙ୍କୁ ପଚାରିବାରୁ କହିଛନ୍ତି ଯେ, ବାଙ୍କିଘିର୍ଡିରେ ମହୁମାଛି ଆତଙ୍କ ଖେଳାଇଥିବା ନେଇ ତାଙ୍କ ପାଖରେ କୌଣସି ଖବର ନାହିଁ। ବନବିଭାଗ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବ।

### ୨୭୧ଜଣଙ୍କୁ ଜମିପଟ୍ଟା ବଣ୍ଟନ

ବିନିକା,୧୦।୫(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ତହସିଲ ସିଂଘିଯୁବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନ ଖଇରମାଳ ଓ ଅଡାକସା ଅଞ୍ଚଳର ୨୭୧ଜଣଙ୍କୁ ଶୁକ୍ରବାର ତହସିଲଦାର ଅଲେଖ ଘୁଟା ୨୭୧ଜଣଙ୍କୁ ଜମିପଟ୍ଟା ବଣ୍ଟନ କରିଛନ୍ତି। ସେମାନଙ୍କ ମଧ୍ୟରେ ଖଇରମାଳର ୨୫୯ ଓ ଅଡାକସର ୧୨ଜଣ ଅନ୍ତର୍ଭୁକ୍ତ। ବଣ୍ଟନ କାର୍ଯ୍ୟକ୍ରମରେ ତହସିଲଦାର ଘୁଟାଙ୍କ ସହିତ ରେଭନ୍ୟୁ ସୁପରଭାଇଜର ଜାରାସିଂ ବରିହା, ସିଂଘିଯୁବା ରାଜସ୍ୱ ନିରୀକ୍ଷକ ନୀଳମଣୀ କୁଅଁର, କୋର୍ଟ ଅମିନ ବୈକୁଣ୍ଠ ରାଉତ୍, ଅମିନ୍ ଅଶ୍ୱିନୀ କୁମାର ପୂଝାରୀ ଏବଂ ମୀନ ଝାଙ୍କର ପ୍ରମୁଖ ଉପସ୍ଥିତ ଥିଲେ। ଏଥିପାଇଁ ତହସିଲ ଅନ୍ତର୍ଗତ ବିଭିନ୍ନ ଆର୍ଆଇ ସର୍କଲରେ କରାଯାଇଥଇବା ହାଇଟେକ ସର୍ଭେ ପରେ ଏବେ ପଟ୍ଟା ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଛି।

### ନିଃଶୁଳ୍କ ଯୋଗ ଶିବିର ଉଦ୍‌ଯାପିତ

ଡୁଙ୍ଗୁରିପାଲି, ୧୦।୫(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ନିମସ କମ୍ପ୍ୟୁଟର ପରିସରରେ ଏକଦିବସୀୟ ନିଃଶୁଳ୍କ ଯୋଗ ଶିବିର ଉଦ୍‌ଯାପିତ ହୋଇଯାଇଛି। ହରିଦ୍ୱାର ପତଞ୍ଜଳି ଯୋଗ ପୀଠ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଶିବିରରେ ସୁବର୍ଣ୍ଣପୁର ପତଞ୍ଜଳି ଯୋଗ ପ୍ରଚାରକ ଉମାକାନ୍ତ ସାହୁ ଯୋଗଦେଇ ଆସନ, ପ୍ରାଣାୟମ, ଧ୍ୟାନ, ଏକ୍ୟୁପ୍ରେସର, ସୂର୍ଯ୍ୟ ନମସ୍କାର ଓ ବିଭିନ୍ନ ପ୍ରକାର ରୋଗର ଘରୋଇ ଉପଚାର ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ନିମସର ନିର୍ଦ୍ଦେଶକ ପୂର୍ଣ୍ଣେନ୍ଦୁ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସତ୍ୟନାରାୟଣ ଠେଟୁଆଲ, ଆଲୋକ ନାଏକ, ସଚିନ ପୁଟେଲ, ଲୁସି ସାହୁ, ଗୌରାଙ୍ଗ ସେଠ, ଆଲଫା ପଧାନ ପ୍ରମୁଖ ସହେଯାଗ କରିଥିଲେ।

■ ଚୋରମରା ପେପର ମିଲ୍ ଶ୍ରମିକ ସମସ୍ୟା ପ୍ରସଙ୍ଗ

# ବକେୟା ପାଉଣା, ପୁନର୍ନିଯୁକ୍ତି ପାଇବେ ଶ୍ରମିକ

ଟିଟିଲାଗଡ଼, ୧୦।୫(ଡି.ଏନ.ଏ.)

ଟିଟିଲାଗଡ ବ୍ଲକ ଅନ୍ତର୍ଗତ ଚୋରମରା ପେପର ମିଲରେ ପୂର୍ବରୁ କାର୍ଯ୍ୟରତ ଶ୍ରମିକଙ୍କ ବକେୟା ପାଉଣା ମାମଲା ଶୁକ୍ରବାର ସମାଧାନ ହୋଇଛି। ଗତ କିଛିଦିନ ଧରି ଏନେଇ ଟିଟିଲାଗଡ ଉପଜିଲାପାଳ, ଏସଡିପିଓ, ମାଲିକ ତଥା ଶ୍ରମିକ ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା ବୈଠକ ଜାରି ରହିଥିଲା। ୧୯୮୪ରେ ପ୍ରତିଷ୍ଠା ହୋଇଥିବା କାରଖାନାକୁ ୨୦୧୦-୧୧ରେ ମାଲିକ କୌଣସି କାରଣରୁ ବନ୍ଦ କରି ଦେଇଥିଲେ। କାରଖାନାରେ ଏ ନେଇ କାର୍ଯ୍ୟରତ ୨୮୨ ଜଣ ଶ୍ରମିକ ସେମାନଙ୍କ ବକେୟା ପାଉଣା ମାଲିକ ପ୍ରଦାନ କରି ନ ଥିବା ଜିଲାପାଳ, ଶ୍ରମ ଅଧିକାରୀ, ଟିଟିଲାଗଡ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ବକେୟା ମଜୁରି ସହ ଏଲଆଇସି, ଇପିଏଫ ପ୍ରିମିୟମ ଆଦି ବାବଦକୁ ୨୧ଲକ୍ଷ ୬୯ହଜାର ୬ଶହ ଟଙ୍କା ବକେୟା ରହିଥିବା ଶ୍ରମିକମାନେ ଅଭିଯୋଗ କରିଥିଲେ। ଏନେଇ ଗତ ଦୁଇଦିନ ଧରି ଉପଜିଲାପାଳଙ୍କ ମଧ୍ୟସ୍ଥତାରେ ଶ୍ରମିକ ପ୍ରତିନିଧି, କାରଖାନା ମାଲିକଙ୍କ ମଧ୍ୟରେ ମାରାଥନ ବୈଠକ ଜାରି ରହିଥିଲା। ପୂର୍ବରୁ ଗତ ତା୧୯।୧।୧୧ରିଖରେ ଉପଜିଲାପାଳଙ୍କ ଉପସ୍ଥିତିରେ ରାଜିନାମା ସାକ୍ଷର ହୋଇଥିବା ବେଳେ ବକେୟା ପ୍ରାପ୍ୟ ପାଉଣା ପ୍ରଦାନ ପାଇଁ ମାଲିକ ସମ୍ମତି ପ୍ରକାଶ କରିଥିଲେ। ସମ୍ପ୍ରତି କାରଖାନାକୁ ପୁଣି ଥରେ ଚାଲୁ



ସମସ୍ୟାର ସମାଧାନ ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକମାନେ।

**ତ୍ରିପାକ୍ଷିକ ଆଲୋଚନାରୁ ସମାଧାନ ବାଟ ଫିଟିଲା**

କରିବା ପାଇଁ ମାଲିକ କାର୍ଯ୍ୟ ଆରମ୍ଭ କରିଥିବାରୁ ଶ୍ରମିକ ବକେୟା ପାଉଣା ତଥା ପୁର୍ନର୍ନିଯୁକ୍ତି ପାଇଁ ଟିଟିଲାଗଡ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁକ୍ରବାର ସନ୍ଧ୍ୟାରେ ଏନେଇ ଦୀର୍ଘ ସମୟ ଧରି ଉପଜିଲାପାଳ ସୁଧାକର ନାୟକଙ୍କ ଅଧ୍ୟକ୍ଷତାରେ ଏସ୍‌ଡିପିଓ ସୁରେନ୍ଦ୍ର ନାରାୟଣ ଶତପଥୀ, କାରଖାନା ପ୍ରତିନିଧି ଏବଂ ଶ୍ରମିକ ସଂଘର ଆଇନ ପରାମର୍ଶଦାତା ବୀରେନ୍ଦ୍ର ବାଗ ତଥା ଶ୍ରମିକଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ଏଥିରେ ମାଲିକ ଆସନ୍ତା ୨୫ତାରିଖଠାରୁ ଶ୍ରମିକଙ୍କ ବକେୟା ପାଉଣା ପ୍ରଦାନ ତଥା ପୁନଃନିଯୁକ୍ତି ବ୍ୟବସ୍ଥା ମଧ୍ୟ କରିବାକୁ ସମ୍ମତି ପ୍ରଦାନ କରିଥିବା ଉପଜିଲାପାଳ ନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

### ମୁରିବାହାଲରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ

ମୁରିବାହାଲ, ୧୦।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ଗତ ୭ ଦିନ ଧରି ତାପମାତ୍ରା ୪୫ଡିଗ୍ରୀ ଉପରେ ରହିଛି। ପୂର୍ବାହ୍ନ ୯ଟାରୁ ଘରୁ ବାହାରକୁ ବାହାରି ହେଉନି। ଏହା ସାଙ୍ଗକୁ ବିଦ୍ୟୁତ କାଟ୍ ପରିସ୍ଥିତିକୁ ଅଧିକ ସଙ୍ଗୀନ କରିଛି। ବିଦ୍ୟୁତ୍ କାଟ୍ ଯୋଗୁ ପାଇପ ଜଳ ଯୋଗାଣ ଗଭୀରଭାବେ ପ୍ରଭାବିତ ହେଉଛି। ଏହି ପରିସ୍ଥିତିରେ ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଅପରପକ୍ଷରେ ବନ୍ଧ, କଟା ପରି ପାରମ୍ପରିକ ଜଳଉତ୍ସ ସବୁ ଶୁଖିଲା ପଡିଥିବା ବେଳେ କୂଅ ଓ ନଳକୂପରୁ ଆବଶ୍ୟକ ପାଣି ବାହାରୁ ନାହିଁ। ବ୍ଲକ ଅଧୀନ ଲଖନା, ବିଜଘାଟ, ବ୍ରାହ୍ମଣୀ, ବଡସାଇମରା, ଗୁଡିଘାଟ, ଇଚ୍ଛାପଡା, ପତ୍ରାପାଲି ପ୍ରଭୃତି ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଉତ୍କଟ ପରିସ୍ଥିତି ସୃଷ୍ଟି କରିଛି। ପ୍ରଶାସନ ଅବିଳମ୍ବେ ଜଳକ୍ଲିଷ୍ଟ ଅଞ୍ଚଳରେ ପାନୀୟ ଜଳ ଯୋଗାଣର ସୁବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

ଡିପ୍ ବୋରୱେଲ ସେଚ ପ୍ରକଳ୍ପ

## ଯୁବ ଚାଷୀଙ୍କୁ ଭୁଆଁବୁଲଉଛନ୍ ବିଭାଗୀୟ ଅଧିକାରୀ

ଲୋଇସିଂହା,୧୦।୫(ଡି.ଏନ.ଏ)

ବିଜୁ କୃଷକ ବିକାଶ ଯୋଜନାର ଡିପ୍ ବୋରୱେଲ ସେଚ ପ୍ରକଳ୍ପରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ଗାଁର ଝନେ ଯୁବ ଚାଷୀ ଠକେଇର ଶିକାର ହେଇଥିବାର ଅଭିଯୋଗ ହେଇଛେ। ସେ ଗଲା ୨୦୧୭ ସାଲୁ ଟଁକା ବୁଝେଇଥିଲେ ବି ଯୋଜନାର ଲାଭ ନାଇଁପାଇପାରି।

ସୂଚନା ଅନ୍‌ସାରେ ଓଡ଼ିଶା ସରକାରକଁର ଉଠା ଜଳସେଚନ ନିଗମ କାର୍ଯ୍ୟାଳୟ ତରଫୁ ୨୦୧୭-୧୮ ଆରଥିକ୍ ବଛରରେ ୨୬ଟା ଜିଲାର ଇଛୁକ୍ ଚାଷୀମାନେ ନିଜର ଜମିରେ ବୋରୱେଲ କୁଡ଼ାବାର ଲାଗି ଆବେଦନ କରିପାରବେ ବଲି ବିଜ୍ଞାପନ ବାହାରିଥିଲା। ଇ ବିଜ୍ଞାପନ ଦେଖି ବୁର୍ଡା ଗାଁର ଯୁବ ଚାଷୀ ଦିଲୀପ ଥନାପତିକଁର ସମେତ ୫ ଝନ୍ ଚାଷୀ ଧାଯ୍ ସମିଆ ଭିତରେ ଆବେଦନ କରିଥିଲେ। ୧୨ ଡିସେମ୍ବର, ୨୦୧୭ରେ ଦିଲୀପ ୟୁନିୟନ ବ୍ୟାଙ୍କରେ ୨୦ ହଜାର ଟଁକା ଜମା କରିଥିଲେ। ଉନିଆମାନକର ଜମିରେ ବୋରୱେଲ କୁଡ଼ା ସରିଛେ। ହେଲେ ଦିଲୀପ ଯୋଜନାରୁ ବଁଚିତ୍ ହେଇଛନ୍। ଇ ବାବ୍‌ଦେ ସେ ବିଭାଗୀୟ ଅଧିକାରୀମାନକୁ କହେଲେ ନିୟମ ହିସାବେ ତମର ଜମି ନାଁଇଁନ ବଲି କହୁଛନ୍। ଏନ୍‌ତା ଭିନେ ଭିନେ ସମିଆରେ ନାନା ପରକାର ବାହାନା କରି ତାହାକୁ ବିଭାଗୀୟ ଅଧିକାରୀମାନେ ଠକୁଥିବାର ସେ ଅଭିଯୋଗ କରିଛନ୍। ସରକାରୀ ବିଜ୍ଞାପନର ଦେଖି ଯୋଜନାରେ ସାମିଲ ହେବାର ଲାଗି ଧାର ଉଧାର କରି ଟଁକା ବୁଝେଇଥିଲେ। ପ୍ରକଳ୍ପ ହେଇଥିଲେ ସେ ପନିପରିବା ଚାଷ୍ କରି ଧାର ଉଧାର ଟଁକା ସୁଝିଥିତେ। ହେଲେ ବିଭାଗୀୟ ଅଧିକାରୀମାନକର ପାତରଅଁତର ନୀତି ଲାଗି ଦିଲୀପ ଲାଗ୍ ବରମସରେ ବୁଡ଼ି ରହିଛନ୍। କେନ୍‌ଥେଇ ଲୁକ୍‌କର ଲାଗ୍ ବରମସ ସୁଝ୍‌ବେ ଚିନ୍‌ତାରେ ସେ ହରମେଶା ଘାରି ହେଉଛନ୍। ଇଆଡ଼େ ତାକର ୫ ପରାନୀ କୁଟୁମ ବି ବଡ଼ା ଦୁଖେ ଚଲୁଥିବାର ସେ କହିଛନ୍। ଇ ଘଟନା ବାବ୍‌ଦେ ବିଭାଗୀୟ ଯନ୍ତ୍ରୀକୁଁ ପଚରାଲାରୁ, ଆବେଦନ ଜମି ପାସେ ଆର ୪ ଏକର ଜମି ନାଁଇଁନ। ସେଥିରଲାଗି ପ୍ରକଳ୍ପ ଖୁଲବାରେ ଅସବିଧା ହେଉଛେ। ଇ ବାବ୍‌ଦେ ମୁଇଁ ଉପରି ଅଧିକାରୀକୁଁ ଲେଖିକରି ଜନେଇଛେଁ, ସେ ଯେନ୍‌ତା ପଦକ୍ଷେପ ନେବେ ବଲି ସେ କହିଥିଲେ।


ଯୁବ ଚାଷୀ ଦିଲୀପ ଥନାପତି।

### ଉଜ୍ଜ୍ୱଳା ଯୋଜନାରୁ ବଞ୍ଚିତ ମହିଳାଙ୍କ ଅସନ୍ତୋଷ

ଲୋଇସିଂହା,୧୦।୫(ଡି.ଏନ.ଏ)

ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଅଧୀନ ଭାଲିଆମୁଣ୍ଡା ଗାଁର ଅନେକ ହିତାଧିକାରୀ ଉଜ୍ଜ୍ୱଳା ଗ୍ୟାସ ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି। ହେଲେ ସେମାନଙ୍କ ନାମରେ ସିଲିଣ୍ଡର ଓ ଚୁଲା ଉଠି ଯାଇଛି। ଏହା ଜାଣିବା ପରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାର ବିଧିବଦ୍ଧ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, ଭାଲିଆମୁଣ୍ଡା ଗାଁର ଶୁଭାଶନ ମଲ୍ଲିକ, ମଲିଫୁଲ ଭୂଏ, ବେଲମତୀ ଭୋଇ, ପଦ୍ମିନୀ ପାଣ୍ଡେ, ସଦିନୀ ପଧାନ, ସଙ୍ଗୀତା ପଧାନ, ବବିତା ମିଶ୍ର, ପ୍ରତିମା ମିଶ୍ର, ହେମ ସେଲମା, କୋଇଲି ମହାକୁର, ସରୀତା ମିଶ୍ର ପ୍ରମୁଖ ଏହି ଯୋଜନାରୁ ବାଦ୍ ପଡିଛନ୍ତି। ବର୍ଷକତଳେ ଉଜ୍ଜ୍ୱଳା ଗ୍ୟାସ ପାଇଁ ସେମାନେ ଆବେଦନ କରିଥିଲେ। ହେଲେ ଅଦ୍ୟାବଧି ସେମାନଙ୍କୁ ଗ୍ୟାସ ମିଳି ପାରିନାହିଁ। ଦୁଇ ସପ୍ତାହ ତଳେ ଗାଁର କେତେକ ହିତାଧିକାରୀଙ୍କୁ ସିଲିଣ୍ଡର ଓ ଚୁଲା ବଣ୍ଟନ ପାଇଁ ଉଜ୍ଜ୍ୱଳା ଦିଦି ଓ ବିଭାଗୀୟ କର୍ମଚାରୀ ଆସିଥିଲେ। ସେତେବେଳେ ଯୋଜନାରୁ ବଞ୍ଚିତ ମହିଳାମାନେ ଏ ନେଇ ଜଣାଇଥିଲେ। ଏହାପରେ ସେମାନଙ୍କ ନାମରେ ଗ୍ୟାସ ଓ ଚୁଲା ଉଠିଥିବା ଜଣା ପଡିଥିଲା। ବିଭାଗୀୟ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଏ ଦିଗରେ ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଛି।

**ଆଜି କ'ଣ କେଉଁଠି**
ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ ଅବରୋଧ ହଟିଲା

## ତଳମୁଣ୍ଡରେ ପହଞ୍ଚିଲା ପାଣି

ବୀରମହାରାଜପୁର, ୧୦।୫ (ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡରେ ଥିବା ହରିହର ଯୋର ସେଚପ୍ରକଳ୍ପ (ଠେଙ୍ଗୋ)ରେ ପରିଚଳନାଗତ ଅବ୍ୟବସ୍ଥା ଚାଷୀଙ୍କ ପାଇଁ ନାନାଧି ସମସ୍ୟା ସୃଷ୍ଟି କରିଛି। ଏହି ପ୍ରରିପ୍ରେକ୍ଷୀରେ ଚଳିତ ବର୍ଷ ରବିଫସଲ ସଙ୍କଟର ସମ୍ମୁଖୀନ ହୋଇଛି। ମୁଖ୍ୟ କେନାଲ ପୁନଃରୁଦ୍ଧାର କାର୍ଯ୍ୟରେ ନିର୍ମାଣଜନିତ ତୃଟି ସାଙ୍ଗକୁ ଆୟକଟ ଏରିଆ ବାହାରେ ଜଙ୍ଗଲ ଜମିରେ ଅନଧିକୃତ ଭାବେ ଚାଷ କରି ପାଣିନେବା ପ୍ରମୁଖ ପ୍ରତିବନ୍ଧକ ସାଜିଛି। ଏହି ପରିସ୍ଥିତିରେ ଏଥର ଜଳ ଭଣ୍ଡାରରେ ଗଚ୍ଛିତ ଥିବା ପାଣି ଆୟକଟ ଏରିଆର ଚାଷୀଙ୍କ ଆବଶ୍ୟକତାକୁ ପୂରଣ କରିପାରୁ ନାହିଁ। ତେବେ କେନାଲରେ ପ୍ରବାହିତ ଜଳସ୍ରୋତକୁ ଉପରମୁଣ୍ଡରେ ଅବରୋଧ କରାଯାଇଥିବାରୁ ପରିସ୍ଥିତି ସଙ୍ଗୀନ ହୋଇଛି। ଫଳରେ ତଳମୁଣ୍ଡରେ ଥିବା ଚାଷଜମି ପାଣି ପାଇବାରୁ ବଞ୍ଚିତ ହୋଇଛି। ସେସବୁ ଧାନ ଫସଲ ଉଜୁଡି ଯିବା ଅବସ୍ଥାରେ ପହଞ୍ଚିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା।

ଠେଙ୍ଗୋ ସେଚପ୍ରକଳ୍ପର ସମୁଦାୟ ଆୟକଟ ଏରିଆ ମଧ୍ୟରୁ ୪ ହଜାର ୨୫୦ ହେକ୍ଟର ଜମି ରବିଚାଷ ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ଚଳିତ ରବିଋତୁ ପାଇଁ ଜଳ ସମ୍ପଦ ବିଭାଗ ଏହାକୁ ୨୨୦୦ ହେକ୍ଟରରେ ସୀମିତ ରଖିବା ସହ ଛୋଟ କିସମ ଅର୍ଥାତ୍ ୯୦ଦିନ ମଧ୍ୟରେ ଅମଳ ଯୋଗ୍ୟ ଧାନ ଚାଷ କରିବାକୁ ପରାମର୍ଶ ଦେଇଥିଲେ। ଜଳ ସମ୍ପଦ ଏବଂ କୃଷି ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟର ଅଭାବ ସାଙ୍ଗକୁ ଚାଷୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ସକାଶେ ପଦକ୍ଷେପ ନିଆଯାଇ ନଥିବା ଯୋଗୁଁ ଅଧିକାଂଶ ଚାଷୀ ବଡଧାନ ଅର୍ଥାତ୍ ୧୨୦ ଦିନରେ ଅମଳଯୋଗ୍ୟ ଚାଷ କରିଥିବା ଦେଖିବାକୁ ମିଳିଛି। ଏଭଳି ସ୍ଥିତିରେ ଚାଷୀଙ୍କ ଦାବିକୁ ବିଚାର କରି ପ୍ରଶାସନ ସମସ୍ୟା ସମାଧାନ ପାଇଁ ତତ୍ପରତା ଦେଖାଇଛି। ଗୁରୁବାର ଉପଜିଲାପାଳ ସୁବ୍ରତ କୁମାର ବେହେରାଙ୍କ ନେତୃତ୍ୱରେ ପୋଲିସ, ଜଳସମ୍ପଦ, ରାଜସ୍ୱ ଏବଂ ବନ ବିଭାଗ କର୍ମକର୍ତ୍ତା ମିଳିତ ଭାବେ କେନାଲ ଅଞ୍ଚଳ ପରିଦର୍ଶନ କରିଥିଲେ। ଏହି ସମୟରେ ସମ୍ପୃକ୍ତ ଅଧିକାରୀଗଣ କୁଞ୍ଜାପାଲି, ମହୁଖଣ୍ଡି, ଗୋଘାଟ, ଖୁଣ୍ଟୁଲାପାଲି ଗୁଲାବନ୍ଧ ଓ ଗଇରଗୁଡିରେ କେନାଲ ଅବରୋଧ ହୋଇଥିବା ଦେଖିବାକୁ ପାଇଥିଲେ। କେନାଲର ଉପରେ ଭାଗରେ ରହିଥିବା ସେସବୁ ସ୍ଥାନରେ ଗଛ ଓ ବାଲିବସ୍ତା ପକାଇ ଜଳସ୍ରୋତର ଦିଗ ପରିବର୍ତ୍ତନ କରାଯାଇଥିବା ଜଣାପଡିଥିଲା। ତେଣୁ ତତ୍କାଳ ସେସବୁ ଅବରୋଧ ହଟାଯାଇଥିଲା। ଏହି କାର୍ଯ୍ୟରେ ବାଧା ସୃଷ୍ଟି କରିଥିବା ନାୟକ ଜଗଦଲା ଓ ଅନ୍ୟ କେତେ ଜଣେ ବ୍ୟକ୍ତିଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଛି। ଗୁରୁବାରର ଏହି ମିଳିତ ଚଢାଉରେ ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ଦିଲ୍ଲୀପ ପାତ୍ର, ସହକାରୀ ଯନ୍ତ୍ରୀ କୁନେନ୍ଦ୍ର ମାଝୀ, କନିଷ୍ଠ ଯନ୍ତ୍ରୀ ସମୀର ସିଂ ଓ ଶ୍ରୀକାନ୍ତ ବେହେରା, ବୀରମହାରାଜପୁର ଅତିରିକ୍ତ ତହସିଲଦାର ଗଙ୍ଗାରାମ ବୁଡେକ୍, ଉଲୁଣ୍ଡା ଅତିରିକ୍ତ ତହସିଲଦାର ପି. ନାୟକ, ଫରେଷ୍ଟର କିରନ ବିଶୋଇ ଓ ଦୀପକ ମାଝୀ, ଏସ୍‌ଡିପିଓ ଧିରୋଜ ଚୋପଦାର ଓ ଆଇଆଇସି ପ୍ରଭା ଧନ ସାମିଲ ଥିଲେ। ଉପଜିଲାପାଳ ବେହେରାଙ୍କୁ ପଚାରିବାରୁ କେନାଲ ପାର୍ଶ୍ୱରେ ପାଟ୍ରୋଲିଂକୁ ଜାରି ରଖାଯିବ। ସରକାରୀ ଓ ଜଙ୍ଗଲ ଜମିରେ ଅନଧିକୃତ ଭାବେ ଚାଷ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦିଆଯାଇଥିବା ପ୍ରକାଶ କରିଥିଲେ।

**ହରିହର ଯୋର (ଠେଙ୍ଗୋ) ସେଚପ୍ରକଳ୍ପ**



- ■ ଅନଧିକୃତ ଚାଷୀଙ୍କ ବିରୋଧରେ ହେବ ଆଇନଗତ କାର୍ଯ୍ୟାନୁଷ୍ଠାନ
- ■ ଆୟକଟ ଏରିଆ ବାହାର ଜଙ୍ଗଲ ଜମିରେ ହୋଇଛି ଚାଷ
- ■ ଜଳ ଭଣ୍ଡାରରେ ପାଣି ନିଅଣ୍ଟ, ରବିଫସଲ ମରୁଡିର ସମ୍ମୁଖୀନ

## ବଲାଙ୍ଗୀରରେ ଉତ୍କଟ ପାନୀୟ ଜଳ ସମସ୍ୟା

ବଲାଙ୍ଗୀର ଅଫିସ, ୧୦।୫

- ■ ଜନସ୍ୱାସ୍ଥ୍ୟ ବିଭାଗ ମୁଖ୍ୟଯନ୍ତ୍ରୀଙ୍କ ସହ ନରସିଂହଙ୍କ ଆଲୋଚନା
- ■ ଦୁଇଦିନ ଭିତରେ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି

ବଲାଙ୍ଗୀର ସହରର ବିଭିନ୍ନ ୱାର୍ଡରେ ପିଇବା ପାଣି ସମସ୍ୟା ନେଇ ଜନସ୍ୱାସ୍ଥ୍ୟ ବିଭାଗ ମୁଖ୍ୟଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କ ସହ ବିଧାୟକ ନରସିଂହ ମିଶ୍ର ଆଲୋଚନା କରିଛନ୍ତି। ଆଲୋଚନା ପରେ ଦୁଇଦିନ ଭିତରେ ସରର ପାନୀୟ ଜଳସମସ୍ୟା ସମାଧାନ କରିବାକୁ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ମିଳିଛି। ପାଇପ ପରିବର୍ତ୍ତନ ତଥା ନୂତନ ପାଇପ ବିଛାଯିବା ପରେ ପ୍ରାୟତଃ ୯୦ % ଅଞ୍ଚଳରେ ପାଣି ସମସ୍ୟା ଦୂର ହୋଇଥିଲା। ପାଇପ ପଡି ନ ଥିବା ଅଞ୍ଚଳକୁ ଟ୍ୟାଙ୍କର ଯୋଗେ ପାଣି ପହଞ୍ଚା ଯାଉଥିଲା। କିନ୍ତୁ କିଛିମାସ ହେଲା ଟ୍ୟାଙ୍କର ଯୋଗେ ପାଣି ବଣ୍ଟନ ବ୍ୟବସ୍ଥା କମି ଯାଇଛି। ବିଭାଗ ତଥା ବିଧାୟକ ପାଣ୍ଠିରୁ ତିଆରି ସିମେଣ୍ଟ ପାଣି ଟାଙ୍କିରେ ମଧ୍ୟ ପାଣି ଭର୍ତ୍ତି କରାଯାଉନାହିଁ। ଏସବୁ ସମସ୍ୟାକୁ ନେଇ ବିଧାୟକ ମିଶ୍ର ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ, ସହକାରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ସମସ୍ୟା ସମାଧାନ ଦିଗରେ ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀମାନେ ଉତ୍ସାହ ଦେଖାଉ ନ ଥିବାରୁ ମିଶ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏହାପରେ ସେ ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ମିଶ୍ର କହିଥିଲେ ଯେ, ପୂର୍ବରୁ ଯେପରି ୨୧ଟି ୱାର୍ଡକୁ ୨୧ଟି ପାଣି ଟାଙ୍କିର ବ୍ୟବସ୍ଥା ହୋଇଥିଲା ସେପରି ବ୍ୟବସ୍ଥା କରିବାକୁ କହିଥିଲେ। ପୌରାଞ୍ଚଳର ବେଶୀ ଜନସଂଖ୍ୟା ବିଶିଷ୍ଟ ୱାର୍ଡ ତଥା ସହର ତଳି ଅଞ୍ଚଳକୁ ଦିନକୁ ଦୁଇଥର ଟ୍ୟାଙ୍କର ଯୋଗେ ପାଣି ପଠାଇବାକୁ ମିଶ୍ର ଦାବି କରିଥିଲେ। ସହରରେ ହିଟ୍‌ୱେଭ୍ ଜାରି ରହିଥିବାବେଳେ ଲୋକେ ପାଣି ନ ପାଇ ହନ୍ତସନ ହେଉଛନ୍ତି। ଏସବୁକୁ ଦୃଷ୍ଟିରେ ରଖି ତୁରନ୍ତ ବିହିତ ପଦକ୍ଷେପ ନେବାକୁ ବିଧାୟକ ମିଶ୍ର ଜନସ୍ୱାସ୍ଥ୍ୟ ବିଭାଗ ମୁଖ୍ୟଯନ୍ତ୍ରୀ, ସ୍ଥାନୀୟ ନିର୍ବାହୀ ଯନ୍ତ୍ରୀଙ୍କୁ କହିଥିଲେ। ଜନସ୍ୱାସ୍ଥ୍ୟ ବିଭାଗ ପରିସ୍ଥିତିର ଗମ୍ଭୀରତାକୁ ହୃଦୟଙ୍ଗମ କରି ଦିନେ ଦୁଇଦିନ ଭିତରେ ସହରର ଲୋକେ ଯେମିତି ପିଇବା ପାଣି ପାଇବା ସେ ଦିଗରେ ପଦକ୍ଷେପ ନେବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

■ ମ୍ୟୁନିସିପାଲିଟିର ଆୟବୃଦ୍ଧି ପାଇଁ ଚିନ୍ତା ନାହିଁ

# ଆବଣ୍ଟିତ ନ ହୋଇ ନଷ୍ଟ ହେଉଛି ଦୋକାନ ଗୃହ

ସୋନପୁର,୧୦।୫(ନି.ପ୍ର.)

କାଉନସିଲ ପରେ କାଉନସିଲ ବଦଳୁଛି। ମାତ୍ର ସୁବର୍ଣ୍ଣପୁର ମ୍ୟୁନିସିପାଲିଟିର ଆୟ ବୃଦ୍ଧି ପାଇଁ ଆଦୌ ଧ୍ୟାନ ଦିଆଯାଉନି। ରାଜସ୍ୱ ବୃଦ୍ଧି କରି ସ୍ୱାବଲମ୍ବୀ ହେବାକୁ ସରକାରଙ୍କ ପରାମର୍ଶକୁ ପରିଷଦ ଅଣଦେଖା କରି ଆସୁଛି। ସହରର ବିଭିନ୍ନ ସ୍ଥାନରେ ପ୍ରାୟ ୭୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ୫୩ଟି ଦୋକାନ ଗୃହ ଆବଣ୍ଟିତ ନ ହୋଇ ନଷ୍ଟ ହେଉଛି। ଏଥିଯୋଗୁଁ ସରକାରଙ୍କ ଅର୍ଥ ବରବାଦ୍ ହେଉଥିବା ବେଳେ ବେକାର ଯୁବକ କର୍ମସଂସ୍ଥାନ ପାଇବାରୁ ବଞ୍ଚିତ ହେଉଛନ୍ତି। ମ୍ୟୁନିସିପାଲିଟି ମଧ୍ୟ ମାସିକ ୭୦ ହଜାର ଟଙ୍କାର ରାଜସ୍ୱ ହରାଉଛି। ଏଥିପ୍ରତି ରାଜନେତା କିମ୍ବା ଜିଲା ପ୍ରଶାସନର ଆଦୌ ନଜର ନାହିଁ। ଅବହେଳିତ ଅବସ୍ଥାରେ ଥିବା ଅନୁସୂଚିତ ଜାତି ଓ ଜନଜାତିଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ୧୯୯୪ ମସିହାରେ କିଓସ୍କୋ ଯୋଜନାରେ ୧୫ଟି ଦୋକାନ ଗୃହ ନିର୍ମାଣ ହୋଇଥିଲା। ଏହି ବର୍ଗର ଗରିବ ଲୋକଙ୍କୁ ରୋଜଗାରକ୍ଷମ କରିବା ଉଦ୍ଦେଶ୍ୟରେ ସମ୍ପୂର୍ଣ୍ଣ ମାଗଣାରେ ଦୋକାନ ଗୃହ ପ୍ରଦାନ ପାଇଁ ଓଡିଶା ରାଜ୍ୟ ଅର୍ଥ ଉନ୍ନୟନ ନିଗମ ଅନୁଦାନ ଦେଇଥିଲେ। ବ୍ଲକ ଛକରେ ୫ଟି ଓ ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ୧୦ଟି ଦୋକାନ ଗୃହ ନିର୍ମାଣ ସକାଶେ ସେତେବେଳେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିଲା। ତେବେ ରାଜନେତାଙ୍କ ମଧ୍ୟରେ କୋଟାକୁ ନେଇ ଟଣାଓଟରା ଯୋଗୁଁ ଗୃହଗୁଡିକୁ ଏସ୍‌ସି, ଏସ୍‌ଟି ହିତାଧିକାରୀଙ୍କ ମଧ୍ୟରେ ଆବଣ୍ଟିତ ହୋଇ ପାରିନାହିଁ। ଫଳରେ ଗୃହଗୁଡିକର ଶଟର ଚୋରି ହେବା ସହିତ ସେଗୁଡିକ ଏବେ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି।

ସେହିପରି ବ୍ଲକ ଛକରେ ବିଆରଜିଏଫ ଅନୁଦାନରେ ୨୦ଲକ୍ଷରୁ ଅଧିକ ଟଙ୍କା ବ୍ୟୟରେ ୧୧ଟି ଓ ଆଇଡିଏସଏମଟି ଯୋଜନାରେ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୮ଟି ଦୋକାନ ଘର ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ଘୋଡାଘାଟପଡାଠାରେ ମଧ୍ୟ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ସୁବାଷ ମାର୍କେଟ୍ କମ୍ପ୍ଲେକ୍ସ ୧୪ଟି ଦୋକାନ ଘର ନିର୍ମାଣ ସରିଛି। ଗତ ୨୦୧୫ ଅଗଷ୍ଟ ୩୧ ତାରିଖରେ ତତ୍କାଳୀନ ଜିଲା ପରିଷଦ ଅଧ୍ୟକ୍ଷ ହିମାଂଶୁ ଶେଖର ବିଶ୍ୱାଳ, ସେତେବେଳର ଜିଲାପାଳ ଦାଶରଥି ଶତପଥୀ ଓ ପୌରାଧ୍ୟକ୍ଷା ସିମନ୍ତିନୀ ନାଏକଙ୍କ ଉପସ୍ଥିତିରେ ମାର୍କେଟ୍ କମ୍ପ୍ଲେକ୍ସର ଉଦ୍‌ଘାଟନ କରିଥିଲେ। ସେହିପରି ମଙ୍ଗଳବାର ବଜାରରେ ଖମ୍ଭେଶ୍ୱରୀପାଲି ମାର୍କେଟ୍ କମ୍ପ୍ଲେକ୍ସ ଗତ ଅଗଷ୍ଟ ୩୧ ତାରିଖରେ ଉଦ୍‌ଘାଟନ ହୋଇଛି। ସ୍ଥାନୀୟ ବିଧାୟକ ତଥା ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହି ମାର୍କେଟ୍ କମ୍ପ୍ଲେକ୍ସକୁ ଉଦ୍‌ଘାଟନ କରିଥିଲେ। ମାତ୍ର ସେଗୁଡିକୁ ଭଡା ଦିଆ ନ ଯିବାର କାରଣ ବୁଝା ପଡୁନି। ଏ ସମ୍ପର୍କରେ ପୂର୍ବତନ ନଗରପାଳ ପ୍ରମୋଦ ମହାପାତ୍ର କୁହନ୍ତି, ମ୍ୟୁନିସିପାଲିଟି କର୍ମଚାରୀଙ୍କ ଦରମା ବାବଦକୁ ବାର୍ଷିକ କୋଟିଏ ଟଙ୍କା ଆବଶ୍ୟକ। ମାତ୍ର ସରକାର କେବଳ ୬୪ଲକ୍ଷ ଟଙ୍କା ପ୍ରଦାନ କରୁଛନ୍ତି। ଏଭଳି ସ୍ଥିତିରେ ଦୋକାନ ଘରଗୁଡିକୁ ସରକାରୀ ନିୟମ ଅନୁସାରେ ଆବଣ୍ଟିତ ନ କରି ପୌର କର୍ତ୍ତୃପକ୍ଷ ବ୍ୟାପକ ରାଜସ୍ୱ ହାନୀ କରୁଛନ୍ତି। ବେକାରୀଙ୍କ ସଂଖ୍ୟା ସହରରେ ବୃଦ୍ଧି ପାଉଥିବା ବେଳେ ଦୋକାନ ଘରଗୁଡିକ ଅବ୍ୟବହୃତ ହୋଇ ନଷ୍ଟ ହେବା ଶାସକ ଦଳର ବିଫଳତା ବୋଲି ମହାପାତ୍ର କହିଥିଲେ। ଏ ସମ୍ପର୍କରେ ପୌର ପରିଷଦର ନିର୍ବାହୀ ଅଧିକାରୀ ଜଗଦୀଶ ଚନ୍ଦ୍ର ମହାନନ୍ଦ କୁହନ୍ତି, ସେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବା ସମୟରେ ନୂତନ ଭାବେ ଯୋଗ ଦେଇଛନ୍ତି। ମାର୍କେଟ୍ କମ୍ପ୍ଲେକ୍ସଗୁଡିକ ନିର୍ମାଣ ପରେ ନଷ୍ଟ ହେଉଛି। କାହିଁକି ଏତେ ବର୍ଷ ଧରି ସେଗୁଡିକୁ ଆବଣ୍ଟନ ହୋଇନାହିଁ ତାହା ସେ ଦେଖିବା ପରେ ପଦକ୍ଷେପ ନେବେ।


ଘୋଡ଼ାଘାଟପଡ଼ାଠାରେ ଆବଣ୍ଟିତ ନ ହୋଇ ନଷ୍ଟ ହେଉଥିବା ସୁବାସ ମାର୍କେଟ କମ୍ପ୍ଲେକ୍ସ।



ତୁମର କଷ୍ଟର କାରଣ ଯାହାକିଛି ହୋଇଥାଉ ନାଁ କାହିଁକି,
ତୁମେ ଅପରକୁ କୌଣସି ପ୍ରକାର ଆଘାତ ଦିଅନାହିଁ
- ଗୌତମବୁଦ୍ଧ



## ସଂକ୍ଷେପରେ

### ଫନୀ ପାଇଁ ବୌଦ୍ଧ ଅବକାରୀ ବିଭାଗ ଦେଲା ୩୦ ହଜାର

ବୌଦ୍ଧ,୧୦।୫(ସ୍ୱ.ପ୍ର) : ଫନୀ ବାତ୍ୟା ଯୋଗୁ ପ୍ରଭାବିତଙ୍କୁ ସହାୟତା ଓ ପୁନରୁଦ୍ଧାର ପାଇଁ ବିଭିନ୍ନ ସ୍ଥାନରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା ପ୍ରଦାନ କରାଯାଉଥିବା ବେଳେ ବୌଦ୍ଧ ଅବକାରୀ ବିଭାଗ ପକ୍ଷରୁ ୩୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି । ବୌଦ୍ଧ ଅବକାରୀ ଅଧୀକ୍ଷକ ଶାନ୍ତନୁ କୁମାର ଦାସଙ୍କ ନେତୃତ୍ୱରେ କର୍ମଚାରୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଜିଲାପାଳ ସୀତାଂଶୁ କୁମାର ରାଉତଙ୍କୁ ଚେକ ପ୍ରଦାନ କରିଥିଲେ।

### ୨୪ ପ୍ରହର ନାମଯଜ୍ଞ ସମ୍ପନ୍ନ

ବରପାଲି, ୧୦।୫ (ଡି.ଏନ.ଏ) ବରପାଲି ବ୍ଲକ ବନ୍ଧପାଲି ଗ୍ରାମର କୀର୍ତ୍ତନ ମଣ୍ଡଳୀ ମଣ୍ଡପରେ ୨୪ ପ୍ରହର ନାମଯଜ୍ଞ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଜଳପୂର୍ଣ୍ଣ କଳସ ଶୋଭାଯାତ୍ରା ଆଣି ଯଜ୍ଞସ୍ଥଳରେ ସ୍ଥାପନ କରାଯାଇଥିଲା। ପରେ ଅଧିବାସ କାର୍ଯ୍ୟ ସହ ଅଖଣ୍ଡ ନାମ କୀର୍ତ୍ତନ ଆରମ୍ଭ ହୋଇଥିଲା । ଏଥିରେ ଭାଗିରଥି ବିଭାର ଓ ତାଙ୍କ ସ୍ତ୍ରୀ ସାବିତ୍ରୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ସେହିପରି ବରପାଲି ବ୍ଲକର ଧଉରାଖଦା ଗ୍ରାମରେ ୨୪ ପ୍ରହର ନାମଯଜ୍ଞ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏଥିରେ କର୍ତ୍ତା ଭାବେ ପକ୍ଷୀରାଜ ନାଏକ ଓ ତାଙ୍କ ସ୍ତ୍ରୀ ସୁର ନାଏକ ଦାୟିତ୍ୱ ନିର୍ବାହ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଞ୍ଚଳର କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମଜପ ସହ ନଗର ପରିକ୍ରମା କରିଥିଲେ। ଏଥିରେ ବହୁ ମହିଳା ଭକ୍ତ ଯୋଗଦେଇ ନାମଜପ କରିଥିଲେ ।

### ୧୬ ପ୍ରହର ଅଖଣ୍ଡ ନାମଯଜ୍ଞ ଉଦ୍‌ଯାପିତ

ଗାଇସିଲେଟ,୧୦।୫(ଡି.ଏନ.ଏ) ଗାଇସିଲେଟ ନିକଟସ୍ଥ କନ୍ଦୁମୁଣ୍ଡା ଗ୍ରାମରେ ୧୬ ପ୍ରହର ଅଖଣ୍ଡ ନାମଯଜ୍ଞ ଉଦ୍‌ଯାପିତ ହୋଇ ଯାଇଛି । ଏହି ଉପଲକ୍ଷେ ସୋମବାର ଦିନ କଳସ ଯାତ୍ରା ହୋଇଥିଲା। ମଙ୍ଗଳବାର ଅପରାହ୍ନ ୪ଟାରେ ଅଖଣ୍ଡ ନାମ ଆରମ୍ଭ ହୋଇ ଗୁରୁବାର ଶେଷ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ହୁଡୁମା ଦଳ, କଁଗା, କନ୍ଦୁମୁଣ୍ଡା (କୃଷ୍ଣପାଟି), ଖରମୁଣ୍ଡା, ଡୁଡୁକା ଡିହ, କନ୍ଦୁମୁଣ୍ଡା(ବିଦୁର ପାଟି), ବଡସାହାଜବାହାଲ ଓ ପପଙ୍ଗା ଦଳ ଭାଗ ନେଇଥିଲେ । ଗ୍ରାମର ଗୌନ୍ତିଆ ସାଧୁ ସାହୁ ଓ ତାଙ୍କ ସ୍ତ୍ରୀ ନିର୍ମାଣୀ ସାହୁ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ପଣ୍ଡିତ ନରେନ୍ଦ୍ର କୁମାର ପଣ୍ଡା, ଗୋପାଳ ଚନ୍ଦ୍ର ଦାଶ ଓ ନବୀନ କୁମାର ଦାଶ ପୂଜକ ଓ ଜପକ କାର୍ଯ୍ୟ ସମ୍ପାଦନ କରିଥିଲେ। ଶେଷରେ ହୁଡମା ଦଳ ଓ ପପଙ୍ଗା ଦଳ ମଧ୍ୟରେ ବୈଠକୀ କୀର୍ତ୍ତନ ହୋଇଥିଲା ।

# ସଙ୍କଟରେ ଜୀବନ ଜୀବିକା

**କୁମ୍ଭାର ସମାଜ**

ଗୁଡଭେଲିପଦର,୧୦।୫(ଡି.ଏନ.ଏ)

ଆଧୁନିକ ଚାକ୍ୟଚକ୍ୟ ଯୋଗୁ ଜୀବନ ଶୈଳୀ ବଦଳିବାରେ ଲାଗିଛି। ଲୋକମାନେ ଆଉ ଆଗ ପରି ମାଟି ନିର୍ମିତ ଜିନିଷ ବ୍ୟବହାର କରିବାକୁ ନାପସନ୍ଦ କରୁଛନ୍ତି। ଏବେ ମାଟି ପାତ୍ରର ସ୍ଥାନ ନେଇଛି ବିଭିନ୍ନ ଧାତୁ ନିର୍ମିତ ଜିନିଷ। ଫଳରେ ପୂର୍ବପୁରଷର କୁଳ ବେଉସା କରି ପରିବାର ପୋଷଣ କରିଆସୁଥିବା କୁମ୍ଭାର ଜାତିର ଲୋକମାନେ ନିଜର କୌଳିକ ବୃତ୍ତି ଛାଡିବାକୁ ବସିଲେଣି । ବହୁ କୁମ୍ଭାର ନିଜର କୌଳିକ ବୃତ୍ତି ଛାଡି କାମ କରିବାକୁ ବାହାରକୁ ଚାଲିଯାଉଛନ୍ତି। ଯେଉଁମାନେ ଏହି କାମ କରୁଛନ୍ତି, ସେମାନେ ଜୀବନ ବଞ୍ଚାଇବା ପାଇଁ ଏକ ପ୍ରକାର ସଂଘର୍ଷ କରୁଛନ୍ତି। ଏଭଳି ବୌଦ୍ଧ ଜିଲାର ମନମୁଣ୍ଡା ଅଞ୍ଚଳର ନୂର୍ପା, ଗୁଡଭେଲିପଦର, ବିଳାସପୁର ଆଦି ଗ୍ରାମର କୁମ୍ଭାରମାନେ ବହୁ କଷ୍ଟରେ ଜୀବନ ଜିଉଁଛନ୍ତି । ଏମାନଙ୍କୁ ନା ମିଳିଛି ସରକାରୀ ପ୍ରୋତ୍ସାହନ ନା ବଜାର ସୁବିଧା ।



ମନମୁଣ୍ଡା ଅଞ୍ଚଳରେ ଜଣେ କୁମ୍ଭାର ମାଟିପାତ୍ର ଗଢିବାରେ ବ୍ୟସ୍ତ ।

ଆଗକାଳରେ ଏହି ସମ୍ପ୍ରଦାୟର ଲୋକେ ମାଟିରେ ଦୀପ, କଳସ, ଦେବାଦେବୀ, ମାଟିପତ୍ର, ମାଠିଆ ଓ ବିବାହ ସମୟରେ ବିଭିନ୍ନ ସରଞ୍ଜାମ ପ୍ରସ୍ତୁତ କରି ହାଟ ଓ ଗାଁ ଗାଁ ବୁଲି ବିକ୍ରି କରି ଦୁଇ ପଇସା ରୋଜଗାର କରୁଥିଲେ। ସେ ସମୟରେ ଲୋକମାନେ ମଧ୍ୟ ମାଟି ପାତ୍ରକୁ ବହୁଳ ବ୍ୟବହାର କରୁଥିଲେ । କିନ୍ତୁ ପରିବର୍ତ୍ତିତ ପରିସ୍ଥିତିରେ ମାଟିପାତ୍ର, ଦୀପ ବଦଳରେ ମହମବତୀ, ସୁରେଇ ଜାଗାରେ ଫ୍ରିଜ, ମାଟି ଖେଳଣା ସ୍ଥାନରେ ପ୍ଲାଷ୍ଟିକ ଖେଳଣା ଓ ମାଟିପାତ୍ର ବଦଳରେ ଷ୍ଟିଲ ଓ ଆଲୁମିନିୟମ ସ୍ଥାନ ନେଇଛି । ଆଗରୁ ଲୋକମାନେ କୁମ୍ଭାର ଘରକୁ ଯାଇ ଘର କରଣା ଜିନିଷ ବରାଦ କରିବା ସହ କିଣି ଆଣୁଥିଲେ। ଏବେ କିନ୍ତୁ ବଜାରରେ ବସିଥିଲେ ମଧ୍ୟ କେହି ଦେଖିବାକୁ ଆସୁ ନାହାନ୍ତି । ଯଦି କେହି କିଣିବାକୁ ଆସୁଛନ୍ତି, ତେବେ ସେମାନେ ତାର ମୂଲ୍ୟ କମ୍ ମାଗିଥାନ୍ତି। ଏହା ଦ୍ୱାରା ପରିବାର ଚଳାଇବା ସମ୍ଭବ ହେଉନାହିଁ ବୋଲି ଦୁଃଖର ସହ କୁହନ୍ତି ସହଦେବ ରଣା । ଏହା ଏକ କୁଟୀର ଶିଳ୍ପ । ସରକାରୀ ପ୍ରୋତ୍ସାହନ ସହ ବଜାର ସୁବିଧା ଯୋଗାଇ ଦିଆଗଲେ କୁମ୍ଭାର ସମାଜ ତାଙ୍କର କୁଳ ବେଉସାକୁ ବଞ୍ଚାଇପାରନ୍ତେ ।

# ବୌଦ୍ଧରେ ଗ୍ରୀଷ୍ମ ପ୍ରବାହ, ୯ଟା ପରେ ରାସ୍ତା ଶୂନଶାନ

ବୌଦ୍ଧ,୧୦।୫(ସ୍ୱ.ପ୍ର)

ଫନୀ ପ୍ରଭାବରେ ସାମାନ୍ୟ ବର୍ଷା ଓ ମେଘୁଆ ପାଗ ଯୋଗୁ ଲୋକଙ୍କୁ କିଛିଦିନ ଗ୍ରୀଷ୍ମ ପ୍ରବାହରୁ ମୁକ୍ତି ମିଳିବା ପରେ ଏବେ ପୁଣିଥରେ ପାରଦ ୪୫ ଡିଗ୍ରୀ ଉପରେ ପହଞ୍ଚିଲାଣି। ସକାଳ ୯ଟା ପରେ ରାସ୍ତାଘାଟ ଶୂନଶାନ ଲାଗୁଥିବାବେଳେ ଦୈନିକ ବଜାର, ବସଷ୍ଟାଣ୍ଡ, ସରକାରୀ କାର୍ଯ୍ୟାଳୟ ଭଳି ଜନଗହଳିପୂର୍ଣ୍ଣ ସ୍ଥାନ ଖାଁ ଖାଁ ଲାଗୁଛି। ଲୋକମାନେ ଅତ୍ୟନ୍ତ ଜରୁରୀ କାମ ନ ଥିଲେ ବାହାରକୁ ବାହାରିବାକୁ ଉଚିତ ମଣୁନାହାନ୍ତି । ପ୍ରବଳ ଗ୍ରୀଷ୍ମ ଯୋଗୁ ମହାନଦୀ ଶୁଖିଲା ପଡିଥିବାବେଳେ ଚାରିଆଡେ ପାନୀୟଜଳ ସମସ୍ୟା ଉତ୍କଟ ହେବାରେ ଲାଗିଛି । ଗ୍ରାମାଞ୍ଚଳର ପାନୀୟ ଜଳ ଅବସ୍ଥା ନ କହିବା ଭଲ। ଗ୍ରୀଷ୍ମ ପ୍ରଭାବରେ ଭୂତଳ ଜଳସ୍ତର ବହୁ ତଳକୁ ଖସିଯାଇଛି । ଫଳରେ ଗ୍ରାମାଞ୍ଚଳରେ ନାଳ, କୁଅ, ପୋଖରୀ ଓ ନଳକୂପ ସବୁ ଶୁଖିଲା ପଡିଲାଣି। ଗ୍ରୀଷ୍ମର କଷ୍ଟ ସବୁଠାରୁ ଅଧିକ ଭୋଗୁଛନ୍ତି ଜାତୀୟ ରାଜପଥ ଦେଇ ଯାଉଥିବା ଯାତ୍ରୀମାନେ । ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ନିର୍ମାଣ ସମୟରେ ବୌଦ୍ଧ ଜିଲାର ମନମୁଣ୍ଡା ଠାରୁ ଚାରିଛକ ମଧ୍ୟରେ ରାସ୍ତା କଡରେ ଥିବା ରାଜରାଜୁଡା ଅମଳର ଶହ ଶହ ବର୍ଷର ଆମ୍ବ, ଲିମ୍ବ, ଜାମୁ ଆଦି ଗଛକୁ କାଟି ଦିଆଗଲା । କିନ୍ତୁ ସେହି ସ୍ଥାନରେ ବନ ବିଭାଗ ପକ୍ଷରୁ ଗଛ ଲଗାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପଥଚାରୀଙ୍କୁ ଛାୟା ପ୍ରଦାନକାରୀ ଗଛଟିଏ ହୋଇପାରିଲାନାହିଁ । ଫଳରେ ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଜାତୀୟ ରାଜପଥରେ ଯାତ୍ରୀମାନଙ୍କ ପାଇଁ ଗଛ ଛାଇ ଟିକିଏ ମିଳିପାରୁନାହିଁ । ଏ ଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ଆଗକୁ ଏପରି ଗ୍ରୀଷ୍ମ ପ୍ରବାହ ଜାରି ରହିଲେ ଜିଲାରେ ଭୟଙ୍କର ପରିସ୍ଥିତି ହେବାର ଆଶଙ୍କା ରହିଛି ।

# ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ସମ୍ପନ୍ନ

ପାଇକମାଳ, ୧୦।୫ (ଡି.ଏନ.ଏ)

ପାଇକମାଳ ବ୍ଲକ ଡୁଡକିଝରିଆ ଗ୍ରାମରେ ନବନିର୍ମିତ ଜଗନ୍ନାଥ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ସମ୍ପନ୍ନ ହୋଇଛି। ହୋମଯଜ୍ଞ, ନାମ ସଂକୀର୍ତ୍ତନ ସହ ପୂଜାପାଠ ହୋଇଥିଲା । ଚୂଡାମଣି ବରିହା, ନବଘନ ଦାସ, ସଦାନନ୍ଦ ଭୋଇ, ଅମର ସିଂ ମାଝୀ ଓ କଏଁରୁ ବଛା ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଗୋବର୍ଦ୍ଧନ ଦାସ ଓ ସଞ୍ଜୟ ମିଶ୍ର ପୂଜାକାର୍ଯ୍ୟ ସହ ଯଜ୍ଞ ପୂର୍ଣ୍ଣାହୁତି କରିଥିଲେ । ଶୁକ୍ରବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ପରେ ରାତିରେ ନଗର ଭ୍ରମଣ କରାଯାଇଥିଲା ।



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର ।

# ସମ୍ପୂର୍ଣ୍ଣ ଶରୀର ପରୀକ୍ଷା ଶିବିର

ପାଇକମାଳ, ୧୦।୫ (ଡି.ଏନ.ଏ)

ପାଇକମାଲ ସ୍ଥିତ ନୃସିଂହନାଥ ଧର୍ମଶାଳାଠାରେ ଶୁକ୍ରବାର ସମ୍ପୂର୍ଣ୍ଣ ଶରୀର ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ମାରୱାଡି ସମାଜ ବରିଷ୍ଠ ସଭ୍ୟ ଶ୍ୟାମଲାଲ ଅଗ୍ରୱାଲ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏ ନେଇ ଅନୁଷ୍ଠିତ ସଭାରେ ଡା. କମଳେଶ ଅଗ୍ରୱାଲା ସଭାପତିତ୍ୱ କରିଥିଲେ। ବିନୋଦ କାଲିଆ, ନବୀନ ଅଗ୍ରୱାଲ, ପୁରନ୍ଦର ସାହୁ, ରାମରତନ ପୁରୋହିତ, ମନୋଜ କୁମାର ତ୍ରିବେଦୀ, ବଡ ଶତପଥି, ଶ୍ୟାମଲାଲ ପ୍ରଧାନ, ଗୋପାଳ ଅଗ୍ରୱାଲ, ଅମିତ ଅଗ୍ରୱାଲ, ସତ୍ୟବ୍ରତ ମାଝୀ, ସୁରଥ ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ହାଇଦ୍ରାବାଦରୁ ଆସିଥିବା ହ୍ୟୁମାନ କେୟାର ଫାଉଣ୍ଡେସନର ଡା. ଶ୍ରୀଧରନ, ଡା. ରାଜେଶ କୁଠାର, ଜଗଦୀଶ କୁମାର, ଟି. ଭେଙ୍କଟେଶ୍ୱର ରାଓ, ମୋହତ ରକସେଲ ଓ ନରେନ୍ଦ୍ର ରାୱତ ପ୍ରମୁଖ ଆଧୁନିକ ଉପକରଣରେ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରବିବାର ଯାଏ ଏହି ପରୀକ୍ଷା କରାଯିବ। ମାରୱାଡି ଯୁବା ସଂଘର କର୍ମକର୍ତ୍ତାମାନେ ସହଯୋଗ କରୁଛନ୍ତି । ନିଲେଶ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ସଁଧେ ଘେରରେ ଏନ୍‌ଏଚ୍ ୫୭ କାମ୍

ମନମୁଣ୍ଡା, ୧୦।୫ (ଡି.ଏନ.ଏ):

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ମନମୁଣ୍ଡା ସହର ଦେଇ ଯାଥିବାର ଜାତୀୟ ରାଜପଥ ନଂ.-୫୭ର ଦୁତିଅପରସ୍ଥ କାମକେ ନେଇ ସାଧାରନରେ ସଁଧେ ପରକାଶ ପାଇଛେ। ଇଠାନେ ଏନ୍‌ଏଚ୍ ତିଆରି କାମ୍ ହେଲା ପରେ ଦୁତିଅପରସ୍ଥ ପିଚୁ କାମ ବାକି ରହିଥିଲା। ଗଲା ବଛର ରଥଯାତ୍ରା ସମିଆରେ ବାସୁଦେବପାଲିନୁ ଥାନୀୟ ଥାନା ଛକ ଆର ଶ୍ରୀ ସୁବର୍ଣ୍ଣମେରୁବାବା ମନ୍ଦିର ଛକ୍(ସୁବର୍ଣ୍ଣପାଲି)ରୁ ଦେଉଲି ଗାନ୍ଧୀଛକ ତକ୍ ଦୁତିଅପରସ୍ଥ କାମ କରାଯାଇଥିଲା। ହେଲେ ଇ ଉଭଏ କାମର ମଝି ଭାଗଟା, ଥାନା ଛକରୁ ଶ୍ରୀ ସୁବର୍ଣ୍ଣମେରୁବାବା ମନ୍ଦିର ଛକ ତକ୍ ଦୁତିଅପରସ୍ଥ କାମ ବାକିଆ ଥିଲା। ଦରଖଁଡ଼ିଆ ଥିବାର ଇ ରାସ୍ତାର ଲମ୍ବାଟା ପାଖାପାଖି ୨୦୦ ମିଟର ହେବା। ଏନ୍‌ଏଚ୍ କତ୍ତୁରପକ୍ଷ କେହି ଇଠାନେ ନାଇଁ ରହେବାର, ଯେନ୍‌ଥିରଲାଗି କାମ୍ ବାବ୍‌ଦେ ପଚାରି ବୁଝବାର ସମ୍ଭବ ନାଇଁ ହେବାର। ଆଗକେ ରଥଯାତରା ଆସୁଛେ, ବଛରେ ହେଲା କାମର ନାଁ ଗଁଧ୍ ନାଇଁ। ଇ ବାବ୍‌ଦେ ଏନ୍‌ଏଚ୍ ଯନ୍ତ୍ରୀ ଗଣେଶ ବେହେରାକୁଁ ପଚରାଲାରୁ ମୁଇଁ ନାଇଁଜାନି, ତିୱାରୀ ବାବୁକୁଁ ପଚାରି କହୁଛେଁ ବଲି ସେ କହିଥିଲେ। ସେନ୍ତା ଇ କାମ୍‌ର ମୁଖିଆ ଦେଖ୍‌ରେଖ କାରି ଯନ୍ତ୍ରୀ ପ୍ରଦୀପ କୁମାର ତିୱାରୀକୁଁ ପଚରାଲାରୁ ଘଟନା ବାବ୍‌ଦେ ମୋର ପାସେ ଖବର ନାଇଁଥାଇ। ଠାନ୍‌ଟା ଦେଖ୍‌ଯିମି, ଦରଖଁଡ଼ିଆ ଥିଲେ ପୂରା କରବାର ଦିଗେ ପଦକ୍ଷେପ ନେମି ବଲି ସେ କହିଥିଲେ।

# ଆଦର୍ଶ ସ୍କୁଲର କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର ।

ବରଗଡ଼ ଅଫିସ୍/ପଦ୍ମପୁର,୧୦।୫

ସିବିଏସଇ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ବରଗଡ଼ ଜିଲାର ଆଦର୍ଶ ବିଦ୍ୟାଳୟ ଗୁଡ଼ିକର କୃତୀ ଛାତ୍ରୀଛାତ୍ରଙ୍କୁ ଶୁକ୍ରବାର ଜିଲା ଶିକ୍ଷା ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସରରେ ପଦ୍ମପୁର ସରକାରୀ ବାଳିକା ହାଇସ୍କୁଲରେ ଏକ ସମ୍ବର୍ଦ୍ଧନା ସମାରୋହ କାଯର୍‌ୟକ୍ରମ ହୋଇଥିଲା । ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ଅତିରିକ୍ତ ଜିଲାପାଳ ତପିରାମ ମାଝି, ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

ଅତିଥିମାନେ ସିବିଏସ୍‌ଇ ମାଟ୍ରିକ ପରୀକ୍ଷାରେ ୯୦ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ଜିଲାର ବାନ୍ଧୁପାଲି, ଗାଇସିଲେଟ ଏବଂ ଫ୍ରେଜରପୁର ଆଦର୍ଶ ବିଦ୍ୟାଳୟର ୧୩ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସେମାନଙ୍କ ମଧ୍ୟରେ ବାନ୍ଧୁପାଲି ଆଦର୍ଶ ବିଦ୍ୟାଳୟର ବିଜୟ ପ୍ରସାଦ କଅଁର(୯୩.୬%), ତ୍ରିଦେବ ସାହୁ(୯୦%), ଗାଇସିଲେଟ ଆଦର୍ଶ ବିଦ୍ୟାଳୟର ପ୍ରବୀଣ କୁମାର ରାଉତ (୯୧.୬%), କାଜଲ ସାଗର(୯୨%), ସେହ୍ୱାଗ ବାରିକ(୯୦.୮%), ଅଙ୍କିତ ପ୍ରଧାନ(୯୩.୨%), ଜ୍ୟୋତ୍ସ୍ନାମୟୀ ସାହୁ (୯୧.୪%), ଶିଳ୍ପୀ ସ୍ୱରୂପ ବେହେରା (୯୨.୬%), ଦେବାଶିଷ ସାହୁ (୯୩.୨%), ଫ୍ରେଜରପୁର ଆଦର୍ଶ ବିଦ୍ୟାଳୟର ନନ୍ଦିତା ସାହୁ(୯୧.୨%), କୁମକୁମ୍ ପ୍ରଧାନ(୯୧%), ତ୍ରିବିକ୍ରମ ପ୍ରଧାନ(୯୦.୨%) ଏବଂ ହେମାନନ୍ଦ ସାହୁ(୯୦.୨%) ପ୍ରମୁଖ ରହିଛନ୍ତି ।

ସମ୍ବର୍ଦ୍ଧନା ସମାରୋହରେ ପଦ୍ମପୁର ସରକାରୀ ବାଳିକା ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସେବାଶ୍ରୀ ଭୋଇ, ରାଜବୋଡ଼ାସମ୍ବର ହାଇସ୍କୁଲର ପ୍ରଧାନଶିକ୍ଷକ ସରୋଜ ଭୁଏ, ବ୍ଲକ ଶିକ୍ଷା ଅଧିକାରୀ ତ୍ରିବିକ୍ରମ ପାଣିଗ୍ରାହୀ, ବାନ୍ଧୁପାଲି ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ପ୍ରଧାନ ଏବଂ ଫ୍ରେଜରପୁର ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ କ୍ଷିତିଭୂଷଣ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶଥାଉକି, ଜିଲାର ଉପରୋକ୍ତ ୩ଟି ଆଦର୍ଶ ବିଦ୍ୟାଳୟର ସମୁଦାୟ ୧୭୪ଜଣ ମାଟ୍ରିକ ପରୀକ୍ଷା ଦେଇଥିଲେ ଏବଂ ସମସ୍ତ ସ୍କୁଲ ଶତ ପ୍ରତିଶତ ସଫଳତା ଅର୍ଜନ କରିଛି ।

# ଫନି କ୍ଷତିଗ୍ରସ୍ତ ଅଞ୍ଚଳରେ ରିଲିଫ ସାମଗ୍ରୀ ବଣ୍ଟନ

ଘଣ୍ଟାପଡା, ୧୦।୫ (ଡି.ଏନ.ଏ)

କଣ୍ଟାମାଳ ବିଧାୟକ ମହୀଧର ରଣା ଫନି ଦ୍ୱାରା କ୍ଷତିଗ୍ରସ୍ତ ପୁରୀ ଜିଲାର ସତ୍ୟବାଦୀ ନିର୍ବାଚନ ମଣ୍ଡଳୀର ରାୟଖଣ୍ଡି ପଞ୍ଚାୟତରେ ରିଲିଫ ସାମଗ୍ରୀ ବଣ୍ଟନ କରିଛନ୍ତି । ମହୀଧରଙ୍କ ପୁତ୍ର ସୁଧାଂଶୁଶେଖର ରଣାଙ୍କ ନେତୃତ୍ୱରେ ଏକ ୨୦ ଜଣିଆ ଟିମ୍ ଗୋଟିଏ ଟ୍ରକ ରିଲିଫ ସାମଗ୍ରୀ ଧରି ଶୁକ୍ରବାର ସେଠାରେ ପହଞ୍ଚି ଲୋକଙ୍କୁ ଚୂଡା, ଗୁଡ, ପାଣି ବଣ୍ଟନ କରି ରନ୍ଧାଖାଦ୍ୟ ଯୋଗାଇଥିଲେ । ଲୋକଙ୍କ ଦୁର୍ଦ୍ଦଶା କମିବା ପର୍ଯ୍ୟନ୍ତ ଏହି ସେବା ଚାଲୁ ରହିଥିବ ବୋଲି ବିଧାୟକ ରଣା ପ୍ରକାଶ କରିଛନ୍ତି ।



କ୍ଷତିଗ୍ରସ୍ତ ଅଞ୍ଚଳରେ ପିଇବା ପାଣି ବଣ୍ଟନ କରାଯାଉଛି ।

# ରାଣାପ୍ରତାପଙ୍କ ଜୟନ୍ତୀ ସମାରୋହ

ବରଗଡ଼ ଅଫିସ୍,୧୦।୫

ବରଗଡ଼ ସହରସ୍ଥିତ ରାଣାପ୍ରତାପ ସ୍କୁଲରେ ଗୁରୁବାର ରାଣାପ୍ରତାପ ଜୟନ୍ତୀ ପାଳିତ ହୋଇଯାଇଛି । ଶିକ୍ଷକ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ସାହୁ ଅଧ୍ୟକ୍ଷତା କରିଥିଲେ । ସ୍କୁଲ ପକ୍ଷରୁ ଜାତୀୟ ଯୋଦ୍ଧା ମହାରାଣା ପ୍ରତାପଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା । ସେହିପରି ସ୍କୁଲଟି ରାଣାପ୍ରତାପଙ୍କ ନାମରେ ନାମିତ ହୋଇଥିବା ଯୋଗୁ ସ୍କୁଲ ଗୌରବାନ୍ୱିତ ମନେ କରେ ବୋଲି ପ୍ରଧାନଶିକ୍ଷକ ସାହୁ ମତବ୍ୟକ୍ତ କରିଥିଲେ । ଉକ୍ତ ସ୍କୁଲରେ ଅତିଶୀଘ୍ର ମହାରାଣାପ୍ରତାପଙ୍କ ଏକ ପ୍ରତିମୂର୍ତ୍ତି ଉନ୍ମୋଚନ ହେବାକୁ ଯାଉଛି ବୋଲି ସେ ସୂଚନା ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମୀନା ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅପ୍ରତିଦ୍ୱନ୍ଦ୍ୱୀ ଯୋଦ୍ଧାଙ୍କ ବୀରତ୍ୱର ଗାଥା ଗାନ କରିବା ସହିତ ସମଗ୍ର ଓଡ଼ିଶାରେ ଏହି ସ୍କୁଲ ଏଭଳି ଜଣେ ଐତିହାସିକ ବୀରଙ୍କ ନାମରେ ନାମିତ ହୋଇ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି ବୋଲି ମତବ୍ୟକ୍ତ କରିଥିଲେ । ସସ୍ମିତା ସାହୁ, ସାଞ୍ଚା ପଧାନ, ଜ୍ୟୋତ୍ସ୍ନା ସାହୁ, ସୁନିତା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନରେଶ ବଗର୍ତ୍ତି ଧନ୍ୟବାଦ ଦେଇଥିଲେ ।

# ଶବର ସମାଜର ଜିଲାସ୍ତରୀୟ ବୈଠକ



ସାଙ୍କୋଚଠାରେ ଜିଲାସ୍ତରୀୟ ଶବର ସମାଜର ଏକ ବୈଠକ ଚାଲିଛି ।

ମନମୁଣ୍ଡା, ୧୦।୫ (ଡି.ଏନ.ଏ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଲମ୍ବସରି ପଞ୍ଚାୟତର ସାଙ୍କୋଚଠାରେ ଶୁକ୍ରବାର ଜିଲାସ୍ତରୀୟ ଶବର ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ତପେଶ୍ୱର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଶିକ୍ଷାବିତ ପ୍ରହଲ୍ଲାଦ ଭୋଇ ବୈଠକର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବା ସହ ଜାତିର ବିଧି ବ୍ୟବସ୍ଥା, ରୀତିନୀତି, ପ୍ରଥା, ପରମ୍ପରା ଓ ସଂସ୍କୃତି ଉପରେ ମତାମତ ପ୍ରଦାନ କରିଥିଲେ। ସଭ୍ୟ ଶ୍ରୀକାନ୍ତ ଭୋଇ, ଧର୍ମେନ୍ଦ୍ର ଭୋଇ, ଉପକେନ୍ଦ୍ର ସଭାପତି ନବଘନ ଭୋଇ, ଶିବ ବିଶ୍ୱାଳ, କ୍ଷେତ୍ର ବିଶ୍ୱାଳ, ସୁମନ୍ତ ଭୋଇ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସେମାନେ ପଛୁଆ ଆଦିବାସୀ ଜନଜାତିର ପୁଅ ଝିଅଙ୍କ ଶିକ୍ଷା, ଚାକିରୀ ଉପରେ ବକ୍ତବ୍ୟ ପ୍ରଦାନ କରିବା ସହ ସମାଜର ପ୍ରତ୍ୟେକ ସଭ୍ୟ ସେମାନଙ୍କ ଯୋଗ୍ୟତା ଅନୁଯାୟୀ କିପରି ଆଗକୁ ବଢ଼ି ପାରିବେ ତାହା ଉପରେ ବିଶେଷ ଆଲୋଚନା କରିଥିଲେ । ସମଗ୍ର ଜିଲାରୁ ଶତାଧିକ ବ୍ୟକ୍ତି ଏଥିରେ ଯୋଗ ଦେଇଥିଲେ । ଶେଷରେ ଜିଲା ସମ୍ପାଦକ ଦେବାର୍ଚ୍ଚନ ନାଏକ ଧନ୍ୟବାଦ ଦେଇଥିଲେ।

# ବଢୁଛି ତାତି, ଜନଜୀବନ ଅସ୍ତବ୍ୟସ୍ତ

ବରଗଡ଼ ଅଫିସ୍,୧୦।୫

ବରଗଡ଼ ଜିଲାରେ ଦିନକୁ ଦିନ ତାପମାତ୍ରା ବଢ଼ିବାରେ ଲାଗିଛି । ତାତି ବୃଦ୍ଧି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଛି। ଜିଲାରେ ପାଣିପାଗ କେନ୍ଦ୍ର କିମ୍ବା ତାପମାନ ବ୍ୟବସ୍ଥା ନ ଥିବା ଯୋଗୁ ସଠିକ୍ ତାପମାତ୍ରା ଜଣାପଡୁନାହିଁ । ତଥାପି ଏଠାରେ ପାରଦ ୪୪ ଡିଗ୍ରୀ ତଳକୁ ଖସିବା ନାଁ ନେଉ ନାହିଁ ।

ତାତି ଯୋଗୁ ସକାଳ ୯ଟାରୁ ଘରୁ ବାହାରକୁ ବାହାରିବା ମୁସ୍କିଲ ହୋଇ ପଡୁଥିବାବେଳେ ଦିନ ୧୧ଟା ପରେ ରାସ୍ତାଘାଟ ଶୂନଶାନ ହୋଇ ପଡୁଛି। ଦୋକାନ, ବଜାର ମଧ୍ୟ ବନ୍ଦ ହୋଇ ଯାଉଥିବା ଦେଖିବାକୁ ମିଳୁଛି । ଅନ୍ୟପଟେ ପେଟ ପାଟଣା ପାଇଁ ସହରର ମୁଖ୍ୟରାସ୍ତା କଡରେ ଛତା, ପଲିଥିନ ଟାଙ୍ଗି କିମ୍ବା କୌଣସି ଗଛମୂଳରେ ଫୁଟପାଥ ବ୍ୟବସାୟୀମାନେ ଗରାଖ ଅପେକ୍ଷାରେ ରହିଥିବା ଦେଖିବାକୁ ମିଳୁଛି । ସେହିପରି ରାସ୍ତାଘାଟରେ ଯିଏ ବି ଯାଆସ କରୁଛନ୍ତି, ପଗଡ଼ି, ଓଢ଼ଣୀ ଘୋଡ଼ାଇ ଯାଉଛନ୍ତି। ସନ୍ଧ୍ୟା ୬ଟା ହେଲେ ଜୀବନଯାତ୍ରା ସ୍ୱାଭାବିକ ହେଉଥିବା ଦେଖିବାକୁ ମିଳୁଛି। ମାତ୍ର ବେଳେବେଳେ ବିଦ୍ୟୁତ ବିଭ୍ରାଟ ଏହି ସମସ୍ୟାକୁ ଦ୍ୱିଗୁଣିତ କରି ପକାଉଛି । ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଅସୁସ୍ଥ କିମ୍ବା ସେମାନଙ୍କ ସମ୍ପର୍କୀୟମାନେ ଗ୍ରୀଷ୍ମ ପ୍ରବାହ ଯୋଗୁ ରାତିବେଳା ଡାକ୍ତରଖାନା ବାହାରେ ଆଶ୍ରୟ ନେଉଛନ୍ତି ।

ଏଭଳି ତାତି ବଢ଼ିବା ସମୟରେ ପାନୀୟ ଜଳାଭାବ ଏକ ପ୍ରମୁଖ ସମସ୍ୟା ହୋଇ ପଡ଼ିଛି । ଗାଁ, ଗହଳିରେ ଜଳାଶୟ ଗୁଡ଼ିକର ଜଳସ୍ତର ଯଥେଷ୍ଟ ହ୍ରାସ ପାଇଛି। ଫଳରେ ଗାଈଗୋରୁ ମଧ୍ୟ ପାଣି ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହରରେ ମଧ୍ୟ ଏହା ବାଦ୍ ପଡ଼ିନାହିଁ। ପର୍ଯ୍ୟାପ୍ତ ଜଳଛତ୍ର ନ ଥିବା ଯୋଗୁ ଲୋକଙ୍କୁ ହଇରାଣ ହରକତ ହେବାକୁ ପଡୁଛି । ଏଭଳିସ୍ଥଳେ ପାଉଚ୍ ପାଣି, ଥଣ୍ଡା ପାନୀୟ, ଆଖୁରସ, ଦହିବରା, ଲସି ଆଦିର ଚାହିଦା ବଢ଼ି ଯାଇଛି ।



ବରଗଡ଼ ମୁଖ୍ୟରାସ୍ତାରେ ମୁଣ୍ଡରେ ଗାମୁଛା ଘୋଡ଼ାଇ ବାଇକ୍ ଆରୋହୀମାନେ ଯାଉଛନ୍ତି ।